# ଧରିତ୍ରୀ
DHARITRI

ସମ୍ବଲପୁର, ମଙ୍ଗଳବାର, ଅକ୍ଟୋବର ୧୮/୨୦୨୨ (୧୪ ପୃଷ୍ଠା) | Sambalpur, Tuesday, October 18/2022 | Page 14 | ₹ 7.00 | ★★

୧୮ଶ ଭାଗ ୩୦୦ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur | VOLUME 18 ISSUE 300 | ମୂଲ୍ୟ ₹୭/-




**କାର୍ଲସେନ୍‌ଙ୍କୁ ହରାଇବାରେ ଗୁକେଶ ସର୍ବକନିଷ୍ଠ**

ବିଶ୍ୱ ଚାମ୍ପିୟନ ମାଗ୍ନସ କାର୍ଲସେନ୍‌ଙ୍କୁ ହରାଇବାରେ ଭାରତୀୟ ଗ୍ରାଣ୍ଡ ମାଷ୍ଟର ଡି. ଗୁକେଶ ହେଉଛନ୍ତି ସର୍ବକନିଷ୍ଠ ଚେସ୍ ଖେଳାଳି। **୧୨**

**୧୧** **ଉର୍ବଶୀଙ୍କୁ କଟାକ୍ଷ**

ହିଜାବ୍ ବିରୋଧୀ ଆନ୍ଦୋଳନକୁ ସମର୍ଥନ କରି ବଲିଉଡ୍ ଅଭିନେତ୍ରୀ ଉର୍ବଶୀ ରଉତେଲା କେଶ କାଟିବା ନେଇ ସୋସିଆଲ ମିଡିଆ ୟୁଜର୍ସ ତାଙ୍କୁ ଟ୍ରୋଲ କରିଛନ୍ତି।







ହାଇଦ୍ରାବାଦଠାରେ ଆୟୋଜିତ ଇନ୍‌ଭେଷ୍ଟର୍ସ ମିଟ୍‌ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଶିଳ୍ପପତିଙ୍କ ସହ ଆଲୋଚନା କରୁଛନ୍ତି।

# ଷ୍ଟଡି ମାଟେରିଆଲ୍ ଚିନ୍ତାରେ ପରୀକ୍ଷାର୍ଥୀ

**ଏଣିକି ଛାତ୍ରୀଛାତ୍ର ଓଡ଼ିଆ ଭାଷାରେ ଓଡ଼ିଶା ପ୍ରଶାସନିକ ସେବା(ଓସିଏସ୍) ପରୀକ୍ଷା ଦେଇପାରିବେ। ରାଜ୍ୟରେ ଓଡ଼ିଆ ମିଡିୟମରୁ ପାଠ ପଢ଼ିଥିବା ପିଲାଙ୍କ ସଂଖ୍ୟା ଅଧିକ ରହିଥିବାରୁ ସେମାନଙ୍କୁ ଦୃଷ୍ଟିରେ ରଖି ଗତ ସେପ୍ଟେମ୍ବର ୩୦ରେ ରାଜ୍ୟ କ୍ୟାବିନେଟ୍‌ରେ ଏହି ନିଷ୍ପତ୍ତି ନିଆଯାଇଛି। ଏହା ଛାତ୍ରୀଛାତ୍ରଙ୍କୁ ଯେତିକି ଖୁସି ଦେଇଛି ସେତିକି ଚିନ୍ତାରେ ପକାଇ ଦେଇଛି। କାରଣ ଓଡ଼ିଆରେ ଷ୍ଟଡି ମାଟେରିଆଲ୍ ବଜାରରେ ଉପଲବ୍ଧ ନାହିଁ। ଆସନ୍ତା ବର୍ଷରୁ ଏହି ବ୍ୟବସ୍ଥା ଲାଗୁ ହେବାକୁ ଥିବାବେଳେ ଏବେଠାରୁ ଷ୍ଟଡି ମ୍ୟାଟେରିଆଲ ଓଡ଼ିଆ ଭାଷାରେ ପ୍ରସ୍ତୁତ କରିବାକୁ ଶିକ୍ଷାବିତ୍‌ମାନେ ମତପ୍ରକାଶ କରୁଛନ୍ତି।**

## ଓଡ଼ିଆରେ ଓସିଏସ୍ ପରୀକ୍ଷା

ଭୁବନେଶ୍ୱର, ୧୭।୧୦(ବ୍ୟୁରୋ)

ଓଡ଼ିଶା ଲୋକ ସେବା ଆୟୋଗ(ଓପିଏସ୍‌ସି) ଦ୍ୱାରା ପରିଚାଳିତ ଓସିଏସ୍ ପରୀକ୍ଷା ଏବେ ଓଡ଼ିଆ ଭାଷାରେ ଦିଆଯାଇ ପାରିବ। ପ୍ରିଲିମ୍, ମେନ୍ ପରୀକ୍ଷା ସହିତ ଇଣ୍ଟରଭ୍ୟୁ(ସାକ୍ଷାତ୍‌କାର) ମଧ୍ୟ ଓଡ଼ିଆରେ ହେବ। ଉଭୟ ଓଡ଼ିଆ ଏବଂ ଇଂଲିଶ ଭାଷାରେ ପ୍ରଶ୍ନପତ୍ର ପ୍ରସ୍ତୁତ ହେବ। ରାଜ୍ୟ ସରକାରଙ୍କ ଏ ନିଷ୍ପତ୍ତିକୁ ନେଇ ପରୀକ୍ଷାର୍ଥୀ ଉତ୍ସାହିତ ଅଛନ୍ତି। ହେଲେ ଦ୍ୱନ୍ଦ୍ୱ ବି କିଛି କମ୍ ନାହିଁ। କାରଣ ବଜାରରେ ଏଯାଏ ଓଡ଼ିଆ ଭାଷାରେ ଷ୍ଟଡି ମାଟେରିଆଲ ଉପଲବ୍ଧ ନାହିଁ। ସେହିପରି ସରକାରଙ୍କ ପକ୍ଷରୁ କୌଣସି କୋଚିଂ ବୁକ୍ ମଧ୍ୟ ପ୍ରସ୍ତୁତ ହୋଇନାହିଁ। ତେଣୁ ଏବେ ଓଡ଼ିଆ ଷ୍ଟଡି ମାଟେରିଆଲ୍ ସମସ୍ୟାକୁ ସରକାର କିପରି ଦୂର କରିବେ ତାହା ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ସୂଚନାଯୋଗ୍ୟ, ୧୯୮୦ରୁ ସର୍ବଭାରତୀୟ ପ୍ରଶାସନିକ ସେବାରେ ବହୁ ଭାଷାରେ ପରୀକ୍ଷା ହୋଇଆସୁଛି। ବର୍ତ୍ତମାନ ୨୨ଟି ଭାଷାରେ ପରୀକ୍ଷା ହେଉଛି। କିନ୍ତୁ ଓଡ଼ିଶା ପ୍ରଶାସନିକ ସେବା ବା ଓସିଏସ୍ ପରୀକ୍ଷା ପୂର୍ବରୁ ଓଡ଼ିଆ ଭାଷାରେ ହୋଇପାରୁ ନ ଥିଲା। ଏନେଇ ଭାଷାପ୍ରେମୀଙ୍କ ପକ୍ଷରୁ ୨୦୧୧ରେ ହାଇକୋର୍ଟରେ ପିଟିଶନ ଦାଏର କରାଯାଇଥିଲା। ଉକ୍ତ ଆବେଦନର ବିଚାର କରି ଓଡ଼ିଆ ଭାଷାରେ ପରୀକ୍ଷା କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ତାହା କାର୍ଯ୍ୟକାରୀ ହୋଇପାରି ନ ଥିଲା। ବର୍ତ୍ତମାନ ଏହାକୁ ଲାଗୁ କରାଯାଇଥିବାରୁ ସବୁଠି ଏହାକୁ ସ୍ୱାଗତ କରାଯାଇଛି। ବିଶେଷ କରି ପଛୁଆ ତଥା ଆଦିବାସୀ ଅଞ୍ଚଳର ମେଧାବୀ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ପୂର୍ବରୁ କେବଳ ଓଡ଼ିଆ ପେପର ପାଇଁ ଓଡ଼ିଆରେ ଉତ୍ତର ଲେଖିବାକୁ ଅନୁମତି ମିଳିଥିଲା। କିନ୍ତୁ ଅନ୍ୟ କୌଣସି ବିଷୟ ପାଇଁ ନ ଥିଲା। ଏବେ ଛାତ୍ରୀଛାତ୍ର ଚାହିଁଲେ ସବୁ ବିଷୟରେ ଓଡ଼ିଆରେ ଲେଖିପାରିବେ। ତେବେ ଲିଖିତ ପରୀକ୍ଷା ଏବଂ ସାକ୍ଷାତ୍‌କାର ଓଡ଼ିଆ କିମ୍ବା ଇଂଲିଶରେ ଦେବେ ସେ ନେଇ ପରୀକ୍ଷାର୍ଥୀମାନେ ଫର୍ମ ପୂରଣ ବେଳେ ଭାଷା ବାଛିବାକୁ ପଡ଼ିବ। ହେଲେ ଓଡ଼ିଆ ଭାଷାରେ ଷ୍ଟଡି ମ୍ୟାଟେରିଆଲ୍‌ସ ନ ଥିବାରୁ ପରୀକ୍ଷାର୍ଥୀମାନେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ଆସନ୍ତା ବର୍ଷରୁ ଏହି ନୂଆ ବ୍ୟବସ୍ଥା ଲାଗୁ ହେବାକୁ ଥିବାରୁ ବର୍ତ୍ତମାନ ପରିସ୍ଥିତିରେ ପିଲାଙ୍କୁ ଓଡ଼ିଆରେ ଷ୍ଟଡି ମାଟେରିଆଲ୍ ଯୋଗାଇବା ସରକାରଙ୍କ ପାଇଁ ବଡ଼ ଚ୍ୟାଲେଞ୍ଜ ହେବ ବୋଲି ଶିକ୍ଷାବିତ୍‌ମାନେ ମତପ୍ରକାଶ କରୁଛନ୍ତି।।

ଏ ସମ୍ପର୍କରେ ଜଣେ ପରୀକ୍ଷା ଆଶାୟୀ ରାକେଶ କୁମାର ସାହୁ କହିଛନ୍ତି, ସରକାରଙ୍କ ନିଷ୍ପତ୍ତି ସ୍ୱାଗତଯୋଗ୍ୟ। କିନ୍ତୁ ଇଂଲିଶରେ ପଢ଼ି ଓଡ଼ିଆରେ ଉତ୍ତର ଲେଖିବା କଷ୍ଟକର ହେବ। ଓଡ଼ିଆ ମିଡିୟମ ପିଲାଙ୍କ ପାଇଁ ଏହା ଏକ ବଡ଼ ସମସ୍ୟା। ତେଣୁ ଓଡ଼ିଆ ଭାଷାରେ ଷ୍ଟଡି ମାଟେରିଆଲ ଆବଶ୍ୟକ ରହୁଛି। ଆସନ୍ତା ଶିକ୍ଷାବର୍ଷରୁ ଏହି ବ୍ୟବସ୍ଥା ଲାଗୁ କରାଯିବାକୁ ଯୋଜନା ରହିଥିବାରୁ ଏବେଠାରୁ ଓଡ଼ିଆରେ ମାଟେରିଆଲ୍ସ ମିଳିଯିବା ଦରକାର। ଫଳରେ ପରୀକ୍ଷାର୍ଥୀ ଭଲଭାବେ ପ୍ରସ୍ତୁତ ହୋଇପାରିବେ। ଏ ନେଇ ନାଇଜର ପ୍ରାଧ୍ୟାପକ ଅମରେନ୍ଦ୍ର ଦାସ କହିଛନ୍ତି, ୟୁଜି ସ୍ତରର କିଛି ପୁସ୍ତକ ଓଡ଼ିଆରେ ଅଛି। ହ୍ୟୁମାନିଟିଜ୍ ବିଷୟଗୁଡ଼ିକର ପ୍ରାୟତଃ ଓଡ଼ିଆ ଭାଷାରେ ରହିଛି। ☞ପୃଷ୍ଠା-୪





**ଆଜିର ସମ୍ପାଦକୀୟ**

**ଓଙ୍ଗା ବୁଡୁଛି**

# ‘ଓଡ଼ିଶାର ଅଭିବୃଦ୍ଧିରେ ଅଂଶୀଦାର ହୁଅ’

**ହାଇଦ୍ରାବାଦ ଇନଭେଷ୍ଟର୍ସ ମିଟ୍‌ରେ ଶିଳ୍ପପତିଙ୍କୁ ନବୀନଙ୍କ ଆହ୍ୱାନ**

- ପ୍ରାକୃତିକ, ମାନବ ସମ୍ବଳର ସୁଯୋଗ ନିଅ
- ମେକ୍ ଇନ ଓଡ଼ିଶା କନକ୍ଲେଭରେ ଯୋଗଦେବାକୁ ଆମନ୍ତ୍ରଣ
- ଯୋଗଦେଲେ ୩୫୦ରୁ ଊର୍ଦ୍ଧ୍ୱ ଶିଳ୍ପ ପ୍ରତିନିଧି

ଭୁବନେଶ୍ୱର, ୧୭।୧୦(ବ୍ୟୁରୋ)

ଓଡ଼ିଶା ଆସ, ପୁଞ୍ଜିନିବେଶ କର। ଓଡ଼ିଶାର ନୂତନ ଶିଳ୍ପ ଯୁଗରେ ଆମର ଅଂଶୀଦାର ହୁଅ। ଏଠାରେ ରହିଛି ପ୍ରଚୁର ପ୍ରାକୃତିକ ସମ୍ବଳ, ଦକ୍ଷ ମାନବ ସମ୍ବଳ ଏବଂ ସ୍ଥିର ସରକାର। ଏହାର ସୁଯୋଗ ନେବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶିଳ୍ପ ମହାନାୟକମାନଙ୍କୁ ଆହ୍ୱାନ ଦେଇଛନ୍ତି। ଏଥିସହିତ ଆସନ୍ତା ନଭେମ୍ବର ୩୦ରୁ ଡିସେମ୍ବର ୪ ଯାଏ ଭୁବନେଶ୍ୱରଠାରେ ହେବାକୁ ଥିବା ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ-୨୦୨୨ରେ ଯୋଗଦେବାକୁ ମୁଖ୍ୟମନ୍ତ୍ରୀ ପୁଞ୍ଜିନିବେଶକାରୀଙ୍କୁ ବ୍ୟକ୍ତିଗତ ଭାବେ ଆମନ୍ତ୍ରଣ କରିଛନ୍ତି।

ସୋମବାର ହାଇଦ୍ରାବାଦଠାରେ ରାଜ୍ୟ ସରକାର ଏବଂ ଫିକିର ମିଳିତ ସହଯୋଗରେ ଅନୁଷ୍ଠିତ ଇନଭେଷ୍ଟର୍ସ ମିଟ୍ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପୁଞ୍ଜିନିବେଶ ଏବଂ ଶିଳ୍ପ କ୍ଷେତ୍ରରେ ଓଡ଼ିଶା ଦେଶରେ ଏକ ଆଗୁଆ ରାଜ୍ୟ ଭାବେ ଉଭା ହୋଇଛି। ବଡ଼ ବଡ଼ ଆଇଟି କମ୍ପାନୀ ଭୁବନେଶ୍ୱରରେ ସେମାନଙ୍କର ସେଣ୍ଟର ପ୍ରତିଷ୍ଠା କରିଛନ୍ତି। ରାଜ୍ୟ ସରକାର ସହରର ଷ୍ଟାର୍ଟ-ଅପ୍ ଇକୋ ସିଷ୍ଟମକୁ ନିୟମିତ ସହାୟତା ଯୋଗାଇ ଆସିଛନ୍ତି। ମାନ୍ୟୁଫାକ୍ଚରିଂ ପୁଞ୍ଜିନିବେଶ କ୍ଷେତ୍ରରେ ଓଡ଼ିଶା ଦେଶର ପ୍ରମୁଖ ରାଜ୍ୟ ମଧ୍ୟରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ☞ପୃଷ୍ଠା-୪

# ସୃଷ୍ଟି ହେଲା ଘୂର୍ଣ୍ଣିବଳୟ, ୧୯ରୁ ବଢ଼ିବ ବର୍ଷା

ଭୁବନେଶ୍ୱର, ୧୭।୧୦(ବ୍ୟୁରୋ)

ଦକ୍ଷିଣ ଆଣ୍ଡାମାନ ସାଗର ଏବଂ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି, ଯାହା ବାୟୁମଣ୍ଡଳର ୩.୧ କିମି ଯାଏ ବ୍ୟାପିଛି। ଏହା ପ୍ରଭାବରେ ଦକ୍ଷିଣ-ପୂର୍ବ ପାର୍ଶ୍ୱବର୍ତ୍ତୀ ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗର ଅଞ୍ଚଳରେ ୨୦ ତାରିଖ ବେଳକୁ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହା ପଶ୍ଚିମ-ଉତ୍ତରପଶ୍ଚିମ ଦିଗରେ ପଶ୍ଚିମକେନ୍ଦ୍ରୀୟ ଏବଂ ପାର୍ଶ୍ୱବର୍ତ୍ତୀ ଦକ୍ଷିଣପଶ୍ଚିମ ବଙ୍ଗୋପସାଗର ଆଡ଼କୁ ଗତି କରିବ। ଏଥିସହ ଲଘୁଚାପ ସୃଷ୍ଟିର ପରବର୍ତ୍ତୀ ୪୮ଘଣ୍ଟା ମଧ୍ୟରେ ଏହା ଆହୁରି ଘନୀଭୂତ ହେବାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ସେପଟେ ଆଗାମୀ ୪୮ଘଣ୍ଟା ମଧ୍ୟରେ ଆଭ୍ୟନ୍ତରୀଣ ଓଡ଼ିଶାର କିଛି ☞ପୃଷ୍ଠା-୪

# ୯ମ, ୧୦ମ ପାଇଁ ୪ ନୂଆ ପାଠ୍ୟକ୍ରମ

**ପ୍ରତି ବିଷୟ ପାଇଁ ରହିବ ୨୫ ମାର୍କ**

- ସ୍କୁଲ ପକ୍ଷରୁ ଆୟୋଜନ ହେବ ପରୀକ୍ଷା
- ଫେଲ୍ ହେବେ ନାହିଁ କୌଣସି ଛାତ୍ରୀଛାତ୍ର

କଟକ ଅଫିସ, ୧୭।୧୦

ଶିକ୍ଷାବର୍ଷ ଅଧାରେ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ)ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛି। ନବମ ଓ ଦଶମ ଶ୍ରେଣୀ ପାଇଁ ବୋର୍ଡ ନୂଆ ପାଠ୍ୟକ୍ରମ ଆଣିଛି। ନବମ ଓ ଦଶମ ଶ୍ରେଣୀରେ ୪ଟି ନୂଆ ବିଷୟ ରହିବ। ବୁକ୍ ରିଭ୍ୟୁ, ପ୍ରୋଜେକ୍ଟ ୱାର୍କ, କୋ-କରିକୁଲାର ଆକ୍ଟିଭିଟିଜ, ବେସିକ ଆଇଟି ସ୍କିଲ୍ସ ସମେତ ମୋଟ ୪ ପାଠ୍ୟକ୍ରମ ସାମିଲ କରିବା ପାଇଁ ବୋର୍ଡ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି ବୋଲି ବୋର୍ଡ ସଭାପତି ରାମାଶିଷ ହାଜରା ସୂଚନା ଦେଇଛନ୍ତି। ଶିକ୍ଷାବର୍ଷ ୨୦୨୨-୨୩ ପାଇଁ ଏହାକୁ ଲାଗୁ କରାଯାଇଛି। ପ୍ରଥମ କରି ଏହା ଚଳିତବର୍ଷ ନବମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ଆରମ୍ଭ ହେବ। ପରବର୍ତ୍ତୀ ଶିକ୍ଷାବର୍ଷରେ ଏହା ଉଭୟ ନବମ ଓ ଦଶମ ଶ୍ରେଣୀ ପାଠ୍ୟକ୍ରମରେ ଲାଗୁ କରାଯିବ। ହାଇସ୍କୁଲ ସାର୍ଟିଫିକେଟ ଏବଂ ମଧ୍ୟମା ପରୀକ୍ଷାରେ ଏହି ପାଠ୍ୟକ୍ରମ ଲାଗୁ ହେବ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ନିର୍ଦ୍ଦେଶକ୍ରମେ ବୋର୍ଡ ପକ୍ଷରୁ ଛାତ୍ରୀଛାତ୍ରଙ୍କ ଫର୍ମେଟିଭ ଓ ସମ୍ମେଟିଭ ଆସେସମେଣ୍ଟରେ ଆସ୍‌ପିରେଶନାଲ କମ୍ପୋନେଣ୍ଟ ବିଷୟକୁ ସାମିଲ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଏ ନେଇ ସୋମବାର ବକ୍ସିବଜାରସ୍ଥିତ ବୋର୍ଡ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି।

ବୋର୍ଡ ସଭାପତି କହିଛନ୍ତି, ୪ଟି ପର୍ଯ୍ୟାୟରେ ଏହି ପରୀକ୍ଷା କରାଯିବ। ପ୍ରଥମ ୩ଟି ପର୍ଯ୍ୟାୟରେ ୫ ମାର୍କ ଲେଖାଏ ଏବଂ ଶେଷ ପର୍ଯ୍ୟାୟରେ ୧୦ ମାର୍କ ଲାଗି ପରୀକ୍ଷା କରାଯିବ। ଏଭଳି ଭାବେ ଉକ୍ତ ୪ଟି ବିଷୟରେ ମୋଟ ୧୦୦ ମାର୍କର ପରୀକ୍ଷା ହେବ। ସ୍କୁଲ ପକ୍ଷରୁ ଉକ୍ତ ପରୀକ୍ଷା କରାଯିବ ଓ ସମ୍ପୃକ୍ତ ସ୍କୁଲର ଶିକ୍ଷକ ଏହାର ମୂଲ୍ୟାୟନ କରିବେ। ଏହି ବିଷୟ ପରୀକ୍ଷାରେ କୌଣସି ଛାତ୍ରୀଛାତ୍ର ଫେଲ୍ ହେବେନାହିଁ କିମ୍ବା ସେମାନଙ୍କ ☞ପୃଷ୍ଠା-୪

# ଓଡ଼ିଶାରୁ ଭୋଟ ଦେଲେ ୪୧୨

**କଂଗ୍ରେସ ଅଧ୍ୟକ୍ଷ ନିର୍ବାଚନ**

**ମୋକିମ ଭୋଟ୍ ଦେଲେନି**

ଭୁବନେଶ୍ୱର, ୧୭।୧୦(ବ୍ୟୁରୋ)

ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ଅଧ୍ୟକ୍ଷ ପଦବୀ ପାଇଁ ସୋମବାର ଭୋଟ ଗ୍ରହଣ ଶେଷ ହୋଇଛି। ଏଥର ଗାନ୍ଧୀ ପରିବାର ବାହାରୁ ଦୁଇ ଜଣ ଉକ୍ତ ପଦବୀ ପାଇଁ ଲଢ଼େଇ କରୁଛନ୍ତି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ମଲ୍ଲିକାର୍ଜୁନ ଖାର୍ଗେ ଏବଂ ଏମ୍‌ପି ଶଶି ଥରୁରଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଛି। ଆସନ୍ତା ୧୯ ତାରିଖରେ ଭୋଟ୍ ଗଣତି ହେବାକୁ ଥିବାବେଳେ ସେହିଦିନ ହିଁ ଫଳାଫଳ ପ୍ରକାଶ ପାଇବ।

ଦଳର ବ୍ୟବସ୍ଥା ଅନୁଯାୟୀ, ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଦସ୍ୟମାନେ ହିଁ ଏଥିଲାଗି ଭୋଟ୍ ଦେଇପାରିବେ। ତେବେ ୪୨୭ ଜଣ ଭୋଟରଙ୍କ ମଧ୍ୟରୁ ୪୧୨ ଜଣ ଭୋଟ୍ ଦେଇଛନ୍ତି। ସେଥିମଧ୍ୟରୁ କଟକ-ବାରବାଟୀ ବିଧାୟକ ମହମ୍ମଦ ମୋକିମଙ୍କ ବ୍ୟତୀତ ସମସ୍ତ ବିଧାୟକ ଏବଂ ଏମ୍‌ପି ଭୋଟ୍ ଦେଇଛନ୍ତି। ଏନେଇ ମୋକିମ୍‌ଙ୍କୁ ପଚାରିବାରୁ ସେ କହିଛନ୍ତି, ବାହାରେ ଥିବାରୁ ସେ ଭୋଟ୍ ଦେଇପାରି ନାହାନ୍ତି।

କଂଗ୍ରେସ ଭବନ ସ୍ଥିତ ଗ୍ରାଉଣ୍ଡ୍ ଫ୍ଲୋର୍‌ରେ ଥିବା ସମ୍ମିଳନୀ କକ୍ଷରେ ଭୋଟିଂ ପ୍ରକ୍ରିୟା ଦିନ ୧୦ଟାରେ ଆରମ୍ଭ ହୋଇ ଅପରାହ୍ନ ୪ଟାରେ ଶେଷ ହୋଇଥିଲା। ଓଡ଼ିଶା ପାଇଁ ନିଯୁକ୍ତ ହୋଇଥିବା ପିଆର୍‌ଓ(ପ୍ରଦେଶ ରିଟର୍ନିଂ ଅଫିସର) ଏବଂ ଏପିଆର୍‌ଓ(ଆସିଷ୍ଟାଣ୍ଟ ପ୍ରଦେଶ ରିଟର୍ନିଂ ଅଫିସର)ଙ୍କ ସମେତ ୪ ଜଣ ଏଜେଣ୍ଟ ଭୋଟିଂ ଦାୟିତ୍ୱରେ ଥିଲେ। ରାଜ୍ୟ ସଭା ଏମ୍‌ପି ନିରୋଜ ଡାଙ୍ଗୀ ଓଡ଼ିଶା ପ୍ରଦେଶର ପିଆର୍‌ଓ ଥିଲେ। ତେବେ ଭୋଟିଂ ଶେଷ ହେବାପରେ ବାଲଟ ବକ୍ସ ସାଙ୍ଗରେ ନେଇ ନିର୍ବାଚନ ଦାୟିତ୍ୱରେ ଥିବା ସମସ୍ତେ ଦିଲ୍ଲୀ ଫେରିଯାଇଛନ୍ତି। କେନ୍ଦ୍ରୀୟ ରିଟର୍ନିଂ ଅଫିସର୍ ମଧୁସୂଦନ ମିସ୍ତ୍ରୀଙ୍କ ନିକଟରେ ଏହି ବାଲଟ ବକ୍ସ ହସ୍ତାନ୍ତର କରାଯିବ। ତେବେ ଦୁଇ ରିଟର୍ନିଂ ଅଫିସର ମଧ୍ୟ ଓଡ଼ିଶାରେ ନିଜର ଭୋଟ୍ ଦେଇଛନ୍ତି।

ହଳଦିଆ ରଙ୍ଗର ବାଲଟ ପେପର୍ କଂଗ୍ରେସ ନିର୍ବାଚନ ପାଇଁ ପ୍ରସ୍ତୁତ କରିଥିଲା। ଏଥିରେ ଅଧ୍ୟକ୍ଷ ପଦ ଲାଗି ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଦୁଇ ନେତାଙ୍କ ନାମ ଇଂଲିଶ୍‌ରେ ଉଲ୍ଲେଖ ଥିଲା। ପ୍ରଥମେ ମଲ୍ଲିକାର୍ଜୁନ ଖାର୍ଗେ ଏବଂ ଦ୍ୱିତୀୟରେ ଶଶି ଥରୁରଙ୍କ ନାଁ ରହିଥିଲା। ନିଜ ପସନ୍ଦର ପ୍ରାର୍ଥୀଙ୍କ ନାମ ☞ପୃଷ୍ଠା-୪




## ସେଲ୍‌ଫି ନେବାବେଳେ ପିଟିଲା ଟ୍ରେନ୍: ଜଣେ ମୃତ

ଝାଡଖଣ୍ଡ ଲାତେହାର ଜିଲାରେ ରେଳ ଧାରଣାରେ ତିନିଜଣ ଯୁବକ ସେଲ୍‌ଫି ନେଉଥିବାବେଳେ ମାଲ୍ ବୋଝେଇ ଟ୍ରେନ୍ ସେମାନଙ୍କୁ ଧକ୍କା ଦେଇଥିଲା। ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଦୁଇଜଣ ଗୁରୁତର ହୋଇଛନ୍ତି। ଟ୍ରେନ୍ ପିଟିହେବା ଫଳରେ ନସିର ନାମକ ଯୁବକ ବ୍ରିଜ୍ ତଳକୁ ଖସିପଡ଼ିଥିଲେ, ଯାହାଫଳରେ ତାଙ୍କର ମୃତ୍ୟୁ ହୋଇଥିବା କୁହାଯାଉଛି।

## ସଂକ୍ଷେପରେ

### ଭାରତରେ ଗରିବଙ୍କ ସଂଖ୍ୟାରେ ୪୧.୫ କୋଟି ହ୍ରାସ

**ନୂଆଦିଲ୍ଲୀ,୧୭।୧୦ :** ଭାରତରେ ୨୦୦୫-୦୬ରୁ ୨୦୧୯-୨୧ ମଧ୍ୟରେ ଗରିବଙ୍କ ସଂଖ୍ୟା ୪୧.୫ କୋଟି ହ୍ରାସ ପାଇଥିବା ଜାତିସଂଘ ରିପୋର୍ଟରେ କୁହାଯାଇଛି। ଏହା ଏକ ଐତିହାସିକ ପରିବର୍ତ୍ତନ। ୨୦୩୦ ସୁଦ୍ଧା ଦାରିଦ୍ର୍ୟ ମଧ୍ୟରେ ରହୁଥିବା ସବୁ ବର୍ଗର ଲୋକସଂଖ୍ୟା ୫୦ ପ୍ରତିଶତ ହ୍ରାସ କରିବାକୁ ଦୀର୍ଘମିଆଦୀ ବିକାଶ ଲକ୍ଷ୍ୟଧାର୍ଯ୍ୟ ହୋଇଥିଲା। ଜାତିସଂଘ ବିକାଶ କାର୍ଯ୍ୟକ୍ରମ (ୟୁଏନ୍‌ଡିପି) ଏବଂ ଅକ୍ସଫୋର୍ଡ ପଭର୍ଟି ଆଣ୍ଡ ହ୍ୟୁମାନ ଡେଭେଲପମେଣ୍ଟ ଇନିସିଏଟିଭ୍(ଓପିଏଚ୍‌ଆଇ) ପକ୍ଷରୁ ମିଳିତ ଭାବେ ପ୍ରକାଶ ପାଇଥିବା ନୂଆ ବହୁମୁଖୀ ଦାରିଦ୍ର୍ୟ ସୂଚକାଙ୍କ (ଏମ୍‌ପିଆଇ) ଅନୁଯାୟୀ ୧୫ ବର୍ଷ ମଧ୍ୟରେ ଭାରତରେ ଗରିବଙ୍କ ସଂଖ୍ୟା ୪୧୫ ନିୟୁତ ହ୍ରାସ ପାଇଛି।

### ଗଣବଳାତ୍କାର ମାମଲା

### ବରିଷ୍ଠ ଆଇଏଏସ୍ ଅଫିସର ଜିତେନ୍ଦ୍ର ନାରାୟଣ ନିଲମ୍ବିତ

**ନୂଆଦିଲ୍ଲୀ,୧୭।୧୦:**ଏକ ଗଣବଳାତ୍କାର ମାମଲାରେ ବରିଷ୍ଠ ଆଇଏଏସ୍ ଅଫିସର ତଥା ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜର ପୂର୍ବତନ ମୁଖ୍ୟ ଶାସନ ସଚିବ ଜିତେନ୍ଦ୍ର ନାରାୟଣଙ୍କୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସୋମବାର ନିଲମ୍ବନ କରିଛି। ୧୯୯୦ ବ୍ୟାଚ୍‌ର ଏହି



ଆଇଏଏସ୍ ଅଫିସରଙ୍କ ନାମରେ ଏତଲା ଦାଏର ହୋଇଛି। ଚଳିତବର୍ଷ ଏପ୍ରିଲ ଓ ମେ' ମାସରେ ଜିତେନ୍ଦ୍ର ନାରାୟଣ, ଆର୍‌ଏଲ୍‌, ରିଷି ଓ ଅନ୍ୟ ଜଣେ ଅଫିସର ଜଣେ ୨୧ ବର୍ଷୀୟା ଯୁବତୀଙ୍କୁ ଗଣବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ଆଣ୍ଡାମାନ ନିକୋବର ପୋଲିସଠାରୁ ରିପୋର୍ଟ ପାଇବା ପରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ତତ୍କାଳ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

### ଦିଲ୍ଲୀ ମହିଳା କମିଶନ ଅଧକ୍ଷାଙ୍କ ଘର ଉପରେ ଆକ୍ରମଣ



ସ୍ୱାତୀ ମାଲିୱାଲ

**ନୂଆଦିଲ୍ଲୀ,୧୭।୧୦:** ଦିଲ୍ଲୀ ମହିଳା କମିଶନ (ଡିସିଡବ୍ଲ୍ୟୁ) ଅଧକ୍ଷ ସ୍ୱାତୀ ମାଲିୱାଲଙ୍କ ଉତ୍ତର ଦିଲ୍ଲୀର ସିଭିଲ୍ ଲାଇନ୍ସ ଅଞ୍ଚଳରେ ଥିବା ଘରେ ସୋମବାର ସକାଳେ କେତେଜଣ ଦୁର୍ବୃତ୍ତ ପ୍ରବେଶ କରି ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ସେମାନେ ସ୍ୱାତୀଙ୍କ ଦୁଇଟି କାର୍‌କୁ ମଧ୍ୟ ଭାଙ୍ଗିଦେଇଛନ୍ତି। ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏନେଇ ସ୍ୱାତୀ ଦିଲ୍ଲୀ ପୋଲିସରେ ଅଭିଯୋଗ କରିଛନ୍ତି। ଦିଲ୍ଲୀରେ ଆଇନଶୃଙ୍ଖଳା ସ୍ଥିତି ସମ୍ପୂର୍ଣ୍ଣ ବିଗିଡ଼ିଯାଇଥିବା ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ କହିଛନ୍ତି। ମହିଳା କମିଶନ ଅଧକ୍ଷା ମଧ୍ୟ ସୁରକ୍ଷିତ ନୁହନ୍ତି। ଉପରାଜ୍ୟପାଳ ଭି.କେ. ସାକ୍ସେନା ଆଇନଶୃଙ୍ଖଳା ସ୍ଥିତି ସୁଧାରିବା ଦିଗରେ କିଛି ସମୟ ଦେବେ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି।

### ଆଜି ସିବିଆଇ କୋର୍ଟରେ ହାଜର ହେବେ ତେଜସ୍ୱୀ

**ପାଟନା,୧୭।୧୦:** ରେଲୱେ ନିଯୁକ୍ତି ଦୁର୍ନୀତି ମାମଲାରେ ବିହାର ଉପମୁଖ୍ୟମନ୍ତ୍ରୀ ତଥା ଆର୍‌ଜେଡି ନେତା ତେଜସ୍ୱୀ ଯାଦବ ମଙ୍ଗଳବାର ଦିଲ୍ଲୀର ସ୍ୱତନ୍ତ୍ର ସିବିଆଇ କୋର୍ଟରେ ହାଜର ହେବେ। ଉକ୍ତ ମାମଲାରେ ତେଜସ୍ୱୀ ଏବେ ଜାମିନରେ ଅଛନ୍ତି। ତାଙ୍କ ଜାମିନ ଖାରଜ ଲାଗି କୋର୍ଟରେ



ସିବିଆଇ ଆବେଦନ କରିବା ପରେ ସେପ୍ଟେମ୍ବର ୧୯ରେ ତେଜସ୍ୱୀଙ୍କୁ ନୋଟିସ ଜାରି ହୋଇଥିଲା। ଯଦି ସେ ସର୍ତ୍ତାବଳୀ ଖିଲାପ କରିଥିବା ଜଣାପଡ଼େ ତେବେ ଅଦାଲତ ତାଙ୍କ ଜାମିନ ଖାରଜ କରିପାରନ୍ତି। ତଦନ୍ତକୁ ପ୍ରଭାବିତ କରିବା ଲାଗି ବିହାର ଉପମୁଖ୍ୟମନ୍ତ୍ରୀ ଓ ତାଙ୍କ ପରିବାର ସିବିଆଇ ଅଫିସରମାନଙ୍କୁ ଧମକ ଦେଉଥିବା ଅଭିଯୋଗ ହୋଇଛି। ସେ ଏକ ଖବରଦାତା ସମ୍ମିଳନୀ କରି ତଦନ୍ତ ଅଟକାଇବାକୁ ଉଦ୍ୟମ କରିଥିଲେ ଓ ଦେଶର ସମ୍ବିଧାନକୁ ଚ୍ୟାଲେଞ୍ଜ କରିଥିଲେ ବୋଲି ଅଭିଯୋଗରେ କୁହାଯାଇଛି।

# ନାଟୋର ସବୁଠୁ ବଡ଼ ଯୁଦ୍ଧାଭ୍ୟାସ

## ରୁଷିଆରୁ ହଜାରେ କିମି ଦୂରରେ ନ୍ୟୁକ୍ଲିୟର ଡ୍ରିଲ୍



ଆମେରିକାର ବି-୫୨ ବମ୍ବର ସହ ୟୁରୋ ଫାଇଟର ଟାଇଫୁନ୍ ଏଫ୍-୧୬ ଏବଂ ଅନ୍ୟ ଯୁଦ୍ଧ ବିମାନ।

**ବ୍ରସେଲ୍ସ, ୧୭।୧୦**

### ବି-୫୨ ବମ୍ବର, ୬୦ ଯୁଦ୍ଧବିମାନ ସାମିଲ

ୟୁକ୍ରେନ୍ ଯୁଦ୍ଧ ଭିତରେ ଆମେରିକା ନେତୃତ୍ୱାଧୀନ ସାମରିକ ମେଣ୍ଟ ନର୍ଥ ଆଟ୍‌ଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେଶନ (ନାଟୋ) ସୋମବାର ସବୁଠାରୁ ବଡ଼ଧରଣର ଆଣବିକ ଡ୍ରିଲ୍ 'ଷ୍ଟିଡ୍‌ଫାଷ୍ଟ ନୁନ୍' ଆରମ୍ଭ କରିଛି। ୟୁରୋପ ଉପରେ ନ୍ୟୁକ୍ଲିୟର ଆକ୍ରମଣ ପାଇଁ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ବାରମ୍ବାର ଧମକ ଦେଉଥିବାବେଳେ ପାଶ୍ଚାତ୍ୟ ଦେଶଗୁଡ଼ିକୁ ଏଥିରୁ ସୁରକ୍ଷା ଦେବା ନିମନ୍ତେ ନାଟୋ ମେଣ୍ଟ ଏହି ସମରାଭ୍ୟାସକୁ ରଣନୀତିରେ ସାମିଲ କରିଛି। ଉତ୍ତରପଶ୍ଚିମ ୟୁରୋପରେ ରୁଷିଆ ସୀମାଠାରୁ ମାତ୍ର ୬୨୫ ମାଇଲ ବା ହଜାରେ କିଲୋମିଟର ଦୂରରେ ନାଟୋ ସବୁଠାରୁ ଶକ୍ତିଶାଳୀ ସମରାଭ୍ୟାସ ଚଳାଇଛି। ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଏହି ଡ୍ରିଲ ଚାଲିବ।

ରୁଷିଆ ନିଜର ବାର୍ଷିକ ନ୍ୟୁକ୍ଲିୟର ଡ୍ରିଲ ଆରମ୍ଭ କରିବାକୁ ଘୋଷଣା କରିଥିବାବେଳେ ୩୦ ରାଷ୍ଟ୍ରର ସାମରିକ ନାଟୋ ଏହାକୁ ଗୁରୁତ୍ୱର ସହ ନେଇଛି। ଏଥିରେ ବିଧ୍ୱଂସକାରୀ ବି-୫୨ ବମ୍ବର ସାମିଲ ହୋଇଛି। ଜାପାନର ହିରୋଶିମା ଓ ନାଗାସାକି ଉପରେ ହୋଇଥିବା ନ୍ୟୁକ୍ଲିୟର ଆକ୍ରମଣରେ ଏହି ସିରିଜର ବି-୨୯ ବମ୍ବର ବ୍ୟବହାର କରାଯାଇଥିଲା। ଏଥିରେ ଅଢ଼େଇ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଥିଲା। ନାଟୋ ସୂଚନା ଅନୁଯାୟୀ, ଷ୍ଟିଡ୍‌ଫାଷ୍ଟ ନୁନ୍‌ରେ ଆମେରିକା ବାୟୁସେନାର ବି-୫୨ ଉତ୍ତର ଡାକୋଟାସ୍ଥିତ ମିନୋଟ ଏୟାରବେସରୁ ଦୀର୍ଘ ରେଞ୍ଜ ପର୍ଯ୍ୟନ୍ତ ଉଡ଼ାଣ ଭରିବ। ଏଥି ସହିତ ବେଲଜିୟମର କ୍ଲେନ୍ ବ୍ରୋଗେଲ ଏୟାରବେସ୍‌ରୁ ଶକ୍ତିଶାଳୀ କ୍ଷେପଣାସ୍ତ୍ର ସହ ଅତ୍ୟାଧୁନିକ ଏଫ୍-୧୬ ମଧ୍ୟ ଡ୍ରିଲ୍‌ରେ ସାମିଲ ହୋଇଛି। ଏଥିରେ ୧୪ ସଦସ୍ୟ ରାଷ୍ଟ୍ର ଅଂଶଗ୍ରହଣ କରିଥିବାବେଳେ ଏଥିରେ ୬୦ ଯୁଦ୍ଧବିମାନ ରହିଛି। ବେଲ୍‌ଜିୟମ, ଉତ୍ତରସାଗର ଏବଂ ବ୍ରିଟେନ୍ ଆକାଶରେ ୧୩ ଦିନ ଧରି ଏହି ସମରାଭ୍ୟାସ ଜାରି ରହିବ। ତେବେ ଏହା ଏକ ନିୟମିତ ଏବଂ ବାରମ୍ବାର ହେଉଥିବା ରୁଟିନ୍ ଡ୍ରିଲ୍ ବୋଲି ନାଟୋ କହିଛି। ୟୁକ୍ରେନ୍ ଉପରେ ରୁଷିଆ ଆକ୍ରମଣ କରିବା ପୂର୍ବରୁ ହିଁ ଏହାର ଯୋଜନା ହୋଇଥିଲା। ସମ୍ପ୍ରତି ସ୍ଥିତି ସହ ଏହି ଯୁଦ୍ଧାଭ୍ୟାସର କୌଣସି ସମ୍ପର୍କ ନାହିଁ ବୋଲି ନାଟୋ ପକ୍ଷରୁ କୁହାଯାଇଛି।

### ଅଣୁ ଅସ୍ତ୍ର: ନାଟୋ ବନାମ ରୁଷିଆ



ଫେଡେରେଶନ ଅଫ୍ ଆମେରିକାନ୍ ସାଇଣ୍ଟିଷ୍ଟ ଅନୁସାରେ, ବିଶ୍ୱରେ ୯ ଦେଶ ନିକଟରେ ପ୍ରାୟ ୧୨,୭୦୦ ନ୍ୟୁକ୍ଲିୟର ଅସ୍ତ୍ର ରହିଛି। ସେଥିରୁ ୯୦% କେବଳ ଆମେରିକା ଏବଂ ରୁଷିଆ ନିକଟରେ ଅଛି। ରୁଷିଆ ପାଖରେ ଆଣବିକ ଅସ୍ତ୍ର ସଂଖ୍ୟା ୫,୯୭୭ ଥିବାବେଳେ ନାଟୋ ନିକଟରେ ୫,୯୪୩ ନ୍ୟୁକ୍ଲିୟର ୱେପନ୍ ରହିଛି। ସେହିପରି ଆମେରିକା ନିକଟରେ ୫,୪୨୮ ଆଣବିକ ଅସ୍ତ୍ର ମହଜୁଦ୍ ରହିଥିବାବେଳେ ଫ୍ରାନ୍ସ ୨୯୦ ଏବଂ ବ୍ରିଟେନ୍ ୨୨୫ ନ୍ୟୁକ୍ଲିୟର ଅସ୍ତ୍ର ରଖିଛି। ବିଶେଷଜ୍ଞଙ୍କ ମତରେ ନ୍ୟୁକ୍ଲିୟର ଯୁଦ୍ଧ ସ୍ଥିତି ଉପନୀତ ହେଲେ ନାଟୋ ଏବଂ ରୁଷିଆ ଛୋଟ ପରମାଣୁ ଅସ୍ତ୍ର ବା ଟାକ୍ଟିକାଲ ନ୍ୟୁକ୍ଲିୟର ୱେପନ୍‌କୁ ଯୁଦ୍ଧକ୍ଷେତ୍ରରେ ମୁତୟନ କରିପାରନ୍ତି।

## କିଭ୍‌ରେ ଡ୍ରୋନ୍ ଆକ୍ରମଣ: ୬ ନିହତ

**କିଭ୍, ୧୭।୧୦:** ମିଶାଇଲ ମାଡ଼ର କିଛି ଦିନ ପରେ ୟୁକ୍ରେନ୍ ରାଜଧାନୀ କିଭ୍ ଉପରେ ରୁଷିଆ ସୋମବାର ଘନଘନ ଡ୍ରୋନ ଆକ୍ରମଣ କରିଛି। ଏହାସହ ପୂର୍ବ ୟୁକ୍ରେନ୍‌ର ସୁମି ଅଞ୍ଚଳରେ ମଧ୍ୟ ବିସ୍ଫୋରଣ ହୋଇଛି। ଆକ୍ରମଣରେ ରୁଷିଆ ଇରାନ୍‌ର କାମିକାଜେ ଡ୍ରୋନ୍ ବ୍ୟବହାର କରିଥିବା ୟୁକ୍ରେନ୍ ପକ୍ଷରୁ କୁହାଯାଇଛି। ଏଥିରେ ଅନ୍ୟୂନ ୬ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ସେମାନଙ୍କ ମଧ୍ୟରେ ଜଣେ ଗର୍ଭବତୀ ଏବଂ ତାଙ୍କ ସ୍ୱାମୀ ରହିଛନ୍ତି। ସକାଳେ ରୁଷିଆର ୩ଟି ରକେଟ୍ ସୁମିରେ ଥିବା କେତେକ ବିଲ୍ଡିଂରେ ମାଡ଼ ହୋଇଥିବା ସ୍ଥାନୀୟ ଗଭର୍ନର ଡିମିଟ୍ରୋ ଜିଭିତ୍‌ସ୍କି କହିଛନ୍ତି। ଆକ୍ରମଣରେ ସୁମି ଏବଂ ନିପ୍ରୋପେଟ୍ରୋଭ୍‌ସ୍କରେ ଥିବା ଶକ୍ତି ଭିତ୍ତିଭୂମି କ୍ଷତିଗ୍ରସ୍ତ ହୋଇଛି।



ସୋମବାର କିଭ୍‌ରେ ରୁଷିଆର ଡ୍ରୋନ୍ ଆକ୍ରମଣ ବେଳର ଦୃଶ୍ୟ।

## ଆଜି ଭାରତ ଆସିବେ ଗୁଟେରସ୍



**ନୂଆଦିଲ୍ଲୀ,୧୭।୧୦**

ଜାତିସଂଘ ମୁଖ୍ୟ ଆଣ୍ଟୋନିଓ ଗୁଟେରସ୍ ମଙ୍ଗଳବାର ଭାରତ ଆସିବେ। ଦ୍ୱିତୀୟଥର ପାଇଁ ଜାତିସଂଘର ମହାସଚିବ ଦାୟିତ୍ୱ ଗ୍ରହଣ କରିବା ପରେ ଗୁଟେରସ୍‌ଙ୍କ ଏହା ପ୍ରଥମ ଭାରତ ଗସ୍ତ। ୨୬/୧୧ ମୁମ୍ବାଇ ଆକ୍ରମଣରେ ପ୍ରାଣ ହରାଇଥିବା ପୀଡ଼ିତଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସକାଶେ ସେ ଭାରତ ଆସୁଛନ୍ତି। ଆଇଆଇଟି ମୁମ୍ବାଇରେ ଆୟୋଜିତ କାର୍ଯ୍ୟକ୍ରମରେ ଗୁଟେରସ୍ ଯୋଗ ଦେବା କାର୍ଯ୍ୟକ୍ରମ ରହିଛି। ୨୦ତାରିଖରେ ଗୁଜରାଟରେ ମିଶନ୍ ଲାଇଫ୍ (ଲାଇଫଷ୍ଟାଇଲ୍ ଫର୍ ଏନ୍‌ଭାରନ୍‌ମେଣ୍ଟ)ର ବୁକ୍‌ଲେଟ୍, ଲୋଗୋ ଏବଂ ଟାଗ୍‌ଲାଇନ୍ ଉନ୍ମୋଚନ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ସେ ସାମିଲ ହେବେ। ୨୦୧୮ ଅକ୍ଟୋବର ୧ରେ ଗୁଟେରସ୍ ୪ ଦିନିଆ ଭାରତ ଗସ୍ତରେ ଆସିଥିଲେ।

## ଯବାନଙ୍କ ସହ ଦୀପାବଳି ପାଳିବେ ମୋଦି

**ନୂଆଦିଲ୍ଲୀ,୧୭।୧୦**

ପୂର୍ବ ବର୍ଷଗୁଡ଼ିକ ଭଳି ଏଥର ମଧ୍ୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯବାନମାନଙ୍କ ସହ ଦୀପାବଳି ପାଳନ କରିବେ। ଦୀପାବଳି ପୂର୍ବରୁ ସେ ଆସନ୍ତା ୨୧ ତାରିଖରେ କେଦାରନାଥ ଓ ବଦ୍ରିନାଥ ଗସ୍ତ କରିବେ। ୨୪ ତାରିଖରେ ସେ ଉତ୍ତରାଖଣ୍ଡର ସୀମାନ୍ତ ଗ୍ରାମ ମାନାକୁ ଯାଇ ସେଠାରେ ଯବାନଙ୍କ ସହ ଦୀପାବଳି ପାଳନ କରିବେ। ଏହି ଅବସରରେ ସେ ସ୍ଥାନୀୟ ଲୋକଙ୍କ ସହ ଭାବ ବିନିମୟ କରିବେ ବୋଲି ଏକ ସୂତ୍ରରୁ ଜଣାପଡ଼ିଛି।

## ପାଶ୍ଚାତ୍ୟକୁ 'ଜିହାଦ' ଧମକ

**ରିୟାଧ୍, ୧୭।୧୦**

### ବିପଦରେ ଆମେରିକା-ସାଉଦି ସମ୍ପର୍କ

ତୈଳ ଉତ୍ପାଦନକାରୀ ଦେଶ ସମୂହର ସଙ୍ଗଠନ ଓପେକ୍ ପ୍ଲସ୍ ତେଲ ଉତ୍ପାଦନ ହ୍ରାସ କରିବାକୁ ନିଷ୍ପତ୍ତି ନେବା ପରେ ଆମେରିକା ଓ ସାଉଦି ଆରବ ମଧ୍ୟରେ ବିବାଦ ବଢ଼ିଛି। ଆମେରିକା ମତରେ ସାଉଦି ଆରବ ନେତୃତ୍ୱାଧୀନ ଓପେକ୍ ପ୍ଲସ୍‌ର ଏପରି ପଦକ୍ଷେପ ଦ୍ୱାରା ୟୁକ୍ରେନ୍ ଯୁଦ୍ଧ ପାଇଁ ରୁଷିଆକୁ ବଳ ମିଳିବ। ଏହା ଭିତରେ ସାଉଦିଆରବ କ୍ରାଉନ ପ୍ରିନ୍ସ ମହମ୍ମଦ ବିନ୍ ସଲମାନଙ୍କ ସମ୍ପର୍କୀୟ ଭାଇ ସାଉଦ୍ ଅଲ୍ ଶାଲନ ପାଶ୍ଚାତ୍ୟ ଦେଶଗୁଡ଼ିକୁ ହିଂସକ ଆକ୍ରମଣ ଧମକ ଦେଇଛନ୍ତି। ଏକ ଭିଡିଓରେ ସେ କହିଛନ୍ତି, କେହି ସାଉଦି ଆରବର ଅସ୍ତିତ୍ୱକୁ ନେଇ ଧମକାଇଲେ ଆମେ ସବୁପ୍ରକାର ବଳିଦାନ ଓ ଜିହାଦ୍ ପାଇଁ ପ୍ରସ୍ତୁତ। ଶାଲନଙ୍କ ଏହି ଭିଡିଓ ସୋସିଆଲ ମିଡିଆରେ ବହୁଳ ପ୍ରସାର ହୋଇଛି। ଆସନ୍ତା ନଭେମ୍ବରରେ ଇଣ୍ଡୋନେସିଆରେ ଜି-୨୦ ସମ୍ମିଳନୀ ଅନୁଷ୍ଠିତ ହେବାକୁ ଯାଉଥିବାବେଳେ ଏଥିରେ ଆମେରିକା



ସାଉଦ୍ ଅଲ୍ ଶାଲନ

ରାଷ୍ଟ୍ରପତି ଜୋ ବାଇଡେନ୍ ଏବଂ କ୍ରାଉନ୍ ପ୍ରିନ୍ସ ମଧ୍ୟ ଯୋଗଦେବେ। ତେବେ ଉଭୟଙ୍କ ମଧ୍ୟରେ ଆଲୋଚନାର କୌଣସି କାର୍ଯ୍ୟକ୍ରମ ନ ଥିବା ରବିବାର ବାଇଡେନ୍ ପ୍ରଶାସନ ପକ୍ଷରୁ କୁହାଯାଇଛି।

## ଆଶ୍ରମରେ ସନ୍ନ୍ୟାସିନୀଙ୍କୁ ଗଣବଳାତ୍କାର

**ଲକ୍ଷ୍ନୌ, ୧୭।୧୦**

ଉତ୍ତରପ୍ରଦେଶର ଗୋମତି ନଗର ଥାନା ଅଞ୍ଚଳରେ ଏକ ଆଶ୍ରମରେ ଜଣେ ୫୦ ବର୍ଷୀୟା ମହିଳା ସନ୍ନ୍ୟାସିନୀଙ୍କୁ ଗଣବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ପୋଲିସ ୪ ଜଣଙ୍କ ନାଁରେ ମାମଲା ରୁଜୁ ସହ ତଦନ୍ତ ଆରମ୍ଭ କରିଛି। ଘଟଣାଟି ଗତ ୪ ତାରିଖର। ମହିଳା ଜଣକ ଗତ ମାସରେ ଉକ୍ତ ଆଶ୍ରମକୁ ଆସିଥିଲେ। ସେଠାରେ ତାଙ୍କୁ ଆଶ୍ରୟ ମିଳିବ ବୋଲି ଆଶ୍ରମ ପକ୍ଷରୁ କୁହାଯାଇଥିଲା। ଘଟଣାଦିନ ତାଙ୍କ ଖାଦ୍ୟରେ କିଛି ନିଶାଦ୍ରବ୍ୟ ମିଶାଇ ଦିଆଯାଇଥିଲା। ଅଚେତ ହୋଇପଡ଼ିବା ପରେ ୪ ଜଣ ତାଙ୍କୁ ବଳାତ୍କାର କରିଥିବା ମହିଳା ଜଣକ ଅଭିଯୋଗ କରିଛନ୍ତି। ସେ ଚୁପ୍ ରହିବାକୁ ଆଶ୍ରମ ମୁଖ୍ୟ ତାଙ୍କୁ ଧମକ ଦେଇଥିଲେ। ଥାନାରେ ଏତଲା ଦେଲେ ତାଙ୍କୁ ଜୀବନ ହରାଇବାକୁ ପଡ଼ିବ ବୋଲି ଧମକ ମିଳିଥିବା ପୀଡ଼ିତା କହିଛନ୍ତି।

## ୨୩୦ ସ୍ପିଡ୍‌ରେ କାର୍ ଚଳାଇ ଲାଇଭ୍ ଭିଡିଓ

### ଡାକ୍ତରଙ୍କ ସମେତ ୪ ମୃତ

**ଲକ୍ଷ୍ନୌ, ୧୭।୧୦**

ଘଣ୍ଟାପ୍ରତି ୨୩୦ କିଲୋମିଟର ବେଗରେ ବିଏମ୍‌ଡବ୍ଲ୍ୟୁ କାର୍ ଚଳାଉଥିଲେ ୪ ସାଙ୍ଗ। ଲକ୍ଷ୍ୟ ଥିଲା ଘଣ୍ଟାପ୍ରତି ସ୍ପିଡ୍ ବଢ଼ାଇ ୩୦୦ କିଲୋମିଟର ଛୁଇଁବା। ଦ୍ରୁତଗତିରେ କାର୍ ଚଳାଉଥିବାବେଳେ ସେମାନଙ୍କ ମଧ୍ୟରୁ ଜଣେ ତାହାର ଫେସ୍‌ବୁକ୍ ଲାଇଭ୍ ଭିଡିଓ ମଧ୍ୟ କରିଥିଲେ। ସେହି ସମୟରେ ଆଉ ଜଣେ କହିଥିଲେ ୪ ଜଣ ମରିବା। ଚାଳକ କହିଥିଲେ ପାଟି ଚୁପ୍ କରି ବସ ଓ କାର୍ ଚଳାଇବାକୁ ଦିଅ। ହେଲେ ସତକୁ ସତ ମାତ୍ର କିଛି କ୍ଷଣରେ କାର୍‌ଟି ଏକ କଣ୍ଟେନର ଟ୍ରକ୍‌କୁ ଧକ୍କା ହୋଇଥିଲା। ଏଥିରେ ଥିବା ଜଣେ ଡାକ୍ତରଙ୍କ ସମେତ ୪ ଜଣଙ୍କ ମୃତ୍ୟୁ ଘଟିଛି। ଉତ୍ତରପ୍ରଦେଶର ପୂର୍ବାଞ୍ଚଳ ଏକ୍ସପ୍ରେସ୍‌ୱେରେ ଶୁକ୍ରବାର ଏହି ଦୁର୍ଘଟଣା ଘଟିଥିବା ଜଣାପଡ଼ିଛି। ଏହାର ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ସେମାନଙ୍କ ମଧ୍ୟରୁ ଜଣେ ଚାଳକଙ୍କୁ କହୁଛନ୍ତି, ବେଗ ୩୦୦ କି.ମି.କୁ ବଢ଼ାଅ। ଅତିକମ୍‌ରେ ୨୯୦ ଛୁଅଁ। ବ୍ରେକ୍ ଲଗାଅ ନାହିଁ। ନଚେତ ଆଉ ୩୦୦ କି.ମି. ବେଗରେ ଯାଇପାରିବା ନାହିଁ ବୋଲି ଜଣେ କହୁଥିବା ଉକ୍ତ ଭିଡିଓରୁ ଶୁଣିବାକୁ ମିଳିଛି। ମୃତକମାନେ ହେଲେ ବିହାରର ଡାକ୍ତର ଆନନ୍ଦ କୁମାର ଓ ତାଙ୍କ ୩ ବନ୍ଧୁ ଅଖିଳେଶ ସିଂ, ଦୀପକ କୁମାର ଏବଂ ଭୋଲା କୁଶ୍‌ୱାହା। ଘଟଣାରେ ପୋଲିସ ଏକ ମାମଲା ରୁଜୁ କରିଛି।





# ସବ୍‌ସିଡି ସାର ପାଇଁ ଗୋଟିଏ ବ୍ରାଣ୍ଡ୍ 'ଭାରତ'

**ନୂଆଦିଲ୍ଲୀ,୧୭।୧୦**

- ଶୁଭାରମ୍ଭ କଲେ ପ୍ରଧାନମନ୍ତ୍ରୀ
- ୬୦୦ କିଷାନ ସମୃଦ୍ଧି କେନ୍ଦ୍ର ଉଦ୍‌ଘାଟିତ

ଗୋଟିଏ ରାଷ୍ଟ୍ର ଗୋଟିଏ ସାର ଯୋଜନାର ଅଂଶବିଶେଷ ସ୍ୱରୂପ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ୟୁରିଆ ସାରର ଗୋଟିଏ ବ୍ରାଣ୍ଡ 'ଭାରତ'ର ଶୁଭାରମ୍ଭ କରିଛନ୍ତି। ଏହି ବ୍ରାଣ୍ଡରେ ସମସ୍ତ ସବ୍‌ସିଡିଯୁକ୍ତ ୟୁରିଆ ସାର ଉପଲବ୍ଧ ହେବ। ଏଥିସହିତ ପ୍ରଧାନମନ୍ତ୍ରୀ ୬୦୦ କିଷାନ ସମୃଦ୍ଧି କେନ୍ଦ୍ର ଉଦ୍‌ଘାଟନ କରିଛନ୍ତି। ଏହି ଦୁଇଟି ସଂସ୍କାର ସାର ଉପଲବ୍ଧତା ଓ ମାନ ବଢ଼ାଇବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ପିଏମ୍ କିଷାନ ସମ୍ମାନ ସମ୍ମିଳନୀ ୨୦୨୨ ଅବସରରେ ମୋଦି ଅନ୍ତର୍ଜାତୀୟ ସାପ୍ତାହିକ ସାର ଇ-ମାଗାଜିନ 'ଇଣ୍ଡିଆ ଏଜ୍' ଉଦ୍‌ଘାଟନ କରିଥିଲେ। କୃଷି ଓ ସାର ମନ୍ତ୍ରଣାଳୟ ଦ୍ୱାରା ମିଳିତ ଭାବେ ଏହି ସମ୍ମିଳନୀର ଆୟୋଜନ କରାଯାଇଥିଲା। କେନ୍ଦ୍ର ସରକାର ନୂଆ





ଯୋଜନା 'ପ୍ରଧାନମନ୍ତ୍ରୀ ଭାରତୀୟ ଜନ ଉର୍ବରକ ପରିଯୋଜନା-ୱାନ୍ ନେଶନ ୱାନ୍ ଫର୍ଟିଲାଇଜର(ଓଏନ୍‌ଓଏଫ୍) ଆରମ୍ଭ କରିଛନ୍ତି। ଏହି ଯୋଜନାରେ ଗୋଟିଏ ବ୍ରାଣ୍ଡ 'ଭାରତ'ରେ କମ୍ପାନୀଗୁଡ଼ିକ ସମସ୍ତ ସବ୍‌ସିଡିଯୁକ୍ତ ସାର ବିପଣନ କରିବାକୁ ବାଧ୍ୟ। କେଉଁ ବ୍ରାଣ୍ଡର ସାର ଭଲ ଓ ମାଟିକୁ ଉପଯୁକ୍ତ ଉର୍ବରତା ଦେଇପାରିବ, ତାହା ଜାଣି ନ ପାରି ଚାଷୀମାନେ ଦ୍ୱନ୍ଦ୍ୱରେ ପଡୁଥିଲେ। କାରଣ ବ୍ୟବସାୟୀମାନେ ଅଧିକ କମିଶନ ପାଉଥିବା ନିର୍ଦ୍ଦିଷ୍ଟ ବ୍ରାଣ୍ଡର ସାରକୁ ସେମାନଙ୍କୁ ନେବା ପାଇଁ ପ୍ରବର୍ତ୍ତାଉଥିଲେ। କମ୍ପାନୀଗୁଡ଼ିକ ସେମାନଙ୍କ ଉତ୍ପାଦିତ ସାରର ବିକ୍ରି ବୃଦ୍ଧି ଲାଗି ଆକର୍ଷଣୀୟ ବିଜ୍ଞାପନ ଦେଉଥିଲେ। ଓଏନ୍‌ଓଏଫ୍‌ରେ ଏହି ସମସ୍ୟାର ସମାଧାନ ହୋଇଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ଗୋଟିଏ ବ୍ରାଣ୍ଡ୍ ଏବଂ ଗୋଟିଏ ମାନର ୟୁରିଆ ସାର 'ଭାରତ' ବ୍ରାଣ୍ଡ୍ ନାମରେ ସାରା ଦେଶରେ ଉପଲବ୍ଧ ହେବ। ଫଳରେ କମ୍ପାନୀଗୁଡ଼ିକ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହ୍ରାସ ପାଇବ।

ସେହିପରି ଉଦ୍‌ଘାଟିତ ହୋଇଥିବା ୬୦୦ ପିଏମ୍ କିଷାନ ସମୃଦ୍ଧି କେନ୍ଦ୍ର ୱାନ୍-ଷ୍ଟପ୍-ଶପ୍ ଭାବେ କାର୍ଯ୍ୟ କରିବ। ଏହା କୃଷକମାନଙ୍କୁ ବହୁବିଧ ସେବା ଯୋଗାଇଦେବ। ଏହା କେବଳ ସାର,ବିହନ ଓ କୃଷି ଯନ୍ତ୍ରପାତି ଯୋଗାଇବ ନାହିଁ, ଏଥିସହିତ ମୃତ୍ତିକା, ବିହନ ଓ ସାର ପରୀକ୍ଷା ପାଇଁ ଗବେଷଣାଗାର ଯୋଗାଇଦେବ। ଏଥିସହିତ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଚାଷୀମାନଙ୍କୁ ଅବଗତ କରାଇବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଦେଶରେ ଥିବା ୩.୨୫ ଲକ୍ଷ ଖୁଚୁରା ସାର ଦୋକାନ ପିଏମ୍-କେଏସ୍‌କେରେ ପରିବର୍ତ୍ତନ ହେବ। ଏହି ଅବସରରେ ସାରରେ ଆତ୍ମନିର୍ଭର ହେବା ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି।

କେନ୍ଦ୍ର ସରକାର ସାର ଉପରେ ୯୦ ପ୍ରତିଶତ ସବ୍‌ସିଡି ଦେଉଛନ୍ତି। ଅର୍ଥାତ୍ ୭୫ରୁ ୮୦ ଟଙ୍କାରେ ୟୁରିଆ କିଣାଯାଉଥିବାବେଳେ ଚାଷୀମାନଙ୍କୁ ମାତ୍ର ୬ ଟଙ୍କାରେ ଯୋଗାଇ ଦିଆଯାଉଛି। ସାର ସବ୍‌ସିଡି ଅର୍ଥ ସିଧାସଳଖ ଚାଷୀଙ୍କ ବ୍ୟାଙ୍କ ଖାତାରେ ଜମା କରିବା ପାଇଁ ସରକାର ପ୍ରସ୍ତୁତି ଚଳାଇଥିବା କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜି. କିଷାନ ରେଡ୍ଡୀ କହିଛନ୍ତି।

### ପିଏମ୍-କିଷାନ ଦ୍ୱାଦଶ କିସ୍ତି

## ଚାଷୀଙ୍କ ଖାତାକୁ ଗଲା ୧୬ ହଜାର କୋଟି

**ନୂଆଦିଲ୍ଲୀ,୧୭।୧୦**

ଦୀପାବଳି ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ହିତାଧିକାରୀ ଚାଷୀମାନଙ୍କୁ ପିଏମ୍-କିଷାନ ଯୋଜନାର ଦ୍ୱାଦଶ କିସ୍ତି ଅର୍ଥ ସୋମବାର ପ୍ରଦାନ କରିଛନ୍ତି। ଏହି ଯୋଜନାରେ ଚାଷୀମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ୧୬,୦୦୦ କୋଟି ଟଙ୍କା ଛଡ଼ାଯାଇଛି। ମୋଟ ୧୨ଟି କିସ୍ତିରେ ଏପର୍ଯ୍ୟନ୍ତ ୨.୧୬ ଲକ୍ଷ କୋଟି ଟଙ୍କା ଚାଷୀମାନଙ୍କୁ ଦିଆଗଲାଣି। ଯୋଗ୍ୟ ଚାଷୀଙ୍କୁ ପିଏମ୍ କିଷାନ ଯୋଜନାରେ ବର୍ଷକୁ ୬,୦୦୦ ଟଙ୍କା ତିନୋଟି କିସ୍ତିରେ ଯୋଗାଇ ଦିଆଯାଉଛି। ଏହି ଯୋଜନା ୨୦୧୯ ଫେବୃଆରୀରେ ଶୁଭାରମ୍ଭ ହୋଇଥିଲା। ନୂଆଦିଲ୍ଲୀର ପୁସା କ୍ୟାମ୍ପସ୍‌ରେ 'ପିଏମ୍ କିଷାନ ସମ୍ମାନ ସମ୍ମିଳନୀ ୨୦୨୨' ଅବସରରେ ପ୍ରଧାନମନ୍ତ୍ରୀ ଦ୍ୱାଦଶ କିସ୍ତି ଅର୍ଥ ଛାଡ଼ିଛନ୍ତି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୩,୦୦,୫୬,୭୪୩ | ୬୫,୭୧,୯୩୩ | ୬୦,୯୨,୨୯,୧୬୩ |
| ଭାରତ | ୪,୪୬,୩୦,୮୮୮ | ୫,୨୮,୯୦୫ | ୪,୪୦,୭୫,୧୪୯ |
| ଓଡ଼ିଶା | ୧୩,୩୫,୫୦୩ | ୯୨୦୨(+୫୩) | ୧୩,୨୫,୭୭୩ |

ସୋମବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ୮ ବର୍ଷରେ ୪୧ ହାଜତ ମୃତ୍ୟୁ

## ୨୦୧୫ରେ ସର୍ବାଧିକ ୮

- ଏଚ୍ଆର୍ପିସି ଦେଲାନି ସମ୍ପୂର୍ଣ୍ଣ ତଥ୍ୟ
- ତଦନ୍ତ ପରିସରଭୁକ୍ତ ହେଉନାହାନ୍ତି ଉପରିସ୍ଥ ପୋଲିସ ଅଧିକାରୀ



ଭୁବନେଶ୍ୱର,୧୭।୧୦(ବ୍ୟୁରୋ)

ରାଜ୍ୟର ବିଭିନ୍ନ ଥାନା ହାଜତରେ ଅଭିଯୁକ୍ତ ତଥା ସନ୍ଦିଗ୍ଧମାନଙ୍କୁ ପୋଲିସ ଅନେକ ସମୟରେ ନିର୍ଯାତନା ଦେବା ସହ ମାଡ଼ ମାରିବାର ନଜିର ରହିଛି। ଫଳରେ ପୋଲିସ ହେପାଜତରେ ବା ଥାନା ହାଜତରେ ଥାଇ ବହୁ ଅଭିଯୁକ୍ତଙ୍କ ମୃତ୍ୟୁ ଘଟିଛି। କେତେକ କ୍ଷେତ୍ରରେ କାର୍ଯ୍ୟାନୁଷ୍ଠାନ ନିଆଯାଉଥିଲେ ମଧ୍ୟ ବହୁ ଘଟଣା ଫାଇଲ ତଳେ ଚାପି ହୋଇଯାଇଛି। ଅନେକ କ୍ଷେତ୍ରରେ ବିବାଦରେ ଛନ୍ଦି ହୋଇଯାଇଥିବା ପୋଲିସ ବଦନାମ ଭୟରେ ନିଜ ନାମରେ ଆସୁଥିବା ଏପରି ଅଭିଯୋଗକୁ ନାନାଭାବେ ଏଡାଇ ଯାଇଥିବା ଅଭିଯୋଗ ରହିଛି। ତେବେ ଦୋଷୀ ପୋଲିସ ବିରୋଧରେ ସେଭଳି କୌଣସି ବଳିଷ୍ଠ ପଦକ୍ଷେପ ନିଆଯାଉ ନ ଥିବାରୁ ହାଜତ ମୃତ୍ୟୁ ମାମଲାରେ ରୋକ ଲାଗିପାରୁ ନ ଥିବା କୁହାଯାଉଛି। ଗତ ୮ ବର୍ଷ ମଧ୍ୟରେ ଅର୍ଥାତ୍ ୨୦୧୫ରୁ ୨୦୨୨ ଜୁଲାଇ ସୁଦ୍ଧା ରାଜ୍ୟରେ ୪୧ଟି ହାଜତ ମୃତ୍ୟ ଘଟଣା ଘଟିଛି। ରାଜ୍ୟ ପୋଲିସର ମାନବିକ ଅଧିକାର ସୁରକ୍ଷା ସେଲ୍ (ଏଚ୍ଆର୍ପିସି) ପକ୍ଷରୁ ମାନବାଧିକାର କର୍ମୀ ବିଶ୍ୱପ୍ରିୟ କାନୁନ୍‌ଗୋଙ୍କୁ ଦିଆଯାଇଥିବା ତଥ୍ୟରୁ ଏହା ଜଣାପଡ଼ିଛି।

ତଥ୍ୟ ଅନୁଯାୟୀ, ୨୦୧୫ରେ ରାଜ୍ୟରେ ସର୍ବାଧିକ ୮ଟି ହାଜତ ମୃତ୍ୟୁ ହୋଇଥିଲା। ସେହିପରି ୨୦୧୬ରେ ୪, ୨୦୧୭ରେ ୩, ୨୦୧୮ରେ ୩, ୨୦୧୯ରେ ୭, ୨୦୨୦ରେ ୭, ୨୦୨୧ରେ ୫ ଏବଂ ୨୦୨୨ ଜୁଲାଇ ଶେଷ ସୁଦ୍ଧା ୪ଟି ହାଜତ ମୃତ୍ୟୁ ଘଟଣା ଘଟିଛି। ସାମାଜିକ ଏବଂ ଆର୍ଥିକ ସ୍ତରରେ ସ୍ୱଚ୍ଛଳ ନ ଥିବା ସାଧାରଣ ନାଗରିକମାନେ ହାଜତ ମୃତ୍ୟୁର ଅଧିକ ଶିକାର ହୁଅନ୍ତି। ଥାନା ହାଜତରେ ଘଟୁଥିବା ଘଟଣାରେ ଉପରିସ୍ଥ ପୋଲିସ ଅଧିକାରୀଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଉ ନ ଥିବାରୁ ଏଭଳି ଘଟଣା ଘଟୁଥିବା କୁହାଯାଉଛି। ଅନ୍ୟପକ୍ଷରେ ବଢୁଥିବା ହାଜତ ମୃତ୍ୟୁ ଘଟଣାକୁ ନେଇ ୧୯୯୭ରେ ଡି.କେ ବାସୁ ବନାମ ପଶ୍ଚିମବଙ୍ଗ ମାମଲାରେ ସୁପ୍ରିମକୋର୍ଟ ୧୧ଟି ସର୍ତ୍ତାବଳୀ ମାନିବାକୁ ପୋଲିସ ଏବଂ ତଦନ୍ତକାରୀ ଏଜେନ୍ସିକୁ ନିର୍ଦ୍ଦେଶ ଦେଇଥିଲେ। ଜଣେ ଅଭିଯୁକ୍ତଙ୍କୁ ଗିରଫ କରିବାର ୨୪ ଘଣ୍ଟା ମଧ୍ୟରେ ପୋଲିସ କୋର୍ଟ ଚାଲାଣ କରିବ, ଗିରଫ ପରେ ଅଭିଯୁକ୍ତଙ୍କ ପରିବାର ଲୋକ ଓ ତାଙ୍କ ଓକିଲଙ୍କୁ ପୋଲିସ ଖବର ଦେବ, ପୋଲିସ ଯାହାଙ୍କୁ ପଚରାଉଚରା କରୁଛି ସେମାନଙ୍କ ପରିବାର ତଥା ସମ୍ପର୍କୀୟଙ୍କୁ ଜଣାଇବ, ଜଣେ ଅଭିଯୁକ୍ତଙ୍କୁ କେଉଁଠୁ ଗିରଫ କରାଗଲା, ସେଦିନର ତାରିଖ, ଥାନାକୁ କିପରି ଅଣାଗଲା ଆଦି ତଥ୍ୟକୁ ପୋଲିସ ଏହାର କେସ୍ ଡାଏରୀରେ ଉଲ୍ଲେଖ କରିବ। ଏଭଳି ଏକାଧିକ ସର୍ତ୍ତାବଳୀ ମାନିବାକୁ ସୁପ୍ରିମ କୋର୍ଟ କହିଥିଲେ। ତେବେ ମାନବାଧିକାର କର୍ମୀ ବିଶ୍ୱପ୍ରିୟ କହିଛନ୍ତି, ୨୦୧୫ରୁ ୨୦୨୨ ମଧ୍ୟରେ ରାଜ୍ୟରେ କେତେ ହାଜତ ମୃତ୍ୟୁ ଘଟଣା ଘଟିଥିଲା, ସେଥିରୁ କେତୋଟି ଜାତୀୟ ମାନବିକ ଅଧିକାର କମିଶନ ଓ ରାଜ୍ୟ କମିଶନରେ ଅଭିଯୋଗ ହୋଇଥିଲା, କେଉଁ ଘଟଣାରେ କେତେ କ୍ଷତିପୂରଣ ପ୍ରଦାନ କରାଯାଇଛି, କେଉଁ ସବୁ ଘଟଣାରେ ସମ୍ପୃକ୍ତଙ୍କ ବିରୋଧରେ ଶୃଙ୍ଖଳାଗତ ଓ ଫୌଜଦାରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ଏବଂ ପ୍ରତି ହାଜତ ମୃତ୍ୟୁ ଘଟଣାର ସଂକ୍ଷିପ୍ତ ବିବରଣୀ ପ୍ରଦାନ ପାଇଁ ତଥ୍ୟ ମଗାଯାଇଥିଲା। ହେଲେ ଏସଂକ୍ରାନ୍ତରେ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରାଯାଇନାହିଁ। ପ୍ରକୃତ ତଥ୍ୟ ସର୍ବସାଧାରଣରେ ପ୍ରଘଟ ହେଲେ ପୋଲିସ ବିଭାଗ ପଦାରେ ପଡ଼ିଯିବା ଆଶଙ୍କାରେ ସୂଚନା ଆଇନକୁ ଉଲ୍ଲଂଘନ କରାଯାଇଛି। ତେବେ ଏହା ବିରୋଧରେ ସେ ସୂଚନା କମିଶନ ଓ ଉପଯୁକ୍ତ ସ୍ତରରେ ପ୍ରଥମ ଅପିଲ କରିବେ ବୋଲି ବିଶ୍ୱପ୍ରିୟ କହିଛନ୍ତି।

# ସୀମାନ୍ତରେ ମାଓବାଦୀ ହିଂସା

## ପ୍ରଜାକୋର୍ଟରେ ଦୁଇଜଣଙ୍କୁ ହତ୍ୟା

ମାଲକାନଗିରି,୧୭।୧୦(ଡି.ଏନ୍.ଏ.)

ମାଲକାନଗିରି ସୀମାନ୍ତ ଛତିଶଗଡ଼ର ବିଜାପୁରଠାରେ ପୋଲିସ ଇନ୍‌ଫର୍ମର ସନ୍ଦେହରେ ମାଓବାଦୀମାନେ ରବିବାର ରାତିରେ ପ୍ରଜାକୋର୍ଟରେ ଦୁଇ ଗ୍ରାମବାସୀଙ୍କୁ ହତ୍ୟା କରିଛନ୍ତି। ସେମାନେ ହେଲେ ପେଡାକର୍ମା ଅଞ୍ଚଳର ରାଜୁ ମୋଡିୟମ ଏବଂ ପୁସନାର ଗ୍ରାମର ଦୁଲା କୋଡମେ। ବିଜାପୁର ଥାନା ଅନ୍ତର୍ଗତ ପେଡାକର୍ମାଠାରେ ପ୍ରଜାକୋର୍ଟରେ ରାଜୁ ଏବଂ ଦୁଲାଙ୍କୁ ଦୋଷୀ ସଜାଇ ହତ୍ୟା କରାଯାଇଥିବା ଜଣାପଡ଼ିଛି। ଏ ନେଇ ବିଜାପୁର ଅତିରିକ୍ତ ଏସ୍‌ପି ଅଞ୍ଜାନେ ଭାରଶନିଙ୍କୁ ପଚାରିବାରୁ, ଏ ପର୍ଯ୍ୟନ୍ତ ପୋଲିସ ନିକଟରେ କୌଣସି ହତ୍ୟା ଅଭିଯୋଗ ହୋଇ ନ ଥିବା ସେ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ପୋଲିସ ନିଜପଟୁ ଘଟଣାର ତଦନ୍ତ ଚଳାଇଥିବା ସେ କହିଛନ୍ତି।

## ଗୁଳିବିନିମୟବେଳେ ଏଏସ୍ଆଇ ଗୁରୁତର

ମାଲକାନଗିରି,୧୭।୧୦(ଡି.ଏନ୍.ଏ.)

ଛତିଶଗଡ଼ର ବିଜାପୁର ଜିଲା ତେରମ ଥାନା ଅଞ୍ଚଳରେ ପୋଲିସ-ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟରେ ଜଣେ ପୋଲିସ ଅଧିକାରୀ ଗୁରୁତର ହୋଇଛନ୍ତି। ସେ ହେଲେ ତେରମ ଥାନାର ଏଏସ୍ଆଇ ରାଜେଶ ସୂର୍ଯ୍ୟବଂଶୀ। କୋମ୍ବିଂ ଅପରେଶନ ସାରି କ୍ୟାମ୍ପକୁ ଫେରୁଥିବାବେଳେ ଲୁଚି ରହିଥିବା ମାଓବାଦୀ ସେମାନଙ୍କ ଉପରକୁ ଗୁଳିଚାଳନା କରିଥିଲେ। ଯବାନମାନେ ମଧ୍ୟ ପାଲଟା ଗୁଳି ଚଳାଇଥିଲେ। ଏହି ସମୟରେ ମାଓବାଦୀଙ୍କ ଗୁଳିରେ ଏଏସ୍ଆଇ ଗୁରୁତର ହୋଇଥିଲେ। ସାଥୀ ଯବାନ ତାଙ୍କୁ ପ୍ରଥମେ ବିଜାପୁର ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ହେଲିକପ୍ଟର ଯୋଗେ ରାୟପୁର ସ୍ଥାନାନ୍ତର କରିଛନ୍ତି। କୋବ୍ରା ଓ ଏସ୍‌ଟିଏଫ୍ ପକ୍ଷରୁ ସର୍ଚ୍ଚ ଅପରେଶନ ଜାରି ରହିଥିବା ବସ୍ତର ଆଇଜି ସୁନ୍ଦର ରାଜ ପି ସୂଚନା ଦେଇଛନ୍ତି।



ଗୁରୁତର ଏଏସ୍ଆଇ ରଜେଶ ସୂର୍ଯ୍ୟବଂଶୀ

## ୫ ଗାଡ଼ି, ମେଶିନ ଜାଳିଦେଲେ

ମାଲକାନଗିରି,୧୭।୧୦(ଡି.ଏନ୍.ଏ.)

ଛତିଶଗଡ଼ର କଙ୍କେର୍ ଜିଲା ଅନ୍ତର୍ଗତ ଚାର୍‌ଗାଁଓ ଠାରେ ରାସ୍ତାକାମରେ ନିୟୋଜିତ ୫ ଗାଡ଼ି ଏବଂ ମେଶିନ ମାଓବାଦୀ ଜାଳି ଦେଇଛନ୍ତି। କାମ ସରିବା ପରେ ରାତିରେ ଗାଡ଼ିଗୁଡ଼ିକୁ ଅନ୍ୟତ୍ର ରଖାଯାଇଥିବାବେଳେ ସଶସ୍ତ୍ର ମାଓବାଦୀ ରାତିରେ ଆସି ନିଆଁ ଲଗାଇ ଦେଇଛନ୍ତି। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଥିବା କଙ୍କେର୍ ଏସ୍‌ପି ଶଲବ ସିହ୍ନା ସୂଚନା ଦେଇଛନ୍ତି।





ମାଓବାଦୀ ଜାଳିଦେଇଥିବା ଗାଡ଼ି।

# ଗଛରେ ପିଟିହେଲା ଆମ୍ବୁଲାନ୍ସ: ରୋଗୀଙ୍କ ସମେତ ୨ ମୃତ

ଭବାନୀପାଟଣା,୧୭।୧୦(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ମହିଚଲା ମଣ୍ଡି ନିକଟରେ ରବିବାର ବିଳମ୍ବିତ ରାତିରେ ଭାରସାମ୍ୟ ହରାଇ ଆମ୍ବୁଲାନ୍ସ ରାସ୍ତା ପାର୍ଶ୍ୱ ଏକ ଗଛରେ ପିଟି ହୋଇଯାଇଥିଲା। ଏହି ଦୁର୍ଘଟଣାରେ ରୋଗୀଙ୍କ ସମେତ ଜଣେ ଆମ୍ବୁଲାନ୍ସ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ମୃତ ରୋଗୀ ହେଲେ ଜୟପାଟଣା ବ୍ଲକ କପୁରମାଲ ଗ୍ରାମର ସୁମିତ୍ରା ଦୁର୍ଗା (୫୦) ଏବଂ କଲମପୁର ବ୍ଲକ ପଣ୍ଡିଗାଁର ଆମ୍ବୁଲାନ୍ସ କର୍ମଚାରୀ ଡମ୍ବରୁଧର ଶବର (୨୫)। ଜୟପାଟଣା ଡାକ୍ତରଖାନାରୁ ଝାଡ଼ାବାନ୍ତି ଆକ୍ରାନ୍ତ ସୁମିତ୍ରାଙ୍କୁ ୧୦୮ ଆମ୍ବୁଲାନ୍ସରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଛି। ସୂଚନା ଅନୁଯାୟୀ, ଆମ୍ବୁଲାନ୍ସ ପଛରେ ସୁମିତ୍ରାଙ୍କ ସମେତ ତାଙ୍କ ସ୍ୱାମୀ, ପୁଅ ଓ ନାତୁଣୀ ବସିଥିଲେ। ମହିଚଲା ମଣ୍ଡି ନିକଟରେ ଆମ୍ବୁଲାନ୍ସ ଦୁର୍ଘଟଣା ହେବାରୁ ଗୁରୁତର ସୁମିତ୍ରା ଓ ଡମ୍ବରୁଧରଙ୍କୁ ପ୍ରଥମେ ଜୁନାଗଡ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର ସୁମିତ୍ରାଙ୍କୁ ମୃତ ଘୋଷଣା କରିଥିବାବେଳେ ହେଲପରଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଡମ୍ବରୁଧରଙ୍କ ମୃତ୍ୟୁ ଘଟିଥିଲା। ଦୁର୍ଘଟଣାରେ ମୃତ ସୁମିତ୍ରାଙ୍କ ସ୍ୱାମୀ ଶଙ୍କର ଦୁର୍ଗା ମଧ୍ୟ ଆହତ ହୋଇଛନ୍ତି।







# ସ୍କୁଲରେ ସିସି କ୍ୟାମେରା ବାଧ୍ୟତାମୂଳକ

## ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର, ୧୭।୧୦(ବ୍ୟୁରୋ)**

ରାଜ୍ୟର ସମସ୍ତ ସରକାରୀ ସ୍କୁଲରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବାକୁ ସୋମବାର ଗଣଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଘରୋଇ ସ୍କୁଲରେ ଯେପରି ସୁରକ୍ଷା ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯାଉଛି ସେଭଳି ଢଙ୍ଗରେ ମଧ୍ୟ ସରକାରୀ ସ୍କୁଲରେ ସୁରକ୍ଷା ବ୍ୟବସ୍ଥା ଲାଗୁ କରାଯିବ। ପୂର୍ବରୁ ଏନେଇ ଅନେକଥର ନିର୍ଦ୍ଦେଶ ଦିଆଯାଇଥିଲେ ମଧ୍ୟ ତାହା ଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରି ନ ଥିଲା। ଅର୍ଥ ଅଭାବ ଦର୍ଶାଇ କିଛି ସ୍କୁଲ କର୍ତ୍ତୃପକ୍ଷ ନିୟମକୁ ଅବମାନନା କରୁଥିବାବେଳେ ଅନେକ ସ୍କୁଲ ଭିତ୍ତିଭୂମି ନ ଥିବା ଦର୍ଶାଇ ନିର୍ଦ୍ଦେଶକୁ ପାଳନ କରିନାହାନ୍ତି। ଏଣିକି ପିଲାଙ୍କୁ ଜଗିବା ଲାଗି ସବୁ ସ୍କୁଲରେ ସିସି କ୍ୟାମେରା ବାଧ୍ୟତାମୂଳକ କରାଯିବ। ଅନ୍ତତଃ ସବୁ ସ୍କୁଲର ମୁଖ୍ୟ ଫାଟକ ପାଖରେ ଗୋଟିଏ ସିସି କ୍ୟାମେରା ଲଗାଇବାକୁ କୁହାଯାଇଛି। ପ୍ରତିଦିନ କେତେ ପିଲା ସ୍କୁଲ ଆସୁଛନ୍ତି ଏବଂ କେଉଁ ପିଲା ଅନୁପସ୍ଥିତ ରହୁଛନ୍ତି ତାହା ସ୍ପଷ୍ଟ ଭାବେ ଜଣାପଡ଼ିବ। ଏ ନେଇ ଯାହା ଖର୍ଚ୍ଚ ହେବ ତାହା ସମଗ୍ର ଶିକ୍ଷା ଯୋଜନାରୁ ବ୍ୟୟ କରାଯିବ। ତେବେ ରାଜ୍ୟର ସବୁ ସ୍କୁଲରେ ସିସି କ୍ୟାମେରା ଲଗାଇବା ନିଷ୍ପତ୍ତିକୁ ସବୁ ସ୍ତରରେ ସ୍ୱାଗତ କରାଯାଇଛି। ଆସନ୍ତା ୨ମାସ ମଧ୍ୟରେ ଏହି ସୁବିଧା କାର୍ଯ୍ୟକାରୀ କରାଯିବ ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି।

ବର୍ତ୍ତମାନ ରାଜ୍ୟରେ ୬୭,୮୭୨ଟି ସରକାରୀ ସ୍କୁଲ ରହିଛି। ଯେଉଁ ସ୍କୁଲରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୫ଟି ଶ୍ରେଣୀ କକ୍ଷ ରହିଛି ବା ପ୍ରଥମରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ୭ଟି ଶ୍ରେଣୀ କକ୍ଷ ଥିବା ସ୍କୁଲରେ ଗୋଟିଏ ଲେଖାଏ ସିସି କ୍ୟାମେରା ଲଗାଇବାକୁ ନିଷ୍ପତ୍ତି ହୋଇଛି। ସେହିପରି ପ୍ରଥମରୁ ଅଷ୍ଟମ ଏବଂ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଶ୍ରେଣୀ କକ୍ଷ ଥିବା ସ୍କୁଲରେ ୨ଟି ଲେଖାଏ ସିସି କ୍ୟାମେରା ଲଗାଯିବାର ବ୍ୟବସ୍ଥା କରାଯିବ। ପ୍ରତ୍ୟେକ ମାସର ପ୍ରଥମ ସପ୍ତାହରେ ଗତ ମାସର କ୍ୟାମେରାର ରେକର୍ଡିଂ ସ୍କୁଲ ପ୍ରଧାନ ଶିକ୍ଷକ ବ୍ଲକଶିକ୍ଷା ଅଧିକାରୀଙ୍କୁ ପ୍ରଦାନ କରିବେ। ଫଳରେ ରାଜ୍ୟର ସବୁ ସ୍କୁଲର ଦୈନନ୍ଦିନର କ୍ୟାମେରା ରେକର୍ଡିଂ ବିଭାଗ ପାଖରେ ରହିବ। ଆବଶ୍ୟକ ସମୟରେ ସେସବୁ ଯାଞ୍ଚ କରାଯିବ। ତେବେ ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୫୮ହଜାର ୮୯ଟି ପ୍ରାଥମିକ ଏବଂ ଉଚ୍ଚପ୍ରାଥମିକ ସ୍କୁଲରେ ସିସି କ୍ୟାମେରା ଲଗାଯିବ। ପ୍ରଥମ ପର୍ଯ୍ୟାୟରେ ସିସି କ୍ୟାମେରା ବାବଦରେ ୮କୋଟି ୭୧ଲକ୍ଷ ୩୩ହଜାର ୫ଶହ ଟଙ୍କା ଖର୍ଚ୍ଚ ହେବ। ଯେଉଁ ସ୍କୁଲରେ ଏହି ବ୍ୟବସ୍ଥା ନ ଥିବା ଜଣାପଡ଼ିବ ସେହି ସ୍କୁଲ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଭାଗ ପକ୍ଷରୁ ଜଣାପଡ଼ିଛି।



ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସୋମବାର ଆୟୋଜିତ କାର୍ଯ୍ୟକ୍ରମରେ ଦଶମ ଓ ଦ୍ୱାଦଶ ପରୀକ୍ଷାରେ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖିଥିବା ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ଲାପ୍‌ଟପ୍ ବଣ୍ଟନ ଅବସରରେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଓ ଅନ୍ୟମାନେ।

## ଡାହାଣୀ ସନ୍ଦେହରେ ହତ୍ୟା

### ବୃଦ୍ଧାଙ୍କ କ୍ଷତାକ୍ତ ମୃତଦେହ ମିଳିବା ଘଟଣା

**୨ ଅଭିଯୁକ୍ତ ଗିରଫ, ନାବାଳକ ଅଟକ**

**ଠାକୁରମୁଣ୍ଡା, ୧୭।୧୦(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ମହୁଲଡ଼ିହା ଥାନା ଭାଲିଆଡାଳ ପଞ୍ଚାୟତ ଅଧୀନ ବଉଳା ଗ୍ରାମରେ ଗତ ୧୧ ତାରିଖରେ ଜୟରାମ ପୂର୍ତ୍ତିଙ୍କ ସ୍ତ୍ରୀ ସୁନେଇ(୬୨)ଙ୍କ କ୍ଷତାକ୍ତ ମୃତଦେହ ଘର ବାହାରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ଡାହାଣୀ ସନ୍ଦେହରେ ତାଙ୍କ ମୁଣ୍ଡକୁ କୁରାଢିରେ ଛେଚି ହତ୍ୟା କରାଯାଇଥିବା ପୋଲିସ ଜାଣିବା ପରେ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ କରି ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏହାସହ ଜଣେ ନାବାଳକଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ଅଭିଯୁକ୍ତଦ୍ୱୟ ହେଲେ ଝରଝରି ଗ୍ରାମର ମାନକୀ ମୁଣ୍ଡରୀ ଓ କାଣ୍ଡେ ହେମ୍ବ୍ରମ। ସୋମବାର ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟଚାଲାଣ କରାଯାଇଛି।

ପୋଲିସ ସୂଚନା ଅନୁଯାୟୀ, ୩ ଅଭିଯୁକ୍ତ ସୁନେଇଙ୍କୁ ଡାହାଣୀ ସନ୍ଦେହ କରି ଆସୁଥିଲେ ଓ ଜୀବନରୁ ଶେଷ କରିବାକୁ ସେମାନେ ଯୋଜନା କରିଥିଲେ। ଘଟଣା ଦିନ ସ୍ୱାମୀ ଜୟରାମ ଭାଲିଆଡାଳ ପଞ୍ଚାୟତ କାର୍ଯ୍ୟାଳୟକୁ ଭତ୍ତା ପାଇଁ ଆସି ସେଠାକାର ଜଣେ ସମ୍ପର୍କୀୟଙ୍କ ଘରେ ରହିଯାଇଥିଲେ। ଏହି ସୁଯୋଗରେ ୩ ଅଭିଯୁକ୍ତ ସେହିଦିନ ରାତିରେ ତାଙ୍କ ଘରକୁ ଆସି ଏକ କୁରାଢ଼ିରେ ସୁନେଇଙ୍କ ମୁଣ୍ଡକୁ ଛେଚି ହତ୍ୟା କରି ପଳାଇ ଯାଇଥିଲେ। ଏକ ମାମଲା(ନଂ.୬୩/୨୨)ରୁଜୁହୋଇଛି।

## ପୂର୍ବତନ ପୋଷ୍ଟମାଷ୍ଟର ଗିରଫ

### ଜମାକାରୀଙ୍କ ଅର୍ଥ ଆତ୍ମସାତ ମାମଲା

**ଅଭିଯୋଗ ତାଲିକା ବଢ଼ୁଛି**


ଗିରଫ ଅଭିଯୁକ୍ତ

**ପାଟଣା,୧୭।୧୦(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ମୁଖ୍ୟାଳୟ ପୋଷ୍ଟ ଅଫିସ୍‌ର ଟଙ୍କା ଆତ୍ମସାତ ମାମଲାରେ ପାଟଣା ପୋଲିସ ପୂର୍ବତନ ପୋଷ୍ଟମାଷ୍ଟରଙ୍କୁ ଗିରଫ କରିଛି। ସେ ହେଲେ ମୃଷାଖରୀ ଗ୍ରାମର ବୀରବର ପାତ୍ର(୫୨)। ପୋଲିସ ସୋମବାର ତାଙ୍କୁ କୋର୍ଟଚାଲାଣ କରିଛି। ପୂର୍ବରୁ ଆର୍ଥିକ ଅନିୟମିତତା ଅଭିଯୋଗରେ ସେ ନିଲମ୍ବିତ ହୋଇଥିଲେ।

ପୋଲିସ ସୂଚନା ଅନୁଯାୟୀ, ମୁଖ୍ୟାଳୟ ପୋଷ୍ଟ ଅଫିସର ୨ ଜମାକାରୀ ପାର୍ବତୀରାଣୀ ବେଜ ଓ ସନ୍ତୋଷ ପଟେଲ ସେମାନଙ୍କ ୧ ଲକ୍ଷ ୯୧ ହଜାର ୪୩୦ ଟଙ୍କା ହଡ଼ପ ହୋଇଥିବା ପୋଷ୍ଟାଲ ସୁପରିଣ୍ଟେଣ୍ଡେଣ୍ଟଙ୍କ ନିକଟରେ ଅଭିଯୋଗ କରିଥିଲେ। ତଦନ୍ତ ପରେ ଅଭିଯୋଗ ସତ୍ୟାସତ୍ୟ ଜଣାପଡ଼ିବା ପରେ ଘଟଗାଁ ସବ୍‌ଡିଭିଜନ ପୋଷ୍ଟାଲ ଇନ୍ସପେକ୍ଟର ପ୍ରବୀଣ କୁମାର ପାଟଣା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏ ନେଇ ପାଟଣା ପୋଲିସ ଏକ ମାମଲା(ନଂ.୨୨୩/୨୨) ରୁଜୁକରି ତଦନ୍ତ ଚଳାଇଥିଲା ବୋଲି ଥାନାଧିକାରୀ ମନୋରଞ୍ଜନ ପ୍ରଧାନ କହିଛନ୍ତି। ଏ ନେଇ କେନ୍ଦୁଝର ପୋଷ୍ଟାଲ ସୁପରିଣ୍ଟେଣ୍ଡେଣ୍ଟ ହରିହର ନାଏକ କହିଛନ୍ତି ଯେ, ସମ୍ପୃକ୍ତ କର୍ମଚାରୀଙ୍କୁ ଆର୍ଥିକ ଅନିୟମିତତା ଓ ଜମାକାରୀଙ୍କ ଅର୍ଥ ଆତ୍ମସାତ ଅଭିଯୋଗରେ ୨ ମାସ ପୂର୍ବରୁ ନିଲମ୍ବନ କରାଯାଇଛି। ଆଉ କେଉଁ କେଉଁ ବ୍ୟକ୍ତି ଠକେଇର ଶିକାର ହୋଇଛନ୍ତି, ସେମାନେ ସୂଚନା ଦେବାକୁ ବିଜ୍ଞପ୍ତି ଦିଆଯାଇଛି। ବୀରବରଙ୍କ ଗିରଫ ଖବର ପାଇ ଠକେଇର ଶିକାର ହୋଇଥିବା ୫ରୁ ଊର୍ଦ୍ଧ୍ୱ ବ୍ୟକ୍ତି ସୋମବାର ଥାନାରେ ପହଞ୍ଚି ଲିଖିତ ଅଭିଯୋଗ କରିଛନ୍ତି। ଏଭଳି ପାଟଣା ଅଞ୍ଚଳରୁ ବିଭିନ୍ନ ଲୋକଙ୍କଠାରୁ ସମ୍ପୃକ୍ତ ଅଭିଯୁକ୍ତ ୩୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଠକି ନେଇଥିବା ଆଲୋଚନା ହେଉଛି।






# ୧୫ ମେଧାବୀ ଦିବ୍ୟାଙ୍ଗ ବିଦ୍ୟାର୍ଥୀଙ୍କୁ ଲାପ୍‌ଟପ୍ ବଣ୍ଟନ

**ଭୁବନେଶ୍ୱର, ୧୭।୧୦(ବ୍ୟୁରୋ)**

ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖିଥିବା ୧୫ଜଣ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ଲାପ୍‌ଟପ୍ ପ୍ରଦାନ କରିଛନ୍ତି। ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପିଲାମାନଙ୍କୁ ଭଲ ପାଠ ପଢ଼ି ସମାଜର ମୁଖ୍ୟସ୍ରୋତରେ ସାମିଲ ହେବା ପାଇଁ ପରାମର୍ଶ ଦେବା ସହିତ ଏମାନଙ୍କୁ ଉତ୍ସାହିତ କରିବାର ଆବଶ୍ୟକତା ରହିଛି ବୋଲି କହିଥିଲେ। ଏହି ଅବସରରେ ଦଶମ ଶ୍ରେଣୀର ୧୩ଜଣ ଓ ଦ୍ୱାଦଶ ଶ୍ରେଣୀର ଦୁଇଜଣ ବିଦ୍ୟାର୍ଥୀ ମନ୍ତ୍ରୀଙ୍କଠାରୁ ଲାପ୍‌ଟପ୍ ଗ୍ରହଣ କରିଥିଲେ। ଏଥିସହ ଜାତୀୟ ସ୍ତରରେ ଉନ୍ନତ ର୍ୟାଙ୍କ୍ ପ୍ରଦର୍ଶନ ପାଇଁ ଗଞ୍ଜାମ ଜିଲା ପୋଲସରାର ହାତୀଓଟସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ତ୍ରିଲୋଚନ ଷଡ଼ଙ୍ଗୀ ଏବଂ ବାରିପଦାର ରାଣୀଭୋଲ ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ବିଭୂତି ଭୂଷଣ ମଣ୍ଡଳଙ୍କୁ ମନ୍ତ୍ରୀ ମାନପତ୍ର ସହ ୨୫ ହଜାର ଟଙ୍କା ପ୍ରଦାନ କରିଥିଲେ। ଏହି ଅର୍ଥ ସମ୍ପୃକ୍ତ ବିଦ୍ୟାଳୟ ଦୁଇଟିର ସାମଗ୍ରିକ ବିକାଶରେ ବିନିଯୋଗ କରାଯିବ।

ରାଜ୍ୟ ଶିକ୍ଷା ଉପଦେଷ୍ଟା ଉପେନ୍ଦ୍ର ତ୍ରିପାଠୀ, ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପ୍ରକଳ୍ପ ନିର୍ଦ୍ଦେଶକ ସଂଗ୍ରାମ କେଶରୀ ମହାପାତ୍ର, ମାଧ୍ୟମିକ ଶିକ୍ଷା ବୋର୍ଡ ସଭାପତି ରାମାଶିଷ ହାଜରା, ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କର ଅଧିକାରୀଙ୍କ ସମେତ ବିଭାଗୀୟ ବରିଷ୍ଠ ପଦାଧିକାରୀବୃନ୍ଦ ଉପସ୍ଥିତ ଥିଲେ। ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ସାହା ସ୍ୱାଗତ ଭାଷଣ ଓ ଅତିରିକ୍ତ ନିର୍ଦ୍ଦେଶକ ସରୋଜ କୁମାର ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ।

## ୭୧୧ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ, ୨ ଗିରଫ

**ଢେଙ୍କାନାଳ ଅଫିସ, ୧୭।୧୦:** ରାଜ୍ୟ ଅବକାରୀ ବିଭାଗ ଫ୍ଲାଇଂ ସ୍କ୍ୱାଡ୍ ଓ ସମ୍ବଲପୁର ଜୋନ୍ ଗୋଇନ୍ଦା ବିଭାଗ ପକ୍ଷରୁ ସୋମବାର ଢେଙ୍କାନାଳ ଜିଲାର ପୃଥକ୍ ସ୍ଥାନରେ ଚଢ଼ାଉ କରାଯାଇ ୭୧୧ ଗ୍ରାମ୍ ବ୍ରାଉନ୍‌ସୁଗାର ଏବଂ ଏକ ବାଇକ୍ ଜବତ କରାଯାଇଛି। ଏହି ଘଟଣାରେ ଭଦ୍ରକ ନରିପୁର ଅଞ୍ଚଳର ନିଶା ବ୍ୟବସାୟୀ ପ୍ରଶାନ୍ତ ବେହେରା ଏବଂ ଢେଙ୍କାନାଳର ରଣଜିତ୍ ରାଉତ ଓରଫ କାଳିଆଙ୍କୁ ଗିରଫ କରାଯାଇଛି। ରଣଜିତ୍‌ଙ୍କଠାରୁ ୨.୫ ଲକ୍ଷ ଟଙ୍କା ଜବତ ହୋଇଛି। ଉକ୍ତ ନିଶାଦ୍ରବ୍ୟ କୋଲକାତାରୁ ଭଦ୍ରକ ଦେଇ ଢେଙ୍କାନାଳରେ ବିକ୍ରି କରିବାକୁ ଅଣାଯାଇଥିଲା। ଗୋଇନ୍ଦା ସୂଚନା ମିଳିବା ପରେ ଅବକାରୀ କମିଶନର ଆଶିଷ ସିଂଙ୍କ ନିର୍ଦ୍ଦେଶରେ ଚଢାଉ କରାଯାଇ ଢେଙ୍କାନାଳ ସହର ତାରିଣୀନଗର ଅଞ୍ଚଳରୁ ୬୮୫ ଗ୍ରାମ ବ୍ରାଉନ୍ ସୁଗାର ଜବତ କରାଯାଇଥିଲା। ରଣଜିତ୍ ନଗଦ ଅଢ଼େଇ ଲକ୍ଷ ଟଙ୍କା ଏବଂ ଏକ ବାଇକ୍ ସହ ଧରାପଡ଼ିଥିଲେ। ସେହିପରି ଭୁବନ ଥାନା ଗଁପୁରସ୍ଥିତ ବାଜି ରାଉତ ମେମୋରିଆଲ କଲେଜ ନିକଟରୁ ୨୬ ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଛି। ଏହି ଘଟଣାରେ ପ୍ରଶାନ୍ତଙ୍କୁ ଗିରଫ କରାଯାଇଛି। ଜବତ ପାଉଡର ମୂଲ୍ୟ ପ୍ରାୟ ୭୧ ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି। ଚଢ଼ାଉରେ ସମ୍ବଲପୁର ଅବକାରୀ ବିଭାଗ ଗୋଇନ୍ଦା ଇନ୍ସପେକ୍ଟର ପ୍ରମୋଦ କୁମାର ପଣ୍ଡା ଏବଂ ରାଜ୍ୟ ଅବକାରୀ ଫ୍ଲାଇଂ ସ୍କ୍ୱାଡ୍ ଇନ୍ସପେକ୍ଟର ରସନିସ୍ ହାଁସଦା ସାମିଲ ହୋଇଥିଲେ।

# ସିପିଏସ୍‌ଇ ପରୀକ୍ଷା ପାଇଁ କ୍ଲାସ୍ ବନ୍ଦ

**ଭୁବନେଶ୍ୱର, ୧୭।୧୦(ବ୍ୟୁରୋ):** ଓଡ଼ିଶା ପୋଲିସ ରିକ୍ରୁଟ୍‌ମେଣ୍ଟ ବୋର୍ଡ ଦ୍ୱାରା ପରିଚାଳିତ କମ୍ବାଇନ୍‌ଡ ପୋଲିସ ସର୍ଭିସ ଏକଜାମିନେଶନ(ସିପିଏସ୍‌ଇ-୨୦୧୯) ଆସନ୍ତା ୩୦ ଓ ୩୧ ତାରିଖରେ ଅନୁଷ୍ଠିତ ହେବ। ୩୦ତାରିଖ ରବିବାର ସକାଳ ସାଢ଼େ ୯ଟାରୁ ଅପରାହ୍ଣ ୪ଟା ଏବଂ ୩୧ତାରିଖ ସୋମବାର ସକାଳ ସାଢ଼େ ୯ଟାରୁ ଅପରାହ୍ଣ ୧୨ଟା ୩୦ ପର୍ଯ୍ୟନ୍ତ ଚାଲିବ। ଏଥିପାଇଁ ୩୦ ଜିଲାର ୪୫ଟି ଶିକ୍ଷାନୁଷ୍ଠାନରେ ପରୀକ୍ଷା ଅନୁଷ୍ଠିତ ହେବ। ୩୧ତାରିଖରେ ଯେଉଁ ଉଚ୍ଚଶିକ୍ଷାନୁଷ୍ଠାନଗୁଡ଼ିକରେ ପରୀକ୍ଷା କେନ୍ଦ୍ର କରାଯାଇଛି ସେଠାରେ କ୍ଲାସ୍ ବନ୍ଦ ରହିବ। ଏ ନେଇ ସୋମବାର ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି। ଏହି ଦୁଇଦିନ ୩୦ ଜିଲାର ୪୫ଟି ଶିକ୍ଷାନୁଷ୍ଠାନରେ ପରୀକ୍ଷା ଅନୁଷ୍ଠିତ ହେବ। ସୂଚନାଯୋଗ୍ୟ, ପ୍ରଥମ ଦିନରେ ପେପର-୧ ଓ ୨ ଥିବାବେଳେ ଦ୍ୱିତୀୟ ଦିନରେ ପେପର-୩ ରହିଛି। ପ୍ରଥମ ଦିନରେ ୨୧,୫୪୩ ଜଣ ଓ ଦ୍ୱିତୀୟ ଦିନରେ ୯,୨୨୬ଜଣ ପରିକ୍ଷାର୍ଥୀ ରହିଛନ୍ତି।






# 'ଇ-ଜଳାଶୟ, ଇ-କ୍ୟାଡ୍' ବ୍ୟବସ୍ଥାର ଶୁଭାରମ୍ଭ

**ଜଳାଶୟର ଅବସ୍ଥିତି ସମ୍ପର୍କରେ ତଥ୍ୟ ମିଳିବ: ମନ୍ତ୍ରୀ**

**ଭୁବନେଶ୍ୱର,୧୭।୧୦(ବ୍ୟୁରୋ)**

ଜଳସମ୍ପଦ ବିଭାଗ ଦୁଇଟି ୱେବ୍‌ ତଥା ମୋବାଇଲ ଆପ୍ଲିକେଶନ ଯଥା 'ଇ-ଜଳାଶୟ' ଏବଂ 'ଇ-କ୍ୟାଡ୍' (ସେଚାଞ୍ଚଳ ଉନ୍ନୟନ) ବ୍ୟବସ୍ଥାର ଶୁଭାରମ୍ଭ ସୋମବାର କରିଛି। ଏହି କାର୍ଯ୍ୟକ୍ରମକୁ ଜଳସମ୍ପଦ ମନ୍ତ୍ରୀ ଟୁକୁନି ସାହୁ ଉଦ୍‌ଘାଟନ କରିଛନ୍ତି।

ରାଜ୍ୟ ଜଳସମ୍ପଦ ବିଭାଗ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ସାହୁ କହିଛନ୍ତି, ପ୍ରତ୍ୟେକ ଜୀବଜଗତ ପାଇଁ ଜଳର ଆବଶ୍ୟକତା ଅଛି। ଓଡ଼ିଶାରେ ପାନୀୟ ଜଳ ସାଙ୍ଗକୁ କୃଷି, ଶିଳ୍ପ ଆଦି ପ୍ରତ୍ୟେକ କ୍ଷେତ୍ରରେ ଜଳର ଆବଶ୍ୟକତା ପୂରଣ କରିବାକୁ ରାଜ୍ୟ ସରକାର ସବୁବେଳେ ଗୁରୁତ୍ୱ ଦେଉଛନ୍ତି। ଆମ ରାଜ୍ୟରେ ବୃହତ୍, ମଧ୍ୟମ, କ୍ଷୁଦ୍ର ଜଳସେଚନ ଓ ବ୍ୟାରେଜ୍ ଆଦି ବ୍ୟବସ୍ଥାରେ ବିଭିନ୍ନ ଜଳଭଣ୍ଡାରରେ ଯେତିକି ପରିମାଣର ଜଳ ସଞ୍ଚୟ ହୋଇ ରହୁଛି ସେସବୁକୁ ଚାଷୀଙ୍କ ଆବଶ୍ୟକତା ସମୟରେ ଯେପରି ଠିକ୍ ସମୟରେ ପହଞ୍ଚିପାରିବ ସେଥିପ୍ରତି ପ୍ରାଥମିକତା ଦେବାର ଅଛି। ଇ-ଜଳାଶୟ ପୋର୍ଟାଲ ଯୋଗୁ ରାଜ୍ୟର ବିଭିନ୍ନ ଜିଲା, ବ୍ଲକ, ଗ୍ରାମପଞ୍ଚାୟତ ଓ ଗ୍ରାମସ୍ତରରେ ଥିବା ବିଭିନ୍ନ ଜଳାଶୟର ଅବସ୍ଥିତି, ଜଳଧାରଣର କ୍ଷମତା ସମ୍ପର୍କରେ ତଥ୍ୟ ଜଣାଯିବ। ଏହା ସହିତ ଜଳ ସଞ୍ଚୟର ସ୍ଥିତିକୁ ଦେଖି ସେହି ଅନୁସାରେ ବିନିଯୋଗ କରାଯାଇପାରିବ ବୋଲି ସେ କହିଛନ୍ତି। ସେହିପରି ଜଳ ସୁପରିଚାଳନାରେ ପ୍ରମୁଖ ଭୂମିକା ନିର୍ବାହ କରୁଥିବା ରାଜ୍ୟର ପ୍ରାୟ ୩୭ ହଜାର ପାଣି ପଞ୍ଚାୟତର ସ୍ଥିତି, ସେସବୁର ପରିଚାଳନା ଓ କାର୍ଯ୍ୟ ସମ୍ପର୍କରେ ସଦ୍ୟତମ ତଥ୍ୟ ଉପଲବ୍ଧ ହେବାରେ ଇ-କ୍ୟାଡ୍ ବ୍ୟବସ୍ଥା ଏକ ପ୍ରମୁଖ ଡାଟାବେସ୍ ଭାବେ ସହାୟତା ଯୋଗାଇଦେବ। କାର୍ଯ୍ୟକ୍ରମରେ ଜଳସମ୍ପଦ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କହିଛନ୍ତି, ରାଜ୍ୟରେ ଜଳସମ୍ପଦର ବିକାଶ ଓ ଜଳସେଚନର ସୁବିଧା ପାଇଁ ୫-ଟି ଉପକ୍ରମର ବ୍ୟବହାର କରାଯାଉଛି। ଇ-ଜଳାଶୟ ପୋର୍ଟାଲରେ ଜଳସମ୍ପଦ ବିଭାଗ ଅଧୀନରେ ଥିବା ବିଭିନ୍ନ ବ୍ୟବସ୍ଥାରେ ରାଜ୍ୟର ପ୍ରାୟ ୧୯ ହଜାର ଜଳାଶୟର ଜଳଭଣ୍ଡାର ସମ୍ପର୍କରେ ତଥ୍ୟ ଉପଲବ୍ଧ ହୋଇଥିବା ଗର୍ଗ କହିଛନ୍ତି। ଆଗାମୀ ଦିନରେ ଜଳସେଚନ ପରିଚାଳନା, ବିଭିନ୍ନ ପ୍ରକଳ୍ପ ପରିଚାଳନା ଓ ଜଳବାୟୁ ପୂର୍ବାନୁମାନ ସ୍ଥିତିକୁ ଦେଖି ବିଭାଗରେ ମୋଡ୍ୟୁଲମାନ ପ୍ରସ୍ତୁତ କରାଯାଉଥିବା ସମ୍ପର୍କରେ ଗର୍ଗ ସୂଚନା ଦେଇଛନ୍ତି। ଏହି ଅବସରରେ ବିଭାଗ ତରଫରୁ ଏକ ପତ୍ରିକା ଇ-କ୍ୟାଡ୍ ଉନ୍ମୋଚନ କରାଯାଇଛି।




ଆମେ ନିଜକୁ ଭାଗ୍ୟବାନ୍ ମନେକରିବା ଉଚିତ । କାରଣ, ଭଗବାନ୍ ଆମକୁ ସବଳ ବାହୁ ଯୁଗଳ ଦେଇଛନ୍ତି । ଏବଂ ତାହାରି ବଳରେ ଆମେ ଯାହା କିଛି ସୁନ୍ଦର, ମଙ୍ଗଳମୟ ଓ ସତ୍ୟ– ସେସବୁକୁ ଧ୍ୱଂସ ବା ବିପଦ ମୁଖରୁ ରକ୍ଷା କରିବାକୁ ସମର୍ଥ ହେବା । –ଶ୍ରୀମା



# ଡଙ୍ଗା ବୁଡୁଛି

ବ୍ରିଟେନରେ ରାଜନୈତିକ ଅସ୍ଥିରତା ଏବେ ଆର୍ଥିକ ସଙ୍କଟ ଆଣି ଦେଇଛି । ପାଉଣ୍ଡ ଷ୍ଟର୍ଲିଂର ମୂଲ୍ୟ କମିବାରେ ଲାଗିଛି । ରୁଷିଆ–ୟୁକ୍ରେନ୍ ଯୁଦ୍ଧ ଯୋଗୁ ଶକ୍ତି କ୍ଷେତ୍ର ଘୋର ପ୍ରଭାବିତ ହୋଇ ଏହାର ମୂଲ୍ୟବୃଦ୍ଧି ଘଟାଇଛି । ଏଥିସହିତ ମୁଦ୍ରାସ୍ଫୀତି ଓ ଟିକସ ହ୍ରାସ ନୀତି ଆର୍ଥିକ ବଜାରରେ ବିପର୍ଯ୍ୟୟ ସୃଷ୍ଟି କଲାଣି । ନିକଟରେ ଲିଜ୍ ଟ୍ରସ ନୂଆ ପ୍ରଧାନମନ୍ତ୍ରୀ ହେବା ପରେ ଆଶା କରାଯାଉଥିଲା ଆର୍ଥିକ ସ୍ଥିତିରେ ସୁଧାର ଆସିବ । କିନ୍ତୁ ତାହା ଓଲଟା ଫଳ ଦେଇଛି । ଟିକସ ହ୍ରାସ କରିବା ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଥିଲେ ମଧ୍ୟ ତାହାକୁ ପରିଚାଳନା କରିବାରେ ବିଫଳ ହେଲେ । ଏପରିକି ତାଙ୍କ ଘନିଷ୍ଠ ବନ୍ଧୁ କ୍ୱାସି କ୍ୱାର୍ଟେଙ୍ଗଙ୍କୁ ଅର୍ଥମନ୍ତ୍ରୀ ପଦରୁ ହଟାଇଦେଲେ । ଅର୍ଥମନ୍ତ୍ରୀଙ୍କୁ ମନ୍ତ୍ରିମଣ୍ଡଳରୁ ବାହାର କରିଦେବା ପରେ ଏବେ ତାଙ୍କ ପାଳି ପଡ଼ିଗଲାଣି ବୋଲି ବିଶେଷଜ୍ଞମାନେ ମତ ଦେଲେଣି । ଆଲୋଚନା ଆରମ୍ଭ ହେଲାଣି ଲିଜ୍ ଟ୍ରସ୍‌ଙ୍କ ପ୍ରତିଦ୍ୱନ୍ଦ୍ୱୀ ଭାରତୀୟ ବଂଶୋଦ୍ଭବ ଋଷି ସୁନକ ବ୍ରିଟେନ୍‌ର ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ହୋଇପାରନ୍ତି । ବିଶେଷଜ୍ଞ ଯାହା କହୁଛନ୍ତି ଯଦି ଟ୍ରସ୍ ଇସ୍ତଫା ଦିଅନ୍ତି, ତେବେ ବ୍ରେକ୍‌ଜିଟ୍ ପରେ ସେ ହେବେ ୪ର୍ଥ ପ୍ରଧାନମନ୍ତ୍ରୀ ଯିଏ ବିଦାୟ ନେବେ । ଉଲ୍ଲେଖଯୋଗ୍ୟ ଯେ, ବ୍ରିଟେନ ୨୦୧୬ରେ ୟୁରୋପୀୟ ସଂଘରୁ ବାହାରି ଆସିବା ପରେ ଡେଭିଡ୍ କାମେରୁନ୍‌ଙ୍କ ପରେ ଥେରେସା ମେ ଓ ବୋରିସ୍ ଜନସନ୍ ଗାଦିଚ୍ୟୁତ ହୋଇଥିବା ବେଳେ ଲିଜ୍ ଟ୍ରସ୍‌ଙ୍କ ମୁଣ୍ଡ ଉପରେ ଏବେ ଡେମୋକ୍ଲିସ ଖଣ୍ଡା ଝୁଲୁଛି ।

ବ୍ରିଟେନ୍‌ର ସ୍ଥିତି ଦେଖିଲେ ରାଜନୈତିକ ଓ ଅର୍ଥନୈତିକ କାରଣ ପରସ୍ପର ସହ ହାତ ଧରାଧରି ହୋଇ ବିଫଳତା ଆଡ଼କୁ ଗମନ କରିଛନ୍ତି । ଅର୍ଥାତ୍ ବ୍ରେକ୍‌ଜିଟ୍ ଯୋଗୁ ବ୍ରିଟେନ୍ ଆର୍ଥିକ ଦୁଃସ୍ଥିତିର ସମ୍ମୁଖୀନ ହୋଇଥିଲା । କୁହାଯାଉଥିଲା ବ୍ରିଟେନ୍ ଏଭଳି ଏକ ସାମ୍ରାଜ୍ୟ ଯେଉଁଠାରେ କଦାପି ସୂର୍ଯ୍ୟାସ୍ତ ହୁଏ ନାହିଁ । ଅର୍ଥାତ୍ ଅସଂଖ୍ୟ ରାଷ୍ଟ୍ର ଉପରେ ରାଜୁତି କରିଥିବା ଇଂଲିଶ ଲୋକଙ୍କ ବିଚକ୍ଷଣ ବୁଦ୍ଧି ଯୋଗୁ ସେମାନଙ୍କୁ ଏକ ବଣିକ ଜାତି ବୋଲି ମଧ୍ୟ କୁହାଯାଉଥିଲା । ବ୍ରେକ୍‌ଜିଟ୍ ପରେ ତାହା ଏକ ଦ୍ୱୀପ ରାଷ୍ଟ୍ର ଭାବେ ପରିଚିତ ହେଉଛି । ଆଜିର ଜଗତୀକରଣ ଅର୍ଥନୀତିରେ ଯେଉଁ ରାଷ୍ଟ୍ର ଅନ୍ତର୍ଜାତୀୟ ବଜାରର ଗତି ସହ ନିଜକୁ ଖାପ ଖୁଆଇ ଆଗେଇ ପାରିବ ନାହିଁ, ସେହି ଦେଶ ପଛରେ ପଡ଼ିଯିବା ଅବଶ୍ୟମ୍ଭାବୀ । ବ୍ରିଟେନ ଆଜି ସେହିଭଳି ସମସ୍ୟା ଦେଇ ଗତି କରୁଛି । ଏହି ପ୍ରେକ୍ଷାପଟରେ ଭାରତ କଥା ଦେଖିଲେ ଏହାର ଆର୍ଥିକ ସ୍ଥିତି ମଧ୍ୟ ଦୁର୍ବଳ ହେବାରେ ଲାଗିଛି । ଫଳରେ ଦେଶବାସୀ ହଇରାଣ ହରକତ ହେଉଛନ୍ତି । ଆମେରିକୀୟ ଡଲାର ତୁଳନାରେ ଭାରତୀୟ ମୁଦ୍ରାର ମୂଲ୍ୟ ହ୍ରାସ ପାଇ ୧୭ ଅକ୍ଟୋବରରେ ୮୨ ଟଙ୍କା ୧୬ ପଇସା ଅତିକ୍ରମ କରିଛି । କିନ୍ତୁ ଦେଶର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଆମେରିକା ରାଜଧାନୀ ୱାଶିଂଟନ ଡିସିରେ ଗତ ସପ୍ତାହରେ ସେଠାରେ ଅବସ୍ଥାପିତ ଭାରତୀୟ ଖବରଦାତାମାନଙ୍କୁ ଏ ସଂକ୍ରାନ୍ତରେ ସୂଚନା ଦେବାକୁ ଯାଇ କହିଥିବା ବିଷୟ ଏବେ ହାସ୍ୟାସ୍ପଦ ସ୍ଥିତି ସୃଷ୍ଟି କରିଛି । ସେ ସଫେଇ ଦେବାକୁ ଯାଇ କହିଥିଲେ, ଭାରତୀୟ ମୁଦ୍ରା ଦୁର୍ବଳ ହେଉଛି, କାରଣ ଡଲାର ଅଧିକ ଶକ୍ତିଶାଳୀ ହେବାରେ ଲାଗିଛି । ପୃଥିବୀର ଅନ୍ୟାନ୍ୟ ଉଦୀୟମାନ ଅର୍ଥନୀତିଠାରୁ ଭାରତୀୟ ଅର୍ଥ ବ୍ୟବସ୍ଥା ଉତ୍ତମ ପ୍ରଦର୍ଶନ କରୁଥିବା ବିଷୟ ସେ ଉଲ୍ଲେଖ କରିଥିଲେ । ସେ ଆହୁରି କହିଥିଲେ ଯେ, ଭାରତୀୟ ମୁଦ୍ରାର ଅସ୍ଥିର ପ୍ରକୃତିକୁ ନିୟନ୍ତ୍ରଣକୁ ଆଣିବା ଲାଗି ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ) କାର୍ଯ୍ୟ କରୁଛି । ଏଠାରେ କୁହାଯାଇପାରେ ଯେ ବିଗତ ୫ ମାସ ମଧ୍ୟରେ ଏହି ଶୀର୍ଷ ବ୍ୟାଙ୍କ ୪ ଥର ରେପୋ ରେଟ୍ ବଢ଼ାଇବା ଦ୍ୱାରା ଋଣଗ୍ରହୀତା ସର୍ବାଧିକ କ୍ଷତିରେ ପଡ଼ିଛନ୍ତି । ଅନ୍ୟପକ୍ଷରେ ସାଧାରଣ ଲୋକ ବ୍ୟାଙ୍କରେ କମ୍ ସୁଧ ହାର ମିଳୁଥିବା ଉପଲବ୍ଧି କରିବା ପରେ ଜମା କରିବାକୁ ଅମଙ୍ଗ ହେଲାଣି । ସର୍ବୋପରେ ବ୍ୟାଙ୍କଗୁଡ଼ିକରେ ନଗଦ ଅର୍ଥର ଅଭାବ ପରିଲକ୍ଷିତ ହେଉଥିବା ବେଳେ ଅର୍ଥମନ୍ତ୍ରୀ ସୀତାରାମନ ଦେଶର ଆର୍ଥିକ ଅବସ୍ଥା ଭଲ ଅଛି ବୋଲି କହୁଛନ୍ତି । ଓଡ଼ିଆରେ ଢଗ ଅଛି– ‘ଅଜାଗାରେ ବଥ ହେଲେ କହନ୍ତି ଛାଇ ହୋଇଛି’ । ନେତୃତ୍ୱ ନେଉଥିବା ବ୍ୟକ୍ତିମାନେ ଆଜି ଜନସାଧାରଣଙ୍କୁ ବୋକା ବୋଲି ଧରିନେଲେଣି । ଏହାର କାରଣ ପରିବର୍ତ୍ତନ ଆଣିବା ପାଇଁ ଯେଉଁ ପ୍ରତିକ୍ରିୟା ଦରକାର ପଡ଼ିଥାଏ, ତାହାର ଏଠାରେ ଘୋର ଅଭାବ ଦେଖାଦେଇଛି ।

ଏବର ସ୍ଥିତିରେ ବ୍ରିଟେନ ଓ ଭାରତର ଅର୍ଥନୀତି ସମାନ ଭାବେ କ୍ଷତିଗ୍ରସ୍ତ ହେଉଥିବା ଦୃଶ୍ୟମାନ ହେଉଛି । କିନ୍ତୁ ବ୍ରିଟେନ୍ କ୍ଷେତ୍ରରେ ଯେଉଁ ସକାରାତ୍ମକ ଦିଗ ରହିଥିବା ଲକ୍ଷ୍ୟ କରାଯାଉଛି, ଭାରତ ପରିପ୍ରେକ୍ଷୀରେ ତାହାର କାଣିଚାଏ ଆଭାସ ମିଳୁନାହିଁ । ଅର୍ଥାତ୍ ଆର୍ଥିକ ସ୍ଥିତି ବିଗିଡ଼ି ଯାଉଥିବା ଦେଖି ସେଠାକାର ଆଇନ ପ୍ରଣେତାମାନେ ପ୍ରଧାନମନ୍ତ୍ରୀ ଭଳି ପଦକୁ ବାରମ୍ବାର ବଦଳାଇବାକୁ କୁଣ୍ଠାବୋଧ କରୁନାହାନ୍ତି । ତାହା କିଭଳି ସମ୍ଭବପର ସେ ବିଷୟରେ ହୁଏତ ସାଧାରଣ ଭାରତୀୟ ଚିନ୍ତା କରୁନାହିଁ । ବ୍ରିଟେନ ଭଳି ଦେଶରେ ସାଂସଦମାନେ ଦଳର ଆଭିମୁଖ୍ୟ ଓ ନୀତିକୁ ନେଇ ଜିତିଥିବା ହେତୁ ପ୍ରତ୍ୟେକଟି ନିର୍ବାଚିତ ବ୍ୟକ୍ତି ଦେଶର ମଙ୍ଗଳ ଚିନ୍ତା କରିବାର ସତ୍‌ସାହସ ରଖିପାରୁଛି ବୋଲି ବୁଝାପଡୁଛି । ସେଥିପାଇଁ ଲାଗଲାଗ ପ୍ରଧାନମନ୍ତ୍ରୀ ପରିବର୍ତ୍ତନ କରିବାକୁ ସାଂସଦମାନଙ୍କର କ୍ଷମତା ରହୁଛି । ଏହା ତୁଳନାରେ ଭାରତରେ ଗଣତନ୍ତ୍ର ଅତ୍ୟନ୍ତ ବିଚିତ୍ର । ଏଠାରେ ଦେଶରେ ମଙ୍ଗଳ ଆଣିପାରୁଥିବା ଦଳଗୁଡ଼ିକର ଅର୍ଥନୈତିକ ଆଭିମୁଖ୍ୟ ବା ନୀତିର ଅଭାବ ଯୋଗୁ ନେତା ନାମରେ ଜିତିବା ସମ୍ଭବପର ହେଉଛି । ସେଥିପାଇଁ ନେତା ଯେତେ ବିକୃତ ମାନସିକତା ପ୍ରଦର୍ଶନ କଲେ ମଧ୍ୟ ତାଙ୍କୁ ବଦଳାଇବାକୁ ସାଂସଦମାନଙ୍କ ଜୁ ନାହିଁ । ଏଠାରେ ଆଇନ ପ୍ରଣେତାମାନେ ଅଧସ୍ତନ ଭୂମିକା ନିର୍ବାହ କରୁଥିବାରୁ ସ୍ୱଚ୍ଛତା ଆସିପାରୁ ନାହିଁ । ବୁଡ଼ିଯାଉଥିବା ଡଙ୍ଗା ବିଷୟରେ ଜାଣି ଯେଉଁମାନେ ତତ୍‌କ୍ଷଣାତ୍ ପଦକ୍ଷେପ ନେବାକୁ ଆଗେଇ ଆସିଥାଆନ୍ତି, ସେମାନଙ୍କର ବର୍ତ୍ତିଯିବାର ଆଶା ସଞ୍ଚାର ହୋଇଥାଏ । କିନ୍ତୁ ଡଙ୍ଗାରେ ପାଣି ପଶି ବୁଡ଼ିବା ଅବସ୍ଥାକୁ ଆସିଯାଇଥିଲେ ମଧ୍ୟ ଯେଉଁମାନେ ବାହୁସ୍ଫୋଟ ମାରିଥାଆନ୍ତି ସେମାନଙ୍କ ଅବସ୍ଥା କ’ଣ ହୋଇଥାଏ ସହଜରେ ଅନୁମେୟ । ବିଟ୍ରେନ୍ ସତର୍କ ହେଉଥିବା ବେଳେ ଭାରତ ନିଜ ତ୍ରୁଟି ଲୁଚାଇବାକୁ ଚେଷ୍ଟାକରି ଡଙ୍ଗା ବୁଡ଼ିବା ପର୍ଯ୍ୟନ୍ତ ଅପେକ୍ଷା କରୁଛି ।



# ମାଧବବାବୁଙ୍କ ଠିକା ଚାକିରି

ଶୁଭନାରାୟଣ ଶତପଥୀ

ସାଙ୍ଗମାନଙ୍କ ମେଳିରେ ମାଧବବାବୁ କହୁ କହୁ କହିପକାଇଲେ ଯେ ବୁଝିଲ ସାଙ୍ଗ, ମୋ ଭଳି ବୋକା ଦୁନିଆରେ ନାହିଁ । ଠିକା ଚାକିରି ଅର୍ଥାତ୍ ଏକ ନିର୍ଦ୍ଦିଷ୍ଟ ସମୟ ଅବଧି ପାଇଁ ଚୁକ୍ତିକରି ଆଜି ଯାଏଁ କାମ କରୁଛି ଆଉ ଏବେ କପାଳରେ ହାତ ମାରୁଛି ମୋର ଚାକିରିଟା କାହିଁ ସ୍ଥାୟୀ ହେଉନାହିଁ । ସାଙ୍ଗ ଜଣକ କହିଲେ, ହଇରେ ମାଧିଆ ତୁ ତ ଚାକିରି କରିବା ବୋଧହୁଏ ପନ୍ଦର ବର୍ଷ ହେଲାଣି । ତୋ ଠିକାର ଅବଧି କେତେ ଥିଲା କି ? ମୋ ଜାଣିବାରେ ସେ ଅବଧି ଢେର ପୂର୍ବରୁ ସରିଗଲାଣି । ଏବେ ସେହି ଏକା କାର୍ଯ୍ୟରେ ସେହି ଏକା ପାରିଶ୍ରମିକରେ ତ ନିୟୋଜିତ ହୋଇ ରହିଛୁ । ତଥାପି ଏହି ଠିକା ଚାକିରିରେ ଛଟେଇ ଭୟ, କମ୍ ପାରିଶ୍ରମିକ ସହିତ ଅନ୍ୟାନ୍ୟ ସୁବିଧାରୁ ତୁ ବଞ୍ଚିତ । ତୁମ ଭଳି ଅଭିଜ୍ଞତାସମ୍ପନ୍ନ କର୍ମଚାରୀ ଆବଶ୍ୟକତାଠାରୁ କମ୍ ଦରମାରେ କାମକରି ଲୋକଙ୍କୁ ସେବା ଯୋଗାଇବା କିଛି କମ୍ କଥା ନୁହେଁ । ତେବେ ତୁମର ପରା ଠିକା ବ୍ୟବସ୍ଥା ଏବେ ଉଚ୍ଛେଦ ହେଲା ! ମାଧବବାବୁ କହିଲେ, ଆମେ ପରା ସ୍ୱାସ୍ଥ୍ୟ, ଶିକ୍ଷା, ପରିମଳ, ଜୀବିକା, ଶିଶୁ ସୁରକ୍ଷା ଆଦି ବିଭିନ୍ନ ମିଶନ, ସମିତି, ଯୋଜନା ଅନ୍ତର୍ଗତ ଠିକା କର୍ମଚାରୀ । ଆମ ଦୁଃଖ କୋଉଠି ଦୂର ହେଲା ଯେ ? ଅନିଶ୍ଚିତତା ଭିତରେ କାହିଁକି ରହିବ, ସ୍ଥାୟୀ ସ୍ୱୀକୃତି ପାଇବା ପାଇଁ ତୁମର ଦାବି ରଖୁନ କହିଲେ ଜଣେ ସାଙ୍ଗ । ମାଧବବାବୁ ଉତ୍ତର ଦେଲେ, ଦାବି କ’ଣ, କେସ୍ କରିଛୁନା । ହଉ ହେଲା ବିଚାରାଧୀନ ପ୍ରକ୍ରିୟା ଶେଷ ହେବାଯାଏଁ ଏବେ ତୁମକୁ ଅପେକ୍ଷା କରିବାକୁ ପଡ଼ିବ ବୋଲି ସାଙ୍ଗ ଜଣକ କହିଲେ । ଏକଥା ଶୁଣି ମନଟା ଗମ୍ଭୀର ହୋଇଗଲା ମାଧବବାବୁଙ୍କର ।

ବାସ୍ତବରେ ମାଧବବାବୁ କଲେଜରେ ପଢୁଥିବା ବେଳେ ହଠାତ୍ ତାଙ୍କ ପିତାଙ୍କ ଦେହାନ୍ତ ହୋଇଗଲା । ସେତେବେଳେ ତାଙ୍କ ପିତା ଚାକିରିରେ ଥିବାରୁ ସେ ଅନୁକମ୍ପାମୂଳକ ଯୋଜନାରେ ଏକ ସ୍ଥାୟୀ ଚପରାସୀ ପଦବୀର ଅଫର ପାଇଲେ । ସଫଳତାର ଶୀର୍ଷରେ ତାଙ୍କୁ ଏମିତି ଏକ ଅଫର ମିଳିବା ପରେ ତାଙ୍କ ମନଟା ପାଣିଚିଆ ହୋଇଗଲା । କାରଣ ମାଧବବାବୁ ହେଉଛନ୍ତି ଯୋଗ୍ୟତାରେ ଡବଲ ଏମ୍‌ଏ, ଏଲ୍‌ଏଲ୍‌ବି । ଭାବିଥିଲେ ଅତିକମ୍‌ରେ ଚପରାସୀ ଉପର ସ୍ଥାୟୀ ଚାକିରିଟା ମିଳିଯିବ ବୋଲି । ପରେ ନିଜର ଦକ୍ଷତା ଓ ସ୍ୱାଭିମାନକୁ ପୁଞ୍ଜିକରି ଏକ ଠିକା ଚାକିରିରେ ଯୋଗଦେଲେ । କାରଣ ସଭିଙ୍କ ଭଳି ତାଙ୍କର ଧାରଣା ଯେ ଠିକା ଚାକିରି ଦିନେନା ଦିନେ ନିଶ୍ଚୟ ନିୟମିତ ହେବ । ସେ ଯାହା ହେଉନା କାହିଁକି ମାଧବବାବୁଙ୍କ ବୟସ ଚାଳିଶ ଟପିଲାଣି । ଆଉ ବାକି କିଛି ବର୍ଷ କାମକଲା ପରେ ପରିଣତ ବୟସରେ ଉପନୀତ ହେବେ ଓ ସେ ଏ ବ୍ୟବସ୍ଥାରୁ ବିଦାୟ ନେବେ ।



ସେ ସିନା ନିଜ ପସନ୍ଦ ମୁତାବକ ସେବାକର୍ମ କରି ଆତ୍ମତୃପ୍ତି ଲାଭକଲେ, କିନ୍ତୁ ତାଙ୍କ ପାରିଶ୍ରମିକକୁ ନେଇ ଦୈନନ୍ଦିନ ବଜାର ସହ ଲଢେଇ, ନିଅଣ୍ଟିଆ ସମ୍ମାନ ଓ ଅନିଶ୍ଚିତ ଭବିଷ୍ୟତ ଆଦି ତାଙ୍କୁ ଆତ୍ମସନ୍ତୋଷ ପ୍ରଦାନ କରିପାରୁନାହିଁ । କାରଣ ଏହି ଠିକା ଚାକିରିରେ ଯୋଗଦେବାବେଳେ ପାରିଶ୍ରମିକ ଯାହା ଥିଲା ଆଜି ବି ପ୍ରାୟ ସେଇଆ । ବେଳେବେଳେ ଭାବୁଛନ୍ତି ସେହି ଅନୁକମ୍ପାମୂଳକ ଚାକିରିଟା କରିଥିଲେ ହୁଏତ ଏ ଠିକା ଚାକିରିର ପାରିଶ୍ରମିକଠାରୁ ଏବେ ୨ଗୁଣ ଅଧିକ ପାଉଥାନ୍ତି । କାରଣ ବଜାର ଦରଦାମ ଦୁଇଗୁଣ, ତିନିଗୁଣ ହୋଇଥିବା ବେଳେ ଏ ଦରମାକୁ ନେଇ ପରିବାର ଚଳାଇବା କଷ୍ଟକର ବ୍ୟାପାର । କିନ୍ତୁ କରିବେ କ’ଣ । ତଥାପି ପ୍ରତିଦିନ ଖବରକାଗଜ ପୃଷ୍ଠା ଓଲଟାଇ ଦେଖୁଛନ୍ତି ଘଡ଼ିକେ ଘୋଡ଼ା ଛୁଟୁଥିବା ବ୍ୟବସ୍ଥାରେ କାଳେ କ’ଣ ଆମ ବିଷୟରେ ନିଷ୍ପତ୍ତି ହେଲା କି?

ମାଧବବାବୁଙ୍କ ଆଉ ଜଣେ ସାଙ୍ଗ ରାଘବ ରାସ୍ତାକଡ଼ରେ ଚିକେନ ବ୍ୟବସାୟ କରେ । ସେଦିନ ଚିକେନ କିଣିବାକୁ ଯାଇଥିବା ମାଧବବାବୁଙ୍କ ପାଟିରୁ ବାହାରିପଡ଼ିଲା, ହଇରେ ରାଘବ ତୋର ତ କ’ଣ ମୁଣ୍ଡରେ ଗୋଟିଏ ଚୁଟି ପାଚିନି! ରାଘବ ତୁରନ୍ତ ପାଲଟା ଉତ୍ତରରେ କହିଲା, ତୋର ଚୁଟି ପାଚିବନି କେମିତି । ମୋଟା ଅଙ୍କ ପାଇଲୁ, ଦିନ ସାରା ଏସିରେ ବସିଲୁ ଆଉ ଆମ ଭଳି ତୁ କ’ଣ ଖରାକାକରରେ କାମ କରୁଛୁ ? ଉତ୍ତର ରଖିବାକୁ ମାଧବବାବୁଙ୍କ ପାଟିରେ ଭାଷା ନ ଥିଲା । ଠିକା ଚାକିରିଆଙ୍କ ଉଦ୍ଦେଶ୍ୟରେ ରାଘବ ଭଳି ଭାବନା ଥିବା ବ୍ୟକ୍ତିଙ୍କର ସମାଜରେ ଅଭାବ ନାହିଁ । ବିଚରା ମାଧବବାବୁ ସେଠାରେ ନିଜର ପରିସ୍ଥିତି ବଖାଣିବାକୁ ଉଚିତ ମଣିଲେ ନାହିଁ । ଖାଲି ଏତିକି କହିଲେ, ସେମାନେ ବି ଯଦି ତୋ ଭଳି ଭାବିଥାନ୍ତେ ବୋଧହୁଏ ମୋର ବିବାହ ଦଶବର୍ଷ ଡେରି ହୋଇ ନ ଥାନ୍ତା । ସେଥିପାଇଁ ରାଘବ ପୁଅ ଦଶମ ଶ୍ରେଣୀରେ ଆଉ ମାଧବବାବୁଙ୍କ ପୁଅ ପ୍ରଥମ ଶ୍ରେଣୀରେ ।

ଆଉ ଏକ ଦିନ ମାଧବବାବୁ ଅଫିସ କାମରେ ଏକ ଚାରିଚକିଆ ଯାନରେ ଗସ୍ତ କରୁଥାନ୍ତି । ବାଟରେ ତାଙ୍କର ଜଣେ ବାଲ୍ୟବନ୍ଧୁ ଦେଖାହେଲେ । ବନ୍ଧୁ ଜଣକ ସିଧା ଆସି ମାଧବବାବୁଙ୍କ ପାଖରେ ବସି ପଡ଼ି କହିଲେ, ତୋର କ’ଣ ଚିନ୍ତା ଅଛି । ଏସି ଗାଡ଼ିରେ ବୁଲୁଛୁ, ଦରମା ଉପୁରି ପାଇ ପେଟ ବଢ଼େଇ ସାରିଲୁଣି । ଏବେ ପୁଣି ତମର ଠିକା ବ୍ୟବସ୍ଥା ଉଠିଗଲା । ମୁଁ ବ୍ୟବସାୟକରି ଟ୍ୟାକ୍ସ ଭରି ମାତ୍ର ଲକ୍ଷେ ଦେଢ଼ଲକ୍ଷ ଟଙ୍କା ରୋଜଗାର କରୁଛି । ମୋତେ ତୋରି ଭଳି ଏକ ଚାକିରି ମିଳିଥାନ୍ତା କି । ମାଧବବାବୁ ବିରକ୍ତ ହୋଇ କହିଲେ, ତୁମ ମନରେ ଏସବୁ ଭ୍ରାନ୍ତଧାରଣା କାହିଁକି ଭରି ରହିଛି ? ବ୍ୟବସାୟୀ ବନ୍ଧୁ କହିଲେ, ତୁମେ ସବୁ ଚାକିରିଆ ଏମିତି । ଆର୍‌ଟିଆଇରେ ତଥ୍ୟ ନ ମାଗିବା ପର୍ଯ୍ୟନ୍ତ ଦରମାଟାକୁ ଲୁଚାଇଥିବ । ମାଧବବାବୁ ମନେମନେ ଭାବିଲେ କଥାଟାକୁ ଆଗକୁ ନ ବଢ଼ାଇ ଏତିକିରେ ସୀମିତ ରଖିଲେ ଭଲ । ନ ହେଲେ ସତରେ ଯଦି ମୋ ଦରମାଟା ଏତେ କମ୍ ବୋଲି ଜାଣିବ ତେବେ ମୋର ଇଜ୍ଜତଟା ରହିବଟି ? କାରଣ ସମାଜରେ ଅନେକ ଲୋକ ଦରମା ବା ଅର୍ଥ ରୋଜଗାରକୁ ନେଇ ମଣିଷର ଓଜନ ତଉଲିଥାନ୍ତି ।

ସେ ଯାହା ହେଉନା କାହିଁକି ନିଜର ଅଦେଖା, ଅକୁହା କଥାକୁ ଅଣ୍ଟିରେ ପୂରାଇ ଅନେକ ଠିକା କର୍ମଚାରୀ ଏମିତି ଦୈନନ୍ଦିନ ଯୁଝିହେଉଛନ୍ତି ହାଟଠାରୁ ସଉଦା, ଭ୍ରମଣଠାରୁ ଅନଟନ, ପିଲାଙ୍କ ପାଠପଢ଼ାଠାରୁ ବୟୋଜ୍ୟେଷ୍ଠଙ୍କ ଭରଣପୋଷଣ ଯାଏଁ । ଏହାରି ଭିତରେ ଯୋଗ୍ୟତା ସାଙ୍ଗକୁ ସୀମିତ ସମ୍ବଳରେ ସାମାଜିକ, ସାଂସ୍କୃତିକ କାର୍ଯ୍ୟରେ ନିଜକୁ ଖାପଖୁଆଇବା ଓ ନିୟନ୍ତ୍ରଣ କରି ଚଳାଇନେବାର ଦକ୍ଷତା ହାସଲକରି ସାରିଲେଣି ମାଧବବାବୁଙ୍କ ପରି ଲୋକେ । ତେବେ ନିରନ୍ତର, ସ୍ଥାୟୀ, ନିୟମିତ ଭଳି କାମ କରିଆସୁଥିବା ଏହି ଅଭିଜ୍ଞତାସମ୍ପନ୍ନ ଠିକା କର୍ମଚାରୀଙ୍କୁ ଏକ ନିର୍ଦ୍ଦିଷ୍ଟ ପ୍ରକ୍ରିୟା ଦେଇ ନିୟମିତ ତଥା ଏକ ସମତୁଲ ପାରିଶ୍ରମିକ ପ୍ରଦାନ କରାଗଲେ କ୍ଷତି କ’ଣ ? ଜରୁରୀ ଚିକିତ୍ସା ପାଇଁ ଓ ପରିଣତ ବୟସ ସମୟରେ ନିଜର ଖର୍ଚ୍ଚ ତୁଲାଇବାକୁ ସେମାନେ କିଛି ସଞ୍ଚୟ କରିପାରନ୍ତେ । କାରଣ ଅନ୍ୟ କୌଣସି ସୁବିଧାରୁ ବଞ୍ଚିତ ଥିବା ଉକ୍ତ ଗୋଷ୍ଠୀଙ୍କର ଏହି ଗୋଟିଏ ଆୟ ଉତ୍ସ, ତାହା ପୁଣି ବଜାର ତୁଳନାରେ ନଗଣ୍ୟ । ଏଣୁ ସେମାନଙ୍କ ସ୍ୱାସ୍ଥ୍ୟବୀମା, ଭବିଷ୍ୟନିଧି, ନିୟମିତ ବର୍ଦ୍ଧିତ ଭତ୍ତା, ପେନ୍‌ସନ ଆଦି ସୁନିଶ୍ଚିତ କରିବାର ପ୍ରୟାସ ମାଧବବାବୁଙ୍କ ଭଳି ଠିକା ଚାକିରିଆଙ୍କ ମୁହଁରେ ହସ ଫୁଟାଇପାରନ୍ତା ।

ବିଜିପୁର, ବ୍ରହ୍ମଗିରି, ପୁରୀ
ମୋ: ୯୪୩୮୪୩୨୦୨୩



# ଚାଲ ହାରିବା ଶିଖିବା

ସୁପ୍ରଭା ବେହେରା

ଜୀବନ ଗୋଟିଏ ନଈ । ତାହା ଦେହରେ ଘଟଣାପ୍ରବାହ ସବୁ ସୁଅ ଭଳି । ବର୍ଷାରେ ନଈର ଛାତି ଫୁଲିଉଠି କେବେ ହୁଏ ଉଛୁଳା । ପୁଣି ରୌଦ୍ରଦଗ୍ଧ ହୋଇ ସେଇ ଭରା ନଈର ଉଛୁଳା ଛାତି ହୁଏ ଫୁଙ୍ଗୁଳା । ତା’ ବୋଲି ନଦୀ କ’ଣ ବୋହିବାକୁ ମନା କରିଦିଏ ? ପ୍ରବହମାନତା ତ ତାହାର ଧର୍ମ । ଜୀବନ ସେମିତି କେତେ ରଙ୍ଗରେ ରଙ୍ଗିନ । ମାଟି କାନ୍ଥର ଝୋଟି ଚିତା ଭଳି ସେଠି ଲେଖାହୋଇଛି ହତାଶା, ସଫଳତା , ପ୍ରେମ, ପ୍ରତାରଣା । ଇନ୍ଦ୍ରଧନୁର ରଙ୍ଗ ଭଳି ଜୀବନ କେବେ ସଫଳତାର ଗାରିମାରେ ଗାଢ଼ା, ଆଉ କେବେ ହତାଶାରେ ଫିକା । ସବୁ ରଙ୍ଗକୁ ଅଣ୍ଟାରେ ପୂରାଇ ଆୟୁଷକୁ ଭୋଗିବା ହିଁ ଜୀବନ । ମୁହଁ ମୋଡି ଦେବା ହିଁ ହାରିଯିବା ।

ହାର୍ ଜିତ୍‌ର ଜୀବନ । ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ ଭଳି । ଜଣେ ଜିତିଲେ ଜଣେ ହାରୁଛି । ଆମେ କିନ୍ତୁ ଜିତିବାର ମହୋତ୍ସବରେ ମସ୍‌ଗୁଲ ହେବା ଶିଖିଛୁ ଓ ଶିଖାଇଛୁ । ହାରିବାକୁ ଗ୍ରହଣ କରି ଠିଆ ହୋଇ ପୁଣି ଶକ୍ତି ସଞ୍ଚୟ କରିବା ଶିଖି ନାହୁଁ । ଆବ୍ରାହାମ ଲିଙ୍କନ୍ ତାଙ୍କ ପୁଅର ଶିକ୍ଷକଙ୍କୁ ଲେଖିଥିବା ଚିଠିରେ ଲେଖିଥିଲେ ‘ମୋର ପୁଅକୁ ଶିଖାଇବେ ବିଫଳତା ମଧ୍ୟ ମହିମାମୟ’ । ଆମେ ଅଭିଭାବକ ହିସାବରେ ପ୍ରତ୍ୟେକେ ଥରେ ଚିନ୍ତା କରିବା । ଆମେ ଆମ ପିଲାଙ୍କୁ ସବୁବେଳେ କହୁଛୁ ତୁ ଜିତିଲେ ବା ସଫଳତା ଲାଭ କଲେ, ମୁଁ ତୋତେ ଚକୋଲେଟ ଦେବି, ନୂଆ ପୋଷାକ ବା ଖେଳଣା କିଣି ଦେବି, କେବେ କେବେ ମୋଟର ଗାଡ଼ି ଦେବାକୁ ମଧ୍ୟ ପ୍ରତିଶ୍ରୁତି ଦେଇଛୁ । କିନ୍ତୁ କେତେଜଣ ହାରିବାକୁ ସ୍ୱୀକାର କରି ପୁଣି ଠିଆ ହୋଇ ବାଟ ଚାଲିବାର କଳା ଶିଖାଇଛନ୍ତି ? ଗୋଟିଏ ପଦବୀ ପାଇଁ ଧରାଯାଉ ୨୦୦ଟି ସ୍ଥାନ ରହିଛି । ଆଶାୟୀ ପ୍ରାର୍ଥୀ ରହୁଛନ୍ତି ୨୦,୦୦୦ । ୨୦୦ ଜଣ କୃତକାର୍ଯ୍ୟ ହେଲା ପରେ ଆଉ ବାକି ରହିଲେ ୧୯,୮୦୦ । ୧୯,୮୦୦ ଜଣଙ୍କୁ ଏହି ବିଫଳତାକୁ ସାମ୍ନା କରିବା ପାଇଁ ମାନସିକ ପ୍ରସ୍ତୁତି ସମ୍ବନ୍ଧରେ ଆମେ କେବେ ଅବଗତ କରାଇଛୁ କି ? ଶୈକ୍ଷିକ ପରୀକ୍ଷା କ୍ଷେତ୍ରରେ ମଧ୍ୟ ସବୁ ପିଲା ଯେ ୧୦୦ ଶତକଡ଼ା ନମ୍ବର ଆଣିବେ ତାହା ନୁହଁ । କିନ୍ତୁ ଅନେକ ପିଲା ବିଫଳତା ସହ ସାଲିସ ନ କରିପାରିବା ଫଳରେ ଆତ୍ମହତ୍ୟାକୁ ଆପଣାଇ ନେଇଥାନ୍ତି । ରାଷ୍ଟ୍ରୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍ ସି ଆର୍ ବି)ର ତଥ୍ୟ କହେ ୨୦୧୬ରେ ୯୪୭୮ଜଣ, ୨୦୧୯ରେ ୧୦,୩୩୫ ଜଣ ଏବଂ ୨୦୨୧ରେ ୧୩,୦୮୯ ଜଣ ଆତ୍ମହତ୍ୟା କରିବା ପଛର ମୂଳ କାରଣ ହେଲା ପରୀକ୍ଷାରେ ଅକୃତକାର୍ଯ୍ୟ ହେବା । ୨୦୨୦ରେ ଛାତ୍ର ଆତ୍ମହତ୍ୟା କ୍ଷେତ୍ରରେ ଓଡ଼ିଶା ଦେଶର ଦ୍ୱିତୀୟ ସ୍ଥାନରେ ଥିଲା । ତେବେ ଯାହା ବି ହେଉ ଏହା ରାଜ୍ୟ କିମ୍ବା ଦେଶର ନୁହଁ, ବରଂ ସମଗ୍ର ବିଶ୍ୱ ପାଇଁ ଏକ ପ୍ରମୁଖ ସମସ୍ୟା ହୋଇ ଛିଡ଼ା ହୋଇଛି । ତେଣୁ ସେମାନଙ୍କ ମନରେ ସକାରାତ୍ମକ ଚିନ୍ତାଧାରା ଆଣିବାକୁ ପଡିବ ଯେ ,ବିଫଳତା ହେଉଛି ଶିଖିବାର ପ୍ରଥମ ସୋପାନ । ଦେଖିବାକୁ ଗଲେ ବିଜୟ ଆମକୁ ବହୁତ କମ୍ ଶିକ୍ଷା ଦେଇଥାଏ । ଜୀବନର ଅସଲ ଶିକ୍ଷା ତ ପରାଜୟରୁ ମିଳିଥାଏ । ଜୀବନ ଜିଇବାର ଅନେକ କିଛି କଳା



ମଣିଷ ହାରିବାର ଅନୁଭୂତିରୁ ରୁଣ୍ଡାଇ ଥାଏ । ଇତିହାସ ଏହାର ମୂକସାକ୍ଷୀ । ଆବ୍ରାହାମ ଲିଙ୍କନ୍ ୧୭ ଥର ନିର୍ବାଚନ ହାରି ଶେଷରେ ସଫଳତା ଲାଭ କରିଥିଲେ । ଥୋମାସ ଆଲ୍‌ଭା ଏଡିସନ ଗୋଟିଏ ବିଦ୍ୟୁତ୍ ବଲ୍‌ବ ଜଳାଇବା ପାଇଁ ୧୦,୦୦୦ ଥର ଅକୃତକାର୍ଯ୍ୟ ହୋଇଥିଲେ । ତାଙ୍କର ସହଯୋଗୀ ଜଣକ ଏଥିପାଇଁ ବିରକ୍ତି ପ୍ରକାଶ କରିବାରେ ସେ ଏହାକୁ ସକାରାତ୍ମକ ମନୋଭାବ ନେଇ କହିଥିଲେ, ଏହି ୧୦,୦୦୦ ଥରକରେ ଆମେ ଶିଖିଲେ କେଉଁ କେଉଁ ପଦାର୍ଥ ବିଦ୍ୟୁତ ବଲ୍‌ବ ଜଳିବାରେ ସାହାଯ୍ୟ କରେ ନାହିଁ । ଦେଖିବାକୁ ଗଲେ ମଣିଷ ତ ପ୍ରକୃତରେ ସେତେବେଳେ ହାରିଯାଏ ଯେତେବେଳେ ସେ ବିଫଳତାକୁ ଗ୍ରହଣ କରିନିଏ ।

ଜୀବନରେ ଚାଲୁ ଚାଲୁ ଝୁଣ୍ଟି ପଡ଼ିବା ତ ସ୍ୱାଭାବିକ । ତା’ ମାନେ କ’ଣ ବାଟ ଚାଲିବାକୁ ମନା କରିଦେବା ? ଠିଆ ହୋଇ ପୁନଃ ରାସ୍ତା ନିର୍ଦ୍ଧାରଣ କରିବା ବୀରର ଲକ୍ଷଣ । ସଫଳତାର ମହୋତ୍ସବ ସମସ୍ତେ ପାଳନ କରିବାର କ୍ଷମତା ରଖନ୍ତି, କିନ୍ତୁ ବିଫଳତାକୁ ବରଦାସ୍ତ କରିବା ପାଇଁ ଜଣେ ମାନସିକ ସ୍ତରରେ ଶକ୍ତ ହେବା ଆବଶ୍ୟକ । ପ୍ରତିକୂଳ ପରିସ୍ଥିତିରେ ଭିନ୍ନ ଭିନ୍ନ ବସ୍ତୁର ଉଦାହରଣ ନେଇ ପରିସ୍ଥିତିକୁ ବୁଝାଯାଇପାରେ । ଧରାଯାଉ ଗରମ ପାଣି ହେଉଛି ଗୋଟିଏ ପ୍ରତିକୂଳ ପରିସ୍ଥିତି । ଅଣ୍ଡା, ଆଳୁ ଓ କଫିର ଦାନାକୁ ଗରମପାଣିର ସେଇ ସମାନ ପରିସ୍ଥିତି ଦେଇ ଗତି କରିବାକୁ ହେଲା । ଅଣ୍ଡାଟି ଗରମପାଣିରେ ପଡ଼ିବା ପରେ ଶକ୍ତ ହୋଇଗଲା । ଯେତେବେଳେ କି ଆଳୁ ଗରମ ପାଣିରେ ରହି ନରମ ହୋଇଗଲା । ଅନ୍ୟପକ୍ଷରେ କଫି ଦାନାଗୁଡ଼ିକ ଗରମ ପାଣିର ସଂସ୍ପର୍ଶରେ ଆସିବା ପରେ ଗରମ ପାଣିରେ ସେ ନିଜକୁ ମିଶାଇଦେଲା । ଆଉ କିଛି ସମୟ ପରେ ପାଣିର ସମ୍ପୂର୍ଣ୍ଣ ପରିସ୍ଥିତି ହିଁ ବଦଳିଗଲା । ଅର୍ଥାତ ଯିଏ ଯେମିତି ପ୍ରତିକ୍ରିୟା ପ୍ରକାଶ କଲା, ପରିସ୍ଥିତି ତାହା ପାଇଁ ସେମିତି ହିଁ ହେଲା । ଆମ ପିଲାମାନଙ୍କୁ ପ୍ରତିକୂଳ ପରିସ୍ଥିତିରେ କଫି ଦାନା ହେବାର କଳାଟିକୁ ଶିଖିବାକୁ ହେବ ।

ବିଫଳତା ଗୋଟିଏ ଅନାଥ ପରି, ଯେତେବେଳେ କି ସଫଳତାର ଅନେକ ଜଣ ପିତା । ତେଣୁ ବିଫଳତାକୁ ଆପଣାଇବା ପାଇଁ ନିଜ ଭିତରେ ଶକ୍ତି ସଞ୍ଚୟ କରିବା ଅନିବାର୍ଯ୍ୟ । ଯେତେବେଳେ ଜଣେ ସଫଳତା ଲାଭ କରେ, ସେ ସାରା ଦୁନିଆରେ ପରିଚିତ ହୁଏ କିନ୍ତୁ ବିଫଳତା ଆମକୁ ଦୁନିଆକୁ ଚିହ୍ନିବାରେ ସାହାଯ୍ୟ କରେ । ତେଣୁ ପିଲାମାନଙ୍କୁ ବୁଝାଇବାକୁ ହେବ, ବିଫଳତା କୌଣସି ଏକ ଘଟଣା ପ୍ରବାହର ଶେଷ ସୋପାନ ନୁହଁ । ବରଂ ଅୟମାରମ୍ଭ । ରାତି ଏକ ଦିନର ଅନ୍ତ ଘଟାଇବାକୁ ଆସେ ନାହିଁ । ବରଂ ସେଇ ଗାଢ଼ ତିମିରର ବୁକୁ ଚିରି ସମ୍ଭାବନାରେ ଲସରପସର ନୂଆ ସକାଳଟିଏ ପ୍ରତ୍ୟେକ ଥର ଜନ୍ମ ନେଉଥାଏ । ଗୋଟିଏ ଫୁଲଗଛରେ ଫୁଲଟିଏ ସେତେବେଳେ ପାଖୁଡ଼ା ମେଲି ହସିଥାଏ ଯେବେ ସେ ଉଭୟ ଖରା ଓ ବର୍ଷାକୁ ଭୋଗ କରେ । ଆତ୍ମହତ୍ୟା କରି ଜୀବନକୁ ହାରିବା ଅପେକ୍ଷା, ହାରିବାକୁ ଗ୍ରହଣ କରି ଜିତିବା ପାଇଁ ଶକ୍ତି ସଞ୍ଚୟ କରିବା ଭଲ । ଚେଷ୍ଟା କଲେ ସବୁ ବିଫଳତା ରାସ୍ତାର ଶେଷ ମୁଣ୍ଡରେ ସଫଳତା ଫୁଲ ହାର ଧରି ଅପେକ୍ଷା କରିଥାଏ ସ୍ୱାଗତ କରିବା ପାଇଁ ।

ଭୁବନେଶ୍ୱର, ମୋ: ୯୦୪୦୩୬୦୨୫୯

## ଏଇ ଭାରତରେ

ମହାରାଷ୍ଟ୍ରର ଓସ୍‌ମାନାବାଦ ଜିଲା ଉପଲା ଗାଁ ୩୨ ଏକର ଜମି ମାଙ୍କଡ଼ଙ୍କ ନାମରେ ନାମିତ କରି ଏକ ନିଆରା ଉଦାହରଣ ସୃଷ୍ଟି କରିଛି । ଏହି ଗାଁରେ ମାଙ୍କଡ଼ମାନଙ୍କ ପ୍ରତି ବହୁ ସମ୍ମାନ ଅଛି । ବେଳେବେଳେ ବିବାହ ସମୟରେ ଲୋକଙ୍କ ଭୋଜି ପୂର୍ବରୁ ମାଙ୍କଡ଼ମାନଙ୍କୁ ଖାଦ୍ୟ ଦିଆଯାଏ ଓ ପରେ ଉତ୍ସବ ଆରମ୍ଭ କରାଯାଇଥାଏ । ମାଙ୍କଡ଼ମାନେ ଗାଁରେ କରାଯାଉଥିବା ସମସ୍ତ ରୀତିନୀତିର ଏକ ଅଂଶ । ସେମାନେ ଗାଁ ଭିତରକୁ ଆସିଲେ ଲୋକେ ଖୁସିରେ ସେମାନଙ୍କୁ ଖାଦ୍ୟ ଦିଅନ୍ତି । ମାଙ୍କଡ଼ମାନେ କାହାର କ୍ଷତି କରନ୍ତି ନାହିଁ । ସରପଞ୍ଚ ବାପ୍ପା ପଡୱାଲ କହନ୍ତି , ଉପଲା ଗ୍ରାମପଞ୍ଚାୟତର ଜମି ରେକର୍ଡ ଅନୁଯାୟୀ ଏହି ୩୨ ଏକର ଜମି ମାଙ୍କଡ଼ମାନଙ୍କର । ଏମାନଙ୍କ ପାଇଁ କିଏ କେବେ ଏହି ବ୍ୟବସ୍ଥା ଆରମ୍ଭ କରିଥିଲେ ତାହା ଜଣାପଡ଼ିନାହିଁ । ବର୍ତ୍ତମାନ ଗାଁରେ ପ୍ରାୟ ୧୦୦ ମାଙ୍କଡ଼ ଅଛନ୍ତି । ସେମାନେ ଗୋଟିଏ ସ୍ଥାନରେ ସବୁବେଳେ ସ୍ଥାୟୀ ଭାବେ ରହୁ ନ ଥିବାରୁ ଗତ କିଛି ବର୍ଷ ମଧ୍ୟରେ ସେମାନଙ୍କ ସଂଖ୍ୟା ହ୍ରାସ ପାଉଛି । ଜଙ୍ଗଲ ବିଭାଗ ଉକ୍ତ ଜମିରେ ବୃକ୍ଷରୋପଣ କରିଛି । କୌଣସି ଲୋକ ମାଙ୍କଡ଼ଙ୍କୁ ଖାଦ୍ୟ ଦେବାକୁ ମନାକରି ନ ଥାନ୍ତି । ଉପଲା ଗ୍ରାମରେ ମାଙ୍କଡ଼ଙ୍କ ପ୍ରତି ଥିବା ସମ୍ମାନକୁ ନେଇ ସୋସିଆଲ ମିଡିଆରେ ବହୁ ଚର୍ଚ୍ଚା ହୋଇଥାଏ ।

## ୨୫ ବର୍ଷ ତଳର ଧରିତ୍ରୀ

୧୮ ଅକ୍ଟୋବର ୧୯୯୭

- ନାଗରିକମାନଙ୍କର ମାନବାଧିକାରକୁ ସୁରକ୍ଷିତ କରିବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ହୋଇଥିବା ପରିପ୍ରେକ୍ଷୀରେ ଜାତିସଂଘ ସନନ୍ଦରେ ଭାରତର ସ୍ୱାକ୍ଷର ।
- କର୍ଜନ କନ୍‌ୱେ ଅନ୍ତର୍ଜାତୀୟ ଫିଲାନ୍ଥ୍ରୋପିକ ମାନବପ୍ରେମୀ ଅନୁଷ୍ଠାନ ‘ରକ୍‌ଫେଲର ଫାଉଣ୍ଡେସନ’ର ସଭାପତି ନିଯୁକ୍ତ ।
- ବରିଷ୍ଠ କଂଗ୍ରେସ ନେତା ନାରାୟଣ ଦତ୍ତ ତିୱାରୀ ଉତ୍ତର ପ୍ରଦେଶ କଂଗ୍ରେସ କମିଟିର ସଭାପତି ନିଯୁକ୍ତ ।
- ଟାଟା ଷ୍ଟିଲ୍‌ର ପରିଚାଳନା ନିର୍ଦ୍ଦେଶକ ଜେ.ଜେ. ଇରାନୀଙ୍କୁ ନାଇଟ ଅଫ୍ ବ୍ରିଟିଶ ଏମ୍ପାୟାର ଉପାଧି ପ୍ରଦାନ ।

## su | do | ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 6 | 4 | 5 | | 8 | |
| 8 | | | | | | 6 | | |
| 5 | | | | 8 | | | 1 | 7 |
| | | | 4 | | | | | 6 |
| 6 | 1 | | 7 | | | | | |
| | | 4 | | | 2 | | | |
| | 9 | | | | | 7 | 6 | |
| | | 3 | | 5 | 9 | | | |
| | | 8 | | | | 3 | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 6 | 4 | 7 | 9 | 8 | 3 | 2 | 5 | 1 |
| 2 | 9 | 3 | 5 | 7 | 1 | 6 | 8 | 4 |
| 1 | 8 | 5 | 6 | 2 | 4 | 9 | 3 | 7 |
| 7 | 3 | 8 | 1 | 6 | 2 | 4 | 9 | 5 |
| 4 | 1 | 6 | 3 | 9 | 5 | 8 | 7 | 2 |
| 9 | 5 | 2 | 7 | 4 | 8 | 3 | 1 | 6 |
| 5 | 6 | 9 | 2 | 3 | 7 | 1 | 4 | 8 |
| 8 | 2 | 1 | 4 | 5 | 9 | 7 | 6 | 3 |
| 3 | 7 | 4 | 8 | 1 | 6 | 5 | 2 | 9 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ବାରିପଦାରୁ ଜୟପୁରକୁ ଟ୍ରେନ୍ ଚଳାଯାଉ

ମହାଶୟ,

ଭୁବନେଶ୍ୱରରୁ ଜଗଦଲପୁର ହୀରାଖଣ୍ଡ ଏକ୍ସପ୍ରେସ୍ ଚଳାଚଳ କରୁଛି । ଏହି ଟ୍ରେନ୍‌ରେ ରାଜଧାନୀରୁ ଅନେକ ଲୋକ ଯେଉଁମାନେ ଅବିଭକ୍ତ କୋରାପୁଟ ଜିଲାରେ ଚାକିରି କରୁଛନ୍ତି ସେମାନେ ସୁବିଧାରେ ଯାତାୟାତ କରିପାରୁଛନ୍ତି । କିନ୍ତୁ ମୟୂରଭଞ୍ଜ ଅବିଭକ୍ତ ବାଲେଶ୍ୱର ଜିଲା (ଭଦ୍ରକ), ଅବିଭକ୍ତ କଟକ ଜିଲା(ଯାଜପୁର, ଜଗତସିଂହପୁର, କେନ୍ଦ୍ରାପଡ଼ା) ଓ କେନ୍ଦୁଝର ଲୋକେ କିଛି ଉପକୃତ ହୋଇପାରୁନାହାନ୍ତି । ତେଣୁ ବାରିପଦାରୁ ଏକ ଏକ୍ସପ୍ରେସ୍ ଟ୍ରେନ୍ ଜୟପୁରକୁ ଚଳାଚଳ କରାଗଲେ ଏହି ଜିଲାରେ ଲୋକ ଉପକୃତ ହୋଇପାରନ୍ତେ । ଅବିଭକ୍ତ କୋରାପୁଟ ଜିଲାରେ ଅନେକ ଏ ଅଞ୍ଚଳର ଲୋକ ଚାକିରି କରୁଛନ୍ତି । ମୁଖ୍ୟତଃ ରାୟଗଡ଼ା, ଦାମନଯୋଡ଼ି, ସୁନାବେଡ଼ା, ମାଛକୁଣ୍ଡ, ଡୁଡୁମା, କୋଲାବ(ଜଳବିଦ୍ୟୁତ୍ ପ୍ରକଳ୍ପ)ର ଲୋକେ ଜୟପୁରରୁ ଓହ୍ଲାଇ ନବରଙ୍ଗପୁର ଓ ସ୍ୱାଭିମାନ ଅଞ୍ଚଳ ମାଲକାନଗିରି, ମୋଟୁ ଚିତ୍ରକୋଣ୍ଡା ଓ ମାଥିଲି, ଏମ୍‌ଭି ୭୯କୁ ଯାଇପାରିବେ ।

– କହ୍ନେଇ ଚରଣ ନନ୍ଦୀ, କମଳାକାନ୍ତ ଭବନ, ସାଆନ୍ତା, ଶେରଗଡ଼, ବାଲେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଜଡ଼ ଏ ଧରାରେ ଜାଗେ
ବିପୁଳ ଜୀବନ,
ମୂର୍ଚ୍ଛିତ ଦଶଦିଶ
ହୁଏ ସଚେତନ !
–(ଚିରନ୍ତନ କୁହୁ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

**୩ ମୁଖପାତ୍ର ନିଯୁକ୍ତ କଲା ଭାଜପା**

ଭୁବନେଶ୍ୱର,(ବ୍ୟୁରୋ): ନିକଟରେ କଂଗ୍ରେସ ଛାଡ଼ି ଭାଜପାରେ ଯୋଗ ଦେଇଥିବା ମନୋଜ ମହାପାତ୍ର ଏବଂ ବିଜେଡିରୁ ଆସି ମିଶିଥିବା ତେଜେଶ୍ୱର ପରିଡ଼ାଙ୍କୁ ଦଳ ଦାୟିତ୍ୱ ଦେଇଛି। ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ଅନୁମୋଦନକ୍ରମେ ସୋମବାର ୩ ଜଣଙ୍କୁ ରାଜ୍ୟ ମୁଖପାତ୍ର ଦାୟିତ୍ୱ ପ୍ରଦାନ କରାଯାଇଛି। ଏନେଇ ଭାଜପା ରାଜ୍ୟ ଗଣମାଧ୍ୟମ ମୁଖ୍ୟ ତଥା ପ୍ରବକ୍ତା ଦିଲୀପ ମଲ୍ଲିକ ପ୍ରକାଶ କରିଛନ୍ତି। ମନୋଜ, ତେଜେଶ୍ୱର ଏବଂ ଅନିଲ ବିଶ୍ୱାଳଙ୍କୁ ଭାଜପା ତା'ର ମୁଖପାତ୍ର ଭାବେ ଦାୟିତ୍ୱ ପ୍ରଦାନ କରାଯାଇଥିବା ନେଇ ପ୍ରେସ ବିଜ୍ଞପ୍ତି ଜରିଆରେ ଘୋଷଣା କରିଛି।

# ଭୋଟ ଦେଲେ ୯,୫୦୦ ପ୍ରତିନିଧି

**ସରିଲା କଂଗ୍ରେସ ଅଧ୍ୟକ୍ଷ ନିର୍ବାଚନ**



ନୂଆଦିଲ୍ଲୀସ୍ଥିତ ଏଆଇସିସି କାର୍ଯ୍ୟାଳୟରେ କଂଗ୍ରେସ ଅନ୍ତରୀଣ ଅଧ୍ୟକ୍ଷା ସୋନିଆ ଗାନ୍ଧୀ, ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ ଏବଂ କର୍ଣାଟକର ବେଲାରୀଠାରେ ଭୋଟ ଦେଉଛନ୍ତି ରାହୁଲ ଗାନ୍ଧୀ।



ଭୁବନେଶ୍ୱର ପିସିସି କାର୍ଯ୍ୟାଳୟରେ ଭୋଟ ଦେବା ଲାଗି କଂଗ୍ରେସ ନେତାଙ୍କ ଭିଡ଼।

**ନୂଆଦିଲ୍ଲୀ,୧୭।୧୦**

କଂଗ୍ରେସ ଅଧ୍ୟକ୍ଷ ନିର୍ବାଚନ ସୋମବାର ଅପରାହ୍ନ ୪ଟା ୩୦ରେ ଶେଷ ହୋଇଛି। ବରିଷ୍ଠ ନେତା ମଲ୍ଲିକାର୍ଜୁନ ଖାର୍ଗେ ଏବଂ ଶଶୀ ଥରୁରଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିବାବେଳେ କାହା ହାତରେ ଦଳର ନେତୃତ୍ୱ ରହିବ ତାହା ୧୯ ତାରିଖ ଭୋଟ ଗଣତି ପରେ ଜଣାପଡ଼ିବ। ପ୍ରାୟ ୯,୫୦୦ ପ୍ରତିନିଧି ସେମାନଙ୍କ ମତ ସାବ୍ୟସ୍ତ କରିଥିବା ଦଳର କେନ୍ଦ୍ରୀୟ ନିର୍ବାଚନ କର୍ତ୍ତୃପକ୍ଷ ଅଧ୍ୟକ୍ଷ ମଧୁସୂଦନ ମିସ୍ତ୍ରି ସୋମବାର କହିଛନ୍ତି। କଂଗ୍ରେସର ଅନ୍ତରୀଣ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଏଆଇସିସି କାର୍ଯ୍ୟାଳୟରେ ଭୋଟ ଦେଇଥିଲେ। ମୋଟାମୋଟି ଭୋଟ ହାର ୯୬ ପ୍ରତିଶତ ରହିଛି। ଛୋଟ ରାଜ୍ୟଗୁଡ଼ିକରେ ପାଖାପାଖି ୧୦୦ ପ୍ରତିଶତ ଭୋଟ ପଡ଼ିଛି। କୌଣସି ରାଜ୍ୟରେ କିଛି ଅପ୍ରୀତିକର ସ୍ଥିତି ସୃଷ୍ଟି ହୋଇନାହିଁ। ସମ୍ପୂର୍ଣ୍ଣ ଶାନ୍ତିପୂର୍ଣ୍ଣ ଭାବେ ନିର୍ବାଚନ ଶେଷ ହୋଇଛି। ସବୁ ରାଜ୍ୟରେ ପୋଲିଂ ବୁଥ୍ ସ୍ଥାପନ କରାଯାଇଥିଲା। ଆଭ୍ୟନ୍ତରୀଣ ଗଣତନ୍ତ୍ର କ'ଣ ତାହା କଂଗ୍ରେସ ଦେଖାଇଛି, ଯେଉଁଥିରୁ ଅନ୍ୟ ଦଳଗୁଡ଼ିକ ଶିକ୍ଷା ପାଇବେ ବୋଲି ମିସ୍ତ୍ରି କହିଛନ୍ତି। ଗାନ୍ଧୀ ପରିବାର ଏବଂ ବରିଷ୍ଠ ନେତାମାନେ ଖାର୍ଗେଙ୍କୁ ସମର୍ଥନ କରୁଥିବାରୁ ତାଙ୍କ ଜିତିବା ସମ୍ଭାବନା ଅଧିକ ରହିଛି। ଅନ୍ୟତମ ପ୍ରାର୍ଥୀ ଶଶୀ ଥରୁର ଦଳରେ ପରିବର୍ତ୍ତନ ଆଣିବାର ପ୍ରତିଶ୍ରୁତି ଦେଇ ନିର୍ବାଚନ ଲଢୁଥିଲେ।

# ଜନତା ମୋର ଷ୍ଟାର ପ୍ରଚାରକ: ରାଜେନ୍ଦ୍ର

**ମନାଇବାରେ ଫେଲ୍ ମାରିଲା ବିଜେଡି**

**ଭଦ୍ରକ ଅଫିସ, ୧୭।୧୦**

ଧାମନଗର ଉପନିର୍ବାଚନ ପାଇଁ ବିଜେଡି ବିଦ୍ରୋହୀ ତଥା ସ୍ୱାଧୀନ ପ୍ରାର୍ଥୀ ଭାବେ ମଇଦାନକୁ ଓହ୍ଲାଇଥିବା ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସ ପ୍ରତିଦ୍ୱନ୍ଦ୍ୱିତା ନିଷ୍ପତ୍ତିରେ ଦୃଢ଼ ରହିବେ ନା ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିବେ ତାହା ଉପରେ ସମସ୍ତଙ୍କ ନଜର ରହିଥିଲା।

ଦଳୀୟ ଟିକେଟ ନ ମିଳିବା ପରେ ଅସନ୍ତୋଷ ଜାହିର କରି ସ୍ୱାଧୀନ ଭାବେ ନାମାଙ୍କନ ଦାଖଲ କରିଥିଲେ ରାଜେନ୍ଦ୍ର। ସୋମବାର ନାମାଙ୍କନ ପ୍ରତ୍ୟାହାରର ଶେଷ ଦିବସ ଥିବାବେଳେ ଶନିବାର ଓ ରବିବାର ତାଙ୍କୁ ମନାଇବା ପାଇଁ ବିଜେଡି ପକ୍ଷରୁ ବହୁ ଉଦ୍ୟମ କରାଯାଇଥିଲା। ରାଜେନ୍ଦ୍ର ତାଙ୍କର ନାମାଙ୍କନ ପତ୍ର ପ୍ରତ୍ୟାହାର କରିନେବେ ବୋଲି ଚର୍ଚ୍ଚା ମଧ୍ୟ ଜୋର୍ ଧରିଥିଲା। କିନ୍ତୁ ବିଜେଡିର ସମସ୍ତ ପ୍ରଚେଷ୍ଟା ଶେଷରେ ରାଜେନ୍ଦ୍ରଙ୍କ ଜିଦ୍ ଆଗରେ ଫେଲ୍ ମାରିଛି। ରାଜେନ୍ଦ୍ରଙ୍କୁ ନେଇ ଏବେ ଧାମନଗର ରାଜନୀତି ରୋଚକ ମୋଡ଼ରେ ପହଞ୍ଚିଛି।

ପୂର୍ବରୁ ଭାଜପା ୪୦, ବିଜେଡି ୪୦ ଓ କଂଗ୍ରେସ ୩୦ ଜଣିଆ ଷ୍ଟାର ପ୍ରଚାରକଙ୍କ ନାମ ତାଲିକା ଘୋଷଣା କରିସାରିଛନ୍ତି। ଏଭଳି ସ୍ଥିତିରେ ସୋମବାର ରାଜେନ୍ଦ୍ର ତାଙ୍କର ଷ୍ଟାର ପ୍ରଚାରକ ତାଲିକା ଘୋଷଣା କରିଛନ୍ତି। ତାଲିକାରେ କୌଣସି ବଡ଼ ନେତାଙ୍କ ନାଁ ନ ଥିଲେ ମଧ୍ୟ ମା' ବାପା, ଗୁରୁଜନ, ଚାଷୀ, ଚାଚା, ଚାଚୀ, ଶିକ୍ଷିତ ଓ ସାଧାରଣ ଜନତା ମୋର ଷ୍ଟାର ପ୍ରଚାରକ ବୋଲି ରାଜେନ୍ଦ୍ର ଗଣମାଧ୍ୟମ ଆଗରେ କହିଛନ୍ତି। ଏହି ଷ୍ଟାର ପ୍ରଚାରକମାନଙ୍କୁ ସାଥିରେ ନେଇ ଉପନିର୍ବାଚନରେ ବିଜୟୀ ହେବେ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ଉପନିର୍ବାଚନରେ ବିଜେଡିର ବିଦ୍ରୋହୀ ପ୍ରାର୍ଥୀ ହେବା ଯୋଗୁ ଏହା ଦଳ ଉପରେ ପ୍ରଭାବ ପକାଇବ ବୋଲି ଚର୍ଚ୍ଚା ହେଉଛି। ଅନ୍ୟପଟେ ବିଦ୍ରୋହୀ ପ୍ରାର୍ଥୀ ହେବା ପରେ ମଧ୍ୟ ବିଜେଡି ରାଜେନ୍ଦ୍ରଙ୍କୁ ନିଲମ୍ବନ ନ କରିବା ପଛରେ କ'ଣ ରହସ୍ୟ ରହିଛି, ସେନେଇ ମଧ୍ୟ ଚର୍ଚ୍ଚା ଜୋର୍ ଧରିଛି। ବିଜେଡି ବୈଠକରେ ରାଜେନ୍ଦ୍ରଙ୍କ ସମର୍ଥକମାନେ ଦଳ ତାଙ୍କୁ ଟିକେଟ ନ ଦେବା ନେଇ ଅସନ୍ତୋଷ ପ୍ରକାଶ କରି ହୋହଲ୍ଲା କରୁଥିବାର ଏକ ଭିଡିଓ ଭାଇରାଲ ହେଉଛି। ଏଭଳି ସ୍ଥିତିରେ ଧାମନଗରରେ ବିଜେଡି ଦୁଇଫାଳ ହୋଇଥିବା ବେଳେ ଭାଜପା କେତେଦୂର ଫାଇଦା ଉଠାଇ ପାରିବ ତାହା ନିର୍ବାଚନ ଫଳାଫଳ ପରେ ଜଣାପଡ଼ିବ ବୋଲି ଆଲୋଚନା ହେଉଛି।


ଷ୍ଟାର ପ୍ରଚାରକ ତାଲିକା ପ୍ରଦର୍ଶନ କରୁଛନ୍ତି ସ୍ୱାଧୀନ ପ୍ରାର୍ଥୀ ରାଜେନ୍ଦ୍ର ଦାସ।

**ଧାମନଗର ଉପନିର୍ବାଚନ**

## ମଇଦାନରେ ୫ ପ୍ରାର୍ଥୀ

ସୋମବାର ଥିଲା ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ଦିବସ। ତେବେ କୌଣସି ପ୍ରାର୍ଥୀ ନାମାଙ୍କନ ପ୍ରତ୍ୟାହାର କରି ନ ଥିବାରୁ ଉପନିର୍ବାଚନ ପାଇଁ ୫ ପ୍ରାର୍ଥୀ ମଇଦାନରେ ରହିଥିବା ନେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶିଲ କୁମାର ଲୋହାନୀ ସୂଚନା ଦେଇଛନ୍ତି। ଭାଜପାରୁ ସୂର୍ଯ୍ୟବଂଶୀ ସୂରଜ, ବିଜେଡିରୁ ଅବନ୍ତୀ ଦାସ, କଂଗ୍ରେସରୁ ହରେକୃଷ୍ଣ ସେଠୀ, ସ୍ୱାଧୀନ ପ୍ରାର୍ଥୀ ରାଜେନ୍ଦ୍ର କୁମାର ଦାସ(ରାଜୁ) ଓ ପବିତ୍ର ମୋହନ ଦାସଙ୍କ ନାମ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକାରେ ରହିଛି। ନିର୍ବାଚନ କମିଶନ ପକ୍ଷରୁ ସ୍ୱାଧୀନ ପ୍ରାର୍ଥୀ ରାଜେନ୍ଦ୍ରଙ୍କୁ ଭାସମାନ ଡଙ୍ଗା ସହ ନାବିକ ଓ କାତ ଏବଂ ପବିତ୍ରଙ୍କୁ ଶୀତତାପ ନିୟନ୍ତ୍ରଣ ଯନ୍ତ୍ର ସଙ୍କେତ ମିଳିଛି। ଏହି ୫ ପ୍ରାର୍ଥୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବ।

# ଅନ୍ଧେରୀ ଇଷ୍ଟ ଉପନିର୍ବାଚନ: ଭାଜପାର ପ୍ରାର୍ଥୀପତ୍ର ପ୍ରତ୍ୟାହାର


ରତୁଜା ଲାଟ୍‌କେ

**ମୁମ୍ବାଇ,୧୭।୧୦**

ମୁମ୍ବାଇର ଅନ୍ଧେରୀ ଇଷ୍ଟ ବିଧାନସଭା ଆସନରେ ନଭେମ୍ବର ୩ରେ ଉପନିର୍ବାଚନ ହେବାକୁ ଥିବାବେଳେ ନାମାଙ୍କନପତ୍ର ଦାଖଲର ଶେଷ ଦିନରେ ଭାଜପା ତା'ର ପ୍ରାର୍ଥୀ ପ୍ରତ୍ୟାହାର କରିନେଇଛି। ଫଳରେ ଉଦ୍ଧବ ଠାକ୍‌ରେଙ୍କ ନେତୃତ୍ୱାଧୀନ ଶିବସେନା ଗୋଷ୍ଠୀର ପ୍ରାର୍ଥୀ ରତୁଜା ଲାଟ୍‌କେ ନିର୍ବାଚିତ ହେବା ସ୍ପଷ୍ଟ ହୋଇଯାଇଛି। ଭାଜପା ଉପନିର୍ବାଚନ ନ ଲଢ଼ିବା ପାଇଁ ନିଷ୍ପତ୍ତି ନେଇଛି। ନାମାଙ୍କନପତ୍ର ଦାଖଲ କରିଥିବା ଭାଜପା ପ୍ରାର୍ଥୀ ମୁର୍ଜୀ ପଟେଲ ଓହରିଯିବେ ବୋଲି ମହାରାଷ୍ଟ୍ର ଭାଜପା ସଭାପତି ଚନ୍ଦ୍ରଶେଖର ବାୱାଙ୍କୁଲେ ସୋମବାର କହିଛନ୍ତି।

ଉପନିର୍ବାଚନରୁ ଓହରିଯିବା ଲାଗି ମହାରାଷ୍ଟ୍ର ନବନିର୍ମାଣ ସେନା ମୁଖ୍ୟ ରାଜ୍ ଠାକ୍‌ରେ ରବିବାର ଭାଜପାକୁ ଅନୁରୋଧ କରିଥିଲେ। ସେ ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ୍‌ଙ୍କୁ ପତ୍ର ଲେଖି ରାଜ୍ୟର ପରମ୍ପରା ଅନୁଯାୟୀ ଦିବଂଗତ ବିଧାୟକଙ୍କ ସ୍ତ୍ରୀଙ୍କୁ ନିର୍ବାଚନ ଜିତିବା ଲାଗି ଛାଡ଼ିଦେବା ଉଚିତ ବୋଲି କହିଥିଲେ। ଭାଜପା ଉପନିର୍ବାଚନରୁ ଓହରିଗଲେ ଦିବଂଗତ ବିଧାୟକ ରମେଶ ଲାଟ୍‌କେଙ୍କ ସ୍ଥାନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ତାଙ୍କ ସ୍ତ୍ରୀ ରତୁଜା ଲାଟ୍‌କେ ଜିତିପାରିବେ। ଏହା ଦ୍ୱାରା ପୂର୍ବତନ ବିଧାୟକଙ୍କୁ ଉପଯୁକ୍ତ ଶ୍ରଦ୍ଧାଞ୍ଜଳି ହେବ ବୋଲି ରାଜ୍ ଠାକ୍‌ରେ କହିଥିଲେ। ଦଳ କହିଲେ ସେ ପ୍ରତିଦ୍ୱନ୍ଦ୍ୱିତାରୁ ଓହରିଯିବାକୁ ପ୍ରସ୍ତୁତ ବୋଲି ଭାଜପା ପ୍ରାର୍ଥୀ ମୁର୍ଜି ପଟେଲ ରବିବାର କହିଥିଲେ।

# ଭୋଟ ଦେଲେନି ମୋକିମ୍

**କଟକ ଅଫିସ୍,୧୭।୧୦:** କଂଗ୍ରେସ ଅଧ୍ୟକ୍ଷ ନିର୍ବାଚନ ଲାଗି ସୋମବାର ଭୁବନେଶ୍ୱରସ୍ଥିତ ପ୍ରଦେଶ କଂଗ୍ରେସ କମିଟି(ପିସିସି) କାର୍ଯ୍ୟାଳୟରେ ଭୋଟ ଗ୍ରହଣ ଶେଷ ହୋଇଛି। କିନ୍ତୁ କଟକ-ବାରବାଟି ବିଧାୟକ ମହମ୍ମଦ ମୋକିମ୍ ଭୋଟ ଦେଇ ନାହାନ୍ତି। ଏହାକୁ ନେଇ ରାଜ୍ୟ କଂଗ୍ରେସରେ ଚର୍ଚ୍ଚା ଜୋର୍ ଧରିଛି। ବାହାରେ ଥିବାରୁ ସେ ଭୋଟ ଦେଇ ପାରିନାହାନ୍ତି ବୋଲି ମୋକିମ୍ କହିଛନ୍ତି।

# ଏସ୍ଏଚ୍‌ଜି ଗ୍ରୁପ୍ ଆକାଉଣ୍ଟକୁ ଫ୍ରିଜ୍ କରାଯାଉ

**ନିର୍ବାଚନ ଆୟୋଗଙ୍କ ନିକଟରେ ଫେରାଦ ହେଲା ଭାଜପା**

**ଭୁବନେଶ୍ୱର,୧୭।୧୦(ବ୍ୟୁରୋ):** ଭୋଟରଙ୍କୁ ପ୍ରଭାବିତ କରିବା ପାଇଁ ଶାସକ ବିଜେଡି ପୋଲିସ, ଆମ୍ବୁଲାନ୍ସର ସହାୟତାରେ ଟଙ୍କା ବାଣ୍ଟୁଥିବାର ଅନେକ ନଜୀର ଅତୀତରେ ଦେଖିବାକୁ ମିଳିଛି। ବର୍ତ୍ତମାନ ଧାମନଗର ଉପନିର୍ବାଚନରେ ଏସ୍ଏଚ୍‌ଜି ଗ୍ରୁପ୍ ମାଧମରେ ଶାସକ ଦଳ ଟଙ୍କା ବାଣ୍ଟିବାର ପ୍ରୟାସ ଆରମ୍ଭ କରିଦେଇଛି। ଏହାଦ୍ୱାରା ଅବାଧ, ମୁକ୍ତ ଓ ନିରପେକ୍ଷ ନିର୍ବାଚନ ଆଦୌ ସମ୍ଭବ ନୁହେଁ। ତେଣୁ ନିର୍ବାଚନ ପ୍ରକ୍ରିୟା ଶେଷ ହେବା ପର୍ଯ୍ୟନ୍ତ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସମସ୍ତ ଏସ୍ଏଚ୍‌ଜି ଗ୍ରୁପର ବ୍ୟାଙ୍କ ଆକାଉଣ୍ଟକୁ ଫ୍ରିଜ କରାଯିବାକୁ ଭାଜପା ପକ୍ଷରୁ ରାଜ୍ୟ ମୁଖ୍ୟ ନିର୍ବାଚନ ଆୟୋଗଙ୍କ ନିକଟରେ ଦାବି କରାଯାଇଛି। ରାଜ୍ୟ ସାଧାରଣ ସମ୍ପାଦକ ଲେଖାଶ୍ରୀ ସାମନ୍ତସିଂହାରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ସୋମବାର ମୁଖ୍ୟ ନିର୍ବାଚନ ଆୟୋଗଙ୍କୁ ଭେଟିଛନ୍ତି।


## OFFICE OF THE PANCHAYAT SAMITI,SINAPALI: DIST-NUAPADA
**NOTICE INVITING TENDER**

TENDER CALL NOTICE NO. 3117 (BIN- 04/2022-23) DATE-15.10.2022

**No.i-106:**The Block Development Officer, Sinapali P.S on behalf of Governor of Odisha invites "Percentage Rate Bids" in sealed single cover for the following works to be executed in Sinapali Block.

| Sl. No. | Name of the Tender Works | Tender Cost of the Works (Rs.) | Cost of Tender Paper | Class of Contrac-tors | Period of Completion |
|---|---|---|---|---|---|
| 1 | Construction of "Day-care Sub-Centre cum HWC at Badibahal, GP-Karanbahali | 31,25,505/- + 12% GST | Rs.6000/- | 'C' & 'B' | 04 (Four) Calendar Months |

| Sl.No. | PARTICULARS | DATE & TIME |
|---|---|---|
| 1 | Date & Time of Sale (at- Block Office) & Availability Bid Document in Dist. Website | From 19.10.2022, 10.30 am to 04.11.2022, 5.00 PM |
| 2 | Date & Time for Submission/Receipt of Bid document at O/o- BDO, Sinapali | From 19.10.2022, 10.30 am to 04.11.2022, 5.00 PM |
| 3 | Date & Time for Opening of Bid document | On Dt. 05.11.2022 at 11.00 AM at O/o-BDO, Sinapali |

The Bid document relating to the details of bidding process and Terms & Conditions can be assessed from District website i.e. http://www.nuapada.nic.in. BDO, Sinapali PS reserves the right to reject or modify any conditions of the tender and may cancel the tender at any stage without assigning any reason thereof.

OIPR- 19226/11/0004/2223 **Block Development Officer, Sinapali PS, Dist- Nuapada**

obcc ଓଡ଼ିଶା ସେତୁ ନିର୍ମାଣ ନିଗମ ଲିଃ. (ଓଡ଼ିଶା ସରକାରଙ୍କ ଏକ ଉଦ୍ୟୋଗ) No.CAD-2193:

## ODISHA BRIDGE & CONSTRUCTION CORPORATION LIMITED
(A Government of Odisha Undertaking)

File No.TCF-01 /2022-23 /Ref. No.7069 Date:15.10.2022

**'e'-PROCUREMENT NOTICE, BID IDENTIFICATION NO. 35/TOLL/OBCC/2022-23**

| Sl. No. | Name of the R&B toll gates. | Upset Price (In Rs.) | Bid Security/ E.M.D | Bid Processing Fees (In Rs.) including GST | Operation period for three years |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 | Ong bridge toll gate over river Ong on Binika-Rampur Road, Bolangir. | 2,18,98,139/- | 10,94,907/- | 2,36,000/- | Three years from the effective date of Agreement. |
| 2. | Bridge over Thalean on Tansunga-Laikera road toll gate. | 56,70,000/- | 2,83,500/- | 59,000/- | -do- |
| 3. | Badagenguti Bridge toll gate on Baruan-Balichandrapur Road, Cuttack. | 25,24,500/- | 1,26,225/- | 23,600/- | -do- |
| 4. | Surubalijore Bridge toll gate on Subalaya-Dharmasala Road. | 17,47,009/- | 87,350/- | 11,800/- | -do- |
| 5. | Veden Bridge toll gate, Soida-Kalpara. ( R.D. Toll gate) | 10,25,100/- | 51,255/- | 11,800/- | -do- |

1.Date and lime for online bidding for the above toll gates starts from 5.30 P.M. of dt. 18.10.2022 to 10.30 A.M. of dt.28.10.2022 and will be opened at 11.30 A.M. of dtd. 28.10.2022.2.Further details can be seen from the web site https://tendersodisha.gov.in.

OIPR-34161/11/0007/2223 **SD./- CHIEF GENERAL MANAGER (P&A)**

## Government of India
## Office of the Addl. Director of Income-tax (Inv.),Unit-2
**Aayakar Bhawan Annexe, 5th Floor**
**Bhubaneswar-751007. Telephone No-0674-2589212**
**E mail:Bhubaneswar.addldit.inv2@incometax.gov.in**

**F.No.Addl.DIT(Inv), U/2/BBSR/Election/2022-23/3573 Dated:17.10.2022**

**PUBLIC NOTICE**

In pursuance of orders received from Election Commission of India, General public is hereby informed that an Election Expenditure Monitoring (EEM) team for the forthcoming bye-election to **46-Dhamnagar Asssembly Constituency, 2022** has been set up at EEM Control Room No-513, Aayakar Bhawan Annexe, 5th floor, Rajaswa Vihar,Bhubaneswar-751007 constituting the following officer/officials with immediate effect till the date of declaration of result.

| Sl. No. | Headquarters | Name and designation of Sub-Nodal Officer | Mobile Number | Name and designation of officials | Mobile Number |
|---|---|---|---|---|---|
| 01 | EEM Control Room No.-513, Aayakar Bhawan, Annexe, 5th Floor, Rajaswa Vihar, Bhubaneswar-751007 | Sreevisakh R.K. DDIT (Inv), Unit-2 (4), Bhubaneswar | Mob: 8129474347 | Shashank Shekhar, IIT | 7980192548 |
| | | | | Mihir Roy, IIT | 9438917325 |
| | | | | Jitendra Kumar Sahoo, IIT | 9438917554 |

Any untoward cash transactions or movements related to the election may please be informed to the above mentioned team members for further necessary action as per the provisions of the Income Tax Act, 1961.

**Sd./- (दीपी अग्रवाल / Dipi Agrawal)**
**आयकर अपर निर्देशक / Addl. Director of Income Tax (Inv.)**
**यूनिट–२, भुवनेश्वर / Unit-2, Bhubaneswar**
**& Nodal Officer (EEM), Bye Election**
**46-Dhamnagar Assembly Constituency**

अखिल भारतीय आयुर्विज्ञान संस्थान (एम्स), भुवनेश्वर
## ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR
Sijua, Post : Dumuduma, Bhubaneswar - 751019

No: AIIMS/BBSR/ENGG/ACR-2021/CMC CENTRAL AC/74/156 Dated: 12th Oct 2022
e-Tender Ref.No.- AIIMS/BBSR/ENGG/ACR/CENTRAL AC/NIT/20

**NOTICE INVITING E-TENDER**

The All India Institute of Medical Sciences (AIIMS), Bhubaneswar invites e-Tender for **"Operation & Comprehensive Maintenance Contract of High Side and Low side of HVAC System of AIIMS, Bhubaneswar".** Detailed description, terms & conditions and document for processing e-Tender along with last date of submission can be viewed and downloaded from e-Tender portal of AIIMS, Bhubaneswar website **www.aiimsbhubaneswar.nic.in.** Sd/-

**Executive Engineer (AC&R)**
**AIIMS, Bhubaneswar**

## OFFICE OF THE PRINCIPAL MAA MARKAMA +3 COLLEGE BISSAM CUTTACK
**DIST-RAYAGADA, PIN-765019 (ODISHA),ESTD-1995**
Visit us: www.mmplus3college.in,
Email Id: mmdegreecollege@gmail.com, Mob No. 9438447744

**TENDER NOTICE**

No. 02 Date. 17.10.2022

Sealed tenders are invited from the distributors/dealers/ registered firm for supply of Laboratory equipments of Physics, Chemistry, Botany & Zoology at Maa Markama +3 College, Bissamcuttack. The sealed tender documents are to be submitted on or before 02.11.2022 by speed post/ register post only as per prescribed terms and conditions. For further details and list of required items please visit the college website https://www.mmplus3college.in/.

**Principal, Maa Markama +3 College,**
**Bissamcuttack, Mob No - 9438447744**

## GOVERNMENT OF ODISHA
No.B-700:
**e-Procurement Notice, ANGUL (R&B) DIVISION**
**Bid Identification No.-16 of 2022-23**
**e-mail ID- angulrbdivision@yahoo.co.in**

1. Number of Works : 02 (Two) number of Building works 10 (Ten) number of Road works
2. Approximate estimated cost : Varies from Rs.5.00 lakhs to Rs.83.00 lakhs
3. Period of completion : Varies from 02 (Two) to 03 (Three) Calendar months
4. Date & Time of availability of bid document in the portal : Dt. 19.10.2022 at 10.00 A.M.
5. Last date / Time for receipt of bid in the portal : Dt. 03.11.2022 up to 5.00 P.M.
6. Date of opening Bid : Dt. 04.11.2022 at 11.00 A.M.
7. Name and address of the Office Inviting Bid : Executive Engineer, Angul (R&B) Division, Angul
8. The bidders have to participate in **ONLINE** bidding only.

Further details can be seen from the e-procurement portal **https:/tendersodisha.gov.in.**

**Sd./- Executive Engineer, Angul (R&B) Division**
OIPR-34074/11/0007/2223

**GOVT. OF ODISHA**
**DEPARTMENT OF WATER RESOURCES**
## OFFICE OF THE SUPERINTENDING ENGINEER ROURKELA IRRIGATION DIVISION, ROURKELA
**CORRIGENDUM**

**BID IDENTIFICATION NO. SERID-RKL-01/2022-23 (ONLINE)**

**No.A-614:**The tender for the work invited under Bid Identification No.- SERID-RKL-01/2022-23 is hereby modified and read as below

1. The Bid Documents will be available in the website from dt 20.10.2022 at 10.00 A.M to dt. 02.11.2022 up to 05.30 P.M. for on-line bidding,
2. The date of opening of Technical & Financial bid will be on dt 04.11.2022 at 11.00 A.M.
3. The time of transparent lottery may be held at 11.00 A.M of dt 05.11.2022 instead of dt 03.11.2022.

All other terms and condition of the Bid will remain unchanged.

OIPR-32018/11/0005/2223 **Sd./-Superintending Engineer, Rourkela Irrigation Division, Rourkela**

## GOVERNMENT COLLEGE OF ENGINEERING, KEONJHAR
**At: Jamunalia, P.O.: Old Town, Dist., Keonjhar, Pin: 758002 (Odisha)**
**Web: www.gcekjr.ac.in / Mail id- principal@gcekjr.ac.in**
**No. 1313, Date: 17.10.2022**

**WALK-IN INTERVIEW FOR ENGAGEMENT AS GUEST FACULTY & TRAINING & PLACEMENT OFFICER**

**No.KK-197:**The walk-in interview for engagement of guest faculty (purely temporary for 1st, 3rd, 5th & 7th Semester) will be conducted from 26.10.2022 to 29.10.2022 for different departments and disciplines and for Training & Placement Officer on contract basis on 31.10.2022 at Government College of Engineering, Keonjhar. The applicants are required to fill up the Google Form after depositing an application fee online of Rs.500 in the college account. A/C Name - Government College of Engineering, Keonjhar, A/C No. 37140179346, IFS Code. SBIN0000113 by Dt. 24.10.2022 positively for Guest Faculty and by 29.10.2022 for Training & Placement Officer.

For more details and Google Form Link visit the college website: www.gcekjr.ac.in

**Sd./- Principal**
**Government College of Engineering, Keonjhar**
**OIPR-14088/11/0008/2223**

## COLLECTORATE, MALKANGIRI (SPORTS SECTION)
**Tender Call Notice No.244 Date:16.08.22**

**SHORT TENDER CALL NOTICE**

**No.AA-13:**Sealed Quotations/ Tender are hereby invited from the intending reputed Supplier/ Firms / Agencies for supply of Sports uniform / Shoes material with shocks & Game equipment etc. for Sports Hostel, Malkangiri. The intending Suppliers are requested to submit their sealed quotation on or before 02-09-2022 by 3.00 P.M. through Regd. Post/ Speed Post only in the Office of the Coach-in-charge, Sports Hostel, Malkangiri, At-Sports Complex, P.o/Dist.- Malkangiri, Pin- 764048. The sealed Quotation will be opened on the same day at 4.30 P.M. by the purchasing committee in presence of the tenderers or their authorized representatives in the Office Chamber of Addl. Dist. Magistrate, Malkangiri. The details terms & Condition of the Tender Paper will be available in the Office of the Coach-in-charge, Sports Hostel, Malkangiri with effect from the date of publication of the advertisement & for details it can be downloaded from website NIC, Collectorate, Malkangiri. **(www.malkangiri.nic.in).**

**Sd./- District Sports Officer**
**Malkangiri**
**OIPR-29017/11/0004/2223**

**GOVERNMENT OF ODISHA**
## OFFICE OF THE EXECUTIVE ENGINEER KANDHAMAL MINOR IRRIGATION DIVISION, PHULBANI
**Telephone/Fax No-06842-253634**
**E-Mail: www.kmidplb@gmail.com**
**BID IDENTIFICATION NO-03/2022-23/ 2231 Dt:-11.10.2022**

**No.A-613:**The Executive Engineer, Kandhamal Minor Irrigation Division, Phulbani on behalf of Governor of Odisha invites Percentage rate bids in double cover system only in "ON LINE" mode for the Construction of works detailed in the table from"B" Class Contractors only registered with the State Government and contractors of equivalent Grade/Class registered with Central Government /M.E.S/ Railways for execution of civil works on production of definite proof from the appropriate authority. The bidders may submit bids for any or all of the following works.

1. Name of the works :- Construction of new Check Dams P.K.D Type in Phiringia and Phulbani Block of Kandhamal District under MATY scheme for the year 2022-23.
2. Total No. of works :- 08 (Eight)
3. Estimated Cost :- Varies from Rs. 53.15 lakh to 74.17 lakh Approximately
4. Class of Contractor :- "B" Class only
5. Period of completion :- 180 (One hundred eighty days only).
6. Date & time of availability of Bid Document in the Portal for online bidding. :- 17.10.2022 at 10 A.M. to 28.10.2022 up to 4 PM.
7. Last date/Time for receipt of Bid only in ONLINE. :- 28.10.2022 upto 4 PM.
8. Date/Time of Opening of Technical Bid. :- 29.10.2022 at 11.00 AM. at Office of the Executive Engineer, Kandhamal M.I. Division, Phulbani.
9. Date/ Time of Opening of Financial Bid :- To be intimated through website after evaluation of Technical Bid
10. Name & Address of the Officer Inviting the Bid. :- Office of the Executive Engineer, K.M.I. Division Phulbani
11. Further details can be seen from the "e" Procurement Portal https://tendersodisha.gov.in.

**Sd./- (Er. Sunil Kumar Tripathy)**
**Executive Engineer,**
OIPR-32040/11/0004/2223 **Kandhamal M.I.Division, Phulbani**

**ବୃତ୍ତି ପରୀକ୍ଷାରେ ସରସ୍ୱତୀ ଶିଶୁ ମନ୍ଦିରର ସଫଳତା**

ରୁପ୍ରାରୋଡ,(ଡି.ଏନ.ଏ.): ଶିକ୍ଷାବର୍ଷ ୨୦୨୧-୨୨ର ସରକାରୀ ବୃତ୍ତି ପରୀକ୍ଷା ଫଳରେ କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅନ୍ତର୍ଗତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରକୁ ସଫଳତା ମିଳିଛି। ତୃତୀୟ ଶ୍ରେଣୀ ବୃତ୍ତିରେ ଛାତ୍ର ବିମ୍ବରାଜ ତ୍ରିପାଠୀ ବ୍ଲକରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ସାଇକ୍ରିଷ୍ଣା ପୁଟେଲ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ପଞ୍ଚମ ଶ୍ରେଣୀ ବୃତ୍ତିରେ ଛାତ୍ରୀ ସସ୍ମିତା ଭୋଇ ବ୍ଲକରେ ୫ମ ସ୍ଥାନ ଅଧିକାର କରିଥିବା ବେଳେ ନ୍ୟୋମିଷା ଭୋଇ ୭ମ ସ୍ଥାନ ଅଧିକାର କରିଛନ୍ତି। ସଫଳତା ପାଇଁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

## ସଂକ୍ଷେପରେ

### ଶ୍ରୀକୃଷ୍ଣ ଲୀଳା ପ୍ରସ୍ତୁତି ବୈଠକ

**ଖଡ଼ିଆଲ,୧୭।୧୦(ଡି.ଏନ.ଏ.):** ନୂଆପଡ଼ା ଜିଲା ଖଡିଆଲ ଏନ୍‌ଏସି ୱାର୍ଡ ନଂ. ୯ ଗୋକୁଳ ନଗର ସାଂସ୍କୃତିକ ଅନୁଷ୍ଠାନଠାରେ ଆସନ୍ତା ଅଁଳା ନବମୀଠାରୁ ଥିବା ଶ୍ରୀକୃଷ୍ଣ ଲିଳା (ରାହାସ) କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ୭ ଦିନ ଧରି ଶ୍ରୀକୃଷ୍ଣଙ୍କ ଜନ୍ମ ଲିଳାରୁ କଂସ ବଧ ଯାଏ ଗୀତିନାଟ୍ୟ ପରିବେଷଣ ହୋଇଥାଏ। ଗତ ୨ ବର୍ଷ ଧରି କରୋନା କଟକଣା ଯୋଗୁ ରାହାସ କାର୍ଯ୍ୟକ୍ରମ ବନ୍ଦ ରହିଥିଲା। ଏଥର ଏହାକୁ ବହୁତ ଯାକଯମକ ସହିତ ପାଳନ କରିବା ପାଇଁ କମିଟି ପକ୍ଷରୁ ପ୍ରସ୍ତାବ ଗୃହିତ ହୋଇଛି। ପ୍ରସ୍ତୁତି ବୈଠକରେ ଅନୁଷ୍ଠାନ ସମସ୍ତ ପଦାଧିକାରୀ ସହିତ, ବୟୋଜ୍ୟେଷ୍ଠ ଓ ଯୁବ କାର୍ଯ୍ୟକର୍ତ୍ତା ଅଂଶ ଗ୍ରହଣ କରିଥିଲେ।

### ମା' ମାହେଶ୍ୱରୀଙ୍କ ନବନିର୍ମିତ ମନ୍ଦିର ଉଦ୍‌ଘାଟିତ

**ଖଡ଼ିଆଲ,୧୭।୧୦(ଡି.ଏନ.ଏ.):** ନୂଆପଡ଼ା ଜିଲା ଖଡିଆଲ ବ୍ଲକ ଅନ୍ତର୍ଗତ ଜିଲା ପରିଷଦ ଜୋନ ନମ୍ବର ୫ର ଖମତରାଇ ଗାଁରେ ମା' ମାହେଶ୍ୱରୀଙ୍କ ନବନିର୍ମିତ ମନ୍ଦିର ଉଦ୍‌ଘାଟିତ ହୋଇଯାଇଛି। ଏହାର ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ପାଣ୍ଠିରୁ ଅର୍ଥ ପ୍ରଦାନରେ ସହାୟତା କରିଥିଲେ ବିଜୁ ଜନତା ଦଳ ସାଧାରଣ ସମ୍ପାଦକ ଲମ୍ବୋଦର ନିଆଲ। ସୋମବାର ଗ୍ରାମବାସୀ ମୁଖ୍ୟଅତିଥି ଭାବେ ନିମନ୍ତ୍ରଣଙ୍କ କରି ତାଙ୍କ ଦ୍ୱାରା ମନ୍ଦିର ଉଦ୍‌ଘାଟନ କରାଇଥିଲେ। ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ଜିଲା ପରିଷଦ ସଦସ୍ୟା ତନୟା ଶବର, ଜିଲା ଛାତ୍ର ସଭାପତି ଅମିତ ସିଂଦେଓ, ସମିତି ସଭ୍ୟ କେଦାର ତାଣ୍ଡି, ପୂର୍ବତନ ସରପଞ୍ଚ ହରି ମାଝି, ରଜକ ଚନ୍ଦ୍ରଧ୍ୱଜ ମାଝି, ଝଟକୁ ଟୁନା ମାଝି, କୃଷ୍ଣ ଦାସଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ରହିଥିଲେ।

### ପାଣିରେ ବୁଡ଼ି ଜଣେ ମୃତ

**ଖଡ଼ିଆଲ,୧୭।୧୦(ଡି.ଏନ.ଏ.):** ନୂଆପଡ଼ା ଜିଲା ଖଡ଼ିଆଲସ୍ଥିତ ମାରବନ୍ଧଠାରେ ଗାଧେଇବାକୁ ଯାଇ ପାଣି ବୁଡ଼ି ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତ ବୃଦ୍ଧ ହେଲେ ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ଥାନା ସିଂଘାଡି ଗ୍ରାମର ଡାକୃଷି ବେହେରା (୫୫) ବୋଲି ପୋଲିସ ସୂତ୍ରରୁ ଜଣାପଡ଼ିଛି। ସେ ଅନେକ ଦିନ ହେଲା ଘର ଛାଡ଼ି ଖଡ଼ିଆଲ ଅଞ୍ଚଳରେ ଜଣେ ବୁଲୁଥିଲେ। ହେଲେ ସେ ସୋମବାର ମାରବନ୍ଧକୁ ଗାଧେଇ ଯାଇ ପାଣିରେ ବୁଡି ମୃତ୍ୟୁବରଣ କରିଥିବା ଜଣାପଡିଛି। ପୋଲିସ ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ତଦନ୍ତ ଅଧିକାରୀ ରେବତୀ ଦୁର୍ଗା ପ୍ରକାଶ କରୁଛନ୍ତି।

### ସଖୀର ପ୍ରତିଷ୍ଠା ଦିବସ ପାଳିତ




**ଭବାନୀପାଟଣା,୧୭।୧୦(ସ୍ୱ.ପ୍ର.):** କଳାହାଣ୍ଡି ଜିଲା ଭବାନୀପାଟଣାରେ ଶନିବାର 'ସଖୀ'ର ତୃତୀୟ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ କାର୍ଯ୍ୟାଳୟ ମୁଖ୍ୟ ବିନିତା ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ସ୍ୱଧାର ଗୃହର ଜୟଶ୍ରୀ ଦାଶ, ମହିଳା ସହଯୋଗ କେନ୍ଦ୍ରର ଏସ୍. ସୁଜାତା ସାଗର, ସାମାଜିକ କର୍ମୀ କଲ୍ୟାଣୀ ଦାଶ, ଖବରଦାତା ନାରାୟଣ ନାଏକ, ମଧୁସୂଦନ ମହାପାତ୍ର ପ୍ରମୁଖ ଯେଗାଦେଇ ସକ୍ଷୀର ଉଦ୍ଦେଶ୍ୟ ଓ ମହିଳାଙ୍କ ପ୍ରତି ଅବଦାନ ଉପରେ ଅଭିଭାଷଣ ଦେଇଥିଲେ। ଗତ ୩ ବର୍ଷରେ ଜିଲାରେ ମହିଳା ସମ୍ପର୍କିତ ୨୦୯ଟି ମାମଲା ଏହି କାର୍ଯ୍ୟାଳୟକୁ ଆସିଥିବାବେଳେ ସେଥିମଧ୍ୟରୁ ୧୫୦ଟି ମାମଲାର ସମାଧାନ କରାଯାଇଛି। ଅବଶିଷ୍ଟ ମାମଲାର ସମାଧାନ କରିବା ପାଇଁ ପ୍ରୟାସ ଚାଲିଥିବା ସୂଚନା ମିଳିଛି। ପ୍ରତିଷ୍ଠା ଦିବସରେ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

### ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣି

**ଖଡ଼ିଆଲ,୧୭।୧୦(ଡି.ଏନ.ଏ.):** ନୂଆପଡା ଜିଲା ଖଡ଼ିଆଲ ବ୍ଲକ ଅନ୍ତର୍ଗତ ବିରିଘାଟଠାରେ ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଅଭିଯୋଗ ଶୁଣାଣି ଶିବିରରେ ବ୍ଲକର ୧୬୩ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ଖଡ଼ିଆଲ ବିଡିଓ ନାରାୟଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶିବିରରେ ତହସିଲଦାର ସିନ୍ଧୁସୁତା ପାତ୍ର, ସିଡିପିଓ ମିନା ଅଗ୍ରୱାଲ, ବିଇଓ, ବ୍ଲକ କୃଷି ଅଧିକାରୀଙ୍କ ସମେତ ବ୍ଲକସ୍ତରୀୟ ସମସ୍ତ ଅଧିକାରୀ ଯୋଗଦେଇଥିଲେ। ବିଡ଼ିଓ ସାହୁ ପଞ୍ଜୀକୃତ ସମସ୍ତ ଅଭିଯୋଗ ତୁରନ୍ତ ସମାଧାନ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# କାମ ଅନ୍ୱେଷଣରେ ଗାଁ ଛାଡୁଛନ୍ତି ଶ୍ରମିକ

**ବୋଇରଭାଡି ଗାଁ**
- ବାହାର ରାଜ୍ୟକୁ ଗଲେଣି ୧୦ ପରିବାର
- ସରକାରୀ ଯୋଜନା କାମକୁ ଆସୁନାହିଁ

**ନୂଆପଡ଼ା ଅଫିସ,୧୭।୧୦**


ଏକ ଦାଦନ ପରିବାର ଘରେ ତାଲା ପଡ଼ିଛି।

ନୂଆପଡା ଜିଲାର ୮୦ ଭାଗ ଲୋକ ଚାଷ ଉପରେ ନିର୍ଭର କରନ୍ତି। ବର୍ଷର ୬ ମାସ ଚାଷ କରି ଅମଳ ପରେ ଅଧା ୬ ମାସ କାମ ଅନ୍ୱେଷଣରେ ବାହାର ରାଜ୍ୟକୁ ଦାଦନ ଯାଇଥାନ୍ତି। ନୂଆପଡା ଏକ ଦାଦନ ପ୍ରବଣ ଜିଲା ହୋଇଥିବାରୁ ପ୍ରତିବର୍ଷ ହଜାର ହଜାର ଲୋକ କାମ ଧନ୍ଦା ଅନ୍ୱେଷଣରେ ତେଲଙ୍ଗାନା, ଆନ୍ଧ୍ରପ୍ରଦେଶ, ତାମିଲନାଡୁ, ମହାରାଷ୍ଟ୍ର, ଗୁଜରାଟ, ଉତ୍ତରପ୍ରଦେଶ ଭଳି ବାହାର ରାଜ୍ୟକୁ ଦାଦନ ଯାଇଥାନ୍ତି। ସରକାର ଦାଦନ ରୋକିବା ପାଇଁ ଅନେକ ଯୋଜନା କରିଛନ୍ତି। ହେଲେ ନୂଆପଡା ସଦର ବ୍ଲକ ବୋଇରଭାଡି ଗାଁରେ ଏସବୁ ଯୋଜନା କାମକୁ ଆସୁନାହିଁ। ୪ ୱାର୍ଡ ବିଶିଷ୍ଟ ବୋଇରଭାଡି ଗାଁର ପ୍ରାୟ ୧୦ଟି ପରିବାର ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇ ସାରିଥିବା ବେଳେ ଆଗକୁ ଆହୁରି ୭୦ ପରିବାର ଦାଦନ ଯିବା ପାଇଁ ପ୍ରସ୍ତୁତ ହୋଇଛନ୍ତି। ଗାଁର ତିଜିଆ ପାଣ୍ଡେ ନାମକ ଜଣେ ମହିଳାଙ୍କ ସ୍ୱାମୀ ଦୁଇ ବର୍ଷ ତଳେ ଅଜଣା ରୋଗରେ ପଡି ମୃତ୍ୟୁବରଣ କରିଥିଲେ। ତାଙ୍କର ଦୁଇ ପୁଅ ସେ ସମୟରେ ବାପାଙ୍କ ଚିକିତ୍ସା ପାଇଁ ୨ ଲକ୍ଷ ଟଙ୍କା ଧାର କରଜ କରିଥିଲେ। ଧାର ଟଙ୍କା ସୁଜିବା ପାଇଁ ଦୁଇ ପୁଅ ଭରତ ପାଣ୍ଡେ ଓ ଭୋଲା ପାଣ୍ଡେ ପରିବାର ସହ ବାହାର ରାଜ୍ୟକୁ ଦାଦନ ଖଟିବା ପାଇଁ ଯାଇ ସାରିଲେଣି। ସେହି ଗାଁର ସନ୍ତରାମ ପାଣ୍ଡେ ଓ ରାଧେ ପାଣ୍ଡେଙ୍କ ପରିବାର ମଧ୍ୟ ବାହାର ରାଜ୍ୟରେ ଦାଦନ ଖଟୁଛନ୍ତି। କିଛି ପରିବାରର ସମସ୍ତ ଲୋକ ଦାଦନ ଯାଇଥିବାରୁ ଘରେ ତାଲା ଝୁଲୁଛି। ସ୍ଥାନୀୟ ୱାର୍ଡମେମ୍ବରଙ୍କ କହିବାନୁଯାୟୀ ଗାଁରେ ଅନେକ ଲୋକଙ୍କ ଜମିବାଡି ବେଶି ନ ଥିବା ବେଳେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାମ ହେଉ ବା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ମହିଳାମାନଙ୍କୁ ଆବଶ୍ୟକ ଅନୁସାରେ କାମରେ ନିୟୋଜିତ କରାଯାଇ ପାରୁ ନାହିଁ। ଫଳରେ ଲୋକେ ବାଧ୍ୟ ହୋଇ ଅନ୍ୟ ଉପାୟ ନ ପାଇ ବାହାର ରାଜ୍ୟକୁ ଦାଦନ ଖଟିବା ପାଇଁ ଯାଇ ହଇରାଣ ହେଉଛନ୍ତି। ଅନେକ ସମୟରେ ଦାଦନ ନିର୍ଯାତନା କଥା ସାମନାକୁ ଆସୁଥିବା ବେଳେ ଶ୍ରମିକ ସୁରକ୍ଷା ଆଇନ ଅନୁସାରେ ବାହାର ରାଜ୍ୟକୁ ଦାଦନ ଯାଇଥିବା ଶ୍ରମିକମାନଙ୍କ ସମସ୍ତ ତଥ୍ୟ ପ୍ରଶାସନ ରଖିବା ଜିଲାରେ ସମ୍ଭବ ହୋଇପାରୁନାହିଁ। ପ୍ରସ୍ତୁତ ହୋଇ ରହିଥିବା ଶ୍ରମିକମାନେ ଆମକୁ ଉଚିତ ପାରିଶ୍ରମିକ ଓ ଠିକ ସମୟରେ କାମ ମିଳିଲେ କାହିଁକି ବାହାର ରାଜ୍ୟକୁ କାମ କରିବାକୁ ଯିବୁ ବୋଲି ଲୋକେ କହିଛନ୍ତି। ଏ ସଂକ୍ରାନ୍ତରେ ଜିଲା ସହ ଶ୍ରମ ଅଧିକାରୀ ଦିବ୍ୟ ଶଙ୍କର ଧରୁଆଙ୍କୁ ପଚାରିବାରୁ ବର୍ତ୍ତମାନ ସୁଦ୍ଧା ଲୋକେ ଦାଦାନ ଯିବା ଭଳି ଜଣାପଡୁ ନାହିଁ। ଆମ ଟିମ ଗାଁ ଗାଁ ଯାଇ ସଚେତନ କରୁଛି। ଯେଉଁ ଗାଁରୁ ଖବର ଆସିଲେ, ସେହି ଗାଁକୁ ଯାଇ ନାମ ପଞ୍ଜୀକରଣ କରି ଶ୍ରମ କାର୍ଡ କରାଯାଉଛି ବୋଲି କହିଥିଲେ।

# ବାଆଦୀ ଠାକୁରଙ୍କ ବାର୍ଷିକ ଦଶରାରେ ସାଂସ୍କୃତିକ କାର୍ଯ୍ୟକ୍ରମ


ସାଂସ୍କୃତିକ କାର୍ଯ୍ୟକ୍ରମରେ ଘୁମୁରା ନୃତ୍ୟ ପରିବେଷଣ କରାଯାଉଛି।

**କୋକସରା,୧୭।୧୦(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ବଡପୋଡାଗୁଡା ପଞ୍ଚାୟତ ତଲାଗାଁ ଓ ଶର୍ଗିଗୁଡାଠାରେ ପ୍ରଭୁ ବାଆଦୀ ଠାକୁରଙ୍କ ବାର୍ଷିକ ଦଶରା ସମ୍ପନ୍ନ ହୋଇଛି। ରବିବାର ସକାଳୁ ବଡପୋଡାଗୁଡା ଗ୍ରାମ୍ୟ ପୂଝାରୀଙ୍କ ଘରୁ ବାଆଦୀ ଠାକୁରଙ୍କ ଲାଠି ମନ୍ଦିର ଅଭିମୁଖେ ବିଜେ ହୋଇଥିଲା। ବିଭିନ୍ନ ଗ୍ରାମରୁ ନିମନ୍ତ୍ରିତ ଦେବଦେବୀଙ୍କ ଲାଠି ଏକତ୍ରିତ ହେବା ପରେ ପୂଜକ ଓ ଶତାଧିକ ଶ୍ରଦ୍ଧାଳୁଙ୍କ ଗହଣରେ ଲାଠି ଶୋଭାଯାତ୍ରାରେ ବାହାରି ମନ୍ଦିରରେ ପହଞ୍ଚିଥିଲା। ପରେ ପାରମ୍ପାରିକ ରୀତିନୀତି ଅନୁସାରେ ପୂଜା ଆରମ୍ଭ ହୋଇଥିଲା। ତଲାଗାଁରେ ପୂଜକ ବଳଭଦ୍ର ପୂଝାରୀ, ଶିରା ସପୁର ସିଂ ନାଗ ନୀତିକାନ୍ତି ତୁଲାଇଥିଲେ। ପୂଜା କମିଟି ପକ୍ଷରୁ ରବିବାର ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଧର୍ମଗଡ ବିଧାୟକ ମୋଷଧି ବାଗ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଲକ୍ଷ୍ମୀ ନାରାୟଣ ସେନାପତି, ସୁରେଶ ସାହୁ, ଆମପାଣି ସରପଞ୍ଚ ପ୍ରତିନିଧି ମନୋରଞ୍ଜନ ବାଣୁଆ ଉପସ୍ଥିତ ରହିଥିଲେ। ରାତିରେ ଘୁମୁରା ପ୍ରତିଯୋଗିତାରେ ମୁଖ୍ୟଅତିଥି ଭାବେ ଭାଜପା ସାଧାରଣ ସମ୍ପାଦକ ସୁଧୀର ରଞ୍ଜନ ପାଟଯୋଷୀ, ଜିଲା ଭାଜପା ଯୁବମୋର୍ଚ୍ଚା ସଭାପତି ବିଜୟଦେ ସାହୁ, ସରପଞ୍ଚ ଯମୁନା ନାଏକ, ଭାଜପା ଆମପାଣି ମଣ୍ଡଳ ସଭାପତି ଅର୍ଜୁନ ଭାଟି, ଭଜମନ ନାଏକ, ମଧୁବନ ପାତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ। ଘୁମୁରା ପ୍ରତିଯୋଗିତାରେ ୬ଟି ଦଳ ଭାଗ ନେଇଥିବା ବେଳେ କଦଳୀମୁଣ୍ଡା, ଅନ୍ତର୍ଲା ଓ କାଶୀବାହାଲ ଦଳ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଥିଲେ। ପୂଜା କମିଟି ସଭାପତି ଧର୍ମାନନ୍ଦ ନାଏକ, ସମ୍ପାଦକ ମନୋଜ କୁମାର ଦାସ, କୋଷାଧକ୍ଷ ଧନବଲ ମାଝି, ସାଧାରଣ ସମ୍ପାଦକ ଭଜମନ ନାଏକ, ଲାଲସିଂ ବାଗଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।

# ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର



କର୍ଲାମୁଣ୍ଡା ବ୍ଲକ ରେଗଡା ପଞ୍ଚାୟତରେ ଜନଶୁଣାଣିରେ ଉପସ୍ଥିତ ବିଭାଗୀୟ ଅଧିକାରୀ।

**କର୍ଲାମୁଣ୍ଡା/କୋକସରା, ୧୭।୧୦(ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରେଗଡା ପଞ୍ଚାୟତରେ ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷ୍ୟା କୁନି ସାହୁ, ଭାରପ୍ରାପ୍ତ ବିଡିଓ ଶିଧେଶ୍ୱର ମେହେର, ଜିପିଇଓ ଯୁଗଳ କିଶୋର ନାଏକ, ସରପଞ୍ଚ ଦିପ୍ତୀ ରାଣୀ ସାହୁ, ବି ଏସ ଇଓ ସସ୍ମିତା ପଟେଲ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ବସନ୍ତ ମିଶ୍ର, ଗ୍ରାମ୍ୟ ଜଳ ପରିମଳ ମିଶନ ଯନ୍ତ୍ରୀ ବିଭୁତି କିଷାନ, ଗ୍ରାମୀଣ ଆବାସ ଯୋଜନାର ବ୍ଲକ ସଂଯୋଜକ ଅମିତ ବାରିକଙ୍କ ସମେତ ବ୍ଲକ ଅନ୍ୟ ବିଭାଗ ଅଧିକାରୀମାନେ ଉପସ୍ଥିତ ଥିଲେ। ଶିବିରରେ ଗ୍ରାମୀଣ ଆବାସ ପାଇଁ ୧୮୬ଜଣ, କୃଷି ବିଭାଗରେ ୩ଜଣ, ପିଡିଏସ ପାଇଁ ୨୪ଜଣ, ଏମ୍‌ଜିଏନ୍‌ଆରଇଜିଏସ୍‌ରେ ୮, ସ୍ୱାସ୍ଥ୍ୟ ୫ଜଣ, ଶିକ୍ଷା ବିଭାଗ ୧ ଜଣ, ଭତ୍ତା ପାଇଁ ୩୯ ଓ ଅନ୍ୟାନ୍ୟ ବିଭାଗକୁ ମିଶେଇ ମୋଟ ୨୭୬ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। କୋକସରା ବ୍ଲକ ଲଡୁଗାଁ ପଞ୍ଚାୟତରେ ଯୁଗ୍ମଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ନକୁଳ ନାଏକଙ୍କ ଅଧକ୍ଷତାରେ ବିଡିଓ ଉତ୍ତମ କୁମାର ବାଗ, ତହସିଲଦାର ରାକେଶ କୁମାର ପାରୁଆ, ବ୍ଲକ ଉପାଧକ୍ଷ ରାଜୀବ କୁମାର ଅଗ୍ରୱାଲ, ମେଗାଲିଫ୍ଟ କେନାଲର ସହକାରୀ ଯନ୍ତ୍ରୀ ଅରୁଣ କୁମାର ପ୍ରଧାନ, ଲଡୁଗାଁ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ଼. ସୌମ୍ୟ ରଜତ ଅନୁରାଗ, ଜିପିଇଓ ନାରାୟଣ ଭୋଇ, ଯୋଗାଣ ଅଧିକାରୀ ଜଗାରାମ ମୁର୍ମୁ, ବିଭିଓ ପ୍ରସନ୍ନ କୁମାର ପରିଡା, ଉଦ୍ୟାନ କୃଷି ଅଧିକାରୀ ବି. ବାସନ୍ତି, କୃଷି ଅଧିକାରୀ ହେମାନନ୍ଦ ମାଝି, କନିଷ୍ଠ ଯନ୍ତ୍ରୀ ଅଜୟ କୁମାର ସେନାପତି ଓ ଅନ୍ୟ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହିଥିଲେ। ପଞ୍ଚାୟତର ବିଭିନ୍ନ ଗ୍ରାମରୁ ମୋଟ ୧୩୦୭ ଅଭିଯୋଗ ପଞ୍ଜୀକରଣ ହୋଇଥିଲା। ସେଥିରୁ ଆବାସ ଘର ପାଇଁ ୮୫୪, ଭତ୍ତା ପାଇଁ ୧୫୬, ଖାଦ୍ୟ ସୁରକ୍ଷା ଯୋଜନା ପାଇଁ ୧୦୭ ଓ ଅନ୍ୟାନ୍ୟ ୧୮୫ ଅଭିଯୋଗ ନେଇ ହିତାଧିକାରୀମାନେ ଅଭିଯୋଗ କରିଥିଲେ। ପିଇଓ ମାନସ କୁମାର ବେନୁପାଣି ଓ ପଞ୍ଚାୟତ କର୍ମଚାରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

### ନର୍ଲା ପ୍ରାଥମିକ ଶିକ୍ଷକ ସଂଘ ନୂତନ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ

**ରୁପ୍ରା ରୋଡ,୧୭।୧୦(ଡି.ଏନ.ଏ.)**

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟରେ ବ୍ଲକ ସଭାପତି ମୀନକେତନ ସାହୁ ଏବଂ ବ୍ଲକ ସମ୍ପାଦକ ଅମିତ ଶର୍ମାଙ୍କ ତତ୍ତ୍ୱାବଧାନରେ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ନୂତନ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ ସମାରୋହ ଅନୁଷ୍ଠିତ ହୋଇଯାଇଛି। ସଭାରେ ମୁଖ୍ୟଅତିଥି ଜିଲା ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ଧୀରେନ୍ଦ୍ର ପଟ୍ଟନାୟକ, ଜିଲା ପ୍ରାଥମିକ ଶିକ୍ଷକ ସଂଘ ଉପସଭାପତି ବୀରେନ୍ଦ୍ର ବାଗ ଏବଂ ଜିଲା କମିଟି କୋର ସଦସ୍ୟ ବୃନ୍ଦ ଯୋଗ ଦେଇଥିଲେ। ଅତିଥିଙ୍କୁ ସ୍ୱାଗତ କରିଥିଲେ ବ୍ଲକ ସମ୍ପାଦକ ଅମିତ ଶର୍ମା। ସଭାରେ ପୂର୍ବତନ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଏବଂ ସମ୍ପାଦକ, ଗିରିଧାରୀ ଗୌଡ଼, ନିର୍ମଳ ବାରିକ, ସରୋଜ କୁମାର ଚାନ୍ଦ, ରଞ୍ଜନ ତ୍ରିପାଠୀ, ମଧୁସୂଦନ ରାଉତ, କିଶୋର ଭୋଇ, ଦୀପଞ୍ଜଳି ପାଢ଼ୀଙ୍କୁ ସମ୍ମାନିତ କରାଯାଇଥିଲା। ମଞ୍ଚ ପରିଚାଳନା କରିଥିଲେ ଶିକ୍ଷକ ଶରତ ଭୋଇ, ନୂତନ କର୍ମକର୍ତ୍ତା ସଭାପତି ମୀନକେତନ ସାହୁ, ସମ୍ପାଦକ ଅମିତ ଶର୍ମା, ଉପସଭାପତି ହରିହର ସାହୁ, ଉପସଭାନେତ୍ରୀ ପୁଷ୍ପଲତା କୁମାର, ଯୁଗ୍ମସମ୍ପାଦକ ପଙ୍କଜ କୁମାର ସାହୁ, ଦୁର୍ଗା ମାଧବ କୁମାର, ହେମନ୍ତ କୁମାର ସାହୁ, ସଂଯୋଜକ ଡମ୍ବରୁଧର ବେହେରା, କୋଷଧକ୍ଷ୍ୟ ମନୋଜ କୁମାର ସାହୁ ପ୍ରମୁଖଙ୍କୁ ଶପଥ ଗ୍ରହଣ କରାଇଥିଲେ ଧୀରେନ୍ଦ୍ର ପଟ୍ଟନାୟକ। ପୂର୍ବତନ ସଭାପତି ମଧୁସୂଦନ ରାଉତ ଏବଂ ସୁରେଶ ଶର୍ମା ଧନ୍ୟବାଦ ଦେଇଥିଲେ।

# କ୍ଷେତ୍ର ସମ୍ଭାବ୍ୟତା ରିପୋର୍ଟ ଦେବାକୁ ମୁଖ୍ୟଯନ୍ତ୍ରୀଙ୍କୁ ଚିଠି

**କର୍ଲାମୁଣ୍ଡା,୧୭।୧୦(ଡି.ଏନ.ଏ.)**

**ତେଲ ନଦୀରେ ଉଠାଜଳସେଚନ ମେଗା ପ୍ରକଳ୍ପ**


GOVERNMENT OF ODISHA
DEPARTMENT OF WATER RESOURCES

Under Secretary to Government

Chief Engineer, Megalift, Bhubaneswar

Sub: Grievance of Sarpanchs of Gajabahal GP, Risida GP and Paourkela GP, Block - Karlamunda, Dist- Kalahandi for setting up of Megalift project over Tel River

Under Secretary to Government

By Regd. Post

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସୀମାବର୍ତ୍ତୀ ଗଜବାହଲ, ରିଷିଡା ଓ ପୌରକେଲା ପଞ୍ଚାୟତ ଚାଷୀମାନେ ତେଲ ନଦୀଠାରେ ବୃହତ ଉଠାଜଳସେଚନ ପ୍ରକଳ୍ପ ନିର୍ମାଣ ପାଇଁ ଦୀର୍ଘ ବର୍ଷ ହେଲା ଦାବି କରି ଆସୁଥିଲେ। ତେବେ ଓଡିଶା ସରକାରଙ୍କ ଜଳ ସମ୍ପଦ ବିଭାଗ ଅନୁସାଶନ ସଚିବ ଏ ନେଇ ମେଗା ଲିଫ୍ଟ ମୁଖ୍ୟ ଯନ୍ତ୍ରୀଙ୍କୁ ପତ୍ର ନମ୍ବର-୨୬୨୬୯/ଡବ୍ଲୁଆର ତାରିଖ ୧୦।୧୦।୨୦୨୨ରେ କ୍ଷେତ୍ର ସମ୍ଭାବ୍ୟତା (ଫିଜିବିଲିଟି) ରିପୋର୍ଟ ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏ ଖବର ପ୍ରଚାର ହେବା ମାତ୍ରେ ଅଞ୍ଚଳର ଚାଷୀ ମହଲରେ ଖୁସିର ଲହରୀ ଖେଳିଯାଇଛି। ସୂଚନାଯୋଗ୍ୟ ଯେ, ଗତ ଅଗଷ୍ଟ ୨୭ ତାରିଖରେ ରିଷିଡା ସରପଞ୍ଚ ସେବତୀ ରଣା, ଗଜବାହଲ ପଞ୍ଚାୟତ ସରପଞ୍ଚ ଅରବିନ୍ଦ ଗହୀର ଓ ପୌରକେଲା ପଞ୍ଚାୟତ ସରପଞ୍ଚ ଯଶୋସ୍ୱିନୀ ଧରୁଆଙ୍କ ନେତୃତ୍ୱରେ ଏକ ଚାଷୀ ପ୍ରତିନିଧି ଦଳ ଜଳସମ୍ପଦ ମନ୍ତ୍ରୀ ଟୁକୁନି ସାହୁଙ୍କୁ ସାକ୍ଷାତ କରି ତେଲ ନଦୀରେ ମେଗା ପ୍ରକଳ୍ପ ପାଇଁ ଦାବିପତ୍ର ପ୍ରଦାନ କରିଥିଲେ। ମନ୍ତ୍ରୀ ଏହାକୁ ଗୁରୁତର ସହ ନେଇ ବିହିତ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ସର୍ବଭାରତୀୟ ନାଭାଲ ସୈନିକ କ୍ୟାମ୍ପ: କଳାହାଣ୍ଡିକୁ ୨ ସ୍ୱର୍ଣ୍ଣ

**ଭବାନୀପାଟଣା,୧୭।୧୦(ସ୍ୱ.ପ୍ର.)**

ବିଶାଖାପାଟଣାରେ ସର୍ବଭାରତୀୟ ନାଭାଲ ସୈନିକ କ୍ୟାମ୍ପ ଅକ୍ଟୋବର ୨ରୁ ଆରମ୍ଭ ହୋଇ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଓଡ଼ିଶାର ୩୬ଜଣ କ୍ୟାଡେଟ ଯୋଗଦେଇଥିଲେ। ଜାତୀୟସ୍ତରରେ ଚଳିତବର୍ଷ ଓଡ଼ିଶା ନିର୍ଦ୍ଦେଶାଳୟ ଚତୁର୍ଥ ସ୍ଥାନ ଅଧିକାର କରିଛି। ଭବାନୀପାଟଣା ଏନ୍‌ସିସି ନାଭାଲ ୟୁନିଟ ପକ୍ଷରୁ ୯ଜଣ କ୍ୟାଡେଟ ଯୋଗଦେଇଥିଲେ। ସେମାନଙ୍କ ମଧ୍ୟରୁ ୨ଜଣ କ୍ୟାଡେଟ କଳାହାଣ୍ଡି ବିଶ୍ୱବିଦ୍ୟାଳୟର ନାଭାଲ ୟୁନିଟର ସାମିଲ ହୋଇଥିଲେ। କ୍ୟାଡେଟ ସୂଚତ ପାତ୍ର ୨ଟି ସ୍ୱର୍ଣ୍ଣପଦକ ଓ ଗୋଟିଏ କାଂସ୍ୟ ପଦକ ହାସଲ କରିଛନ୍ତି। ସେ ଡ୍ରିଲ, ଟେଷ୍ଟ ପିଚିଙ୍ଗ, ସିମ୍ୟାନଶିପ ପ୍ରାକ୍ଟିକାଲରେ ପୁରସ୍କୃତ ହୋଇଥିଲେ। ସେହିପରି କ୍ୟାଡେଟ ଖଗେଶର ବେହେରା ଟେଷ୍ଟ ପିଚିଂ ଓ ବୋଟ ପୁଲିଂରେ କାଂସ୍ୟ ପଦକ ହାସଲ କରିଥିଲେ। ଓଡ଼ିଶା ଏନ୍‌ସିସି ନିର୍ଦ୍ଦେଶାଳୟ ଡିଡିଜି କମୋଡୋର ସୋମେନ ବାନାର୍ଜି ଓ କଳାହାଣ୍ଡି ବିଶ୍ୱବିଦ୍ୟାଳୟ କୁଳପତି ସଞ୍ଜୟ କୁମାର ଶତପଥୀ ସେମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। କଳାହାଣ୍ଡି ବିଶ୍ୱ ବିଦ୍ୟାଳୟରେ ୨୦୨୧-୨୨ରେ ଏନ୍‌ସିସିରେ ଏୟାର ୱିଙ୍ଗ ସାମିଲ କରାଯାଇଥିଲା। ବର୍ତ୍ତମାନ କଳାହାଣ୍ଡି ବିଶ୍ୱବିଦ୍ୟାଳୟ ଏନ୍‌ସିସିର ସମସ୍ତ ୱିଙ୍ଗ କାର୍ଯ୍ୟକାରୀ ହୋଇଛି।

# ପ୍ରାଥମିକ ଶିକ୍ଷକ ସଂଘ ଏକ୍ସକ୍ୟାଡର ବୈଠକ

**ଖଡ଼ିଆଲ,୧୭।୧୦(ଡି.ଏନ.ଏ.)**

ନୂଆପଡା ଜିଲା ଖଡ଼ିଆଲ ବ୍ଲକ ଡିଖାଳି ବଙ୍ଗଳାଠାରେ ପ୍ରାଥମିକ ଶିକ୍ଷକ ସଂଘ ଏକ୍ସକ୍ୟାଡ୍‌ର ଜିଲା କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଶିକ୍ଷକ ଖଗେଶ୍ୱର ବାଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଏକ୍ସକ୍ୟାଡର ଶିକ୍ଷକଙ୍କ ପ୍ରତି ସରକାରଙ୍କ ବୈମାତୃକ ମନୋଭାବ ସମାଲୋଚନା କରାଯାଇଥିଲା। ସରକାର ୫ଟି ଦାବି ପୂରଣ ନ କରିବା ପର୍ଯ୍ୟନ୍ତ ସଂଗ୍ରାମ ଜାରି ରହିବ ବୈଠକରେ ବୋଲି ସଂକଳ୍ପ ନିଆଯାଇଛି। ବୈଠକରେ ରାଜ୍ୟ ସଭାପତି ଅଲେଖ ସାହୁ, ଜିଲା ସଂଯୋଜକ ସନୁଧର ନାଗ, ମକରଧ୍ୱଜ ବେହେରା, ଡଗ୍ରେ ସାହୁ, ବୃଷକେତନ ଅଗସ୍ତି, ବେଣୁଧର ନାୟକ, ସାମନ୍ତ ଦାସ ୫ ବ୍ଲକର କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଜିଲାପାଳ,ଏସ୍‌ପିଙ୍କ ଯୁଗ୍ମ ଜନଶୁଣାଣି ଶିବିର

**ଗୋଲାମୁଣ୍ଡା,,୧୭।୧୦(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ ଗୃହରେ ସୋମବାର ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ଓ ଏସ୍‌ପି ଅଭିଲାଷ ଜିଙ୍କ ଯୁଗ୍ମ ଅଧକ୍ଷତାରେ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ସୁଶାନ୍ତ ପଟେଲ, ବ୍ଲକ ଅଧକ୍ଷ ବିନ୍ଦୁ ମହାନନ୍ଦ, ଭାରପ୍ରାପ୍ତ ବିଡିଓ ଶ୍ରୀଧର ପଣ୍ଡାଙ୍କ ସମେତ ସମସ୍ତ ଜିଲାସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଜନଶୁଣାଣି ଶିବିରରେ ମୋଟ ୨୭୮ଜଣ ଆବେଦନକାରୀ ନିଜର ଅଭିଯୋଗପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୨୫୬ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୨୨ଟି ଗ୍ରାମ୍ୟ ତଥା ସାମୁହିକ ସମସ୍ୟା ସମ୍ମିଳିତ ଥିଲା। ୧୨ଟି ଅଭିଯୋଗର ସମାଧାନ ତତକ୍ଷଣ କରାଯାଇଥିଲା। ରେଡକ୍ରସ ଫଣ୍ଡରୁ ୨ ଜଣଙ୍କୁ ଆର୍ଥିକ ସହାୟତା ମଞ୍ଜୁର କରାଯାଇଥିଲା।



ଗୋଲାମୁଣ୍ଡାରେ ଅଭିଯୋଗ ଶୁଣାଣି ଶିବିର।

# ବାଳକରେ କୋମନା, ବାଳିକାରେ ବୋଡେନ ଚାମ୍ପିୟନ

**ଆନ୍ତଃବିଦ୍ୟାଳୟ ୧୭ ବର୍ଷରୁ କମ ଫୁଟବଲ**

**ନୂଆପଡ଼ା ଅଫିସ,୧୭।୧୦**

୧୭ବର୍ଷରୁ କମ ବର୍ଗ ମହିଳା ଫିଫା ବିଶ୍ୱକପ ଫୁଟବଲ-୨୦୨୨ ପ୍ରତିଯୋଗିତା ଉପଲକ୍ଷେ ନୂଆପଡା ମିନି ଷ୍ଟାଡିୟମରେ ଚାଲିଥିବା ଜିଲାସ୍ତରୀୟ ଆନ୍ତଃ ବିଦ୍ୟାଳୟ ଫୁଟବଲ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ବାଳକ ବିଭାଗ ଫାଇନାଲରେ କୋମନା ଦଳ ବୋଡେନକୁ ହରାଇ ଚାମ୍ପିୟନ ହୋଇଥିବା ବେଳେ ବାଳିକା ବିଭାଗରେ ଖଡ଼ିଆଲକୁ ପରାସ୍ତ କରି ବୋଡ଼େନ ଚାମ୍ପିୟନ ଟ୍ରଫି ଅକ୍ତିଆର କରିଛି। ଦୁଇଟି ଫାଇନାଲରେ ଉଭୟ ଦଳ ଉଚ୍ଚକୋଟିର ଖେଳ ପ୍ରଦର୍ଶନ କରି ଦର୍ଶକଙ୍କ ମନ ଜିଣିଥିଲେ। ଉଦ୍‌ଯାପନୀ ଉତ୍ସବରେ ଜିଲାପାଳ ହେମାକାନ୍ତ ସାଏ ଓ ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟୁଷ ଦିବାକର ଅତିଥି ଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ। ଜିଲା ଶିକ୍ଷା ଅଧିକାରୀ ଫୁଲମଣି ମୁର୍ମୁ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ମିଶ୍ର, ଗୋଷ୍ଠୀ ଶିକ୍ଷା ଅଧିକାରୀ ହେମସାଗର ମହାନନ୍ଦ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।



ଅତିଥିଙ୍କ ଗହଣରେ ଚାମ୍ପିୟନ ବାଳିକା ଟିମ୍ ଖେଳାଳିମାନେ।

ବାଳିକା ବିଭଗରେ ବୋଡ଼େନର ସଂଯୁକ୍ତା ଚିନ୍ଦା ଓ ବାଳକ ବିଭାଗରେ କୋମନାର ଗିରେନ୍ଦ୍ର ବାଗ ଶ୍ରେଷ୍ଠ କ୍ରୀଡ଼ାବିତ ଘୋଷିତ ହୋଇଥିଲେ। ହରିହର ସାହୁ, ଡୋଳାମଣି ନିଆଲ, ବିକାଶ ମାଝି, ମନ୍ମଥ ମେହେର, ଶୋଭାରାମ ରାଉତ ଭାଳେଶ୍ୱର ମାଝି, ଭୁବନେଶ୍ୱର ଛତ୍ରିଆ ମ୍ୟାଚ ପରିଚାଳନା କରିଥିଲେ। ଜିଲା କ୍ରୀଡା ନିରୀକ୍ଷକ ମହେଶ ଦଣ୍ଡସେନାଙ୍କ ସମେତ କିଶୋର ପରିଡା, ପ୍ରଶାନ୍ତ ପ୍ରଧାନୀ ପ୍ରମୁଖ ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ।

# ୪୫୩ କୋଟିରେ ହେବ ପାନୀୟଜଳ ଯୋଗାଣ ପ୍ରକଳ୍ପ

**ବରଗଡ଼ ଜିଲାର ୩ ବ୍ଲକକୁ ମିଳିବ ବିଶୁଦ୍ଧ ପାନୀୟ ଜଳ**

ବରଗଡ଼ ଅଫିସ୍, ୧୭।୧୦

କୃଷିକ୍ଷେତ୍ରକୁ ଜଳସେଚନ ଏବଂ ଲୋକଙ୍କୁ ବିଶୁଦ୍ଧ ପାନୀୟଜଳ ଯୋଗାଣକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସବୁବେଳେ ଗୁରୁତ୍ୱ ଦେଇଆସୁଛନ୍ତି। ଏହି କ୍ରମରେ ସେ ବରଗଡ଼ ଜିଲାରେ ଏକ ବୃହତ୍ ପାନୀୟଜଳ ଯୋଗାଣ ପ୍ରକଳ୍ପ ପାଇଁ ୪୫୩ କୋଟି ୧୧ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି । ରବିବାର ବରଗଡ଼ର ହୋଟେଲ ରୟାଲ ପ୍ୟାଲେସ୍ ସମ୍ମିଳନୀ କକ୍ଷରେ ବିଜେଡ଼ି ରାଜ୍ୟ ଉପସଭାପତି ପ୍ରସନ୍ନ ଆଚାର୍ଯ୍ୟ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି, ଏହି ପ୍ରକଳ୍ପ ଦ୍ୱାରା ଜିଲାର ୩ଟି ବ୍ଲକ ଅଧୀନରେ ଥିବା ୫୮ ପଞ୍ଚାୟତର ୩୧୬ ଗ୍ରାମରେ ବସବାସ କରୁଥିବା ପ୍ରାୟ ୨ଲକ୍ଷ ୯୧ହଜାର ୨୯୦ ଜନସାଧାରଣ ବିଶୁଦ୍ଧ ପାନୀୟଜଳ ପାଇପାରିବେ। ଭଟଲି ବିଧାୟକ ସୁଶାନ୍ତ ସିଂ କହିଥିଲେ, ଏହି ପ୍ରକଳ୍ପ ପାଇଁ ମହାନଦୀରୁ ପାଣି ଆସିବ ଏବଂ ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ତାମଦେଇଠାରେ ଟ୍ରିଟମେଣ୍ଟ ପ୍ଲାଣ୍ଟ ସ୍ଥାପନ ହେବ। ସେଠାରୁ ପାଇପ୍ ଯୋଗେ ଅମ୍ବାଭୋନା ବ୍ଲକର ୧୫ ପଞ୍ଚାୟତ ଅନ୍ତର୍ଗତ ୧୦୪, ଭଟଲି ବ୍ଲକର ୧୬ ପଞ୍ଚାୟତ ଅନ୍ତର୍ଗତ ୮୪ ଏବଂ ସୋହେଲା ବ୍ଲକର ୨୭ପଞ୍ଚାୟତ ଅନ୍ତର୍ଗତ ୧୨୮ଗ୍ରାମକୁ ପାନୀୟଜଳ ଯୋଗାଣ ହେବ। ଏହାଦ୍ୱାରା ସମ୍ପୃକ୍ତ ଅଞ୍ଚଳରେ ଆଉ ପାନୀୟ ଜଳାଭାବ ପରିଲକ୍ଷିତ ହେବ ନାହିଁ ବୋଲି ସିଂ କହିଥିଲେ ।

ଖବରଦାତା ସମ୍ମିଳନୀରେ ରାଜ୍ୟ ଯୋଜନା ବୋର୍ଡ଼ ସଦସ୍ୟ ସାଧୁ ନେପାକ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀଙ୍କ ବିକାଶଧାରା ଉପରେ ଆଲୋକପାତ କରିଥିଲେ। ତାଙ୍କୁ ରାଜ୍ୟ ଯୋଜନା ବୋର୍ଡ଼ ସଦସ୍ୟ ମନୋନୀତ କରାଯାଇଥିବାରୁ ସେ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇବା ସହିତ ସମସ୍ତଙ୍କ ସହଯୋଗ ନେଇ ଅଞ୍ଚଳର ବିକାଶ ପାଇଁ କାମ କରିବେ ବୋଲି କହିଥିଲେ। ରାଜ୍ୟବାସୀ ଯେଭଳି କୌଣସି ମୌଳିକ ସୁବିଧା ସୁଯୋଗରୁ ବଞ୍ଚିତ ନ ହେବେ, ମୁଖ୍ୟମନ୍ତ୍ରୀ ସେଥିପ୍ରତି ଦୃଷ୍ଟି ଦେଇ ଯୋଜନା ଗୁଡ଼ିକ କାର୍ଯ୍ୟକାରୀ କରୁଛନ୍ତି । ୪୫୩ କୋଟି ୧୧ଲକ୍ଷ ଟଙ୍କାର ବୃହତ ପାନୀୟଜଳ ଯୋଗାଣ ପ୍ରକଳ୍ପ ଏହାର ଏକ ଦୃଷ୍ଟାନ୍ତ ବୋଲି ଜିଲା ଯୋଜନା କମିଟି ଅଧ୍ୟକ୍ଷ ଦେବେଶ ଆଚାର୍ଯ୍ୟ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅମ୍ବାଭୋନା ବ୍ଲକ ଅଧ୍ୟକ୍ଷ କୀର୍ତ୍ତିଚନ୍ଦ୍ର ଦୁଆନ ଏବଂ ଭଟଲି ବ୍ଲକ ଅଧ୍ୟକ୍ଷ ନିତ୍ୟାନନ୍ଦ ପ୍ରଧାନ ଉକ୍ତ ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ଅନୁମୋଦନ କରିବା ସହିତ ଅର୍ଥ ମଞ୍ଜୁର କରିବା ପରେ ଅଞ୍ଚଳବାସୀଙ୍କ ଦୀର୍ଘଦିନର ସ୍ୱପ୍ନ ସାକାର ହୋଇଛି ବୋଲି କହିଥିଲେ।

## ସଂକ୍ଷେପରେ

### ସର୍ପାଘାତରେ ଯୁବକ ମୃତ

ଅମରପାଲି, ୧୭।୧୦(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା କେନଝିରିଆପାଲି ପଞ୍ଚାୟତ ଅନ୍ତର୍ଗତ ଜଡାପାଲ ଗାଁର ଜଣେ ଯୁବକଙ୍କ ସାପ କାମୁଡାରେ ମୃତ୍ୟୁ ଘଟିଛି। ମୃତକ ହେଲେ କଇରା ପଧାନଙ୍କ ଏକମାତ୍ର ପୁଅ ଶୁଶାନ୍ତ ପଧାନ (୨୫)। ରବିବାର ସନ୍ଧ୍ୟାରେ ଘର ଅଗଣାରେ ବସିଥିବା ସମୟରେ ତାଙ୍କ କାନ୍ଧକୁ ଏକ ସାପ କାମୁଡି ଦେଇଥିଲା। ପରିବାର ଲୋକେତାଙ୍କୁ ଜିଲା ମୁଖ୍ୟଚିକିତ୍ସାଳୟକୁ ନେଇଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୋମବାର ମୃତଦେହ ବ୍ୟବଛେଦ କରାଯାଇ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଶୁଶାନ୍ତ ଘରର ଏକମାତ୍ର ରୋଜାଗାରକ୍ଷମ ବ୍ୟକ୍ତି ଥିଲେ। ପୂର୍ବରୁ ତାଙ୍କ ମା'ଙ୍କର ମୃତ୍ୟୁ ଘଟିଥିବା ବେଳେ ପିତା ବାର୍ଦ୍ଧକ୍ୟଜନିତ ରୋଗରେ ପଡିତ।

### ଯୁକ୍ତ୨ ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ବିନିକା, ୧୭।୧୦(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବିନିକା ସିଦ୍ଧାର୍ଥ ଜୁନିଅର କଲେଜରେ ନୂତନ କରି ପାଦ ପକାଇଥିବା ଯୁକ୍ତ ୨ପ୍ରଥମ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ସୋମବାର ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ଅଧକ୍ଷା ରେଖା ପ୍ରଧାନ ସଭାରେ ସଭାପତିତ୍ୱ କରିଥିଲେ। ନୂତନ ଛାତ୍ରୀଛାତ୍ରଙ୍କୁ ନିୟମିତଭାବେ କଲେଜ ଆସିବା, ଶାନ୍ତି ଶୃଙ୍ଖଳା ରକ୍ଷା କରିବାକୁ ପରାମର୍ଶ ଦେଇଥିଲେ। ଅଧାପକ ନିରଞ୍ଜନ ପାଣ୍ଡିଆ, ମନୋରଞ୍ଜନ ପ୍ରଧାନ, ଗରିବ ସାଲମା ଛାତ୍ରୀଛାତ୍ରଙ୍କୁ ସାଗତ କରିଥିଲେ।

### ଶ୍ରୀରାମ ମହାବିଦ୍ୟାଳୟରେ କ୍ୟାରିୟର କାଉନ୍‌ସେଲିଂ

ଡୁଙ୍ଗୁରିପାଲି, ୧୭।୧୦(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଅନ୍ତର୍ଗତ ଶ୍ରୀରାମ ଡିଗ୍ରୀ ମହାବିଦ୍ୟାଳୟ ରାମପୁରଠାରେ ବରିଷ୍ଠ ଅଧାପକ ଡକ୍ଟର ରବିନାରାୟଣ ତ୍ରିପାଠୀଙ୍କ ସଭାପତିତ୍ୱରେ କ୍ୟାରିୟର କାଉନସେଲିଙ୍ଗ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଆଇଡିପି ମୁଖ୍ୟ ଡକ୍ଟର ଗୁଣନିଧି ବାରିକ ଅତିଥି ପରିଚୟ ପ୍ରଦାନ କରିଥିଲେ । ବନିକ କୋଚିଙ୍ଗ ସଂସ୍ଥା ସମ୍ବଲପୁର ଶାଖାର ବିଶାରଦ ସୁମିତ ଶରଣ ମୁଖ୍ୟ ଅତିଥିଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କ ଭବିଷ୍ୟତ ଦିଗ ଉପରେ ମାର୍ଗ ଦର୍ଶନ କରିଥିଲେ। ଆଇକ୍ୟୁଏସି ମୁଖ୍ୟ ଡକ୍ଟର ଲିଙ୍ଗରାଜ ସାହୁ ସଭା ପରିଚାଳନା ସହିତ ଉଚ୍ଚଶିକ୍ଷାର ବିଭିନ୍ନ ବିଷୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅଧାପକ ସତ୍ୟବନ୍ତ ଭୋଇ ଧନ୍ୟବାଦ ଦେଇଥିଲେ ।

### ଯୁବ ବିଜେଡିର ଜୀବନ ବିନ୍ଦୁ କାର୍ଯ୍ୟକ୍ରମ

ବିନିକା, ୧୭।୧୦(ଡି. ଏନ. ଏ.): ସୁବର୍ଣ୍ଣପୁର ଜିଲା ବିନିକାରେ ବିଜୁ ଯୁବ ଜନତା ଦଳ ଓ ମୋ ପରିବାର ଜୀବନ ବିନ୍ଦୁ ଆନୁକୂଲ୍ୟରେ ମେଗା ରକ୍ତଦାନ ଶିବିର ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ଯୁବ ବିଜେଡି ସଭାପତି ଅଶୋକ କୁମାର ନନ୍ଦ ଙ୍କ ନେତୃତ୍ୱରେ ଅନୁଷ୍ଠିତ ଶିବିରକୁ ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଅର୍ଥ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଯୋଗଦେଇଥିଲେ। ଶିବିରରେ ୧୫୦ଜଣ ପୁରୁଷ ଓ ମହିଳା ରକ୍ତଦାନ କରିଛନ୍ତ। ଅନ୍ୟମାନଙ୍କ ମଧରେ ବ୍ଲକ ଅଧକ୍ଷା ଦିପ୍ତୀଶିଖା ନନ୍ଦ, ଜିଲା ବିଜେଡି ସଭାପତି ସରୋଜ କମ୍ପ, ଉପସଭାପତି ରମେଶ ପୂଜାରୀ, ବିନିକା ଏନଏସି ଅଧକ୍ଷ ସୁବାଶ ଚନ୍ଦ୍ର ଭୁଏ, ନଗର ସଭାପତି ସୋମନାଥ ମିଶ୍ର, ବିନିକା ବ୍ଲକ ଉପାଧକ୍ଷ ନିର୍ମଳ ଷାଣ୍ଢ, ଜିଲା ପରିଷଦ ସଭ୍ୟ ବଶିଷ୍ଠ ଭରାସାଗର, ବୀରମହାରାଜପୁର ବ୍ଲକ ଉପାଧକ୍ଷ ନାରାୟଣ ଲୁହା ପ୍ରମୁଖ ଉପସ୍ଥିତ ଥିଲେ।

### ଜଳଯୋଗାଣ ପ୍ରକଳ୍ପରୁ ଚୋରି, ଜଣେ ଅଟକ

ବାଉଁଶୁଣୀ, ୧୭।୧୦(ଡି.ଏନ.ଏ.): ବୌଦ୍ଧ ଥାନା ଜହ୍ନାପଙ୍କ ଫାଣ୍ଡି ଅନ୍ତର୍ଗତ ତୁଳସୀପୁର ଗ୍ରାମ ନିକଟରେ ନିର୍ମାଣାଧୀନ ଜଳଯୋଗାଣ ପ୍ରକଳ୍ପରୁ ଲୁହା ସାମଗ୍ରୀ ଚୋରି କରୁଥିବାବେଳେ ଗ୍ରାମବାସୀଙ୍କ ହାତରେ ଜଣେ ଯୁବକ ଧରାପଡିଛନ୍ତି। ଅନ୍ୟ ୭ଜଣ ଫେରାର୍ ମାରିଥିବା ଜଣାପଡିଛି। ତୁଳସୀପୁର ଗ୍ରାମ ନିକଟରେ ନିର୍ମାଣାଧିନ ଜଳଯୋଗାଣ ପ୍ରକଳ୍ପର କିଛି ନିର୍ମାଣ ସାମଗ୍ରୀ ରାତି ପ୍ରାୟ ୧୨ଟାରେ ଚୋରି କରୁଥିବାବେଳେ ଗ୍ରାମବାସୀ ଜାଣିପାରି ଚୋରି କରୁଥିବା ଲୋକଙ୍କୁ ଗୋଡ଼ାଇଥିଲେ। ବାଉଁଶୁଣୀ ଥାନା ମୁଣ୍ଡିପଦର ଗ୍ରାମର ଜଣେ ଯୁବକ ଧରାପଡ଼ିଥିଲେ। ଚୋରି ସାମଗ୍ରୀ ସହ ଗୋଟିଏ ଲୁନା ଓ ୭ଟି ସାଇକେଲ ସହ ଅଟକ ଯୁବକଙ୍କୁ ଗାଁ ଲୋକେ ଜହ୍ନାପଙ୍କ ପୋଲିସକୁ ହସ୍ତାନ୍ତର କରିଛନ୍ତି। ଚୋରିରେ ସମ୍ପୃକ୍ତ ଅନ୍ୟମାନଙ୍କ ସମ୍ପର୍କରେ ସୂଚନା ସଂଗ୍ରହ କରି ତଦନ୍ତ ଜାରି ରଖିଥିବା ଫାଣ୍ଡି ଅଧିକାରୀ ମଦନ ମୋହନ ପ୍ରଧାନ ପ୍ରକାଶ କରିଛନ୍ତି।

# ବୀରମହାରାଜପୁର ଚାମ୍ପିୟନ

ଅମରପାଲି, ୧୭।୧୦(ଡି.ଏନ.ଏ.)



ଟ୍ରଫି ସହିତ ଚାମ୍ପିୟନ ବୀରମହାରାଜପୁର ଦଳ।

**ସହୀଦ ବିଭୀଷଣ ସାହୁ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଉଫୁଲା ପଞ୍ଚାୟତର ପଣ୍ଡିଆପାଲିରେ ଚାଲିଥିବା ୧୩ତମ ସହୀଦ ବିଭୀଷଣ ସାହୁ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ମେହେର ସୁପରଷ୍ଟାର ବାଉଁଶୁଣୀକୁ ହରାଇ ବୀରମହାରାଜପୁର ବାଘାସ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ ଦୁଇଟି ଫର୍ମାଟରେ ହୋଇଥିଲା। ବୀରମହାରାଜପୁର ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ପ୍ରଥମ ଫର୍ମାଟରେ ନିର୍ଦ୍ଧାରିତ ୧୨ ଓଭରରେ ୫ଉଇକେଟ ହରାଇ ୧୫୧ ରନ କରିଥିଲା। ଜବାବରେ ବାଉଁଶୁଣୀ ଦଳ ସମସ୍ତ ଉଇକେଟ ହରାଇ ୮୮ରନ କରିଥିଲା। ଦ୍ୱିତୀୟ ଫର୍ମାଟରେ ବୀରମହାରାଜପୁର ନିର୍ଦ୍ଧାରିତ ୮ ଓଭରରେ ୯ ଉଇକେଟ ହରାଇ ୯୪ରନ କରିଥିଲା। ଜବାବରେ ବାଉଁଶୁଣୀ ଦଳ ୬ ଉଇକେଟ ହରାଇ ୮୨ରନ କରିଥିଲା। ଉଭୟ ଫର୍ମାଟରେ ବିଜୟୀ ହୋଇ ବୀରମହାରାଜପୁର ଚାମ୍ପିୟନ ହୋଇଥିଲା। ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ବୀରମହାରାଜପୁର ବ୍ଲକ ଉପାଧକ୍ଷ ନାରାୟଣ ଲୁହା ମୁଖ୍ୟ ଅତିଥି, ଉଫୁଲା ସରପଞ୍ଚ ପ୍ରତିନିଧି ମୀନକେତନ ମହାକୁର, ଚମ୍ପାମାଳ ସମିତି ସଭ୍ୟ ଲକ୍ଷ୍ମୀନାରାୟଣ ପୁରୋହିତ, ସହୀଦ ବିଭୀଷଣ ସାହୁଙ୍କ ପିତା ବୈକୁଣ୍ଠ ସାହୁ, ୱାର୍ଡସଭ୍ୟ ରୂପେନ ବେହେରା ଅତିଥିଭାବେ ଯୋଗଦେଇଥିଲେ। ରିଆଜୁଲଙ୍କୁ ଶ୍ରେଷ୍ଠ କ୍ୟାଚ, ଅନୀଲ ମଲ୍ଲିକଙ୍କୁ ଶ୍ରେଷ୍ଠ ସିକ୍ସର, ଚିନୁଙ୍କୁ ମ୍ୟାନ ଅଫ ଦି ମ୍ୟାଚ, ମନୋଜ ରାଉତଙ୍କୁ ଶ୍ରେଷ୍ଠ ବୋଲର ଭାବେ ପୁରସ୍କୃତ କରାଯାଇଥିଲା। ଚାମ୍ପିୟନ ଦଳକୁ ନଗଦ ୨୦ହଜାର ଟଙ୍କା ସହିତ ଟ୍ରଫି ଓ ରନର୍ସ ଅପ ଦଳକୁ ୧୫ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯାଇଥିଲା। ଫାଇନାଲ ମ୍ୟାଚକୁ ପ୍ରଫୁଲ୍ଲ ବେହେରା ଓ ରାଜୀବ ବେହେରା ପରିଚାଳନା କରିଥିଲେ। ସୁବ୍ରତ ବେହେରା ସ୍କୋରିଂ ଏବଂ ହେମନ୍ତ ବେହେରା ଧାରା ବିବରଣୀ ପ୍ରଦାନ କରିଥିଲେ।

# ଅଧ୍ୟାପକ, କର୍ମଚାରୀ ସମନ୍ୱୟ ସମିତି ସମ୍ମିଳନୀ

ବରଗଡ଼ ଅଫିସ୍, ୧୭।୧୦

ବରଗଡ଼ ଜିଲାର ୪୮ ବର୍ଗ କଲେଜ ଅଧ୍ୟାପକ, କର୍ମଚାରୀ ସମନ୍ୱୟ ସମିତିର ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଛି। ସ୍ଥାନୀୟ ବିଜୁ ପଟ୍ଟନାୟକ ଟାଉନ ହଲରେ ଅନୁଷ୍ଠିତ ସମ୍ମିଳନୀରେ ପରମାନନ୍ଦ ରଥ ସଭାପତିତ୍ୱ କରିଥିଲେ। ସମାବେଶରେ ସଂଘର ରାଜ୍ୟ ସଭାପତି ପବିତ୍ର ମାହାଲା, ସାଧାରଣ ସମ୍ପାଦକ ଡଃ ଅଟଳ ବିହାରୀ ବଳ, ରାଜ୍ୟ ଉପସଭାପତି ପ୍ରଶାନ୍ତ ପାତ୍ର, ଉପସଭାପତି ନବକୃଷ୍ଣ ମିଶ୍ର, ଜିଲା ସଙ୍ଗଠନ ସମ୍ପାଦକ ଆନନ୍ଦ ବାରିକ, ଜିଲା ସମ୍ପାଦକ ସନ୍ତୋଷ କୁମାର ନାୟାର ପ୍ରମୁଖ ମଞ୍ଚାସୀନ ଥିଲେ। ପୁରୁଣା ଢ଼ାଞ୍ଚାରେ ପେନସନ ପ୍ରମୋଶନ, କ୍ୟାଡ଼ର ସହିତ ଚାକିରି ସର୍ତ୍ତାବଳୀ ଆଦି ନ୍ୟାଯ୍ୟ ଦାବିଗୁଡ଼ିକ ଉପରେ ସେମାନେ ଆଲୋଚନା କରିଥିଲେ। ସଭାପତି ମାହାଲା ସରକାରଙ୍କଠାରେ ଦାବି ଗୁଡ଼ିକ ଉପସ୍ଥାପନ କରାଯାଇଥିବା ଏବଂ ସରକାରଙ୍କ ସହିତ ଏ ଦିଗରେ ସକାରାତ୍ମକ ଆଲୋଚନା ହୋଇଥିବା ସୂଚନା ଦେଇଥିଲେ। ଆଲୋଚନାରେ ରାଜୀବ ସାହୁ, ସୁମତୀ ଦାଶ, ପବିତ୍ର ମାହାଣା, ଶ୍ୟାମସୁନ୍ଦର ପାଢ଼ୀ, ଗଜାନନ ଭୋଇ, ପ୍ରେମଚାନ୍ଦ ଦୁଆନ, ହୃଦାନନ୍ଦ ପ୍ରଧାନ, ବୃନ୍ଦାବନ ବିହାରୀ ମିଶ୍ର, ବୃନ୍ଦାବନ ସାହୁ, ଶଶିଭୂଷଣ ପ୍ରଧାନ ପ୍ରମୁଖ ଭାଗ ନେଇଥିଲେ। ବରଗଡ଼ ଜିଲାର ୪୮ବର୍ଗର ୨୧କଲେଜର ୯୮ଜଣ ଅଧ୍ୟାପିକା, ଅଧ୍ୟାପକ ଏବଂ କର୍ମଚାରୀ ସମାବେଶରେ ଯୋଗଦାନ କରିଥିଲେ। ନୀଳାଞ୍ଚଳ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ୱାର୍ଡ ସଭ୍ୟାସଭ୍ୟ ତାଲିମ ଶିବିର


ତାଲିମ ଶିବିରର ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି।

ଅମରପାଲି, ୧୭।୧୦(ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଅନ୍ନପୂର୍ଣ୍ଣା ରେସିଡେନ୍ସିରେ ବ୍ଲକର ବାଗବର ଓ ଉଫୁଲା ପଞ୍ଚାୟତ ୱାର୍ଡସଭ୍ୟାସଭ୍ୟଙ୍କୁ ନେଇ ଏକ ତାଲିମ ଶିବିର ସୋମବାର ଉଦ୍‌ଘାଟିତ ହୋଇଯାଇଛି। ତିନି ଦିନ ଧରି ହେବାକୁ ଥିବା ଉକ୍ତ ଶିବିରକୁ ପଞ୍ଚାୟତ ସମିତି ଅଧକ୍ଷା ଶାନ୍ତି ଲୁହା ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବିଡିଓ ମୋତିଲାଲ ସୁଲିଆ, ଗ୍ରାମ ପଞ୍ଚାୟତ ଅଧିକାରୀ ପ୍ରଦିପ କୁମାର ବାଘ, ସୁବର୍ଣ୍ଣପୁର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶିକା ଶୈବାଳିନୀ ପଟ୍ଟନାୟକ ସମ୍ମାନୀତ ଅତିଥିଭାବେ ଯୋଗଦେଇ ଥିଲେ। ପ୍ରାଥମିକ ପର୍ଯ୍ୟାୟରେ ୪୪ଜଣ ୱାର୍ଡ ସଭ୍ୟାସଭ୍ୟ ତାଲିମ ଗ୍ରହଣ କରିଥିଲେ। ରବୀନ୍ଦ୍ର ହୋତା, ଶେଷଦେବ ବାରିକ ଓ ବ୍ଲକ ଯୋଗାଣ ଅଧିକାରୀ ରିଙ୍କୁ ଭୋଇ ତାଲିମଦାତା ଭାବେ ଯୋଗଦେଇ ପଞ୍ଚାୟତ ପ୍ରତିନିଧିଙ୍କୁ ତାଲିମ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ରେଆରର ସାଧାରଣ ସମ୍ପାଦକ ଅନଙ୍ଗ ନେଗୀ ପରିଚାଳନା କରିଥିଲେ। ବିଶ୍ୱମ୍ଭର ସାହୁ, ସୁଦାମ ଗାଇଗରିଆ, ମିତ୍ରଭାନୁ ମଲ୍ଲିକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଖମ୍ବେଶ୍ୱରୀପାଲି ଧନୁଯାତ୍ରା ଡିସେମ୍ବର ୨୨ରୁ


ଧନୁଯାତ୍ରା ମହୋତ୍ସବ ପାଇଁ କଂସଙ୍କୁ ବରଣ କରାଯାଉଛି।

ସୋନପୁର, ୧୭।୧୦(ନି. ପ୍ର)

ସୋନପୁର ବ୍ଲକ ଖମ୍ବେଶ୍ୱରୀପାଲିଠାରେ ଡିସେମ୍ବର ୨୨ରୁ ଧନୁଯାତ୍ରା ମହୋତ୍ସବ ଆରମ୍ଭ ହେବ। ପଞ୍ଚମ ଖମ୍ବେଶ୍ୱରୀପାଲି ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବ ପାଇଁ ରବିବାର କଂସ ବରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଚଳିତ ବର୍ଷ ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବ ସକାଶେ କଂସ ଭୂମିକାରେ ମନୋରଞ୍ଜନ ଚିରଗୁଣ ଅଭିନୟ କରିବେ। ଧନୁଯାତ୍ରା କମିଟି ମୁଖ୍ୟ ଉପଦେଷ୍ଟା ଶଙ୍କର ବାରିକଙ୍କ ନେତୃତ୍ୱରେ କମିଟି କର୍ମକର୍ତ୍ତାମାନେ ମାହାରାଜ କଂସଙ୍କ ନିବାସରେ ପହଞ୍ଚି ତାଙ୍କୁ ବରଣ କରିଥିଲେ। ଧନୁଯାତ୍ରା କମିଟି ବରିଷ୍ଠ ସଭ୍ୟ ପ୍ରବୀର ସାହୁ, ପ୍ରାଣବନ୍ଧୁ ସାହୁ, ନିରାକାର ସରଭଙ୍ଗ, ପ୍ରମୋଦ ବେହେରା, ଗୋବିନ୍ଦ ମେହେର, ଟିକେ କୁଅଁର ଓ ପ୍ରମୋଦ ମେହେର ଉପସ୍ଥିତ ଥିଲେ। ଖମ୍ବେଶ୍ୱରୀପାଲି ଧନୁଯାତ୍ରା ମହୋତ୍ସବ ଡିସେମ୍ବର ୨୨ରୁ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି କମିଟି ବରିଷ୍ଠ ସଭ୍ୟ ସୁରେଶ କୁଶଳ ସୂଚନା ଦେଇଛନ୍ତି।

# ଅଭିଯୁକ୍ତ ବାପ ଅଟକ, ପୁଅ ଫେରାର

**ରୁଗୁଡିପାଲି ଗୁଳିକାଣ୍ଡ ଘଟଣା**

ଅମରପାଲି, ୧୭।୧୦(ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଅନ୍ତର୍ଗତ ରୁଗୁଡିପାଲି ଗାଁର ପଞ୍ଚାନନ ମିଶ୍ରଙ୍କୁ ରବିବାର ରାତିରେ ଗୁଳିମାଡ ହୋଇଥିଲା। ଏଥିରେ ସେ ଗୁରୁତର ଆହତ ହୋଇ ଏବେ ଚିକିତ୍ସାଧିନ ଅଛନ୍ତି। ଉକ୍ତ ଘଟଣାକୁ ପୋଲିସ ଗୁରୁତର ସହିତ ନେଇ ତଦନ୍ତ ଆରମ୍ଭ କରିଛି। ଅଭିଯୋଗକାରୀଙ୍କ ଏତଲାକ୍ରମେ ଉକ୍ତ ଥାନା ଅନ୍ତର୍ଗତ କେନଝିରିଆପାଲି ପଞ୍ଚାୟତ ବାଘରତେଲା ଗ୍ରାମର ମୁଖ୍ୟ ଅଭିଯୁକ୍ତଙ୍କ ବାପାଙ୍କୁ ଅଟକ ରଖି ପୋଲିସ ପଚରାଉଚରା ଜାରି ରଖିଛି। ମାତ୍ର ମୁଖ୍ୟ ଅଭିଯୁକ୍ତ ଫେରାର ହୋଇଛି। ଗୁଳିକାଣ୍ଡରେ ବ୍ୟବହୃତ ବନ୍ଧୁକ ଜବତ କରାଯାଇନାହିଁ। ଆହତ ପଞ୍ଚାନନ ମିଶ୍ର(୫୪)ଙ୍କ ଅଭିଯୋଗ କ୍ରମେ ବାଘରତେଲା ଗ୍ରାମର ଛବିଳ ନାଏକ(୨୩) ଓ ତାଙ୍କ ବାପା ଘାସିରାମ ନାଏକ(୫୨) ଏବଂ ଅନ୍ୟଜଣେ ବ୍ୟକ୍ତି ତାଙ୍କୁ ଗୁଳି କରିଥିଲେ। ଗୁଳି ପଞ୍ଚାନନଙ୍କ ମୁଣ୍ଡ, ବେକ ଓ ପିଠିରେ ବାଜିଥିଲା। ସେ ଏବେ ବୁର୍ଲାରେ ଚିକିତ୍ସିତ ହେଉଛନ୍ତି।

# ଛାତ୍ରୀଛାତ୍ରଙ୍କୁ ନିମ୍ନମାନର ଡାଲି ପ୍ରଦାନ ନେଇ ଅସନ୍ତୋଷ

ବୌଦ୍ଧ, ୧୭।୧୦ (ସ୍ୱ.ପ୍ର.)

ସୋମବାର ବୌଦ୍ଧ ବ୍ଲକ ଅନ୍ତର୍ଗତ ଆମ୍ବଝରୀ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣୀ ଓ ସମାଧାନ ଶିବିର ଅନୁଷ୍ଠିତ ହୋଇଥିଲା । ଜିଲାପାଳ ସତ୍ୟରଞ୍ଜନ ସାହୁ ଓ ଆରକ୍ଷୀ ଅଧୀକ୍ଷକ ପ୍ରହଲ୍ଲାଦ ସହାୟ ମିନା ୪୯ଟି ଆପତ୍ତି ଅଭିଯୋଗ ଶୁଣାଣି ସାରିବା ପରେ ଜିଲାପାଳ ଅଚାନକ ବୌଦ୍ଧ ବ୍ଲକର ବିଭିନ୍ନ ସ୍ୱାସ୍ଥ୍ୟ କେନ୍ଦ୍ର ଓ ବିଦ୍ୟାଳୟକୁ ପରିଦର୍ଶନରେ ଯାଇଥିଲେ। ଜିଲାପାଳ ଏବଂ ସମସ୍ତ ଅଧିକାରୀ ତିର୍ଚିପଡା ପ୍ରାଥମିକ ବିଦ୍ୟାଳୟକୁ ଯାଇ ମଧ୍ୟାହ୍ନ ଭୋଜନର ତଦାରଖ କରିବା ସହ ଛାତ୍ରୀଛାତ୍ରଙ୍କୁ ଖାଦ୍ୟରେ ଦିଆଯାଉଥିବା ନିମ୍ନମାନର ଡାଲି ଦେଖି ଅସନ୍ତୋଷ ବ୍ୟକ୍ତ କରିଥିଲେ। ପରେ ଆମ୍ବଝରୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ଶଗଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ବୁଲି ଦେଖିବା ସହ ପ୍ରତିଦିନ ଉଭୟ ସ୍ୱାସ୍ଥ୍ୟ କେନ୍ଦ୍ର ଖୋଲିବାକୁ ନିର୍ଦ୍ଦେଶ ଦେଇଥିଲେ। ଡାକ୍ତର ଯଦି ପ୍ରତିଦିନ ନ ଆସନ୍ତି ତେବେ ଉକ୍ତ ଡାକ୍ତରଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେଠାରୁ ଶଗଡା ଫାଣ୍ଡି ବୁଲିବା ସହ ବାଉଁଶୁଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବୁଲି ଦେଖିଥିଲେ। ବାଉଁଶୁଣୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା ନୂତନ ଗୃହର ସୁବିନିଯୋଗ କରିବା ସହ ସାନିଟାଇଜର କରିବାକୁ ନିର୍ଦ୍ଦେଶ ଦେବା ସହ ଶୌଚାଳୟକୁ ଠିକ ଭାବେ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ସେଠାରୁ ଜିଲାପାଳ ବାଉଁଶୁଣୀ ୫–ଟି ସ୍କୁଲ ପରିଦର୍ଶନ କରିବା ସହ ତଦାରଖ କରିଥିଲେ। ଏହା ସହ ବାଉଁଶୁଣୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଥିବା ଉଠାଦୋକାନୀଙ୍କୁ ହଟାଇବାକୁ ବିଡିଓ, ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ଉଦଣ୍ଡ ସଂକୀର୍ତ୍ତନ ସଂଘର ବୈଠକ

ତରଭା, ୧୭।୧୦(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ତୁଲୁଣ୍ଡା ଗୁପ୍ତେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ କୀର୍ତନ ଗାୟକ କିଶୋର ମିଶ୍ରଙ୍କ ଅବହାକତ୍ୱରେ ବୌଦ୍ଧ, ବଲାଙ୍ଗୀର ଓ ସୁବର୍ଣ୍ଣପୁର ଜିଲାର କୀର୍ତ୍ତନ କଳାକାରମାନେ ଯୋଗଦେଇଥିଲେ। ବୈଠକରେ ଅପସଂସ୍କୃତି ସମ୍ପନ୍ନ ଗୀତ ଓ ଢୋଲ ନିଶାନ, ତାସା, ମାନ୍ଦଲ ପ୍ରଭୃତି ବ୍ୟବହାର ହେବା ଦ୍ୱାରା ପୁରାତନ କୀର୍ତ୍ତନ୍ୟ ସଂସ୍କୃତିର ଅବକ୍ଷୟ ହେଉଥିବାକୁ ବିଷୟ ବିରୋଧ କରାଯାଇଥିଲା। ଖୋଳ, କୁବୁଜି, ଖଞ୍ଜଣୀ, କାଠି ଆଦି ବ୍ୟବହାର କରି କୀର୍ତ୍ତନ୍ୟର ଗୁଣାତ୍ମକ ମାନ ବଢାଇବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏହାକୁ ଯେଉଁମାନେ ବେଖାତିର କରିବେ ସେହି କଳାକାରଙ୍କୁ ବାସନ୍ଦ କରାଯିବ । ଏଥିସହ ସେମାନଙ୍କ ସହ କୌଣସି ସ୍ଥାନରେ କୀର୍ତ୍ତନ୍ୟ ନ କରିବାକୁ ଉପସ୍ଥିତ ସମସ୍ତ କଳାକାରମାନେ ଶପଥ ନେଇଥିଲେ। ଏହି ଅବସରରେ ବୌଦ୍ଧ, ସୁବର୍ଣ୍ଣପୁର ଓ ବଲାଙ୍ଗୀର ଜିଲା ପାଇଁ ସଭାପତି, ସମ୍ପାଦକ ଏବଂ ଏକ ଉପଦେଷ୍ଟା କମିଟି ଗଠନ କରାଯାଇଥିଲା। ବୌଦ୍ଧ ଜିଲା ସଭାପତି ଗାନ୍ଧୀ ପାଢ଼ୀ, ସମ୍ପାଦକ ବନବିହାରୀ ଗୁରୁ, ବଲାଙ୍ଗୀର ଜିଲା ସଭାପତି ଈଶ୍ୱର ରାଉତ, ସମ୍ପାଦକ ବ୍ୟାସଦେବ ମିଶ୍ର, ସୁବର୍ଣ୍ଣପୁର ଜିଲା ସଭାପତି ନିତ୍ୟାନନ୍ଦ ବାଘ, ସମ୍ପାଦକ କୈବର୍ତ୍ତ ନାଏକ ରଖାଯାଇଛି। ଏକ ଉପଦେଷ୍ଟା କମିଟି ଗଠିତ ହୋଇଛି। ବୈଠକରେ ୧୫୦ରୁ ଅଧିକ ଗାୟକ, ବାହକ ଓ ସୁନାମାଧନ୍ୟ କଳାକାର ଅଂଶଗ୍ରହଣ କରିଥିଲେ । ସୁବର୍ଣ୍ଣପୁର ସଂକୀର୍ତ୍ତନ୍ୟ ସଂଘ ଆନୁକୂଲ୍ୟରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।


ବୈଠକରେ ଉପସ୍ଥିତ କଳାକାରମାନେ।

# ବୀରମହାରାଜପୁର ବାଳିକା, ସୋନପୁର ବାଳକ ଚାମ୍ପିୟନ

**ସୁବର୍ଣ୍ଣପୁର ଜିଲା ଆନ୍ତଃସ୍କୁଲ ଫୁଟବଲ**



ଚାମ୍ପିୟନ ବାଳିକା ଦଳ ସହ ଅତିଥି ବୃନ୍ଦ ।

ସୋନପୁର, ୧୭।୧୦(ନି.ପ୍ର.)

ସୁବର୍ଣ୍ଣପୁର ଜିଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ ସୋନପୁର ରୟାଲ ପଡିଆରେ ଚାଲିଥିବା ଆନ୍ତଃସ୍କୁଲ ଫୁଟବଲ ପ୍ରତିଯୋଗିତା ସୋମବାର ଉଦ୍‌ଯାପିତ ହୋଇଯାଇଛି। ବାଳିକା ବର୍ଗରେ ବୀରମହାରାଜପୁର ବ୍ଲକ ଓ ବାଳକ ବର୍ଗରେ ସୋନପୁର ବ୍ଲକ ଚାମ୍ପିୟନ ହୋଇଛି। ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ୧୭ବର୍ଷରୁ କମ ମହିଳା ଫିଫା ବିଶ୍ୱକପ୍ ଫୁଟବଲ ମ୍ୟାଚ୍ ଚାଲିଥିବା ବେଳେ ରାଜ୍ୟ ସ୍କୁଲ ଓ ଗଣଶିକ୍ଷା ବିଭାଗର ନିର୍ଦ୍ଦେଶକ୍ରମେ ସମସ୍ତ ଜିଲାରେ ଆନ୍ତଃ ସ୍କୁଲ ଫୁଟବଲ ଟୁର୍ନାମେଣ୍ଟ ଆୟୋଜନ ହୋଇଥିଲା। ସୁବର୍ଣ୍ଣପୁର ଜିଲାରେ ୧୨ତାରିଖରୁ ଆନ୍ତଃ ସ୍କୁଲ ଫୁଟବଲ ଟୁର୍ନାମେଣ୍ଟ ଆରମ୍ଭ ହୋଇଥିଲା। ୧୭ ବର୍ଷରୁ କମ୍ ବାଳିକାବର୍ଗରେ ସୋମବାର ଫାଇନାଲ ମ୍ୟାଚ୍ ବୀରମହାରାଜପୁର ବ୍ଲକ ଓ ବିନିକା ବ୍ଲକ ମଧରେ ଅନୁଷ୍ଠିତ ହୋଇଥିଲା । ବୀରମହାରାଜପୁର ବ୍ଲକ ୩–୦ ଗୋଲରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ବାଳକ ବର୍ଗରେ ଡୁଙ୍ଗୁରିପାଲି ବ୍ଲକ ଓ ସୋନପୁର ବ୍ଲକ ମଧରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ସମୟ ସୁଦ୍ଧା କୌଣସି ଦଳ ଗୋଲ ସ୍କୋର କରି ପାରି ନ ଥିଲେ। ଟାଏବ୍ରେକରରେ ସୋନପୁର ଦଳ ୪–୩ ଗୋଲ ବ୍ୟବଧାନରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲେ।

ପୁରସ୍କାର ବିତରଣ ଉତ୍ସବରେ ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ ଅଧକ୍ଷତା କରିଥିଲେ। ଜିଲା ପରିଷଦ ଅଧକ୍ଷା ସୁପାର ଠେଲା ମୁଖ୍ୟ ଅତିଥିଭାବେ ଯୋଗଦେଇ ସ୍କୁଲସ୍ତରରେ କ୍ରୀଡାର ବିକାଶ ହେଲେ ଦେଶରେ କ୍ରୀଡା କ୍ଷେତ୍ରରେ ବିକାଶ ସମ୍ଭବ ହୋଇପାରିବ ବୋଲି ମତପ୍ରକାଶ କରିଥିଲେ। ଅତିରିକ୍ତ ଜିଲାପାଳ ନିଶି ପୁନମ ମିଞ୍ଜ୍ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପାଠ ପଢା ସହିତ ଛାତ୍ରୀଛାତ୍ର ମାନେ କ୍ରୀଡା ପ୍ରତି ବିଶେଷ ଦୃଷ୍ଟି ଦେବାକୁ ପରାମର୍ଶ ଦେଇଥିଲେ। ପୌରାଧକ୍ଷା ତାମସି ତାମସ୍ୱିତା ନାୟକ, ଜିଲା କ୍ରୀଡା ସଂଘ ସମ୍ପାଦକ ପିୟୁଷ କୁମାର ପଣ୍ଡା, ଅତିରିକ୍ତ ଶିକ୍ଷା ଅଧିକାରୀ ଡ. ରମାକାନ୍ତ ଗଡତିଆ, ମଞ୍ଜୁଲତା ଭୋଇ, ଜିଲା ଶାରିରୀକ ଶିକ୍ଷା ନିରୀକ୍ଷକ ଦୁର୍ଯ୍ୟୋଧନ ରାଉତ, ଅତିରିକ୍ତ ଜିଲା ଶାରିରୀକ ଶିକ୍ଷା ନିରୀକ୍ଷକ ସତ୍ୟ ନାରାୟଣ ତ୍ରିପାଠୀ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ବାଳିକା ବର୍ଗରେ ପ୍ରିତିମୟୀ ଭୁକ୍ତା ମ୍ୟାନ୍ ଅଫ ଦି ମ୍ୟାଚ୍, ଶାନ୍ତିଲତା ଭୋଇ ବେଷ୍ଟ ସ୍କୋରର ଓ ମ୍ୟାନ୍ ଅଫ ଦି ସିରିଜ୍ ପୁରସ୍କାର ଏବଂ ବାଳକ ବିଭାଗରେ ଶ୍ରୀତମ ବଣ୍ଡକିଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ଫୁଟବଲ ଫର ଅଲ ଯୋଜନାରେ ସ୍କୁଲଗୁଡିକୁ ଫୁଟବଲ ପ୍ରଦାନ କରାଯାଇଥିଲା । ଜିଲାର ୬ଟି ବ୍ଲକରୁ ୧୨ଟି ବାଳିକା ଓ ବାଳକ ଫୁଟବଲ ଦଳ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଥିଲେ।

## ୨ ଘଣ୍ଟା ଧରି ଘଡ଼ଘଡ଼ି ସହ ଅବିଶ୍ରାନ୍ତ ବର୍ଷା, ବେହାଲ ସୁନ୍ଦରଗଡ଼

**ସୁନ୍ଦରଗଡ,(ଡି.ଏନ.ଏ.):** ସୋମବାର ଅପରାହ୍ନ ୪ଟାରେ ଆକାଶରେ ହଠାତ ମାଡି ଆସିଥିଲା କଳାହାଣ୍ଡିଆ ମେଘ। ଘଡଘଡି, ତୁହାକୁ ତୁହା ବିଜୁଳି ସାଙ୍ଗକୁ ଆରମ୍ଭ ହୋଇଯାଇଥିଲା ବର୍ଷା। ପ୍ରାୟ ୨ଘଣ୍ଟା କାଳ ଅବିଶ୍ରାନ୍ତ ବର୍ଷା ସାଙ୍ଗକୁ ବିଜୁଳି, ଘଡଘଡି ଥମିବାର ନା ଧରି ନ ଥିଲା। ସେତେବେଳେ ସ୍କୁଲ କଲେଜ, ଅଫିସ କଚେରୀ ଛୁଟି ବେଳ। ଅଦିନିଆ ବର୍ଷାରେ ବେହାଲ ହୋଇ ପଡିଥିଲା ସୁନ୍ଦରଗଡ ସହର।

## ସଂକ୍ଷେପରେ

### ମହିଳାଙ୍କ ଆତ୍ମହତ୍ୟା, କାରଣ ଅସ୍ପଷ୍ଟ

**ରାଉରକେଲା ଅଫିସ,୧୭।୧୦:** ରାଉରକେଲା ସେକ୍ଟର-୭ ଥାନା ଅନ୍ତର୍ଗତ 'ଜି' ବ୍ଲକ ଅଞ୍ଚଳର ଜଣେ ମହିଳା ବେକରେ ଚୁନି ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତା ମହିଳା ହେଲେ ସସ୍ମିତା ବାରିକ(୩୫)। ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୨୧।୨୨) ରୁଜୁ କରି ତଦନ୍ତ କରୁଛି। ସୋମବାର ଅପରାହ୍ନ ସାଢ଼େ ୧ଟାବେଳେ ଘରେ କେହି ନ ଥିବାବେଳେ ସସ୍ମିତା ଚୁନିକୁ ଆଜବେଷ୍ଟସ ଲୁହାପାଇପ୍‌ରେ ବାନ୍ଧି ଆତ୍ମହତ୍ୟା କରିଥିଲେ। ତାଙ୍କ ପୁଅ ସ୍କୁଲରୁ ଫେରି ମା'ଙ୍କ ଝୁଲନ୍ତା ମୃତଦେହ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ମୃତଦେହକୁ ଜବତ କରି ଆରଜିଏଚ୍ ମର୍ଗ ହାଉସ୍ ରଖିଥିବା ଜଣାପଡିଛି। ଆତ୍ମହତ୍ୟାର କାରଣ ଜଣାପଡିନାହିଁ।

### ଜୁଆ ଚଢ଼ାଉ: ୫ ଗିରଫ

**ରାଉରକେଲା ଅଫିସ,୧୭।୧୦:** ବନ୍ଦମୁଣ୍ଡା ପୋଲିସ ସୋମବାର ସନ୍ଧ୍ୟାରେ ନେପାଳି ବସ୍ତିର ଏକ ଜୁଆଆଡ୍ଡା ଉପରେ ଚଢ଼ାଉ କରି ୫ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ରାଜୁ ମୁଖୀ, ଶୁଶାନ୍ତ ବେହେରା, ବିଳାସ ଛତ୍ରୀ, ବିକାଶ ନାଗ, କରନ କୁମାର ଖତ୍ରୀ। ସେମାନଙ୍କଠାରୁ ୨ଟି ବାଇକ, ୧୫ଶହ ଟଙ୍କା, ସଟ୍ଟାବୋର୍ଡ ଓ କାଲ୍‌କୁଲେଟରକୁ ଜବତ କରିଛି। ଏ ନେଇ ପୋଲିସ ଏକ ମାମଲା (ନଂ.୧୮୦।୨୨) ରୁଜୁ କରି ୫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି।

### ସୁନ୍ଦରଗଡ଼ର ଅଞ୍ଜଳି ସାହୁଙ୍କୁ ବ୍ରୋଞ୍ଜ ପଦକ

**ଷଷ୍ଠ ଏସିଆନ ପେନ୍‌ଟାକ୍ ସିଲଟ ପ୍ରତିଯୋଗିତା**

**ସୁନ୍ଦରଗଡ,୧୭।୧୦(ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲା ପାନପୋଷ ଅଞ୍ଚଳର ସଞ୍ଜୟ ସାହୁ ଓ ଆଶା ସାହୁଙ୍କ ଝିଅ ଅଞ୍ଜଳି ଛୋଟ ବେଳୁ ମାର୍ଶାଲ ଆର୍ଟସ ପ୍ରତି ଦୃଢ଼ ଇଚ୍ଛା ଶକ୍ତି ଥିଲା। ପରେ ତାଲିମ ନେଉଥିଲେ। ଶ୍ରୀନଗର କାଶ୍ମୀରରେ ଅକ୍ଟୋବର ୧ ଓ ୨ ତାରିଖ ଦୁଇ ଦିନ ଷଷ୍ଠ




ଏସିଆନ ପେନ୍‌ଟାକ୍ ସିଲଟ ପ୍ରତିଯୋଗିତା ୨୦୨୨ରେ ଜାତୀୟ ଟ୍ରାଏଲ ଚୟନରେ ଓଡ଼ିଶାରୁ ଏକମାତ୍ର ଝିଅ ସୁନ୍ଦରଗଡ଼ର ଅଞ୍ଜଳି ଚୟନ ହୋଇଥିଲେ। ଅକ୍ଟୋବର ୩ରୁ ୧୧ ତାରିଖ ପର୍ଯ୍ୟନ୍ତ କୋଚିଂ କ୍ୟାମ୍ପରେ କୋଚିଂ ନେଇଥିଲେ। ଚଳିତ ମାସ ୧୧ ରୁ ୧୭ ତାରିଖ ପର୍ଯ୍ୟନ୍ତ ଷଷ୍ଠ ଏସିଆନ ପେନ୍‌ଟାକ୍ ସିଲଟ ପ୍ରତିଯୋଗିତା ଶେର ଇଣ୍ଡୋର ସ୍ପୋର୍ଟସ କମ୍ପ୍ଲେକ୍ସ ଶ୍ରୀନଗର କାଶ୍ମୀରରେ ୬୫ କେଜିରୁ ୭୦ କେଜି ବର୍ଗରେ ଯୋଗଦାନ କରି ଉତ୍ତମ ଖେଳ ପ୍ରଦର୍ଶନ କରିଥିଲେ। ଏହି ପ୍ରତିଯୋଗିତାରେ ଭାରତୀୟ ଦଳରୁ ପ୍ରତିନିଧିତ୍ୱ କରିଥିବା ଓଡିଶାର ଅଞ୍ଜଳି ସାହୁ ବ୍ରୋଞ୍ଜ ପଦକ ହାସଲ କରି ରାଜ୍ୟ ତଥା ସୁନ୍ଦରଗଡ଼ ଜିଲା ପାଇଁ ଗୌରବ ଆଣିଛନ୍ତି। ତାଙ୍କୁ ଓଡ଼ିଶା ପେନ୍‌ଟାକ୍ ସିଲଟ ସଭାପତି ତାପସ ରାୟ ଚୌଧୁରୀ, ସାଧାରଣ ସମ୍ପାଦକ ଗୁରୁ ପ୍ରେମ ସିଂହ ଥାପା, ଜିଲା ସାଧାରଣ ସମ୍ପାଦକ ଶରତ କୁମାର ଦାସ, ଜିଲା ପରିଷଦ ସଭାପତି କୁନ୍ତୀ ପ୍ରଧାନ, ଜିଲାର ଅଗ୍ରଣୀ ଅନୁଷ୍ଠାନ ଜନସେବା ସମିତିର ସୁଶାନ୍ତ କୁମାର ଷଡ଼ଙ୍ଗୀଙ୍କ ସହ ସମସ୍ତ ସଦସ୍ୟ ଶୁଭେଚ୍ଛା ଜଣାଇଛନ୍ତି।

### କୋଇଡ଼ାରେ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

**ଟେନସା,୧୭।୧୦(ଡି.ଏନ୍.ଏ.):** ସୁନ୍ଦରଗଡ଼ ଜିଲା କୋଇଡା ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ସୁନ୍ଦରଗଡ ଜିଲାପାଳ ଡାକ୍ତର ପରାଗ ହର୍ଷଦ ଗାଭାଲିଙ୍କ ଅଧକ୍ଷତାରେ ଏକ ଯୁଗ୍ମ ଅଭିଯୋଗ ଶୁଣାଣି ସୋମବାର ଅନୁଷ୍ଠିତ ହୋଇଯାଉଛି। ଏହି କାର୍ଯ୍ୟକ୍ରମରେ ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ରାଉରକେଲା ଏସ୍‌ପି ମୁକେଶ ଭାମୁ, ଜିଲାପାଳ ଡାକ୍ତର ପରାଗ ହର୍ଷଦ ଗାଭାଲି, ପ୍ରୋବେସନର ଆଇଏଏସ ଡ଼କ୍ଟର ରୀନା ପ୍ରଧାନ, ବଣାଇଁ ଉପଜିଲାପାଳ ସୁରଞ୍ଜନ ସାହୁ, ସୁନ୍ଦରଗଡ଼ ଜିଲା ପରିଷଦ ଉପାଧକ୍ଷ କମଳ ଲାକ୍ରା, ବଣାଇଁ ଡି.ଏସ.ପି ଦେବତା, କୋଇଡା ବିଡ଼ିଓ ପଲ୍ଲବୀରାଣୀ ରାଜ, କୋଇଡା ତହସିଲଦାର ଡିଏସ ଶୁଭଦର୍ଶୀ ଯୋଶୀ, କୋଇଡା ବ୍ଲକ ଚେୟାରମ୍ୟାନ ସୁରେଶ ନାଏକ ପ୍ରମୁଖ ଯୋଗ ଦେଇଥିଲେ। ଜିଲା ପରିଷଦ (କ) ଶୁଶିଲା ମୁଣ୍ଡା, ଜିଲା ପରିଷଦ(ଖ) ଅଶୋକ ନାଏକ, ବିଭିନ୍ନ ପଞ୍ଚାୟତର ସରପଞ୍ଚ ଏବଂ ସମିତି ସଭ୍ୟମାନେ ଉପସ୍ଥିତ ଥିଲେ। ୬୦ରୁ ଉର୍ଦ୍ଧ୍ୱ ଜନସାଧାରଣ ନିଜର ଅଭିଯୋଗ ଜିଲାପାଳଙ୍କ ସମ୍ମୁଖରେ ଉପସ୍ଥାପନ କରିବା ସହିତ ଲିଖିତ ଭାବେ ଜଣାଇଥିଲେ। ଜନଶୁଣାଣିରେ ପ୍ରାଥମିକ ଶିକ୍ଷା, ରାସ୍ତାଘାଟ ଉପରେ ବେଶୀ ଅଭିଯୋଗ ହୋଇଥିଲା। ୧୫ଟି ଗ୍ରାମପଞ୍ଚାୟତର ସରପଞ୍ଚମାନେ ଗ୍ରାମସଭା କରି ପଞ୍ଚାୟତମାନଙ୍କରେ କିଛି ଉନ୍ନୟନମୂଳକ କାମ ହେବ ସେ ନେଇ ଲିଖିତ ଭାବେ ସରପଞ୍ଚମାନେ ଜିଲାପାଳଙ୍କୁ ଜଣାଇଥିଲେ। ନୂତନ ଭାବେ କିଛି ପଟା, ଭତା ହିତାଧିକାରୀଙ୍କୁ ବଣ୍ଟନ କରାଯାଇଥିଲା।

# ୯ ମାସରେ ୬ ହଜାର ଗର୍ଭବତୀ, ପ୍ରସୂତିଙ୍କୁ ସେବା

**ସୁନ୍ଦରଗଡ଼, ୧୭।୧୦(ଡି.ଏନ.ଏ.)**

'ପ୍ରସବର କିଛିଦିନ ଆଗରୁ ଘରୁ ପୋଇଗାଁ ମା'ଗୃହକୁ ଆସିଥିଲି। ସେଠାରେ ମୋର ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଥିଲା। ଠିକ୍ ସମୟରେ ସେଠାରୁ ଡାକ୍ତରଖାନା ଯାଇ ସୁସ୍ଥ ଶିଶୁ ଜନ୍ମ ଦେଇପାରିଛି। ପ୍ରସବ ପରେ ପୁଣି ୮ ଦିନ ଯାଏଁ ମୁଁ ମା'ଗୃହରେ ମଧ୍ୟ ରହିଥିଲି। ଏହି ସମୟରେ ଛୁଆର କିପରି ଯତ୍ନ ସେବା ନିଆଯିବ ସେ ବିଷୟରେ ମୋତେ ବୁଝାଯାଇଥିଲା। ଏକଥା କହିଛନ୍ତି, ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ ମହୁଲପଦା ଗାଁର ଜଣେ ମା' ବାସନ୍ତୀ ଦେହୁରୀ। ଆମ ଘରଠୁ ଡାକ୍ତରଖାନା ଟିକେ ଦୂର। ତେଣୁ ପ୍ରସବ କେମିତି ଭଲରେ ଭଲରେ ହେବ ସେଥିଲାଗି ଚିନ୍ତାରେ ଥିଲି। ତେବେ ଆଶା ଓ ଅଙ୍ଗନୱାଡ଼ି କର୍ମୀଙ୍କ କଥାରେ ମୁଁ ଖତକୁରବାହାଲସ୍ଥିତ ମା'ଗୃହକୁ ଆସିବା ପରେ ମୋର ସବୁ ଚିନ୍ତା ଦୂର ହୋଇଗଲା ବୋଲି କହନ୍ତି କୁତ୍ରା ବ୍ଲକ କାହୁପାଣି ଗାଁର ଜଣେ ଗର୍ଭବତୀ ମା' ଅନିମା ଲାକ୍ରା। ସୁନ୍ଦରଗଡ଼ ଜିଲାର ବିଭିନ୍ନ ସ୍ଥାନରେ ଥିବା ୨୦ଟି ମା'ଗୃହ ମାଧ୍ୟମରେ ଚଳିତବର୍ଷେ ଜାନୁଆରୀରୁ ସେପ୍ଟେମ୍ବର ଏହି ୯ ମାସ


ମା' ଗୃହରେ ଗର୍ଭବତୀମାନେ ରହିଛନ୍ତି।

ମଧ୍ୟରେ ୬ ହଜାର ୧୬୯ ଜଣ ମା'ଙ୍କୁ ଗର୍ଭାବସ୍ଥା ଏବଂ ପ୍ରସବ ପରବର୍ତ୍ତୀ ସେବା ଯୋଗାଇ ଦିଆଯାଇଛି। ସେଥିମଧ୍ୟରେ ୩ ହଜାର ୮୦୯ ଗର୍ଭବତୀ ମହିଳା ଏବଂ ୨ ହଜାର ୩୬୦ ଜଣ ପ୍ରସୂତି ମା' ଅଛନ୍ତି। ସୁନ୍ଦରଗଡ଼ ଜିଲାର ବଣପାହାଡ଼ ଓ ନଦୀ ନାଳ ଘେରା ବିଭିନ୍ନ ଦୁର୍ଗମ ଅଞ୍ଚଳର ଗର୍ଭବତୀ ମା'ମାନଙ୍କୁ ଠିକଣା ସମୟରେ ଡାକ୍ତରଖାନାରେ ପହଞ୍ଚାଇବା ଅନେକ ସମୟରେ ଏକ ଆହ୍ୱାନ ହୋଇଥାଏ। ତେବେ ଆଜି ଏହାର ଏକ ବଡ଼ ସମାଧାନ ହୋଇପାରିଛି ମା'ଗୃହ। ସାଧାରଣତଃ ବିଭିନ୍ନ ଦୁର୍ଗମ ଅଞ୍ଚଳରେ ଥିବା ସରକାରୀ ଡାକ୍ତରଖାନାର ଆଖପାଖରେ ପ୍ରତିଷ୍ଠିତ ମା'ଗୃହକୁ ଗର୍ଭବତୀ ମହିଳାମାନଙ୍କୁ ସମ୍ଭାବ୍ୟ ପ୍ରସବ ତାରିଖ ପୂର୍ବରୁ ଆଣି ରଖାଯାଇଥାଏ। ସେଠାରେ ହିତାଧିକାରୀମାନଙ୍କୁ ପୋଷଣଯୁକ୍ତ ଖାଦ୍ୟ ଦିଆଯିବା ସହ ସେମାନଙ୍କର ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଏ। ପ୍ରସବ ସମୟ ଆସିଲେ ମା'ଗୃହର କର୍ମୀମାନେ ଠିକଣା ସମୟରେ ଗର୍ଭବତୀ ମା'ଙ୍କୁ ନିକଟସ୍ଥ ଡାକ୍ତରଖାନାରେ ପହଞ୍ଚାଇ ଦେଇଥାନ୍ତି। ଗାଁରେ କୌଣସି ମହିଳା ଗର୍ଭବତୀ ଥିବା

**ସୁନ୍ଦରଗଡ଼ ଜିଲା**

**■ ନିରାପଦ ମାତୃତ୍ୱ ପାଇଁ ମା' ଗୃହ**

ଖବର ପାଇବା ପରେ ଆମେ ତାଙ୍କ ଘରେ ପହଞ୍ଚୁଛୁ। ସମ୍ପୃକ୍ତ ମହିଳା ଏବଂ ତାଙ୍କ ପରିବାର ଲୋକଙ୍କୁ ମା'ଗୃହ ବିଷୟରେ କହୁଛୁ। ସେଠାରେ ଗର୍ଭବତୀ ମା' ତଥା ପ୍ରସୂତି ମା' ଓ ନବଜାତ ଶିଶୁର ସେବା ଯତ୍ନ ପାଇଁ ରହିଥିବା ବିଭିନ୍ନ ସୁବିଧା ସମ୍ପର୍କରେ ବୁଝାଉଛୁ। ପ୍ରସବ ତାରିଖ ପୂର୍ବରୁ ଗର୍ଭବତୀ ମା'ମାନଙ୍କୁ ଆମେ ନିଜେ ନେଇ ମା'ଗୃହରେ ଛାଡୁଛୁ ବୋଲି କହିଛନ୍ତି କୁତ୍ରା ବ୍ଲକ ବନ୍ଧବାହାଲ ଗାଁର ଜଣେ ଆଶା କର୍ମୀ ଅନିତା ଲାକ୍ରା। ସେହିଭଳି ଖତକୁରବାହାଲ ମା'ଗୃହରେ କାର୍ଯ୍ୟରତ ଏଏନଏମ ପଙ୍କଜିନୀ ମହାନ୍ତ କହନ୍ତି, ମା'ଗୃହକୁ ଆସୁଥିବା ପ୍ରତ୍ୟେକ ଗର୍ଭବତୀଙ୍କର ସେବା ଯତ୍ନ ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ୨୦୧୨ରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ ସୁନ୍ଦରଗଡ଼ ଜିଲାରେ ପ୍ରଥମ କରି ୪ଟି ମା'ଗୃହ ପ୍ରତିଷ୍ଠା କରାଯାଇଥିଲା। ପରବର୍ତ୍ତୀ ସମୟରେ ଜିଲା ପ୍ରଶାସନର ଉଦ୍ୟମ ଓ ଜିଲା ଖଣିଜ ପ୍ରତିଷ୍ଠାନ (ଡିଏମ୍‌ଏଫ)ର ଆର୍ଥିକ ସହଯୋଗ ଫଳରେ ବିଭିନ୍ନ ନିର୍ଦ୍ଧାରିତ ଅଞ୍ଚଳରେ ମା'ଗୃହ ପ୍ରତିଷ୍ଠା କରାଯାଇଛି। ବର୍ତ୍ତମାନ ଜିଲାର ୧୨ଟି ବ୍ଲକରେ ମୋଟ ୨୦ଟି ମା'ଗୃହ କାର୍ଯ୍ୟକ୍ଷମ ରହିଛି। ପ୍ରତି ମା' ଗୃହରେ ଗର୍ଭବତୀଙ୍କ ସହ ଆସୁଥିବା ଜଣେ ପରିବାର ସଦସ୍ୟଙ୍କ ପାଇଁ ମାଗଣାରେ ରହିବା ଓ ଖାଇବା ବ୍ୟବସ୍ଥା କରାଯାଇଛି। ସେହିପରି ମା'ଗୃହ ମାଧ୍ୟମରେ ପ୍ରସବ ପୂର୍ବରୁ ୧୫ ଦିନ ଓ ପ୍ରସବ ପରେ ୭ ଦିନ ଏହିପରି ସର୍ବାଧିକ ୨୨ ଦିନ ଯାଏଁ ଗର୍ଭବତୀ ମହିଳାଙ୍କୁ ଦୈନିକ ୧୫୦ ଟଙ୍କାର ଆର୍ଥିକ ପ୍ରୋତ୍ସାହନ ଦିଆଯାଉଛି। ଗର୍ଭବତୀଙ୍କୁ ସେମାନଙ୍କ ଘରୁ ନିକଟସ୍ଥ ମା'ଗୃହ ଏବଂ ମା'ଗୃହରୁ ଡାକ୍ତରଖାନା ଯିବା ଆସିବା ଲାଗି ଆମ୍ବୁଲାନ୍ସ ବ୍ୟବସ୍ଥା କରାଯାଇଛି। ଏହାଛଡ଼ା ଯେଉଁ ଅଞ୍ଚଳରେ ସାଧାରଣ ଆମ୍ବୁଲାନ୍ସ ପଶିବାରେ ଅସୁବିଧା ରହିଛି ସେଠାରେ ବାଇକ୍ ଆମ୍ବୁଲାନ୍ସ ସ୍ୱାସ୍ଥ୍ୟ ରକ୍ଷକ ପହଞ୍ଚି ଗର୍ଭବତୀ ମା'ମାନଙ୍କୁ ଆଣି ମା'ଗୃହରେ ପହଞ୍ଚାଇ ଦେଉଛି। ଜିଲାର ପ୍ରମୁଖ ପାହାଡ଼ିଆ ଅଞ୍ଚଳ ରାଜଗାଙ୍ଗପୁର, ଗୁରୁଣ୍ଡିଆ ଓ କୋଇଡ଼ା ଭଳି ୩ଟି ବ୍ଲକରେ ଓମ୍ୟାଡସି ପାଣ୍ଠି ସହଯୋଗରେ ଏହି ବାଇକ୍ ଆମ୍ବୁଲାନ୍ସ ସେବା ଚାଲିଛି।

## କନକ ଦୁର୍ଗା ମନ୍ଦିରରେ ୨୧୨୧ ପ୍ରଦୀପ ପ୍ରଜ୍ୱଳନ



**ଦେବଗଡ଼,୧୭।୧୦(ଡି.ଏନ.ଏ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମ ଦିବସରେ ସ୍ଥାନୀୟ ବିଜୁ ପରିବାର ପକ୍ଷରୁ ସ୍ଥାନୀୟ ମଠସାହିସ୍ଥିତ କନକ ଦୁର୍ଗା ମନ୍ଦିରରେ ୨୧୨୧ଟି ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ଦେବଗଡ଼ ପୌରାଧ୍ୟକ୍ଷା ଶାନ୍ତିମଞ୍ଜରୀ ଦେଈ, ସମ୍ବଲପୁର ଜିଲା ସମବାୟ କେନ୍ଦ୍ର ବ୍ୟାଙ୍କର ପୂର୍ବତନ ସଭାପତି ଅମରେନ୍ଦ୍ର ଗଙ୍ଗଦେବ, ତିଲେଇବଣି ବ୍ଲକର ପୂର୍ବତନ ଅଧ୍ୟକ୍ଷ ବିଭୂତି ଗଙ୍ଗଦେବ, ଆଇନଜୀବୀ କାମାକ୍ଷା ଗଙ୍ଗଦେବ, ଦେବଗଡ ଜିଲା ଯୁବ ବିଜେଡି ସଭାପତି ପ୍ରତାପ କୁମାର ଦେବ, କାଉନସିଲର ଜତିନ କୁମାର ନାୟକ ଓ ବାସନ୍ତୀମଣି ମାଝୀ, ରାଜକିଶୋର ଦାଶ, ବିକାଶ କୁମାର ପ୍ରଧାନ, ପ୍ରଦୀପ କୁମାର ଅମାନ୍ତ, ଆଲୋକ କୁମାର ଅମାନ୍ତ, ମାନସ କୁମାର ପ୍ରଧାନ, ଶରତ ମେହେର ଓ ଦୀପନ କୁମାର ନାୟକଙ୍କ ସମେତ ବହୁ ବିଜୁ ପ୍ରେମୀ ଉପସ୍ଥିତ ରହି ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ମା' ଦୁର୍ଗାଙ୍କ ନିକଟରେ ମୁଖ୍ୟମନ୍ତ୍ରୀ ପଟ୍ଟନାୟକଙ୍କର ଦୀର୍ଘ ଜୀବନ କାମନା କରିଥିଲେ।

## ଜିଲାପାଳଙ୍କ ଜନଶୁଣାଣି ଶିବିର


ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ଲୋକେ ନିଜ ସମସ୍ୟା କହୁଛନ୍ତି।

**ଦେବଗଡ଼, ୧୭।୧୦ (ଡି.ଏନ୍.ଏ.)**

ଦେବଗଡ଼ ଜିଲା ତିଲେଇବଣି ବ୍ଲକ ଲଇମରା ପଞ୍ଚାୟତ ସମ୍ମିଳନୀ କକ୍ଷଠାରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ଯୋଗଦେଇ ୧୯୦ଟି ଅଭିଯୋଗ ଶୁଣାଣି କରିଥିଲେ। ଏହା ଉପରେ ଆବଶ୍ୟକ ପଦକ୍ଷେପ ପାଇଁ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ବ୍ୟକ୍ତିଗତ ୧୪୪ଟି, ସାମୂହିକ ୪୬ଟି ସମସ୍ୟା ଉପରେ ଆଧାରିତ ଥିଲା। ଶିବିରରେ ବିଭିନ୍ନ ସମସ୍ୟା ଯଥା ରାସ୍ତାଘାଟ, ପାଇଖାନା, ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି, ପାନୀୟଜଳ, ଲଇମରା ମଣ୍ଡିରେ ଧାନ ବିକ୍ରୟର ସୁବ୍ୟବସ୍ଥା ଓ ଖେଳପଡିଆର ଉନ୍ନତିକରଣ ଉପରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲାପାଳ ଉପାଧ୍ୟାୟ ଏହାର ପ୍ରତିକାର ପାଇଁ ବିଭିନ୍ନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଶିବିରରେ ଆରକ୍ଷୀ ଅଧୀକ୍ଷକ ପ୍ରମୋଦ କୁମାର ରଥ, ଉପଜିଲାପାଳ ବ୍ରଜବନ୍ଧୁ ଭୋଇ, ବନଖଣ୍ଡ ଅଧିକାରୀ ମଗରଧାନାଜି ରାଓସୋ ଓ ସମସ୍ତ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

## ବାଳିକାରେ ଲାଠିକଟା, ବାଳକରେ କୋଇଡା ଚାମ୍ପିୟନ

**କୁତ୍ରା, ୧୭।୧୦(ଡି.ଏନ.ଏ)**

ସୁନ୍ଦରଗଡ ଜିଲା କୁତ୍ରା ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଜିଲାସ୍ତରୀୟ ୧୭ ବର୍ଷରୁ କମ ବାଳକ ଏବଂ ବାଳିକା ଫୁଟବଲ ଚାମ୍ପିୟନଶିପ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପ୍ରଧାନ ଏଥିରେ ସଭାପତିତ୍ୱ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାଏକ ଯୋଗଦେଇଥିଲେ। ଜିଲା ପରିଷଦ ସଭାପତି କୁନ୍ତି ପ୍ରଧାନ ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ତଳସରା ବିଧାୟକ ଭବାନୀ ଭୋଇ, ସୁନ୍ଦରଗଡ ମ୍ୟୁନିସିପାଲଟି ଚେୟାରମ୍ୟାନ ତନୟା ମିଶ୍ର, ସଦର ବିଇଓ ଲିଲିମା ଗ୍ଲୋରିଆ ଡୁଙ୍ଗଡୁଙ୍ଗ, ଟାଙ୍ଗରପାଲି ବିଇଓ ମହେନ୍ଦ୍ର ସୋରେନିଆ, ଲହୁଣୀପଡା ବିଇଓ ଭଗବାନ ବାଙ୍କିରା, ଗୁରୁଣ୍ଡିଆ ବିଇଓ ରବୀନ୍ଦ୍ର ମାଝୀ, ବଡ଼ଗାଁ ବିଇଓ ଶାନ୍ତିମୁନି ସୁରେଖା ହୋରୋ, ରାଜଗାଙ୍ଗପୁର ବିଇଓ ସରିତା ସରୋନିଆ, କୁଆରମୁଣ୍ଡା ବିଇଓ ସଦାନନ୍ଦ ପ୍ରଧାନ, ଜିଲା କ୍ରୀଡା ସମ୍ପାଦକ ପ୍ରଭାତ କୁମାର ଭୋଳ, ଲାଠିକଟା ବିଇଓ ଦେବେନ୍ଦ୍ର କୁମାର ସା, ବଣାଇ ବିଇଓ ସୁନୀଲ ମିଞ୍ଜି ପ୍ରମୁଖ ଉପସ୍ଥିତ ରହି ଖେଳାଳିମାନଙ୍କୁ



ଅତିଥିମାନଙ୍କ ସହ ବାଳିକା ବିଭାଗର ଖେଳାଳି।

ଉତ୍ସାହିତ କରିଥିଲେ। ଦୁଇଟି ପଡ଼ିଆରେ ଅତି ଉତ୍ସାହର ସହିତ ଖେଳ ଅନୁଷ୍ଠିତ ହୋଇଥିଲା। ବାଳିକା ବିଭାଗରେ ଫାଇନାଲ ମ୍ୟାଚ ରାଜଗାଙ୍ଗପୁର ବ୍ଲକ ଓ ଲାଠିକଟା ବ୍ଲକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କେହି କାହାରିକୁ ଗୋଲ ନ ଦେବାରୁ ପେନାଲଟି ସୁଟଆଉଟ କରାଯାଇଥିଲା ଏଥିରେ ୦-୩ରେ ଲାଠିକଟା ବ୍ଲକ ଚାମ୍ପିୟନ ହୋଇଥିଲା। ସେହିଭଳି ଭାବରେ ବାଳକ ବିଭାଗରେ କୁତ୍ରା ବ୍ଲକ ଓ କୋଇଡା ବ୍ଲକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମଧ୍ୟ କେହି କାହାରିକୁ ଗୋଲ ଦେଇ ନ ପାରିବାରୁ ପେନାଲଟି ସୁଟଆଉର ସାହାଯ୍ୟ ନିଆହେଇଥିବା ବେଳେ ୩-୪ଗୋଲରେ କୋଇଡା ବ୍ଲକ ଚାମ୍ପିୟନ ହୋଇଥିଲା। ପୁରସ୍କାର ବିତରଣି ଉତ୍ସବରେ ମୁଖ୍ୟ ଅତିଥି ଭାବେ ସୁନ୍ଦରଗଡ ଏସ୍‌ପି ସାଗରିକା ନାଥ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସୁନ୍ଦରଗଡ଼ ସଦର ବିଧାୟିକା କୁସୁମ ଟେଟେ,ପୂର୍ବତନ ମନ୍ତ୍ରୀ ମଙ୍ଗଳା କିଷାନ, ଜେଏସ୍‌ଡବ୍ଲ୍ୟୁ କାରଖାନା ମୁଖ୍ୟ ଅନିଲ ମିଶ୍ର, ସଂଗ୍ରାମ ରାଉତ ପ୍ରମୁଖ ଉପସ୍ଥିତ ରହି ଫାଇନାଲ ମ୍ୟାଚ ଅତି ଉତ୍ସାହର ସହିତ ଉପଭୋଗ କରିବା ସହିତ ପୁରସ୍କାର ବିତରଣ କରିଥିଲେ। ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ବରିଷ୍ଠ ଶିକ୍ଷକ ବିଭୀଷଣ ବାରିକ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଖେଳ ଶିକ୍ଷକମାନେ ଖେଳ ପରିଚାଳନା କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀ, ଛାତ୍ରଛାତ୍ରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଜିଲାପାଳଙ୍କ ଦ୍ୱାରା ଶିଶୁ ପତ୍ରିକା ଉନ୍ମୋଚନ

**ଟେନ୍‌ସା,୧୭।୧୦(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ଟେନସାରୁ ପ୍ରକାଶ ପାଉଥିବା ଶିଶୁ କିଶୋର ପତ୍ରିକା ଶୁଆଶାରୀକୁ ସୋମବାର ସୁନ୍ଦରଗଡ ଜିଲାପାଳ ଡାକ୍ତର ପରାଗ ହର୍ଷଦ ଗାଭାଲି ଉନ୍ମୋଚନ କରିଛନ୍ତି। କୋଇଡ଼ା ବ୍ଲକ ପରିସର ମଧ୍ୟରେ ଆୟୋଜିତ ଏକ ସଭାରେ ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ରାଉରକେଲା ଏସ୍‌ପି ମୁକେଶ ଭାମୁ, ପ୍ରୋବେସନର ଆଇଏଏସ ଡ଼କ୍ଟର ରୀନା ପ୍ରଧାନ, ବଣାଇ ଉପଜିଲାପାଳ ସୁରଞ୍ଜନ ସାହୁ, ସୁନ୍ଦରଗଡ଼ ଜିଲାପରିଷଦ ଉପାଧକ୍ଷ


ଶୁଆଶାରୀକୁ ସୁନ୍ଦରଗଡ ଜିଲାପାଳ ଡାକ୍ତର ପରାଗ ହର୍ଷଦ ଗାଭାଲି ଉନ୍ମୋଚନ କରିଛନ୍ତି।

କମଳ ଲାକ୍ରା, ବଣାଇ ଡିଏସ୍‌ପି ସ୍ୱରାଜ ଦେବତା, କୋଇଡା ବିଡ଼ିଓ ପଲ୍ଲବୀରାଣୀ ରାଜ, କୋଇଡା ତହସିଲଦାର ଡି.ଏସ ଶୁଭଦର୍ସୀ ଯୋଶୀ, ବ୍ଲକ ଚେୟାରମ୍ୟାନ ସୁରେଶ ନାଏକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଟେନସାରୁ ସମୀର କୁମାର ପାଢୀଙ୍କ ସମ୍ପାଦନାରେ ପ୍ରକାଶ ପାଉଥିବା ଶିଶୁ କିଶୋର ପତ୍ରିକା ଶୁଆଶାରୀର ଶାରଦୀୟ ଦୁର୍ଗାପୂଜା ସଂଖ୍ୟାକୁ ଉନ୍ମୋଚନ କରିଥିଲେ।

## କଳାୟତନରେ ବୃକ୍ଷ ରୋପଣ

**ସୁନ୍ଦରଗଡ,୧୭।୧୦(ଡି.ଏନ.ଏ.)**

ସ୍ଥାନୀୟ କଳାୟତନ କଲେଜ ଅଫ ଆର୍ଟ ଏଣ୍ଡ କ୍ରାଫଟ୍ସ ତରଫରୁ ଗାନ୍ଧିଜୀଙ୍କ ୧୫୩ ତମ ଜନ୍ମ ବାର୍ଷିକୀ ପାଳନ ଅବସରରେ ସୋମବାର ଏକ ବୃକ୍ଷରୋପଣ ଓ ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କଲେଜ ଅଧକ୍ଷ ଶୀତଲ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଅଧ୍ୟାପକ ବିନୋଦ ବିହାରୀ ରଥ, କେଦାର ନାଏକ, ନିରଞ୍ଜନ ପାତ୍ର, ବୀରେନ୍ଦ୍ର ସିଂହ, ନରେଶ ନାଏକ, ତାଲିମ ବାର୍ଲାଙ୍କ ସମେତ ଛାତ୍ରୀଛାତ୍ର ଭାଗ ନେଇଥିଲେ।

## ବନ୍ଦ ଘରୁ ମୃତଦେହ ଜବତ

**ରାଉରକେଲା ଅଫିସ,୧୭।୧୦**

ରାଉରକେଲା ବନ୍ଧମୁଣ୍ଡା ଥାନା ଅନ୍ତର୍ଗତ 'ବି' ସେକ୍ଟର ଅଞ୍ଚଳରେ ଏକ ବନ୍ଦ ଘରୁ ପୋଲିସ ଜଣଙ୍କ ମୃତଦେହକୁ ଜବତ କରିଛି। ମୃତକ ହେଲେ ସୁବାସ ବାଙ୍କା(୫୫)। ଆରଜିଏଚ୍ ମର୍ଗ ହାଉସରେ ମୃତଦେହ ରଖି ପୋଲିସ ଅଧିକ ତଦନ୍ତ କରୁଛି। ସୁବାସ ରାଉରକେଲା ଅଞ୍ଚଳରେ ଠିକାଦାରି କରନ୍ତି। ସେ ଶନିବାର ବିଳମ୍ବିତ ରାତିରେ ଘରେ ଶୋଇଥିଲେ। ରବିବାର ଘର କବାଟ ବନ୍ଦ ଥିବା ଦେଖି ତାଙ୍କ ପଡୋଶୀ ମାମୁ ବିନୋଦ ବାଙ୍କା ସେଠାକୁ ଯିବାରୁ ବନ୍ଦ ଘରୁ ଦୁର୍ଗନ୍ଧ ବାହାରୁଥିବା ଜାଣିବାକୁ ପାଇଥିଲେ ଏବଂ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା।

## ମହାଲକ୍ଷ୍ମୀ ପୂଜା କମିଟିର ଅସ୍ଥାୟୀ କାର୍ଯ୍ୟାଳୟ ଉଦ୍‌ଘାଟିତ

**ଦେବଗଡ଼,୧୭।୧୦(ଡି.ଏନ.ଏ.)**

ପବିତ୍ର ମହାଲକ୍ଷ୍ମୀ ପୂଜା ଆୟୋଜନ ନିମନ୍ତେ ସ୍ଥାନୀୟ କାର୍ଗିଲ ଛକ ମହାଲକ୍ଷ୍ମୀ ପୂଜା କମିଟିର ଏକ ଅସ୍ଥାୟୀ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ ରାମଚନ୍ଦ୍ର ମହାପାତ୍ର ଫିତାକାଟି ଉଦ୍‌ଘାଟନ କରିଥିଲେ। କମିଟିର ସଭାପତି ରଶ୍ମିରଞ୍ଜନ ବରାଇ ଓ ସମ୍ପାଦକ ସ୍ୱସ୍ତିକ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଉପସଭାପତି ଅରୁଣାଞ୍ଚଳ ଦ୍ୱିବେଦୀ, ସହସମ୍ପାଦକ ପଞ୍ଚୁଲାଲ ବରାଇ, କୋଷାଧ୍ୟକ୍ଷ ସନ୍ତୋଷ କୁମାର ଦେହୁରୀ, ସହ କୋଷାଧ୍ୟକ୍ଷ ବିଶ୍ୱରଞ୍ଜନ ସାହୁ, ଗଣମାଧ୍ୟମ ସଂଯୋଜକ ମୋତିଲାଲ ଶର୍ମା, ପୂଜା ମଣ୍ଡପ ସମ୍ପାଦକ ଦିବ୍ୟଜ୍ୟୋତି ପୁରୋହିତ ଓ ଅଜିତ କୁମାର ଦ୍ୱିବେଦୀ, ସାଂସ୍କୃତିକ ସମ୍ପାଦକ ବି.କ୍ଷୀରତୋଦ କୁମାର, ଆଇନ ଉପଦେଷ୍ଟା ମନୋଜ କୁମାର ପାଢୀ, ସରୋଜ ପାତ୍ର ଓ ପୃଥ୍ୱୀରାଜ ପଟ୍ଟନାୟକ, ଉପଦେଷ୍ଟା ସୁବ୍ରତ ପାତ୍ର, ଇଂ ସୁଜିତ କୁମାର ପ୍ରଧାନ, ପ୍ରଦ୍ୟୁମ୍ନ କୁମାର ଆଚାର୍ଯ୍ୟ ଓ ପ୍ରଭାତ କୁମାର ପ୍ରଧାନ, ସମୀର ରଞ୍ଜନ ପ୍ରଧାନ, ମଣ୍ଟୁ ଦ୍ୱିବେଦୀ, ଲୁନା କର, ମନୋଜ କୁମାର ପ୍ରଧାନ, ନୀଳାଦ୍ରୀ ଆଚାର୍ଯ୍ୟ, ବୁଲୁ ଦାସ, ବିକି ଦେବ, ନିଲୁ ଦାଶ, ଟୁଟୁଲ ବେହେରା, ରାଜେଶ ନାୟକ, ସୁଧିର ଗୋଏଲ, ବାବୁ ଖୁଣ୍ଟିଆ, ଅବିନାଶ ଗୋଏଲ, ଶମ୍ଭୁ ପ୍ରଧାନ, ବୁଲୁ ପ୍ରଧାନ ଓ ରାଜେଶ ରାଉତଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।


ମହାଲକ୍ଷ୍ମୀ ପୂଜା କମିଟିର ଅସ୍ଥାୟୀ କାର୍ଯ୍ୟାଳୟ ଉଦ୍‌ଘାଟନ କରାଯାଉଛି।

## ବାଳିକାରେ ଦେବଗଡ଼ ପୌରାଞ୍ଚଳ ଏକାଦଶ, ବାଳକରେ ବାରକୋଟ ବ୍ଲକ ଚାମ୍ପିୟନ

**■ ଆନ୍ତଃ ବିଦ୍ୟାଳୟ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ**

**■ ଜିଲାସ୍ତରୀୟ ୧୭ବର୍ଷରୁ କମ ବାଳକ ଓ ବାଳିକା ବର୍ଗ**

**ଦେବଗଡ଼ ୧୭।୧୦(ଡି.ଏନ୍.ଏ.)**

ଦେବଗଡ଼ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମଠାରେ ଅନୁଷ୍ଠିତ ହେଉଥିବା ଜିଲାସ୍ତରୀୟ ୧୭ ବର୍ଷରୁ କମ୍ ଆନ୍ତଃ ବିଦ୍ୟାଳୟ ବାଳକ ଓ ବାଳିକା ବର୍ଗର ଫୁଟବଲ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଜିଲା ପରିଷଦ ଅଧ୍ୟକ୍ଷ କୌଶିକ କୁମାର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉଦ୍‌ବୋଧନ ଦେବା ସହ ପୁରସ୍କାର ବିତରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ରେବିକା ବିଲୁଙ୍ଗ, ତହସିଲଦାର ପଲବୀ ନାଏକ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ବିନୋଦ ସିଂହ ଓ ଶକୁନ୍ତଳା ଟେଟେ,


ଆନ୍ତଃ ବିଦ୍ୟାଳୟ ଫୁଟବଲ ଟୁର୍ନାମେଣ୍ଟରେ ଅତିଥିଙ୍କ ସହ ଖେଳାଳି।

ଜିଲା ଶିକ୍ଷା କ୍ରୀଡ଼ା ନିରୀକ୍ଷକ ପଦ୍ମଚରଣ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ସିଆରସି ପ୍ରାଣବନ୍ଧୁ ଘଡେଇ ସଂଯୋଜନା କରିଥିଲେ। ଉଆଁରା ହାଇସ୍କୁଲର ପ୍ରଧାନ ଶିକ୍ଷକ ମାଧବ ବିଶ୍ୱାଳ ସ୍ୱାଗତ ଭାଷଣ ଦେଇଥିଲେ। ଜିଲାର ତିନୋଟି ବ୍ଲକରୁ ୮୨ଟି ବିଦ୍ୟାଳୟରୁ ମନୋନୀତ କରାଯାଇଥିବା ଛାତ୍ରୀଛାତ୍ର ଜିଲାସ୍ତରୀୟ ଆନ୍ତଃ ବିଦ୍ୟାଳୟ ଫୁଟବଲ ଟୁର୍ନାମେଣ୍ଟରେ ଭାଗନେଇଥିଲେ। ବାଳିକା ବିଭାଗରେ ଦେବଗଡ଼ ପୌରାଞ୍ଚଳ ଏକାଦଶ ତିଲେଇବଣୀ ବ୍ଲକ ଏକାଦଶକୁ ୩-୦ ଗୋଲରେ ପରାସ୍ତ କରି ଚାମ୍ପିୟନ ହୋଇଛି। ସେହିପରି ବାଳକ ବର୍ଗରେ ବାରକୋଟ ଏକାଦଶ ଓ ତିଲେଇବଣୀ ବ୍ଲକ ଏକାଦଶ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ବାରକୋଟ ବ୍ଲକ ଏକାଦଶ ତିଲେଇବଣି ବ୍ଲକ ଏକାଦଶକୁ ୫-୦ ରେ ପରାସ୍ତ କରି ବିଜୟୀ ହୋଇଛି। ଏହି କ୍ରୀଡ଼ାକୁ ଖେଳ ଶିକ୍ଷକ ଡିଲେଶ୍ୱର ସ୍ୱାଇଁ, ରୋହିତ ପ୍ରଧାନ, ବିରଞ୍ଚି ନାରାୟଣ ଦାଶ, ଆରତୀ କିଷାନ, ରଞ୍ଜିତା ମିଶ୍ର, ତୃପ୍ତିମୟୀ ସାହୁ ଓ ଇତିଶ୍ରୀ ପଟା ପ୍ରମୁଖ ପରିଚାଳନା କରିଥିଲେ। ଏଥି ସହିତ ଜିଲାର ୭୧ଜଣ କ୍ରୀଡ଼ା ଶିକ୍ଷକ, ୨୦ ପ୍ରଧାନ ଶିକ୍ଷକ, ୨୧ ସହକାରୀ ଶିକ୍ଷକ ଓ ୧୬ସିଆରସିସି ଯୋଗ ଦେଇଛନ୍ତି। ଉଦ୍‌ଘାଟନୀ ଓ ଉଦ୍‌ଯାପନୀ ଉତ୍ସବରେ ଦେବଗଡ଼ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଓ ରିଆମାଳ ଉଚ୍ଚ ବିଦ୍ୟାଳୟର ଛାତ୍ରମାନେ ଘୋଷବାଦ୍ୟ ପରିଚାଳନା କରିଥିଲେ।

## ସଂକ୍ଷେପରେ

### କାମ କରିବାକୁ ଯାଇ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

**ବୌଦ୍ଧ, ୧୭।୧୦(ସ୍ୱ.ପ୍ର):** ତାମିଲନାଡୁ କାମ କରିବାକୁ ଯାଇ ବୌଦ୍ଧର ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ବୌଦ୍ଧ ସହରର ମୁସଲିମପଡାର ଯୁବକ ଅବଦୁଲ ଅରବାଜ ଖାଁ (୧୯) ଦୀର୍ଘ ଦୁଇ ବର୍ଷ ହେବ ତାମିଲନାଡୁର କୋଏମ୍ବାଟୁରଠାରେ ଏକ ଘରୋଇ କମ୍ପାନୀରେ କାର୍ଯ୍ୟରତ ଥିଲେ। ଗତ ଶନିବାର ରାତିରେ କମ୍ପାନୀରୁ କାମ ସାରି ଫେରୁଥିବା ବେଳେ ତାଙ୍କର ଦୁର୍ଘଟଣା ହୋଇଥିଲା। ଦୁର୍ଘଟଣା ପରେ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ରବିବାର ସେଠାରୁ କେହି ଜଣେ ଫୋନ କରି ମୃତ୍ୟୁଖବର ଦେବା ପରେ ପରିବାର ଲୋକ ପୁଅର ଶବକୁ ଆଣିବାକୁ ପ୍ରଶାସନ ପାଖରେ ଗୁହାରୀ କରିଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶ ପରେ ବୌଦ୍ଧ ଜିଲା ଶ୍ରମ ଅଧିକାରୀ ତେଜକୁମାର ବାଗ ମୃତ ଅବଦୁଲ ଅରବାଜ ଖାଁ ଘରକୁ ଯାଇ ତଦନ୍ତ କରିବା ସହ ଶବ ଆଣିବାକୁ ପ୍ରୟାସ ଆରମ୍ଭ କରିଥିଲେ। ଏନେଇ ଜିଲା ରେଡକ୍ରସ ପାଣ୍ଠିରୁ ୨୦ ହଜାର ଟଙ୍କା ସହାୟତା ମଞ୍ଜୁର କରିଛନ୍ତି।

### ପ୍ରଫେସର ସତ୍ୟ ସିଦ୍ଧାର୍ଥ ପଣ୍ଡାଙ୍କ ପୁସ୍ତକ ଉନ୍ମୋଚନ

**ଭବାନୀପାଟଣା,୧୭।୧୦(ସ୍ୱ.ପ୍ର.):** ତାମିଲନାଡୁର ମଦୁରାଇଠାରେ ଆର ଏଲ ଇନଷ୍ଟିଚ୍ୟୁଟ ଅଫ୍ ମ୍ୟାନେଜମେଣ୍ଟ ପକ୍ଷରୁ ଗତ ୧୫ ତାରିଖରେ ଟି ବୃଶ-୨୦୨୨ ଡିଜିଟାଲ ମାର୍କେଟିଂ ଜାତୀୟ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏଥିରେ କଳାହାଣ୍ଡିର ପ୍ରଫେସର ସତ୍ୟ ସିଦ୍ଧାଥ ପଣ୍ଡାଙ୍କ ଲିଖିତ ଷ୍ଟୁଡେଣ୍ଟ ଏନ୍‌ଗେଜମେଣ୍ଟ ଇନ୍ ମ୍ୟାନେଜମେଣ୍ଟ ଏଜୁକେସନ ନାମକ ଏକ ପୁସ୍ତକ ସ୍ଥାନୀୟ ଇନଷ୍ଟ୍ୟୁଟର ମୁଖ୍ୟ ଡ.ଏମ୍ ସୁବ୍ରମଣ୍ୟମଙ୍କ ଦ୍ୱାରା ଉନ୍ମୋଚନ ହୋଇଯାଇଛି। ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମରେ ପ୍ରଫେସର ପଣ୍ଡାଙ୍କ ସମେତ ଡିଜିଟାଲ ମାର୍କେଟିଂର ପ୍ରଶିକ୍ଷକ ବାଲସୁବ୍ରମଣ୍ୟମ ଏସ୍ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପୁସ୍ତକ ବିଶେଷକରି ୟୁଜି ଓ ପିଜି ଛାତ୍ରଙ୍କ



ପାଇଁ ଯେଉଁମାନେ କି ମ୍ୟାନେଜମେଣ୍ଟ କୋର୍ସ କରୁଛନ୍ତି ତାଙ୍କୁ ସହାୟକ ହେବ। ପ୍ରକାଶ ଯେ, ପ୍ରଫେସର ପଣ୍ଡା କଳାହାଣ୍ଡି ଜିଲା ତଥା ଓଡିଶାର ଜଣେ ଗର୍ବ ଓ ଗୌରବ। ସେ ଧର୍ମଗଡ ପଞ୍ଚାୟତ ମହାବିଦ୍ୟାଳୟ ଅବସରପ୍ରାପ୍ତ ଅଧ୍ୟକ୍ଷ ସୁନୀଲ ଚନ୍ଦ୍ର ପଣ୍ଡା ଓ ମମତା ପଣ୍ଡାଙ୍କ ପୁତ୍ର ଅଟନ୍ତି। ତାଙ୍କ ଲିଖିତ ୮ଟି ପୁସ୍ତକ ଓ ଅନେକ ଗବେଷଣା ତଥା ଅନୁସନ୍ଧାନ ମୂଳକ ଲେଖା ପୂର୍ବରୁ ପ୍ରକାଶିତ ହୋଇ ବହୁ ଆଦୃତ ଲାଭ କରିଛି। ଏଥିପାଇଁ ସେ ଦେଶ ବିଦେଶରେ ବହୁ ସମ୍ବର୍ଦ୍ଧନା ଓ ପୁରସ୍କୃତ ହୋଇସାରିଛନ୍ତି।

# ଅନ୍ୟାୟ ବରଦାସ୍ତ କରାଯିବନି

**ବଲାଙ୍ଗୀର ଅଫିସ, ୧୭।୧୦**



ଜିଲା ବାର ଆସୋସିଏଶନ୍ ହଲରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ନେଇ ଅନୁଷ୍ଠିତ ବୈଠକରେ ଉପସ୍ଥିତ ବିଭିନ୍ନ ସଂଗଠନର କର୍ମକର୍ତ୍ତା।

**୨୦ରୁ ପୁଣି ଆରମ୍ଭ ହେବ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଆନ୍ଦୋଳନ**

- ଏକତାବଦ୍ଧ ହେଲେ ସାମାଜିକ, ସାଂସ୍କୃତିକ ସଙ୍ଗଠନ ପ୍ରତିନିଧି
- ଜିଲା ବାର ଆସୋସିଏଶନ୍ ହଲ ଠାରେ ହେଲା ପ୍ରସ୍ତୁତି ବୈଠକ

ଆସନ୍ତା ୨୦ ତାରିଖରେ ବଲାଙ୍ଗୀରରେ ହାଇକୋର୍ଟ ସ୍ଥାୟୀବେଞ୍ଚ ପୁନଃ ପ୍ରତିଷ୍ଠା ଦାବି ନେଇ ପୁଣି ଥରେ ଆନ୍ଦୋଳନ ଆରମ୍ଭ ହେବ। ଏଥିପାଇଁ ପୂର୍ଣ୍ଣ ପ୍ରସ୍ତୁତି ହୋଇସାରିଛି। ବଲାଙ୍ଗୀରର ନ୍ୟାୟପୂର୍ଣ୍ଣ ଦାବି ହାସଲ କରିବା ଦିଗରେ ଶାନ୍ତିପୂର୍ଣ୍ଣ ଓ ଗଣତାନ୍ତ୍ରିକ ଉପାୟରେ ଲଢ଼େଇ ଜାରି ରହିବ। ବଲାଙ୍ଗୀର ପ୍ରତି ବହୁ ଅବିଚାର ହୋଇସାରିଛି। କୌଣସି ପରିସ୍ଥିତିରେ ଆଗକୁ ଆଉ ଅନ୍ୟାୟ ବରଦାସ୍ତ କରାଯିବନାହିଁ। ସୋମବାର ଜିଲା ବାର ଆସୋସିଏଶନ୍ ହଲରେ ଅନୁଷ୍ଠିତ ବିଭିନ୍ନ ସଙ୍ଗଠନର ମିଳିତ ବୈଠକରେ ଏହି ମତପ୍ରକାଶ ପାଇଛି।

ବଲାଙ୍ଗୀର ଆକ୍ସନ କମିଟି ସଭାପତି ଗୋପାଳଜୀ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲା ଓକିଲ ସଂଘ ସଭାପତି ଅମରେଶ ତ୍ରିପାଠୀ, ଉପସଭାପତି ସରୋଜ ଗୁପ୍ତା ଏବଂ ସମ୍ପାଦକ ଅଧିକାରୀ ଦନ୍ତା ମଞ୍ଚାସୀନ ହୋଇଥିଲେ। ପୂର୍ବ ନିଷ୍ପତ୍ତି ଅନୁଯାୟୀ ଆସନ୍ତା ଅକ୍ଟୋବର ୨୦ ତାରିଖରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପୁନଃସ୍ଥାପନ ଦାବିରେ ବଲାଙ୍ଗୀର ଆକ୍ସନ କମିଟି ନେତୃତ୍ୱଏବଂ ଜିଲା ଓକିଲ ସଂଘ ସହାୟତାରେ ଜିଲାପାଳ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ଧାରଣା ଦିଆଯିବ। ଏହି ଦିନ ଜିଲା ସଦର ମହକୁମାରେ ଥିବା ସମସ୍ତ ସରକାରୀ କାର୍ଯ୍ୟାଳୟ ବନ୍ଦ କରାଯିବାକୁ ନିଷ୍ପତ୍ତି ହୋଇଛି। ପ୍ରାରମ୍ଭରେ ଓକିଲ ସଂଘ ସଭାପତି ତ୍ରିପାଠୀ କହିଥିଲେ ଯେ, ବଲାଙ୍ଗୀରଠାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପୁନଃ ପ୍ରତିଷ୍ଠା କରାଯିବାକୁ ବହୁ ପୂର୍ବରୁ ଆନ୍ଦୋଳନ କରାଯାଇ ସାରିଛି। ସରକାର ଏଦିଗରେ ନୀତିଗତ ନିଷ୍ପତ୍ତି ନେଇନାହାନ୍ତି। ଏହି ଦାବି ହାସଲ କରିବାକୁ ହେବ ଏବଂ ଆସନ୍ତା ୨୦ରୁ ଏହି ଆନ୍ଦୋଳନ ପୁଣି ଥରେ ଆରମ୍ଭ ହେବ। ଆଗକୁ ବିଭିନ୍ନ ପର୍ଯ୍ୟାୟରେ ଏହି ଆନ୍ଦୋଳନ ଜାରି ରହିବ ବୋଲି କହିଥିଲେ। ଆକ୍ସନ କମିଟି ସଭାପତି ପାଣିଗ୍ରାହୀ କହିଥିଲେ ଯେ, ବଲାଙ୍ଗୀରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପୁନଃ ପ୍ରତିଷ୍ଠା କରାଯିବା ଦିଗରେ ସରକାର ଆଉ କାଳବିଳମ୍ବ ନୀତି ଅବଲମ୍ବନ ନ କରନ୍ତୁ। ଏହା ନହେଲେ ବଲାଙ୍ଗୀରବାସୀ ଆଗକୁ ଆହୁରି ଦୁର୍ବାର ଆନ୍ଦୋଳନ କରିବାକୁ ବାଧ୍ୟହେବେ। ଦାବି ହାସଲ ପାଇଁ ଜିଲାର ବିଭିନ୍ନ ସାମାଜିକ, ସାଂସ୍କୃତିକ, ରାଜନୈତିକ ଏବଂ ଅନ୍ୟାନ୍ୟ ଜାତି ସଙ୍ଗଠନ ସହଯୋଗରେ ଶାନ୍ତିପୂର୍ଣ୍ଣ ଓ ଗଣାତାନ୍ତ୍ରିକ ଆନ୍ଦୋଳନ କରାଯାଇ ଦାବି ହାସଲ କରାଯିବ ବୋଲି କହିଥିଲେ। ବୈଠକରେ ବଲାଙ୍ଗୀର ନାଗରିକ କମିଟି ସଭାପତି ଇଂ ବେଲାର ସିଂଭୋଇ, ବରିଷ୍ଠ ନାଗରିକ ସଂଘ ସମ୍ପାଦକ ମନୋରଞ୍ଜନ ମିଶ୍ର, ଅବସରପ୍ରାପ୍ତ ସୈନିକ ସଂଘ ସମ୍ପାଦକ ପ୍ରତାପ ଚନ୍ଦ୍ର ରଥ,ବରିଷ୍ଠ ଓକିଲ ଭବାନୀ ଶଙ୍କର ଶତପଥି, ଅରବିନ୍ଦାକ୍ଷ ପୂଜାରୀ, ଗୋପାଳ ହୋତା, ଦିନେଶ ନାଗ, ଅସିତ ଷଡଙ୍ଗୀ, ସମୀର ମିଶ୍ର, ଭାଜପା ନେତ୍ରୀ ରଞ୍ଜିତା ପାଣିଗ୍ରାହୀ, ଆକ୍ସନ କମିଟି ସଭାପତି ମୁନା ପଟ୍ଟନାୟକ, ୟୁଥ୍ ଆକ୍ସନ କମିଟି ସଭାପତି ବିନୋଦ କାଲସାଏ, ସ୍ୱେଚ୍ଛାସେବୀ ଗୋବିନ୍ଦ ଶତପଥୀ, ଅଭିଷେକ ଦାସ, ଗଣମାଧ୍ୟମ ପ୍ରତିନିଧି ସୁଧୀର ମିଶ୍ର, ବୀରେନ୍ଦ୍ର କୁମାର ଝାଙ୍କର, ଚିତ୍ତରଞ୍ଜନ ମିଶ୍ର ବକ୍ତବ୍ୟ ରଖିଥିଲେ। ସମସ୍ତ ସଙ୍ଗଠନ ପ୍ରତିନିଧି ଆନ୍ଦୋଳନକୁ ସମର୍ଥନ ଘୋଷଣା କରି ୨୦ ତାରିଖ ସମସ୍ତ ସରକାରୀ କାର୍ଯ୍ୟାଳୟ ବନ୍ଦ କରିବାକୁ ନିଷ୍ପତ୍ତି ନେଇଥିଲେ।

### ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କଲେ ବ୍ଲକ ଉପାଧ୍ୟକ୍ଷା, ସରପଞ୍ଚ

**ଲାଠୋର, ୧୭।୧୦(ଡି.ଏନ.ଏ)**

ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ଉପାଧ୍ୟକ୍ଷା ଧନମତି ଖୁରା, ହଲନଭଟା ସରପଞ୍ଚ ରଶ୍ମିତା ଦାସ ସୋମବାର ଭାଲୁକୁନା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ବିଦ୍ୟାଳୟରେ ପ୍ରଥମରୁ ଦଶମ ଶ୍ରେଣୀ ଯାଏ ୩୫୨ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ପ୍ରଥମ, ଦ୍ୱିତୀୟ, ତୃତୀୟ, ସପ୍ତମ ଏବଂ ଅଷ୍ଟମ ଶ୍ରେଣୀ ଉପସ୍ଥାନ ଖାତାରେ ଅକ୍ଟୋବର ମାସରେ ପିଲାଙ୍କ ନାମ ଲେଖାଯାଇ ନାହିଁ। ନିୟମିତ ଉପସ୍ଥାନ ନିଆଯାଉନାହିଁ। ପଞ୍ଚମ ଏବଂ ଷଷ୍ଠ ଶ୍ରେଣୀ କକ୍ଷରେ କଳାପଟା ନାହିଁ। ଗଣିତ ଏବଂ ବିଜ୍ଞାନ ବିଷୟ ପଢା ଯାଉ ନଥିବା ନେଇ ଛାତ୍ରୀଛାତ୍ର ଅଭିଯୋଗ କରିଥିଲେ। ୯ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ନିଯୁକ୍ତ ଥିଲେ ହେଁ ପରିଦର୍ଶନ କାଳରେ ୪ ଜଣ ବିନା ଛୁଟିରେ ଅନୁପସ୍ଥିତ ରହିଥିବା ଦେଖାଯାଇଥିଲା। ୫-ଟି କାମ ଅତି ନିମ୍ନ ମାନର ହୋଇଥିବା ଯୋଗୁଁ ବିଭିନ୍ନ ଜାଗାରେ ଲାଗିଥିବା ଟାଇଲ ଭାଙ୍ଗି ଯାଇଛି। ଶୌଚାଳୟରେ ପାଣିର ବ୍ୟବସ୍ଥା ନାହିଁ। ବିନା ରେଜୁଲେସନରେ ବିଦ୍ୟାଳୟ ପରିଚାଳନା ସମିତି ଗଠନ କରି ୧୨ ସଦସ୍ୟଙ୍କୁ ଚୟନ କରାଯାଇଛି। ପ୍ରଧାନଶିକ୍ଷକ ଦାୟିତ୍ୱରେ ଥିବା ସହକାରୀ ଶିକ୍ଷକ ଜଗମୋହନ ସେଠୀ ଜଣେ ଶିକ୍ଷକ ଅନୁପସ୍ଥିତ ରହିବେ ବୋଲି ଫୋନରେ ସୂଚନା ଦେଇଥିବା କହିଥିଲେ।

## ବାଲ୍ୟ ବିବାହ ସଚେତନତା ଅଭିଯାନ




ସଚେତନତା ରଥକୁ ଜିଲାପାଳ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

**ବଲାଙ୍ଗୀର ଅଫିସ, ୧୭।୧୦**

ବଲାଙ୍ଗୀର ଜିଲା ପ୍ରଶାସନ ଏବଂ ଜିଲା ସମାଜ କଲ୍ୟାଣ ବିଭାଗ ଆନୁକୂଲ୍ୟରେ ସୋମବାର ଜିଲାସ୍ତରୀୟ ବାଲ୍ୟ ବିବାହ ନିରାକରଣ ସଚେତନତା ଅଭିଯାନ ଆରମ୍ଭ ହୋଇଛି। ଏହି ଅବସରରେ ଜିଲାପାଳ କାର୍ଯ୍ୟାଳୟ ପରିସରରୁ ବାହାରି ଥିବା ସଚେତନତା ରଥକୁ ଜିଲାପାଳ ଚଞ୍ଚଳ ରାଣା ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ସଚେତନତା ରଥ ୨୧ତାରିଖ ପର୍ଯ୍ୟନ୍ତ ଜିଲାର ବିଭିନ୍ନ ଅଞ୍ଚଳ ପରିକ୍ରମା କରି ବାଲ୍ୟ ବିବାହ ନିରାକରଣ ଉପରେ ଜନସାଧାରଣଙ୍କୁ ସଚେତନ କରିବ। ବାଲ୍ୟ ବିବାହ ନିରାକରଣ ସକାଶେ ଗତ ସେପ୍ଟେମ୍ବର ୩୦ ତାରିଖରେ ଜିଲାର ବିଭିନ୍ନ ପଞ୍ଚାୟତରେ ୧୮ ବର୍ଷରୁ କମ୍ ବାଳକ ଓ ବାଳିକାଙ୍କୁ ନେଇ ବାଳସଭା ଆୟୋଜନ କରାଯାଇଥିଲା। ଏଥିରେ ବାଲ୍ୟ ବିବାହ ମୁକ୍ତ ଗ୍ରାମ କରିବା ନିମନ୍ତେ ଶପଥ ପାଠ କରାଯାଇଥିଲା। ସଚେତନତା ରଥ ଶୁଭାରମ୍ଭ ଅବସରରେ ଜିଲାପାଳ ଏହି ସୂଚନା ଦେଇ ସଚେତନତା ଅଭିଯାନରେ ସମସ୍ତେ ସାମିଲ ହୁଅନ୍ତୁ ବୋଲି ଅନୁରୋଧ କରିଥିଲେ। ଶୁଭାରମ୍ଭ କାର୍ଯ୍ୟକ୍ରମରେ ଜିଲା ସମାଜ କଲ୍ୟାଣ ଅଧିକାରୀ ସନ୍ତଲାଲ ଦୀପ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜୟଦେବ ପାଣିଗ୍ରାହୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଲକ୍ଷ୍ମୀ ସିଂ, ୱାନ ଷ୍ଟପ ସେଣ୍ଟରର ପ୍ରୋଗ୍ରାମ ମ୍ୟାନେଜର ଆଲିଶା ଚକ୍ରବର୍ତ୍ତୀ, ୱାନ ଷ୍ଟପ ସେଣ୍ଟରର କର୍ମକର୍ତ୍ତା, ଆଇସିଡିଏସ ସୁପରଭାଇଜର, ଅଙ୍ଗନୱାଡି କର୍ମୀ, ଏସଏଚଜିସଦସ୍ୟା, ସମାଜ କଲ୍ୟାଣ ଓ ଜିଲା ଶିଶୁ ସୁରକ୍ଷା ବିଭାଗ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ୨ବାଇକ୍ ସହ ଗଞ୍ଜେଇ ଜବତ: ୩ ଗିରଫ

**ବୌଦ୍ଧ, ୧୭।୧୦ (ସ୍ୱ.ପ୍ର.)**

ବୌଦ୍ଧ ଅବକାରୀ ବିଭାଗ ପକ୍ଷରୁ ଦୁଇଟି ବାଇକ୍ ସହ ୧୦ କିଲୋ ଗଞ୍ଜେଇ ଜବତ କରାଯାଇଛି। ଏହା ସହ ୩ ଜଣଙ୍କୁ ଗିରଫ କରାଯାଇଛି। ଅବକାରୀ ବିଭାଗ ପକ୍ଷରୁ ମିଳିଥିବା ସୂଚନା ମୁତାବକ ଗଞ୍ଜେଇ ଚାଲାଣ ହେଉଥିବା ଖବର ପାଇ ବୌଦ୍ଧ ସହର ନିକଟସ୍ଥ ରଇଠାଣି ବାଇପାସଠାରେ ସୋମବାର ସକାଳେ ଅବକାରୀ କର୍ମଚାରୀ ଛକି ରହିଥିଲେ । ଏହି ସମୟରେ ଦୁଇଗୋଟି ମୋଟର ସାଇକେଲରେ ୩ ଜଣ ଯୁବକ ଆସିଥିଲେ। ସେମାନଙ୍କୁ ଅବକାରୀ ବିଭାଗ ପକ୍ଷରୁ ତନଖି କରାଯାଇଥିଲା। ୩ ଜଣ ଯୁବକ ମୋଟରସାଇଲେର ତେଲ ଟାଙ୍କିକୁ ନୂତନ ଭାବେ ନିର୍ମିତ କରି ଟାଙ୍କି ତଳେ ଗଞ୍ଜେଇ ଚାଲାଣ କରୁଥିଲେ। ଅବକାରୀ ବିଭାଗ କର୍ମଚାରୀମାନେ ଦୁଇଗୋଟି ମୋଟର ସାଇକେଲ ସିଜି୦୬-୭୫୪୧ ଏବଂ ଓଡି୧୭ଏସ-୫୭୦୧ରୁ ୧୦ କେଜି ଗଞ୍ଜେଇ ଜବତ କରିବା ସହ ୩ ଅଭିଯୁକ୍ତଙ୍କୁ ଗିରଫ କରିଛନ୍ତି। ୩ ଅଭିଯୁକ୍ତ ହେଲେ ଛତିଶଗଡ ରାଜ୍ୟ ମହାସମୁଦ ଜିଲା ସଙ୍କରା ଓ ସିଙ୍ଗଗୋଡା ଥାନାର ପୁକ୍ତା ଓ କଟଙ୍ଗାତରାଇ ଗ୍ରାମର କୁନ୍ଦନ କୁଳଦୀପ(୨୩), ଦୟାନିଧି ସାହୁ (୩୪) ଓ ସୁମନ୍ତ ସାହୁ (୩୪)। ଏନେଇ ଅବକାରୀ ବିଭାଗ ପକ୍ଷରୁ ଦୁଇଟି ମାମଲା ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଚଢାଉରେ ଅବକାରୀ ଇନ୍‌ସପେକ୍ଟର ସାଗରିକା ପ୍ରଧାନ, ଏଏସଆଇ ରୂପେଶ ମୁଖୀ, କନଷ୍ଟେବଲ ଜୟନ୍ତ ପ୍ରଧାନ, ଲୋକନାଥ ଭୋଇ, କୈଳାଶ ଚନ୍ଦ୍ର ସାହୁ ପ୍ରମୁଖ ସାମିଲ ଥିଲେ।

## ନିଯୁକ୍ତି ସୁନିଶ୍ଚିତ ନ ହେଲେ ଆନ୍ଦୋଳନ



ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜଳଯୋଗାଣ ବିଭାଗ କର୍ମଚାରୀମାନେ।

**ଟିଟିଲାଗଡ଼, ୧୭।୧୦(ଡି.ଏନ.ଏ)**

**ଜଳଯୋଗାଣ କର୍ମଚାରୀଙ୍କୁ ଅବହେଳା ଅଭିଯୋଗ**

ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗରେ କାର୍ଯ୍ୟରତ କର୍ମଚାରୀଙ୍କୁ ନିୟମିତ କରିଛନ୍ତି। ତେବେ ଜଳଯୋଗାଣ ଭଳି ଜରୁରି ସେବାରେ ନିୟୋଜିତ କର୍ମଚାରୀଙ୍କୁ ଅବହେଳା କରାଯାଇଛି। ଟିଟିଲାଗଡ ସହର ଜନସ୍ୱାସ୍ଥ୍ୟ ବିଭାଗ ଅଧୀନରେ ଜଳଯୋଗାଣ ସେବାରେ ନିୟୋଜିତ କର୍ମଚାରୀମାନେ ଏହିଭଳି ଅଭିଯୋଗ କରିଛନ୍ତି। ସୋମବାର ଏକ ବୈଠକରେ ସେମାନଙ୍କ ପ୍ରତି ଅନ୍ୟାୟ ହୋଇଥିବା ଦର୍ଶାଇ ପୁର୍ନବିଚାର ଦାବି କରିଛନ୍ତି। ସେମାନେ ଏକ ଶୋଭାଯାତ୍ରାରେ ଟିଟିଲାଗଡ ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଉପଜିଲାପାଳ ମନୋଜ ସତ୍ୟୱାନ ମହାଜନଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଦର୍ଶାଇଥିଲେ ଯେ, ଦୈନିକ ମଜୁରିରେ ସେମାନେ ଚଳୁଛନ୍ତି। ପରିବାର ଭୋକ ଉପାଶରେ ରହୁଛନ୍ତି। ହକ୍ ପାଇଁ ଅନେକ ଥର ଦାବିପରେ କେବଳ ପ୍ରତିଶ୍ରୁତିହିଁ ମିଳିଛି। ଜନ୍ମଦିନରେ ମୁଖ୍ୟମନ୍ତ୍ରୀ ଅନ୍ୟ ବିଭାଗ କର୍ମଚାରୀଙ୍କୁ ଚୁକ୍ତିଭିତ୍ତିକ କର୍ମଚାରୀଙ୍କୁ ସ୍ଥାୟୀକରଣ କରିଛନ୍ତି। ହେଲେ ସେମାନଙ୍କୁ ଉପେକ୍ଷା କରାଯାଇଥିବା ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ ଅବସରରେ କହିଥିଲେ। ୭ ଦିନ ମଧ୍ୟରେ ସରକାର ସେମାନଙ୍କ ଦାବିପତ୍ର ସୁବିଚାର ନ କଲେ ଜଳଯୋଗାଣ କାର୍ଯ୍ୟରୁ ବିରତ ରହିବେ ବୋଲି ଚେତାବନୀ ଦେଇଛନ୍ତି।

## ବାଉଁଶୁଣୀ ଟ୍ରାକ୍ଟର ମାଲିକ ସଂଘ ଗଠିତ

**ବାଉଁଶୁଣୀ, ୧୭।୧୦(ଡି.ଏନ.ଏ.)**

ବୌଦ୍ଧ ଜିଲା ବାଉଁଶୁଣୀ ଅଁଳାପାଲି ଗୋଛାପଡା ଆଦି ତିନିଟି ଗ୍ରାମ ପଞ୍ଚାୟତର ଟ୍ରାକ୍ଟର ମାଲିକମାନଙ୍କୁ ନେଇ ବାଉଁଶୁଣୀ ତୁଳସୀ କଲ୍ୟାଣ ମଣ୍ଡପ ଠାରେ ରବିବାର ଏକ ସଭା ଆୟୋଜନ ହୋଇଥିଲା। ଟ୍ରାକ୍ଟର ମାଲିକମାନଙ୍କ ମଧ୍ୟରେ ସମନ୍ୱୟ ଓ ବିଭିନ୍ନ ସମସ୍ୟାର ମିଳିତ ସମାଧାନ ପାଇଁ ଏକ ସଂଘ ଗଠନ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ନୂତନ କର୍ମକର୍ତ୍ତା ମଧ୍ୟ ଚୟନ କରାଯାଇଥିଲା। ସଭାପତି ଭାବରେ ସରୋଜ କୁମାର ତ୍ରିପାଠୀ, ସମ୍ପାଦକ ପଞ୍ଚୁ ସାହୁ, କୋଷାଧ୍ୟକ୍ଷ- ସଦାଶିବ ଦେହୁରୀଙ୍କୁ ମନୋନୀତ କରାଯାଇଥିଲା। ସୋମବାର ବୌଦ୍ଧ ଜିଲାପାଳଙ୍କୁ ସାକ୍ଷାତ୍‌କରି ଦାବିପତ୍ର ପ୍ରଦାନ କରାଯିବ ବୋଲି ସଂଘର ସଭାପତି ସରୋଜ କୁମାର ତ୍ରିପାଠୀ କହିଛନ୍ତି।



ବାଉଁଶୁଣୀ ତୁଳସୀ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ବୈଠକରେ ଟ୍ରାକ୍ଟର ମାଲିକମାନେ।

## ୨୦ହାଇସ୍କୁଲରେ ଫୁଟବଲ ବଣ୍ଟନ ଉତ୍ସବ

**ଅମରପାଲି,୧୭।୧୦(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକର ସମସ୍ତ ୨୦ଟି ହାଇସ୍କୁଲରେ ସୋମବାର ଫୁଟବଲ ବଣ୍ଟନ ଉତ୍ସବ ଅନୁଷ୍ଠିତ ହୋଇଛି। ବୀରମହାରାଜପୁର ସରକାରୀ ବାଳକ ହାଇସ୍କୁଲରେ ଅନୁଷ୍ଠିତ ଉତ୍ସବରେ ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା ମୁଖ୍ୟ ଅତିଥି, ହିଲୁଙ୍ଗ ସମିତି ସଭ୍ୟ ଶୈଳ ରଞ୍ଜନ ବାଦୀ, ଚମ୍ପାମାଳ ସମିତିସଭ୍ୟ ଲକ୍ଷ୍ମୀନାରାୟଣ ପୁରୋହିତ, ସ୍କୁଲ ପରିଚାଳନା କମିଟି ସଭ୍ୟ କିଶୋର ଡାଙ୍ଗ, ପୂର୍ବତନ ଖେଳ ଶିକ୍ଷକ ମଞ୍ଜୁବାଳା ଦାଶ ସମ୍ମାନୀତ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଫୁଟବଲ ବଣ୍ଟନ କରିଥିଲେ। ପ୍ରଧାନଶିକ୍ଷକ ନିରଞ୍ଜନ ଦାଶ ସଭାରେ ପୌରୋହିତ୍ୟ କରିଥିଲେ। ଅମରପାଲି ହାଇସ୍କୁଲରେ ପ୍ରଧାନଶିକ୍ଷକ ଉମେଶ ଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବହଳପଦର ସମିତି ସଭ୍ୟ ସୁଗନ୍ଧା ଘିବିଲା,ସ୍କୁଲ ପରିଚାଳନା କମିଟି ଅଧ୍ୟକ୍ଷ ବିମ୍ବାଧର ସାହୁ, ପୂର୍ବତନ ସମିତି ସଭ୍ୟ ପୀତାମ୍ବର ସାହୁ ଉପସ୍ଥିତ ଥିଲେ। ସ୍କୁଲ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ଦଳରେ ବିଭକ୍ତ କରି ଫୁଟବଲ ବଣ୍ଟନ କରାଯାଇଥିଲା।

## ବାଳକ ବର୍ଗରେ କନ୍ଧମାଳ, ବୌଦ୍ଧ ବାଳିକା ଚାମ୍ପିୟନ



ଆନ୍ତଃବିଦ୍ୟାଳୟ ଫୁଟବଲ ପ୍ରତିଯୋଗିତାର ଫାଇନାଲରେ ଅତିଥି, ଖେଳାଳି ଓ ଅନ୍ୟମାନେ।

**ବୌଦ୍ଧ,୧୭।୧୦(ସ୍ୱ.ପ୍ର.)**

**ବୌଦ୍ଧରେ ଆନ୍ତଃ ବିଦ୍ୟାଳୟସ୍ତରୀୟ ଫୁଟବଲ ପ୍ରତିଯୋଗିତା ଉଦ୍‌ଯାପିତ**

ବୌଦ୍ଧ ଜିଲା ଶିକ୍ଷା ବିଭାଗ ପକ୍ଷରୁ ବୌଦ୍ଧ କଚେରୀ ଖେଳପଡିଆଠାରେ ଚାଲିଥିବା ଆନ୍ତଃ ବିଦ୍ୟାଳୟ ଫୁଟବଲ ପ୍ରତିଯୋଗିତା ସୋମବାର ଉଦ୍‌ଯାପିତ ହୋଇଯାଇଛି। ପ୍ରତିଯୋଗିତାର ଫାଇନାଲ ଖେଳ ବାଳକ ବିଭାଗର କନ୍ଧମାଳ ଓ ହରଭଙ୍ଗା ମଧ୍ୟରେ ହୋଇଥିଲା। ଏଥିରେ କନ୍ଧମାଳ ଦଳ ୪-୦ରେ ବିଜୟୀ ଲାଭ କରିଥିଲା। ସେହିପରି ବାଳିକା ବିଭାଗର ଫାଇନାଲ ଖେଳ କନ୍ଧମାଳ ଓ ବୌଦ୍ଧ ମଧ୍ୟର ଅନୁଷ୍ଠିତ ହୋଇଥିଲା। ଏଥିରେ ବୌଦ୍ଧ ଦଳ ୧-୦ ଗୋଲରେ ବିଜୟ ଲାଭ କରିଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ପଞ୍ଚାୟତିରାଜ ଓ ପାନୀୟଜଳ ଓ ସୂଚନା ଲୋକସମ୍ପର୍କ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଏନଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ଜିଲା କ୍ରୀଡା ଅଧିକାରୀ ପବିତ୍ର କୁମାର ରାଉତ, ଜିଲା ବିଜ୍ଞାନ ନିରୀକ୍ଷକ ଦେବେନ୍ଦ୍ର ଦେହୁରୀ ଯୋଗ ଦେଇଥିଲେ। ଖେଳରେ ବିଜେତା ଓ ଉପବିଜେତା ଦଳକୁ ଅତିଥିମାନଙ୍କ ଦ୍ୱାରା ଫୁଟବଲ ଓ ଟ୍ରଫି ପ୍ରଦାନ କରାଯାଇଥିଲା। କ୍ରୀଡା ଶିକ୍ଷା ନୀରିକ୍ଷକ ଆନନ୍ଦ କୁମାର ବେହେରା ଖେଳର ମହତ୍ୱ ଉପରେ ଆଲୋକପାତ କରିଥିଲେ। ଏହା ସହ ବିଭିନ୍ନ ବିଦ୍ୟାଳୟକୁ ଫୁଟବଲ ବଣ୍ଟନ କରାଯାଇଥିଲା । ଖେଳକୁ ରେଫରି ପ୍ରବୀଣ ବେହେରା, ପ୍ରହଲ୍ଲାଦ ଭୋକ୍ତା, ଅମରେଶ ପ୍ରଧାନ, ଅଲିଭା ପ୍ରଧାନ ପରିଚାଳନା କରିଥିଲେ ।

## ବଲାଙ୍ଗୀର ବାଳକ, ସଇଁତଳା ବାଳିକା ଚାମ୍ପିୟନ

**ବଲାଙ୍ଗୀର ଅଫିସ, ୧୭।୧୦**

**ଆନ୍ତଃ ବିଦ୍ୟାଳୟ ଫୁଟବଲ ଟୁର୍ନାମେଣ୍ଟ**

ବଲାଙ୍ଗୀର ଜିଲା ଆନ୍ତଃ ବିଦ୍ୟାଳୟ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଛି। ବାଳକ ବିଭାଗରେ ବଲାଙ୍ଗୀର ଓ ବାଳିକା ବିଭାଗରେ ସଇଁତଳା ଚାମ୍ପିୟନ ହୋଇଛି। ବାଳକ ବିଭାଗ ଫାଇନାଲରେ ବଲାଙ୍ଗୀର ଓ ବଙ୍ଗୋମୁଣ୍ଡା ମୁହାଁମୁହିଁ ହୋଇଥିଲେ। ଶିକ୍ଷାଧର ଓରାମଙ୍କ ଆକର୍ଷଣୀୟ ଗୋଲ ବଳରେ ବଲାଙ୍ଗୀର ଦଳ ୧-୦ ଗୋଲରେ ବଙ୍ଗୋମୁଣ୍ଡାକୁ ପରାଜିତ କରି ଚାମ୍ପିୟନ ହୋଇଥିଲା। ବାଳିକା ବିଭାଗରେ ସଇଁତଳା ଦଳ ୪-୦ ଗୋଲରେ ମୁରିବାହଲକୁ ପରାଜିତ କରି ଟୁର୍ନାମେଣ୍ଟ ବିଜେତା ହୋଇଥିଲେ। ଦଳ ପକ୍ଷରୁ ଦୋଳେଶ୍ୱରୀ ବୁଡେକ ଓ ଲପ୍‌ସା ମାଝି ଦୁଇଟି ଲେଖାଏ ଗୋଲ କରିଥିଲେ। ଟୁର୍ନାମେଣ୍ଟରେ ସର୍ବାଧିକ ୫ଟି ଲେଖାଏ ଗୋଲ କରିଥିବା ବାଳକ ବିଭାଗର ବଲାଙ୍ଗୀରର ପ୍ରବୀଣ ଲାକ୍ରା ଏବଂ ବାଳିକା ବିଭାଗରେ ସଇଁତଳାର ଦୋଳେଶ୍ୱରୀ ବୁଡେକଙ୍କୁ ଶ୍ରେଷ୍ଠ ଖେଳାଳିଭାବେ ସମ୍ମାନିତ କରଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥିଭାବେ ଜିଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ସମ୍ମାନିତ ଅତିଥି ଜିଲା ଶିକ୍ଷା ଅଧିକାରୀ ଧ୍ରୁବଚରଣ ବେହେରା, ପୂର୍ବତନ ବିଡି ଓ ପ୍ରଶାସନିକ ଅଧିକାରୀ ସନାତନ ଠାକୁର, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ କେଶବ ମେହେର, ଶାରୀରିକ ଶିକ୍ଷା ନିରୀକ୍ଷକ ଅନ୍ତର୍ଯ୍ୟାମୀ ବିଶ୍ୱାଳ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଉଭୟ ବିଭାଗର ବିଜେତା ଦଳ ବଲାଙ୍ଗୀର ଓ ସଇଁତଳା ତଥା ଉପବିଜେତା ବଙ୍ଗୋମୁଣ୍ଡା ଓ ମୁରିବାହଲ ଦଳକୁ ଅତିଥିମାନେ ଟ୍ରଫି ଓ ପ୍ରମାଣପତ୍ର ଦେଇ ପୁରସ୍କୃତ କରିଥିଲେ। ଟୁର୍ନାମେଣ୍ଟରେ ବଲାଙ୍ଗୀର ପୃଥ୍ୱୀରାଜ ହାଇସ୍କୁଲର ବ୍ୟାଣ୍ଡ ଦଳ ଓ ପତିତପାବନ ଏକାଡେମୀର ସ୍କାଉଟ ଦଳ ଉଲ୍ଲେଖନୀୟ ସହଯୋଗ କରିଥିବାରୁ ପ୍ରସଂଶା ପତ୍ର ପ୍ରଦାନ କରାଯାଇଥିଲା।



ବାଳିକା ଚାମ୍ପିୟନ ଓ ଉପବିଜେତା ଦଳ ଖେଳାଳିଙ୍କ ସହ ଅତିଥିମାନେ।

## ସଂକ୍ଷେପରେ

### କେନ୍ଦୁପତ୍ର ଜବତ, ଜଣେ ଗିରଫ

ନାକଟିଦେଉଳ,୧୭।୧୦(ଡ଼ି.ଏନ.ଏ.): ନାକଟିଦେଉଳ ବନବିଭାଗ ସୋମବାର ଚଢ଼ାଉ କରି ୧୫୮ ବଣ୍ଡଲ କେନ୍ଦୁପତ୍ର ବୋଝେଇ ପିକ୍‌ଅପ ଭ୍ୟାନ ଜବତ କରିବା ସହ ସମ୍ପୃକ୍ତ ବେପାରୀଙ୍କୁ ଗିରଫ କରିଛି। ସେ ହେଲେ ପଶ୍ଚିମବଙ୍ଗ ପୂର୍ବମେଦିନିପୁର ଅଞ୍ଚଳର ସୁଦୀପ୍ତ ବାଗ। ସୂଚନା ଅନୁସାରେ ଅପରାହ୍ନରେ ରେଢାଖୋଲ-ଦେବଗଡ଼ ରାସ୍ତାରେ ଡ଼ବ୍ଲୁବି-୩୧ଏ-୪୯୬୮ନଂ ବିଶିଷ୍ଟ ପିକ୍‌ଅପ ଭ୍ୟାନରେ ଚୋରା କେନ୍ଦୁପତ୍ର ଚାଲାଣ ହେଉଥିବା ଖବର ପାଇ ଫରେଷ୍ଟର ଅନୀଲ କୁମାର କିଷାନ ଓ ଫରେଷ୍ଟଗାର୍ଡ଼ ଅଜୟ ହରୋ ପ୍ରମୁଖ ଚନ୍ଦ୍ରପୁର ଛକଠାରେ ଚଢ଼ାଉ କରିଥିଲେ। ଏହି କେନ୍ଦୁପତ୍ର ବ୍ଲକର ତଣ୍ଡାବିରା ଅଞ୍ଚଳରୁ ସଂଗ୍ରହ କରାଯାଇ ପଶ୍ଚିମବଙ୍ଗକୁ ଚାଲାଣ କରାଯାଉଥିବା ଜଣାପଡ଼ିଛି। ଗିରଫ ସୁଦୀପ୍ତଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯିବ ବୋଲି ବନବିଭାଗ କହିଛି।

### ଘଣ୍ଟି ସାହିତ୍ୟ ଘରର ବାର୍ଷିକ ଉତ୍ସବ

ସମ୍ବଲପୁର,୧୭।୧୦(ବ୍ୟୁରୋ): ଘଣ୍ଟି ସାହିତ୍ୟ ଘରର ବାର୍ଷିକ ସାହିତ୍ୟ ଉତ୍ସବ ସୋମବାର ସମ୍ବଲପୁର ଜିଲା ଚିପିଲିମାସ୍ଥିତ ମା' ଘଣ୍ଟେଶ୍ୱରୀ ପୀଠରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଉପଦେଷ୍ଟା ଡ. ଲକ୍ଷ୍ମୀ ନାରାୟଣ ପାଣିଗ୍ରାହୀଙ୍କ ଅଧକ୍ଷତାରେ ଉତ୍ସବ ହୋଇଥିଲା। ସାହିତ୍ୟିକ ତଥା ଗବେଷକ ପରମେଶ୍ୱର ମୁଣ୍ଡ ମୁଖ୍ୟବକ୍ତା ଓ ସଂସ୍କୃତି ଗବେଷକ ଡ. ଶ୍ୟାମ ସୁନ୍ଦର ଧର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ କମଳଲୋଚନ ପଣ୍ଡାଙ୍କ ରଚିତ ମା' ଘଣ୍ଟେଶ୍ୱରୀଙ୍କ ଚାଳିସା, ଅଷ୍ଟକମ, ସ୍ତବ ଓ ସ୍ତୋତ୍ର ଉନ୍ମୋଚିତ ହୋଇଥିଲା। ପରେ କବି ଓ କବୟିତ୍ରୀମାନେ ସ୍ୱରଚିତ କବିତା ପାଠ କରିଥିଲେ।

### ମୁରଲିପାଲି ହାଇସ୍କୁଲରେ ଖୋଲିବ ଯୁକ୍ତ ଦୁଇ

ଝାରସୁଗୁଡ଼ା ଅଫିସ,୧୭।୧୦: ଝାରସୁଗୁଡା ଜିଲା ଲଖନପୁର ବ୍ଲକ ଉପାନ୍ତ ୧୯ ଖଣ୍ଡ ମୌଜାର ମୁରଲିପାଲି ସରକାରୀ ଉଚ୍ଚ ବିଦ୍ୟାଳୟରେ ଆସନ୍ତା ଶିକ୍ଷାବର୍ଷରୁ ଯୁକ୍ତ ଦୁଇ ଶିକ୍ଷା ଆରମ୍ଭ ହେବ। ଶନିବାର ରାଜ୍ୟ ସ୍କୁଲ ଓ ଗଣଶିକ୍ଷା ବିଭାଗରୁ ପ୍ରକାଶିତ ବିଜ୍ଞପ୍ତିରେ ରାଜ୍ୟର ୪୩ଟି ହାଇସ୍କୁଲକୁ ଉନ୍ନୀତ କରାଯାଇଥିବା ବେଳେ ଝାରସୁଗୁଡ଼ା ଜିଲାରେ ଏହି ଏକମାତ୍ର ବିଦ୍ୟାଳୟ ଏଥିରେ ରହିଛି। ତେବେ ଉନ୍ନୀତ ହୋଇଥିବା ଏହି ବିଦ୍ୟାଳୟରେ କେବଳ କଳା ବିଭାଗ ରହିବ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି। ୧୯ଖଣ୍ଡ ମୌଜାରେ ଯୁକ୍ତ ଦୁଇ କଲେଜ ସ୍ଥାପନ ପାଇଁ ଅଞ୍ଚଳବାସୀ କ୍ରମାଗତ ଦାବି କରି ଆସୁଥିବା ବେଳେ ସରକାରଙ୍କ ଏହି ଘୋଷଣା କିଛିଟା ଆଶ୍ୱସ୍ତି ଆଣିଛି।

### ବିଜେଡି ପକ୍ଷରୁ ରକ୍ତଦାନ ଶିବିର

କୁଚିଣ୍ଡା,୧୭।୧୦(ଡି.ଏନ.ଏ.): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୭୭ତମ ଜନ୍ମଦିନ ଅବସରରେ କୁଚିଣ୍ଡ ଟାଉନ ହଲଠାରେ ବିଜେଡ଼ି ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ନଗରପାଳ ପ୍ରଦ୍ୟୁତ କୁମାର ମହାନ୍ତି, ଜିଲା ପରିଷଦ ସଭ୍ୟ ତଥା ଜୀବନ ବିନ୍ଦୁ ସଂଯୋଜକ ଅଜିତ କୁମାର ମହାପାତ୍ର, କୁଚିଣ୍ଡା ବ୍ଲକ ସଭାପତି ଅମୂଲ୍ୟ ମିଶ୍ର, ଟାଉନ ସଭାପତି ସଞ୍ଜୟ କୁମାର ବେହେରା, କୁଚିଣ୍ଡା ବ୍ଲକ ଅଧକ୍ଷ ଭୁବନେଶ୍ୱର କିଷାନ, ଉପନଗରପାଳ ଦେବଜାନି କାଲୋ, ଛାତ୍ରବିଜେଡି ଟାଉନ ସଭାପତି ଅଭିଳାଷ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ। ମୋଟ ୮୨ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା।

### ୧୧୫ ୟୁନିଟ୍ ରକ୍ତ ସଂଗ୍ରହ

ଜମନକିରା,୧୭।୧୦(ଡି.ଏନ.ଏ.): ଜମନକିରା ବ୍ଲକର ସୁବର୍ଣ୍ଣପାଲି ଗ୍ରାମ ପଞ୍ଚାୟତରେ ରବିବାର ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ବିଧାୟକ କିଶୋର ନାୟକ ଏହାକୁ ଉଦ୍‌ଘାଟନ କରିଥିଲେ। ଜିଲା ପରିଷଦ ଅଧକ୍ଷା କୁମୁଦିନୀ ନାୟକ, ସମ୍ବଲପୁର ଜିଲା ଯୁବ ସଭାପତି ଲକ୍ଷ୍ମୀ ପ୍ରସାଦ ମହାପାତ୍ର, ରାଜ୍ୟ ଯୁବ ସମ୍ପାଦକ ମନୋଜ ମହାପାତ୍ର, ଜମନକିରା ବ୍ଲକ ଅଧକ୍ଷା ଆଶ୍ରିତା ଭୋଇ, କୁଚିଣ୍ଡା ବ୍ଲକ ଅଧକ୍ଷ ଭୁବନେଶ୍ୱର କିଷାନ ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ। ସୁବର୍ଣ୍ଣପାଲି ପଞ୍ଚାୟତ ସଭାପତି ଲିପ୍ଟନ କିଣ୍ଡୋଙ୍କ ସହ ଅନ୍ୟ ଯୁବ, ବରିଷ୍ଠଙ୍କ ସହଯୋଗରେ ମୋଟ ୧୧୫ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। କୁଚିଣ୍ଡା ହସ୍ପିଟାଲ ରକ୍ତଭଣ୍ଡାରର ପ୍ରମୋଦ ପଟେଲ ରକ୍ତ ସଂଗ୍ରହ କରିଥିଲେ।

# ସତ୍ୟସାଇ ଟ୍ରଷ୍ଟର କ୍ଷେତ୍ର ପରିଦର୍ଶନ

## ଝାରସୁଗୁଡ଼ାରେ ହାର୍ଟ ହସ୍ପିଟାଲ ପରିଚାଳନା

■ ଅନୁମତି ମିଳିଲେ ଖୋଲିବୁ ମାତୃ ଓ ଶିଶୁ ଚିକିତ୍ସାଳୟ

ଝାରସୁଗୁଡ଼ା ଅଫିସ,୧୭।୧୦

ରାଜ୍ୟ ସରକାରଙ୍କ ତରଫରୁ ଝାରସୁଗୁଡ଼ାରେ ଏକ ହାର୍ଟ ହସ୍ପିଟାଲ୍ ବହୁଶୀଘ୍ର କାର୍ଯ୍ୟକ୍ଷମ ହେବାକୁ ଯାଉଛି। ଏହାକୁ ପିପିପି ମୋଡ୍‌ରେ ପରିଚାଳନା କରିବା ପାଇଁ ରାଜ୍ୟ ସରକାର କେତେକ ଘରୋଇ ସଂସ୍ଥାକୁ ଆମନ୍ତ୍ରଣ କରିଛନ୍ତି। ଏହାକୁ ରକ୍ଷାକରି ସତ୍ୟସାଇ ହେଲ୍‌ଥ ଆଣ୍ଡ୍ ଏଜୁକେଶନ ଟ୍ରଷ୍ଟ ତରଫରୁ ଡା. ଖଣ୍ଡେପାର୍କରଙ୍କ ନେତୃତ୍ୱରେ ଏକ ବିଶେଷଜ୍ଞ ଡାକ୍ତର ଦଳ ସୋମବାର ହାର୍ଟ ହସ୍ପିଟାଲ୍ ପରିଦର୍ଶନ କରି ଭିତ୍ତିଭୂମି ଅନୁଧ୍ୟାନ କରିଥିଲେ।

ଏ ନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସମ୍ମିଳନୀ କକ୍ଷରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବରଗଡ ଏମ୍‌ପି ସୁରେଶ ପୂଜାରୀ, ଜିଲାପାଳ ସରୋଜ କୁମାର ସାମଲ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଡୋଲାମଣି ପଟେଲ, ସତ୍ୟସାଇ ଟ୍ରଷ୍ଟ ବିଶେଷଜ୍ଞ ଦଳର ପ୍ରମୁଖ ଶିଶୁ ହୃଦ୍‌ରୋଗ ବିଶେଷଜ୍ଞ ଡା. ଖଣ୍ଡେପାର୍କର, ଡା. ସ୍ନେହଲ କୁଲକର୍ଣ୍ଣୀ, ଡା.ବାଲସ୍ୱରୂପ ସାହୁ, ଡା. ଅତୁଲ ପ୍ରଭୁ, ଡା. ପ୍ରଦୀପ ବର୍ମା, ଡା. ରବିକିରଣ ଶ୍ରୀପଦ, ସୌମ୍ୟା ଶ୍ରୀପଦ, ଅଜୟ ଶ୍ରଫ୍, ଅତିରିକ୍ତ ଜିଲାପାଳ ପ୍ରବୀର କୁମାର ନାୟକ, ଡିପିଏମ୍ ବୁଲୁନାଥ ସାହୁ, ବଣିକସଂଘ ସଭାପତି ହୀରାଲାଲ୍ ଲୋକଚାନ୍ଦିନୀ, ରଘୁମଣି ପଟେଲ,ତାପସରାୟ ଚୌଧୁରୀ, ହରିଶ ଗଣତ୍ରା, ପିଣ୍ଟୁ ପାଢୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ବୈଠକରେ ସତ୍ୟସାଇ ଟ୍ରଷ୍ଟ ତରଫରୁ କୁହାଯାଇଛି, ରାଜ୍ୟ ସରକାର ସୁବିଧା ସୁଯୋଗ ଯୋଗାଇଦେଲେ ଝାରସୁଗୁଡ଼ାରେ ମାତୃ ଓ ଶିଶୁ ଚିକିତ୍ସାଳୟ (ଏମ୍‌ସିଏଚ୍) ଖୋଲିବ। ଏହା କାର୍ଯ୍ୟକ୍ଷମ ହେଲେ ଲୋକେ ମାଗଣାରେ ସ୍ୱାସ୍ଥ୍ୟସେବା ପାଇପାରିବେ। ଏହା ସହିତ



ସତ୍ୟସାଇ ଟ୍ରଷ୍ଟର ବିଶେଷଜ୍ଞ ଦଳ ହାର୍ଟ ହସ୍ପିଟାଲ୍ ପରିଦର୍ଶନ କରୁଛନ୍ତି।

ହାର୍ଟ ହସ୍ପିଟାଲ୍ ପାଇଁ ଭିତ୍ତିଭୂମି (କୋଠା) ନିର୍ମାଣ ହୋଇଛି। ହେଲେ ବହୁ ଅତ୍ୟାଧୁନିକ ଯନ୍ତ୍ରପାତି ଓ ଉପକରଣ ଆବଶ୍ୟକ ରହିଛି। ଏସବୁ ଦିଗରେ ଟ୍ରଷ୍ଟ କର୍ତ୍ତୃପକ୍ଷ ବିଚାର ବିମର୍ଷକରି ଏକ ରିପୋର୍ଟ ପ୍ରସ୍ତୁତ କରି ରାଜ୍ୟ ସରକାରଙ୍କୁ ପ୍ରଦାନ କରିବେ ବୋଲି ବିଶେଷଜ୍ଞ ଡା. ଖଣ୍ଡେପାର୍କର କହିଛନ୍ତି। ଏ ନେଇ ସ୍ୱାସ୍ଥ୍ୟମନ୍ତ୍ରୀ ଦାସ କହିଛନ୍ତି, ଓଡିଶାରେ ଲୋକଙ୍କୁ ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁତ୍ୱାରୋପ କରୁଛନ୍ତି। ଏଠାରେ ଏମ୍‌ସିଏଚ୍ ଖୋଲିଲେ ରାଜ୍ୟ ସରକାରଙ୍କ ତରଫରୁ ସତ୍ୟସାଇ ଟ୍ରଷ୍ଟକୁ ସମସ୍ତ ପ୍ରକାର ସୁବିଧା ଯୋଗାଇ ଦିଆଯିବ। ଏଠାରେ ଆଗାମୀ ଦିନରେ ହାର୍ଟ ହସ୍ପିଟାଲ୍, କ୍ୟାନସର ହସ୍ପିଟାଲ୍, ମେଡିକାଲ୍ କଲେଜ ଆଦି ପ୍ରତିଷ୍ଠା ହେବ। ଏସବୁ କାର୍ଯ୍ୟକ୍ଷମ ହେଲେ ଝାରସୁଗୁଡା ନୂତନ ନିର୍ମାଣରେ ଏହା ଅଂଶବିଶେଷ ହେବ ବୋଲି ମନ୍ତ୍ରୀ ଦାସ କହିଛନ୍ତି। ବରଗଡ ଏମ୍‌ପି ପୂଜାରୀ କହିଛନ୍ତି, ଏଠାରେ ହାର୍ଟ ହସ୍ପିଟାଲ୍ କାର୍ଯ୍ୟକ୍ଷମ ହେଲେ ପଶ୍ଚିମ ଓଡିଶା, ପଡୋଶୀ ଛତିଶଗଡ ଓ ଝାଡଖଣ୍ଡ ରାଜ୍ୟର ଲୋକେ ହୃଦ୍‌ରୋଗର ଚିକିତ୍ସା ପାଇପାରିବେ।

## ଅଧାପନ୍ତରିଆ ପ୍ରକଳ୍ପ ସମ୍ପୂର୍ଣ୍ଣ କରିବାକୁ ମନ୍ତ୍ରୀଙ୍କୁ ଦାବି

ସମ୍ବଲପୁର,୧୭।୧୦(ବ୍ୟୁରୋ)

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ବିଜେଡି ପକ୍ଷରୁ ହାତୀବାରି କଲ୍ୟାଣମଣ୍ଡପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଉଚ୍ଚଶିକ୍ଷା ମନ୍ତ୍ରୀ ଇଂ ରୋହିତ ପୂଜାରୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଥିଲେ। ବ୍ଲକ ବିଜେଡି ସଭାପତି ବିନୋଦ ବଡପଣ୍ଡା, ଜିଲାପରିଷଦ ଉପସଭାପତି ମାଧବ ମିର୍ଦ୍ଧା, ବ୍ଲକ ଅଧକ୍ଷା ମମତା ନାଏକ, ଜିଲାପରିଷଦ ସଭ୍ୟା କବିତା ସାହୁ, ଜିଲା ସାଧାରଣ ସମ୍ପାଦକ ସୁଶିଲ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ୧୪୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଏହି ଅବସରରେ କର୍ମୀମାନେ ମନ୍ତ୍ରୀଙ୍କ ସହ ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିଥିଲେ। ଲିଟିମୁଣ୍ଡା ଗ୍ରାମ ଓ ନୂଆବରଙ୍ଗାମାଳରେ ମଞ୍ଜୁର ହୋଇଥିବା ପ୍ରକଳ୍ପ ଆରମ୍ଭ ହୋଇପାରି ନାହିଁ। କେତେକ ପ୍ରକଳ୍ପ କାମ ଅଧାପନ୍ତରିଆ ହୋଇ ପଡିରହିଛି। ପ୍ରକଳ୍ପ ଆରମ୍ଭ କରିବା ସହ ଅସମ୍ପୂର୍ଣ୍ଣ ପ୍ରକଳ୍ପ ସମ୍ପୂର୍ଣ୍ଣ କରିବାକୁ ଦାବି କରିଥିଲେ। ମନ୍ତ୍ରୀ ପୂଜାରୀ ବିଡିଓ ନିଳାମ୍ବର ମହାନନ୍ଦଙ୍କୁ କାମ ଶୀଘ୍ର କରିବାକୁ କହିଥିଲେ।

## ବିରାଟ ମେଧାବୃତ୍ତି-୨୦୨୨ ପାଇଁ ପଞ୍ଜୀକରଣ

ସମ୍ବଲପୁର,୧୭।୧୦(ବ୍ୟୁରୋ)

ବିରାଟ ମେଧାବୃତ୍ତି-୨୦୨୨ ପାଇଁ ସୋମବାର ପଞ୍ଜୀକରଣ ଆରମ୍ଭ ହୋଇଛି। ଇଞ୍ଜିନିୟରିଂ ଓ ମେଡିକାଲ ପ୍ରସ୍ତୁତି ଲାଗି ସମ୍ବଲପୁରଠାରେ ଥିବା ବିରାଟ ଶିକ୍ଷାନୁଷ୍ଠାନ ଅଧକ୍ଷ ରାହୁଲ ରାଜ ପଞ୍ଜୀକରଣକୁ ଶୁଭାରମ୍ଭ କରିଥିଲେ। ଅଧକ୍ଷ ରାଜ ଖବରଦାତାଙ୍କୁ ସୂଚନା ଦେଇ କହିଥିଲେ, ପ୍ରତିବର୍ଷ ଭଳି ଚଳିତବର୍ଷ ଛାତ୍ରୀଛାତ୍ରଙ୍କୁ ପ୍ରୋତ୍ସାହିତ କରିବା ସକାଶେ ମେଧାବୃତ୍ତି ପ୍ରଦାନ କରାଯିବ। ୨୦୨୨ ମେଧାବୃତ୍ତିକୁ ୫ଟି ପର୍ଯ୍ୟାୟରେ ଆୟୋଜନ କରାଯିବ। ଆସନ୍ତା ନଭେମ୍ବର ୬, ୧୩, ୨୦ ଓ ୨୭ ଏବଂ ଡିସେମ୍ବର ୪ରେ ପରୀକ୍ଷା ହେବ। ରବିବାରରେ ପରୀକ୍ଷା କରିବାକୁ ନିଷ୍ପତ୍ତି ନିଆଯାଇଛି। ସମ୍ବଲପୁର ବୁଢ଼ାରଜା ସହଯୋଗ ନଗର ଛକସ୍ଥିତ ବିରାଟ




ମେଧାବୃତ୍ତି ପଞ୍ଜୀକରଣ ପତ୍ରିକା ଉନ୍ମୋଚନ କରାଯାଉଛି।

ଇନ୍‌ଷ୍ଟିଚ୍ୟୁଟଠାରେ ସକାଳ ସାଢ଼େ ୧୦ରୁ ସାଢ଼େ ୧୧ଟା ପର୍ଯ୍ୟନ୍ତ ପରୀକ୍ଷା ହେବ। ଛାତ୍ରୀଛାତ୍ର, ଅଭିଭାବକ ଅନୁଷ୍ଠାନକୁ ଆସି କିମ୍ବା ଫୋନ ଜରିଆରେ ନାମ ପଞ୍ଜିକରଣ କରିପାରିବେ। ଷଷ୍ଠରୁ ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରିପାରିବେ। ସେହିପରି ଷଷ୍ଠରୁ ନବମ ଶ୍ରେଣୀର କୃତୀ ଛାତ୍ରୀଛାତ୍ରଙ୍କୁ ବିରାଟ ଫାଉଣ୍ଡେଶନ ପାଠ୍ୟକ୍ରମ, ଦଶମ ଶ୍ରେଣୀ ପିଲାଙ୍କୁ ୨ବର୍ଷୀୟ, ଏକାଦଶ ଛାତ୍ରୀଛାତ୍ରଙ୍କୁ ଏକ ବର୍ଷୀୟ ଓ ଦ୍ୱାଦଶ ଶ୍ରେଣୀ ପିଲାଙ୍କୁ ଏକ ବର୍ଷୀୟ ଟାର୍ଗେଟ ବ୍ୟାଚ ପାଠ୍ୟକ୍ରମରେ ପ୍ରବେଶ ମିଳିବ ବୋଲି ସେ କହିଛନ୍ତି।

## ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା

ନାକଟିଦେଉଳ,୧୭।୧୦(ଡ଼ି.ଏନ.ଏ.)

ନାକଟିଦେଉଳ ବ୍ଲକ ଡ଼ଇଁଚା ସରକାରୀ ବାପୁଜୀ ଉଚ୍ଚବିଦ୍ୟାଳୟରେ ସୋମବାର ବିଦ୍ୟାଳୟ ସ୍ତରୀୟ ଗଣିତ, ବିଜ୍ଞାନ ଓ ପରିବେଶ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରିଷ୍ଠ ଓ କନିଷ୍ଠ ବିଭାଗରେ ମୋଟ ୬୧ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ବରିଷ୍ଠ ବିଭାଗରେ ୧୦ମ ଶ୍ରେଣୀ ଛାତ୍ର ବିବେକ ପ୍ରଧାନଙ୍କ ଲେଜର ସିକ୍ୟୁରିଟି ସିଷ୍ଟମ ପ୍ରକଳ୍ପ ପ୍ରଥମ, ୧୦ମ ଶ୍ରେଣୀ ଛାତ୍ର ଭୋଳାନାଥ ପ୍ରଧାନଙ୍କ ବିଚ୍ଛିନ୍ନ ବିଦ୍ୟୁତ୍ ସରବରାହ ଜାଣିବେ କିପରି ପ୍ରକଳ୍ପ ଦ୍ୱିତୀୟ ଓ ୯ମ ଶ୍ରେଣୀ ଛାତ୍ରୀ ଭୁପ୍ରିୟା ସାହୁଙ୍କ ୧୦ସେକେଣ୍ଡରେ ପୂର୍ଣ୍ଣବର୍ଗ ସଂଖ୍ୟାର ବର୍ଗମୂଳ ନିର୍ଣ୍ଣୟ ପ୍ରକଳ୍ପ ୩ୟ ସ୍ଥାନ ଅଧିକାର କରିଥିଲା। ସେହିପରି କନିଷ୍ଠ ବର୍ଗରେ ୬ଷ୍ଠ ଶ୍ରେଣୀ ଛାତ୍ରୀ ତନୁଜା ଧଳଙ୍କ ପ୍ରକଳ୍ପ ବାୟୁପ୍ରଦୂଷଣ ୧ମ, ୮ମ ଶ୍ରେଣୀ ଛାତ୍ରୀ ଲକ୍ଷ୍ମୀପ୍ରିୟା ସାହୁଙ୍କ ଭୂତଳ ଜଳ ସଂରକ୍ଷଣ ୨ୟ ଓ ୮ମ ଶ୍ରେଣୀ ଛାତ୍ରୀ ଟୁନି ପ୍ରଧାନଙ୍କ ଜଳ ପ୍ରଦୂଷଣ ପ୍ରକଳ୍ପ ୩ୟ ସ୍ଥାନ ହାସଲ କରିଥିଲା। ପଞ୍ଚଖଣ୍ଡା ହାଇସ୍କୁଲର ବିଜ୍ଞାନ ଶିକ୍ଷକ ଝସକେତନ ଦାଶ ଓ ଗୋଗୁଆ ହାଇସ୍କୁଲର ବିଜ୍ଞାନ ଶିକ୍ଷୟିତ୍ରୀ ନିହାରିକା ପ୍ରଧାନ ବିଚାରକ ଭାବେ ଯୋଗଦେଇଥିଲେ। ବାପୁଜୀ ହାଇସ୍କୁଲ ପ୍ରଧାନ ଶିକ୍ଷକ କ୍ଷୀରୋଦ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଡ଼ଇଁଚା ସମିତିସଭ୍ୟ ପ୍ରବୀଣ କୁମାର ପ୍ରଧାନ ମୁଖ୍ୟଅତିଥି, ନାକଟିଦେଉଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡ଼ା. ଜ୍ୟୋତିପ୍ରକାଶ ରଥ ମୁଖ୍ୟବକ୍ତା ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଜିତେନ୍ଦ୍ର ପ୍ରଧାନ, ବ୍ଲକ ବିଜେଡ଼ି ସଭାପତି ମୁଳିଆ ରାଉଳ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ଟ୍ରଫି ଦେଇ ପୁରସ୍କୃତ କରିଥିଲେ।

## ରେଙ୍ଗାଲି ବିଜେଡି ପକ୍ଷରୁ ଜୀବନବିନ୍ଦୁ କାର୍ଯ୍ୟକ୍ରମ

ରେଙ୍ଗାଲି,୧୭।୧୦(ଡି.ଏନ.ଏ.)

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ବିଜେଡି ପକ୍ଷରୁ ରବିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମଦିନ ଅବସରରେ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରେଙ୍ଗାଲି ହରିହର ଧର୍ମଶାଳାଠାରେ ଆୟୋଜିତ କାର୍ଯ୍ୟକ୍ରମକୁ ଜିଲା ପର୍ଯ୍ୟବେକ୍ଷକ ନଳିନୀ ପଧାନ, ଜିଲା ବିଜେଡି ସଭାପତି ସିଦ୍ଧାର୍ଥ ଦାସ ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜୀବନ ବିନ୍ଦୁ ସଂଯୋଜିକା କବିତା ପୁରୋହିତ, ଦେବେନ୍ଦ୍ର ପତି, ଜିଲା ଯୁବ ବିଜେଡି ସଭାପତି ଲକ୍ଷ୍ମୀ ପ୍ରସାଦ ମହାପାତ୍ର, ରେଙ୍ଗାଲି ବ୍ଲକ ବିଜେଡି ସଭାପତି ଅଶୋକ କୁମାର ଗୁରୁ, ରେଙ୍ଗାଲି ବ୍ଲକ ଅଧକ୍ଷ ସତ୍ୟନାରାୟଣ ଅଗ୍ରୱାଲ, ବିଜେଡି ଜିଲା ଉପସଭାପତି କିରଣ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ୨୫୩ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ବୁର୍ଲା ରକ୍ତଭଣ୍ଡାର କର୍ମଚାରୀ ରକ୍ତ ସଂଗ୍ରହ କରିଥିଲେ।

## ଶିବଶକ୍ତି ପୂଜକଙ୍କ ରାଜ୍ୟସ୍ତରୀୟ ସମାବେଶ

ଝାରସୁଗୁଡ଼ା ଅଫିସ,୧୭।୧୦

ଶିକ୍ଷା ସଂସ୍କାରକୁ ପ୍ରତ୍ୟେକ ଶିବ ପରିବାର ଭିତରେ ଭର୍ତ୍ତି କରି ସମାଜରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବାର ସମୟ ଆସିଛି। ରବିବାର ଝାରସୁଗୁଡ଼ା ଝାଡେଶ୍ୱର ବାବା ଶୈବ ପୀଠଠାରେ ଶିବଶକ୍ତି ପୂଜକଙ୍କ ରାଜ୍ୟସ୍ତରୀୟ ସମାବେଶରେ ବକ୍ତାମାନେ ଏହି ମତ ରଖିଛନ୍ତି। ଉତ୍କଳ ଶିବଶକ୍ତି ମନ୍ଦିର ପୂଜକ ସଂଘ ଓଡିଶା ପକ୍ଷରୁ ସମାବେଶ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ସଭାପତି ଲଳିତ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଝାରସୁଗୁଡାର ବୟୋଜ୍ୟେଷ୍ଠ ଅଶ୍ୱିନୀ ମହାପାତ୍ର ସଭାପତିତ୍ୱ କରିଥିବା ବେଳେ ପ୍ରଦୀପ ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏଥିରେ ଝାଡେଶ୍ୱର ମନ୍ଦିର ଜମିଦାର ଦେବାଶିଷ ସିଂଦେଓ, ରାଜ୍ୟ ସମ୍ପାଦକ ଆଚାର୍ଯ୍ୟ ବି. କେ. ମହାପାତ୍ର, ଉପସଭାପତି ପ୍ରଶାନ୍ତ ମହାପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରକାଶ ରଣା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଓଡ଼ିଶାର ବିଭିନ୍ନ ପ୍ରାନ୍ତରରୁ ଆସିଥିବା ଓ ଝାରସୁଗୁଡା ମାଟିର ବୟୋଜ୍ୟେଷ୍ଠ ଜାତିଭାଇଙ୍କୁ ଉପଢୌକାନ ଦେଇ ସମ୍ମାନିତ କରାଯାଇଥିଲା। ଝାରସୁଗୁଡାର କୃଷ୍ଣଚନ୍ଦ୍ର ମହାପାତ୍ର, ଦେବେନ୍ଦ୍ର ମହାପାତ୍ର, ଅମୂଲ୍ୟ ମହାପାତ୍ର, ପ୍ରଶାନ୍ତ ମହାପାତ୍ର, ଆଶିଷ ମହାପାତ୍ର, ଲଙ୍କେଶ୍ୱର ମହାପାତ୍ର, ଶେଖର ମହାପାତ୍ର, ବୈକୁଣ୍ଠ ମହାପାତ୍ର ପ୍ରମୁଖ ସହଯୋଗ କରିଥିବା ବେଳେ ନୀଳାମ୍ବର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିବୃନ୍ଦ।

## ବାଟଗାଁରେ ଅଭିଯୋଗ ଶୁଣାଣି



ଶିବିରରେ ଉପସ୍ଥିତ ଅଧିକାରୀମାନେ।

ନାକଟିଦେଉଳ,୧୭।୧୦(ଡ଼ି.ଏନ.ଏ.)

ନାକଟିଦେଉଳ ବ୍ଲକ ବାଟଗାଁ ପଞ୍ଚାୟତ. କାର୍ଯ୍ୟାଳୟରେ ସୋମବାର କ୍ଲଷ୍ଟରସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଟଗାଁ, ଜାମୁଯୋରୀ, ସାଲେଭଟା ପଞ୍ଚାୟତରୁ ସମୁଦାୟ ୭ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ୬ଟି ବ୍ୟକ୍ତିଗତ ଓ ଗୋଟିଏ ଗୋଷ୍ଠୀଗତ ଅଭିଯୋଗ ରହିଥିଲା। ଶିବିର ସ୍ଥଳରେ ପ୍ରଶାସନ ପକ୍ଷରୁ ୨ଟି ବ୍ୟକ୍ତିଗତ ଅଭିଯୋଗର ସମାଧାନ କରାଯାଇଥିଲା। ଏହି ଅବସରରେ ୮ଟି ସ୍ୱୟଂସହାୟକ ଗୋଷ୍ଠୀକୁ ୩୨ଲକ୍ଷ ଋଣ ପ୍ରଦାନ ସହ ୫ ହିତାଧିକାରୀଙ୍କୁ ମୃତ୍ତିକା ବିଭାଗ ପକ୍ଷରୁ ସ୍ୱାସ୍ଥ୍ୟକାର୍ଡ଼ ପ୍ରଦାନ କରାଯାଇଥିଲା। ଶିବିରରେ ବିଡିଓ ବିବେକାନନ୍ଦ ସାହୁ,ତହସିଲଦାର ସୁକାନ୍ତ କୁମାର ନାଏକ ଯୋଗଦେଇ ଅଭିଯୋଗଗୁଡ଼ିକର ଶୁଣାଣି କରିଥିଲେ। ବାଟଗାଁ ସରପଞ୍ଚ ସୌଦାମିନୀ ବେହେରା, ଜାମୁଯୋରୀ ସରପଞ୍ଚ ରୀନା ବିଶିଙ୍କ ସମେତ ବ୍ଲକ ସ୍ତରୀୟ ସମସ୍ତ ଲାଇନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

## ବନ୍ୟା ଆଶ୍ରୟସ୍ଥଳୀରେ କର୍ମଶାଳା ଉଦ୍‌ଯାପିତ

ସମ୍ବଲପୁର,୧୭।୧୦(ବ୍ୟୁରୋ)

ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ ପକ୍ଷରୁ ସମଲେଶ୍ୱରୀ ବନ୍ୟା ଆଶ୍ରୟସ୍ଥଳୀରେ ସାତଦିନିଆ କର୍ମଶାଳା ଉଦ୍‌ଯାପିତ ହୋଇଯାଇଛି। କମିଶନର ପ୍ରଦୀପ କୁମାର ସାହୁ, ଉପଜିଲାପାଳ ପ୍ରଭାସ ଚନ୍ଦ୍ର ଡନସେନା, ଜରୁରିକାଳୀନ ଅଧିକାରୀ ଜୟଶ୍ରୀ ପାଢ଼ୀ, ଜିଲା ପ୍ରୋଜେକ୍ଟ ଅଫିସର ପ୍ରଭୁ ପ୍ରସାଦ ମହାରଣା, ପୂର୍ବତନ ୱାର୍ଡ କାଉନସିଲର ଘନ ପଟେଲ, ସମ୍ବଲ ସାମାଜିକ ଅନୁଷ୍ଠାନର ସମ୍ପାଦକ ସୁବ୍ରତ କୁମାର ପଣ୍ଡା, ବନ୍ୟା ଆଶ୍ରୟସ୍ଥଳୀ ସମ୍ପାଦକ ଚନ୍ଦ୍ର ଶେଖର ପାତ୍ରଙ୍କ ଉପସ୍ଥିତ ଥିଲେ। ସଭାକୁ ରାମଦାସ ପଣ୍ଡା ପରିଚାଳନା କରିଥିଲେ। ମାଷ୍ଟର ଟ୍ରେନର ଜ୍ୟୋତି ରଞ୍ଜନ ମହାପାତ୍ର ଓ କାର୍ତ୍ତିକେଶ୍ୱର କାଣ୍ଡ ତାଲିମ ଦେଇଥିବାବେଳେ ଶମ୍ଭୁ ପଟେଲ ଓ କୈଳାସ ମେହେର ସହଯୋଗ କରିଥିଲେ।

## ରାଷ୍ଟ୍ରୀୟ ଶୈଳଚିତ୍ର ସଂଗୋଷ୍ଠୀ ସମାପନ ଉତ୍ସବ

ସମ୍ବଲପୁର,୧୭।୧୦(ବ୍ୟୁରୋ)

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ) ଇତିହାସ ବିଭାଗ ଦ୍ୱାରା ତପସ୍ୱିନୀ ପ୍ରେକ୍ଷାଳୟରେ ଚାଲିଥିବା ତିନିଦିନିଆ ରାଷ୍ଟ୍ରୀୟ ଶୈଳଚିତ୍ର ସଂଗୋଷ୍ଠୀ ସମାପନ ହୋଇଛି। ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର କେ.କେ. ବସା ମୁଖ୍ୟଅତିଥି ଭାବେ ଯୋଗଦେଇ ପଶ୍ଚିମ ଓଡ଼ିଶାର ଶୈଳଚିତ୍ର ଓ ତାହାର ବିଶେଷତ୍ୱ ବିଷୟରେ ଆଲୋଚନା କରିଥିଲେ। ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବ୍ୟୋମକେଶ ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଦୁର୍ଲ୍ଲଭ ଶୈଳଚିତ୍ରର ସଂରକ୍ଷଣ କିଭଳି କରାଯାଇପାରିବ ସେ ନେଇ ସୂଚନା ଦେଇଥିଲେ। ରାଜ୍ୟ ଓ ରାଜ୍ୟ ବାହାରୁ ଆସିଥିବା ଗବେଷକମାନେ ପଶ୍ଚିମ ଓଡ଼ିଶାର ସଂସ୍କୃତି ଓ ଶୈଳଚିତ୍ର ବିଷୟରେ ଉପସ୍ଥାପନ କରିଥିଲେ। ଜିଏମ୍‌ୟୁ କୁଳପତି ପ୍ରଫେସର ଏନ୍ ନାଗାରାଜୁଙ୍କ ପୌରୋହିତ୍ୟରେ ଉତ୍ସବ ହୋଇଥିଲା। ଉପକୁଳସଚିବ ଡ. ଉମାଚରଣ ପତି, ଡ. ସନ୍ତୋଷ କୁମାର ମଲ୍ଲିକ, ଡ. ସସ୍ମିତା ରାଣି ସାସାନୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶେଷରେ କୁଳସଚିବ ଯୁଗଳେଶ୍ୱରୀ ଦାଶ ଧନ୍ୟବାଦ ଦେଇଥିଲେ।




ସମାପନ ଉତ୍ସବରେ ମଞ୍ଚାସୀନ ଅତିଥି।

## ଗଛକଟା ବିରୋଧରେ ଜିଲା ପ୍ରଶାସନର ଦ୍ୱାରସ୍ଥ

ସମ୍ବଲପୁର,୧୭।୧୦(ବ୍ୟୁରୋ)

ସଂରକ୍ଷିତ ଗ୍ରାମ୍ୟ ଜଙ୍ଗଲରୁ ମାଫିଆମାନେ ବେଆଇନ ଗଛ କାଟି ବାହାରକୁ ଚାଲାଣ କରୁଛନ୍ତି। ହେଲେ ବନ ବିଭାଗ କାର୍ଯ୍ୟାନୁଷ୍ଠାନ ନେବାରେ ଅବହେଳା କରୁଛି। ଯୁଯୁମୁରା ବ୍ଲକର ଫଟାବାହାଲ ଅଞ୍ଚଳବାସୀ ଏହା ବିରୋଧରେ ସୋମବାର ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗ କ୍ରମେ ଫଟାବାହାଲ, କବରାପାଲି, ଦେଦର ନୂଆପାଲି ଓ କୁଟୁରାଜୁରି ଗ୍ରାମରେ ଲୋକେ ସଂରକ୍ଷିତ ଜଙ୍ଗଲରେ ଗଛଗୁଡିକୁ ସୁରକ୍ଷା ଦେଇଆସୁଥିଲେ। ହେଲେ ଜଣେ ବ୍ୟକ୍ତି ନିଜ ରୟତି ଜମି କହି ଉକ୍ତ ଜଙ୍ଗଲରୁ ଗଛ କାଟି ଚାଲିଛନ୍ତି। କିଛିଦିନ ତଳେ ଏହାକୁ ବିରୋଧ କରାଯିବାରୁ ଗଛ କାଟୁଥିବା ଲୋକେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଏହି ଘଟଣାକୁ ନେଇ ଏକ ବୈଠକ ହୋଇଥିଲା। ଶରତ ଚନ୍ଦ୍ର



ଜିଲାପାଳଙ୍କ ଅଫିସ ସମ୍ମୁଖରେ ଅଞ୍ଚଳବାସୀ।

ସାହୁ, କବରାପାଲି ସରପଞ୍ଚ ଅନ୍ତର୍ଯାମୀ ପ୍ରଧାନ, ସ୍ଥାନୀୟ ସମିତି ସଭ୍ୟା ବନିତା ଓରାମ, ଅଞ୍ଚଳର ଜନପ୍ରତିନିଧି, ୪ ଗୋଟି ଗ୍ରାମର ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ। ଏହି ଅଭିଯୋଗ ଉପରେ ବନବିଭାଗ ଓ ତହସିଲଦାରଙ୍କ ସହ ଆଲୋଚନା କରାଯିବ। ନିୟମ ଅନୁସାରେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

## ସଂକ୍ଷେପରେ

### ସୁନେତ୍ର କାର୍ଯ୍ୟକ୍ରମ: ୩୧୦ଛାତ୍ରୀଛାତ୍ର ମନୋନୀତ

**ଦେଓଗାଁ,୧୭।୧୦(ଡି.ଏନ.ଏ):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଦେଓଗାଁ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବ୍ଲକସ୍ତରୀୟ ସୁନେତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିମା ସୁନାଙ୍କ ପରିଚାଳନାରେ ଅନୁଷ୍ଠିତ ଶିବିରକୁ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଅଜିତ କୁମାର ମିଶ୍ର ଉଦ୍‌ଘାଟନ କରିଥିଲେ । ଏହି ଶିବିରରେ ବ୍ଲକ ଅଧୀନ ୨୬ ପଞ୍ଚାୟତର ୫୫ଟି ପ୍ରାଥମିକ ବିଦ୍ୟାଳୟରୁ ୩୧୦ଜଣ ଛାତ୍ରୀଛାତ୍ର ପଞ୍ଜୀକୃତ ହୋଇ ଚକ୍ଷୁ ପରୀକ୍ଷା କରାଇଥିଲେ । ଶିବିରରେ ଡା. ବିଷ୍ଣୁ ପ୍ରସାଦ ମିଶ୍ର, ଡା. ପ୍ରମୋଦ କୁମାର ସାହୁ, ଡା. ଦେବାର୍ଚ୍ଚନ ମଲ୍ଲିକ ଚକ୍ଷୁ ପରୀକ୍ଷା କରିଥିଲେ ।

### ବଜାରରୁ ସୁନା ଗହଣା ଚୋରି, ଅଭିଯୁକ୍ତ ଗିରଫ

**ଲୋଇସିଂହା,୧୭।୧୦(ଡି.ଏନ.ଏ):** ବଲାଙ୍ଗୀର ସଦର ଥାନା ତଥା ଲୋଇସିଂହା ବ୍ଲକ ମାହାରପାଲି ସାପ୍ତାହିକ ବଜାରରୁ ଜଣେ ବ୍ୟକ୍ତିଙ୍କ ପକେଟରୁ ସୁନା ଗହଣା ଚୋରି ଘଟଣାରେ ଜଣେ ଯୁବକଙ୍କୁ ପୋଲିସ ଗିରଫ କରିଛି । ଅଭିଯୁକ୍ତ ହେଲେ ବରଗଡ ଗୋଡଭଗାର ବିଭୂ ମାଝି (୨୬)। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି । ଏନେଇ ଥାନାରେ ଏକ ମାମଲା(୪୫୪/୨୨)ରେ ଏକ ମାମଲା ରୁଜୁ ହୋଇଛି । ପୋଲିସ ସୂଚନାମତେ, ବାଦିମୁଣ୍ଡା ଅଞ୍ଚଳର ଜଣେ ବ୍ୟକ୍ତି ସୁନା ଗହଣା ବନ୍ଧା ପକାଇବା ପାଇଁ ମାହାରପାଲି ଆସିଥିଲେ । ରବିବାର ସାପ୍ତାହକ ବଜାର ଦେଇ ଯିବା ବେଳେ ଭିଡ ଭିତରେ ଜଣେ ଯୁବକ ତାଙ୍କ ପକେଟରେ ଥିବା ସୁନାକୁ ନେଇ ପଳାଇ ଯାଉଥିବା ବେଳେ ତାଙ୍କ ହାତକୁ ଭିଡି ଧରିଥିଲେ। ତାଙ୍କ ପାଟି ଶୁଣି ବଜାରରେ ଥିବା ଅନ୍ୟ ଲୋକେ ସମ୍ପୃକ୍ତ ଯୁବକଙ୍କୁ କାବୁ କରି ନେଇ ସଦର ଥାନାକୁ ସୂଚନା ଦେଇଥିଲେ । ପରେ ମାଗୁରବେଡା ଫାଣ୍ଡି ପୋଲିସ ଘଟଣାସ୍ଥଳକୁ ଯାଇ ଅଭିଯୁକ୍ତଙ୍କୁ ଗିରଫ କରିଥିଲା ।

### ବିଡିଓଙ୍କୁ ଫେରାଦ ହେଲା ପଶ୍ଚିମ ଓଡିଶା ସେବାସଂଘ

**ଦେଓଗାଁ,୧୭।୧୦(ଡି.ଏନ.ଏ):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକରେ ଶିକ୍ଷା ବ୍ୟବସ୍ଥାରେ ଅବ୍ୟବସ୍ଥାକୁ ନେଇ ସୋମବାର ପଶ୍ଚିମ ଓଡିଶା ସେବା ସଂଘ ବିଡିଓ ରାମଦତ୍ତ ଭୋଇଙ୍କୁ ଭେଟି ୭ ଦଫା ଦାବି ଉପସ୍ଥାପନ କରିଛନ୍ତି । ସଂଘ ସଭାପତି ରାଜେଶ ବଗର୍ତ୍ତିଙ୍କ ନେତୃତ୍ୱରେ କର୍ମକର୍ତ୍ତାମାନେ ବିଡିଓ ଭୋଇଙ୍କୁ ବିଦ୍ୟାଳୟମାନଙ୍କରେ ନାନା ପ୍ରକାର ଅବ୍ୟବସ୍ଥା ଲାଗିରହିଥିବାରୁ ଗୁଣାତ୍ମକ ଶିକ୍ଷାଦାନ ହୋଇପାରୁନାହିଁ ବୋଲି କହିଥିଲେ । ଏହାସହ ଓଡିଶାରେ ବନ୍ଦ ହୋଇଥିବା ୧୪ହଜାର ବିଦ୍ୟାଳୟକୁ ପୁନଃ ଖୋଲିବା ପାଇଁ ଦାବି କରିଥିଲେ । ସ୍କୁଲରେ ବଣ୍ଟନ ହେଉଥିବା ପୋଷାକର ମାନଯାଞ୍ଚ କରାଯାଉ ବୋଲି ସେମାନେ ଦାବି କରିଥିଲେ । ବିଦ୍ୟାଳୟ ରେ ଖାଲିପଡିଥିବା ଶିକ୍ଷକ ପଦବୀ ପୂରଣ, ପୁରାତନ କୋଠାର ମରାମତି ଓ ନୂତନ କୋଠା ନିର୍ମାଣ, ସ୍କୁଲରେ ଶିକ୍ଷକମାନେ ଠିକ୍ ସମୟରେ ଉପସ୍ଥିତ ହେବା ଆଦି ଦାବି କରିଥିଲେ । ଦଳିତ ନେତା କପିଳ କୁମ୍ଭାର, ସମାଜସେବୀ ନକୁଳ କୁମାର ସାହୁ, ମଣି ଦୀପ ପ୍ରମୁଖ ଉପସ୍ଥିତ ଥିଲେ ।

# ଅତିରିକ୍ତ ତହସିଲଦାର, ଆର୍‌ଆଇଙ୍କୁ ଆକ୍ରମଣ

■ ବାଲି ବୋଝେଇ ଟ୍ରାକ୍ଟର ଧରିବାକୁ ଯାଇଥିଲେ

■ ଅଭିଯୁକ୍ତଙ୍କୁ ଧରିବାକୁ ପୋଲିସର ତନାଘନା

**ଲୋଇସିଂହା,୧୭।୧୦(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅଧୀନ ଆଗଲପୁରରେ ବେଆଇନଭାବେ ଅଙ୍ଗନଦୀରୁ ବାଲି ଚାଲାଣ କରୁଥିବା ଏକ ଟ୍ରାକ୍ଟରକୁ ଧରିବାକୁ ଯାଇ ରବିବାର ରାତିରେ ଦୁଇଜଣ ରାଜସ୍ୱ ଅଧିକାରୀ ଆକ୍ରମଣର ଶିକାର ହୋଇଛନ୍ତି। ସେମାନେ ହେଲେ ଆଗଲପୁର ଅତିରିକ୍ତ ତହସିଲଦାର ପ୍ରଭାକର ପଧାନ ଓ ରାଜସ୍ୱ ନିରୀକ୍ଷକ(ଆର୍‌ଆଇ) ସୁଶାନ୍ତ ପଟେଲ। ଖବର ପାଇ ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ ଅଧିକାରୀଙ୍କୁ ଉଦ୍ଧାର କରିଥିଲା। ସୋମବାର ଆହତ ଅଧିକାରୀଦ୍ୱୟ ତହସିଲଦାର ସୁଚିତା ପୁଷ୍ପାଙ୍କ ସହିତ ଲୋଇସିଂହା ଥାନାରେ ଏ ନେଇ ଲିଖିତ ଅଭିଯୋଗ କରିଛନ୍ତି। ଏକ ମାମଲା( ୩୫୧/୨୨) ରୁଜୁକରି ଅଭିଯୁକ୍ତମାନଙ୍କୁ ଧରିବାକୁ ପୋଲିସ ତନାଘନା ଚଳାଇଥିବା ଆଇଆଇସି ରଶ୍ମିତା ବେହେରା କହିଛନ୍ତି।

ଆଗଲପୁର ନିକଟରେ ଅଙ୍ଗନଦୀ ଘାଟରୁ ବେଆଇନଭାବେ ବାଲି ଚୋରାଚାଲାଣ ଚାଲିଥିବା ନେଇ ତହସିଲ ଅଫିସରେ ଅଭିଯୋଗ ହୋଇଥିଲା। ରବିବାର ରାତିରେ ଅତିରିକ୍ତ ତହସିଲଦାର ପଧାନ ଓ ରାଜସ୍ୱ ନିରୀକ୍ଷକ ପଟେଲ ତହସିଲ ଅଫିସ ସମ୍ମୁଖରେ ଜଗି ରହିଥିଲେ। ଏହି ସମୟରେ ଏକ ବାଲି ବୋଝେଇ ଟ୍ରାକ୍ଟର (ଓଡି୦୩ ଏସ୍ ୮୯୩୪) ଉକ୍ତ ରାସ୍ତା ଦେଇ ଆସୁଥିବାରୁ ଅଧିକାରୀଦ୍ୱୟ ଅଟକାଇବାକୁ ଉଦ୍ୟମ କରିଥିଲେ। ହେଲେ ଡ୍ରାଇଭର ଦ୍ରୁତଗତିରେ ଗାଡ଼ି ନେଇ ପଳାଇଯାଇଥିଲେ। ସେମାନେ ଏକ ବାଇକରେ ଟ୍ରାକ୍ଟରର ପିଛା କରିଥିଲେ। କିଛି ବାଟ ଗଲା ପରେ ରାସ୍ତା ଉପରକୁ ୯ରୁ ୧୦ଜଣ ମହିଳା ଓ ପୁରୁଷ ଚାଲି ଆସି ସେମାନଙ୍କୁ ଅଟକାଇଥିଲେ। କିଛି ବୁଝିବା ପୂର୍ବରୁ ଉଭୟଙ୍କୁ ସେମାନେ ଆକ୍ରମଣ କରିଥିଲେ। ଅତିରିକ୍ତ ତହସିଲଦାରଙ୍କ ମୁହଁ ଫାଟି ଯାଇଥିବା ବେଳେ ଆର୍‌ଆଇଙ୍କ ହାତରେ ଆଘାତ ଲାଗିଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ ଅଧିକାରୀଙ୍କୁ ଉଦ୍ଧାରକରି ଆଗଲପୁର ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା କରାଇଛି। ଟ୍ରାକ୍ଟର ଜବତ ସହ ଆକ୍ରମଣକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ପୋଲିସକୁ କୁହାଯାଇଥିବା ଉପଜିଲାପାଳ କୁମାର ନାଗଭୂଷଣ କହିଛନ୍ତି।

# ୧୨ଘଣ୍ଟା ଖପ୍ରାଖୋଲ ବନ୍ଦ


ଖପ୍ରାଖୋଲରେ ଆନ୍ଦୋଳନକାରୀ ନାରାବାଜି କରୁଛନ୍ତି।

**ଖପ୍ରାଖୋଲ, ୧୭।୧୦(ଡି.ଏନ.ଏ.)**

### ହରିଶଙ୍କରରୁ ନୃସିଂହନାଥ ରୋପୱେ ନିର୍ମାଣ ଦାବି

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ହରିଶଙ୍କରଠାରୁ ନୃସିଂହ ନାଥକୁ ରୋପୱେ ନିର୍ମାଣ ଦାବିରେ ସୋମବାର କୋଶଳ ସଂଘର୍ଷ ବାହିନୀ ତରଫରୁ ୧୨ଘଣ୍ଟିଆ ଖପ୍ରାଖୋଲ ବନ୍ଦ ପାଳନ କରାଯାଇଥିଲା। ଏହି ଅବସରରେ ସକାଳୁ କୋଶଳ ସଂଘର୍ଷ ବାହିନୀ ସଦସ୍ୟମାନେ ଥାନା ଛକ, ବନ ବିଭାଗ କାର୍ଯ୍ୟାଳୟ ଛକଠାରେ ବାଉଁଶ ଦେଇ ରାସ୍ତା ଅବରୋଧ କରିବା ସହ ଥାନା ଛକରେ ଧାରଣା ଦେଇଥିଲେ। ବନ୍ଦର ପ୍ରଭାବରେ ଖପ୍ରାଖୋଲର ସମସ୍ତ ସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ, ବ୍ୟାଙ୍କ, ପୋଷ୍ଟ ଅଫିସ ଆଦି ବନ୍ଦ ରହିଥିଲା। ହରିଶଙ୍କର ଏବଂ ଧଣ୍ଡାମୁଣ୍ଡାରେ ମଧ୍ୟ ବନ୍ଦର ପ୍ରଭାବ ଅନୁଭୂତ ଦେଖିବାକୁ ମିଳିଥିଲା। ସନ୍ଧ୍ୟାରେ ସଂଘର୍ଷ ବାହିନୀ ତରଫରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୦ଦଫା ସମ୍ବଳିତ ଦାବିପତ୍ର ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ରଙ୍କୁ ପ୍ରଦାନ କରାଯାଇଥିଲା। ହରିଶଙ୍କରରେ ରୋପୱେ ନିର୍ମାଣ, ଗନ୍ଧମାର୍ଦ୍ଦନକୁ ଜାତୀୟ ସମ୍ପତ୍ତି ଘୋଷଣା, ହରିଶଙ୍କର ରାସ୍ତାରେ ପଥପ୍ରାନ୍ତ ନିବାସ, ହରିଶଙ୍କରକୁ ଇକୋ ଟୁରିଜିମ ଘୋଷଣା ପ୍ରମୁଖ ଦାବି ରହିଛି। ବିମଳ ରଞ୍ଜନ ସାହୁ, ଚିତ୍ତ ରଞ୍ଜନ ବାଗ, ସରୋଜ ସାହୁ, ସୂର୍ଯ୍ୟକାନ୍ତ ସାହୁ, ବିଜୁ ବାରିକ, ଶିବା ସୁନା ପ୍ରମୁଖ ବନ୍ଦର ନେତୃତ୍ୱ ନେଇଥିଲେ। ଧ୍ରୁବ ସରାଫ, ବୈଜୟନ୍ତି ସରାଫ, ବନମାଳୀ ନାଏକ, ସିପୁନ ଖମାରୀ, ଲକ୍ଷ୍ମୀ ଶବର, ପୁରନ୍ଦର ସାହୁ, ସୁଶୀଳ ଗୁରୁ, ଜନସନ ନାଗ ପ୍ରମୁଖ ଶତାଧିକ ଯୁବକ ଆନ୍ଦୋଳନରେ ସାମିଲ ହୋଇ ରାଜ୍ୟ ସରକାରଙ୍କ ବୈମାତୃକ ମନୋଭାବ ଉପରେ ବର୍ଷିଥିଲେ । ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଖପ୍ରାଖୋଲ ଥାନା ଅଧିକାରୀ ରମାକାନ୍ତ ସାହୁ, ଲାଠୋ ଥାନା ଅଧିକାରୀ ଝସକେତନ ଭୋଇଙ୍କ ନେତୃତ୍ୱରେ ବ୍ୟାପକ ପୋଲିସ ମୁତୟନ ହୋଇଥିଲେ।

### ଟିଟିଲାଗଡ଼ ବଙ୍ଗାଳି ସମାଜର ବନ୍ଧୁମିଳନ

**ଟିଟିଲାଗଡ, ୧୭।୧୦(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଟିଟିଲାଗଡ ବଙ୍ଗାଳୀ ସମାଜ ପକ୍ଷରୁ ସ୍ଥାନୀୟ ପୌର ପରିଷଦ କଲ୍ୟାଣ ମଣ୍ଡପଠାରେ ବନ୍ଧୁ ମିଳନ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ସହରରେ ଥିବା ଶତାଧିକ ବଙ୍ଗାଳି ପରିବାର ସଦସ୍ୟ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ବଙ୍ଗାଳି ସମାଜ ସଭାପତି ଶେଖର ସିହ୍ନା, ସମ୍ପାଦକ ନବଙ୍କୁର ଭଟ୍ଟାଚାର୍ଯ୍ୟ ବିଜୟା ଦଶମୀ ପରେ ବଙ୍ଗାଳି ସମାଜରେ ରହିଥିବା ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଗୁରୁଜନଙ୍କଠାରୁ ଆଶୀର୍ବାଦ ଗ୍ରହଣ ପରମ୍ପରା ବଜାୟ ରଖିବାକୁ କହିଥିଲେ। ସଙ୍ଗଠନ ପକ୍ଷରୁ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ କଲ୍ୟାଣ କୁମାର ବୋଷ ପରିଚାଳନା କରିଥିଲେ। ସ୍ଥାନୀୟ କଣ୍ଠଶିଳ୍ପୀ ନିରାକାର ସାହୁଙ୍କୁ ସଙ୍ଗଠନ ପକ୍ଷରୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ସମାଜରେ ଏକତା ଓ ଭାଇଚାରା ବଜାୟ ରଖିବା ସହ ଆଗାମୀ ଦିନରେ ଏହି କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରିବାକୁ ସଙ୍ଗଠନ ପକ୍ଷରୁ ପ୍ରକାଶ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କାଳୀପ୍ରସାଦ ମୁଖାର୍ଜୀ, ଭୋଲା ସରକାର, ପ୍ରଦୀପ ଦେ, ଅରୁଣ ସେନାପତି, ପ୍ରଦୀପ ସମାଜପତି, ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସଂଗଠନ ଉପସଭାପତି ଦୀପକ ସମାଜଦାର ଧନ୍ୟବାଦ ଅର୍ପଣ କରିଥିଲେ।

# ବିଦ୍ୟାଳୟସ୍ତରୀୟ ଫୁଟବଲ ବିତରଣ ଉତ୍ସବ

**ଡୁଙ୍ଗୁରିପାଲି, ୧୭।୧୦(ଡି.ଏନ.ଏ.)**


ବିଦ୍ୟାଳୟସ୍ତରୀୟ ଫୁଟବଲ ବିତରଣ ଉତ୍ସବରେ ଅତିଥିମାନେ।

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ସରକାରୀ ଉଚ୍ଚ ବିଦ୍ୟାଳୟ ଡୁଙ୍ଗୁରିପାଲିଠାରେ ବିଦ୍ୟାଳୟସ୍ତରୀୟ ଫୁଟବଲ ବିତରଣ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନଶିକ୍ଷକ ବୈଶାଖୁ ପଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଦ୍ୟାଳୟ ଆଲୁମିନି ସଦସ୍ୟ କିଶନ କୁମାର ଆଗ୍ରୱାଲ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ନବମ ଓ ଦଶମ ଶ୍ରେଣୀର ଛାତ୍ରମାନଙ୍କୁ ନେଇ ଏକ ଫୁଟବଲ ସମ୍ବନ୍ଧୀୟ କୁଇଜ କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ସମୀର ସେଠୀ, ସୁଦାମା ମେହେର, ସଦାନନ୍ଦ ପଧାନ, ଦୀପକ ପୋଢ଼ ଓ ନିଖିଳ ଭୁଏ କୃତୀତ୍ୱ ହାସଲ କରି ପୁରସ୍କୃତ ହୋଇଥିଲେ। ପରେ ଫୁଟବଲ ଖେଳାଳିମାନଙ୍କୁ ସୁବର୍ଣ୍ଣପୁର ଜିଲା ଅନ୍ତଃ ବିଦ୍ୟାଳୟ ଫୁଟବଲ ଟୁର୍ଣ୍ଣାମେଣ୍ଟ-୨୨ ପାଇଁ ଫୁଟବଲ ବଣ୍ଟନ କରାଯାଇଥିଲା। ଶିକ୍ଷକ ମୀନକେତନ ମେହେର ସଭା ପରିଚାଳନା କରିଥିଲେ। ଶିକ୍ଷକ ମୁରଲୀଧର ମେହେର, ମୁକେଶ ରାଉତ, ନାରାୟଣ ଦାସ, ଶିକ୍ଷୟିତ୍ରୀ ନିହାରିକା ଗୁରୁ ସଭା ପରିଚାଳନାରେ ସହଯୋଗ କରିଥିଲେ।

### ଭସାଣି ସହ ଗଜଲକ୍ଷ୍ମୀ ପୂଜା ସମ୍ପନ୍ନ

**ଲୋଇସିଂହା,୧୭।୧୦(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଭାଲିଆମୁଣ୍ଡା ବସ୍ତିରେ ଚାଲିଥିବା ଗଜଲକ୍ଷ୍ମୀ ପୂଜା ଭସାଣୀ ସହ ରବିବାର ରାତିରେ ଶେଷ ହୋଇଯାଇଛି । ଫଗୁଖେଳି ଭସାଣିରେ ସାମିଲ ହୋଇଥିଲେ ଗ୍ରାମବାସୀ। ପୂଜା ଉପଲକ୍ଷେ ସାଂସ୍କୃତିକ ଓ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ହୋଇଥିଲା । ଲୋଇସିଂହାର ଶଙ୍କର ବେହେରା ଓ ସାଥୀକଳାକାର ଲୋକଗୀତ ଓ ନୃତ୍ୟ ପରିବେଷଣ କରିଥିଲେ । ସୁଶୀଲ ବଗର୍ତ୍ତି କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

smbselfie@gmail.com


@ ବଳରାମ


@ ଲିପୁନ


@ ମୋହିତ


@ ଭାଗବତ


@ ଚୁମ୍‌କି

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ରାଜ୍ୟ କିକ୍‌ବକ୍ସିଂରେ ବଲାଙ୍ଗୀର ଜିଲାକୁ ୧୭ ପଦକ

**ବଲାଙ୍ଗୀର ଅଫିସ, ୧୭।୧୦**

ଭୁବନେଶ୍ୱରସ୍ଥିତ ନେତାଜୀ ସ୍ପୋର୍ଟସ୍ କ୍ଲବରେ ଏକଦିବସୀୟ ୨୩ତମ ରାଜ୍ୟ କିକ୍‌ବକ୍ସିଂ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ଓଡିଶାର ବିଭିନ୍ନ ଜିଲାରୁ ପ୍ରାୟ ୨୫୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ଦଳଗତ ଭାବେ ଖୋର୍ଦ୍ଧା ପ୍ରଥମ ସ୍ଥାନ ଅଧିକାର କରି ଚାମ୍ପିୟନ ହୋଇଥିଲା । ସୁନ୍ଦରଗଡ ଦ୍ୱିତୀୟ ଏବଂ ବଲାଙ୍ଗୀର ଜିଲା ତୃତୀୟ ସ୍ଥାନ ଅଧିକାର କରିଛି । ଏଥିରେ ବଲାଙ୍ଗୀର ଜିଲାରୁ ୧୦ ବାଳକ ଓ ୩ ଜଣ ବାଳିକା ଅଂଶଗ୍ରହଣ କରି ୧୭ପଦକ ବିଜୟୀ ହୋଇଛନ୍ତି । ବିଭିନ୍ନ ବୟସ ବର୍ଗରେ ନିରଞ୍ଜନ ସାଗର ସ୍ୱର୍ଣ୍ଣ, ସୁହାନୀ ଗୁରୁହାଣ୍ଡି ୧ଟି ସ୍ୱର୍ଣ୍ଣ ଏବଂ ୧ଟି ରୌପ୍ୟ ପଦକ ପାଇଛନ୍ତି । ନୟନ ରାୟ ରୌପ୍ୟ, ଏମ୍‌ଡି ଆଦିଲ ସ୍ୱର୍ଣ୍ଣ, ଏମ୍‌ଡି ସାହିଲ ସ୍ୱର୍ଣ୍ଣ, ରୋଶନ ବେହେରା କାଂସ୍ୟ, ଆଲୋକ ନାୟକ ଗୋଟିଏ ସ୍ୱର୍ଣ୍ଣ, ରୌପ୍ୟ, ଭୋଳାନାଥ ବିଶ୍ୱାଳ ୨ଟି କାଂସ୍ୟ, ରାମେଶ୍ୱର ଡୁମନିଆ ସ୍ୱର୍ଣ୍ଣ, ଅଶ୍ୱିନୀ କୁମାର ବାଗ ସ୍ୱର୍ଣ୍ଣ , ଏମ୍.ଡି. ଆସିଫ୍ ସ୍ୱର୍ଣ୍ଣ, ରିମା ସୁନା ସ୍ୱର୍ଣ୍ଣ, ଶାଳିନୀ ନନ୍ଦ ଗୋଟିଏ ରୌପ୍ୟ, ଗୋଟିଏ କାଂସ୍ୟ ପଦକ ପାଇଛନ୍ତି । ଉଦ୍‌ଯାପନୀ ସଭାରେ ପିସିସି ସଭାପତି ଶରତ ପଟ୍ଟନାୟକ, ଭାରତୀୟ କିକ୍ ବକ୍ସିଂ ସଭାପତି ଏସ୍.ଏସ୍. ହରିଚନ୍ଦନ ଓ ଅର୍ନ୍ତରାଷ୍ଟ୍ରୀୟ ରେଫରୀ ପ୍ରଦ୍ୟୁମ୍ନ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ବଲାଙ୍ଗୀର ଜିଲା କିକ୍ ବକ୍ସିଂ କୋଚ ଯୁଧିଷ୍ଠିର ଗୁରୁହାଣ୍ଡି, କିକ୍ ବକ୍ସିଂସଂଘ ସଭାପତି ତପନ ପାଣିଗ୍ରାହୀ, ଉପସଭାପତି ବାବୁଲାଲ ନାଏକ ସଫଳତା ପାଇଁ କୃତି ଖେଳାଳୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।



ବଲାଙ୍ଗୀରର ପଦକ ବିଜୟୀ କୃତୀ ପ୍ରତିଯୋଗୀ।

# ୨୧ରୁ ବଲାଙ୍ଗୀରରେ ରାଜ୍ୟ ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍ ଭାଗନେବେ ୨୦୦ ପ୍ରତିଯୋଗୀ

**ବଲାଙ୍ଗୀର ଅଫିସ,୧୭।୧୦**

ବଲାଙ୍ଗୀର ପୃଥ୍ୱୀରାଜ ହାଇସ୍କୁଲ ଇନଡୋର ଷ୍ଟାଡିୟମରେ ଆସନ୍ତା ୨୧ ତାରିଖରୁ ଓଡିଶା ରାଜ୍ୟ ବ୍ୟାଡମିଣ୍ଟନ ଚାମ୍ପିୟନଶିପ ଆରମ୍ଭ ହେବ। ୧୫ ଓ ୧୭ବର୍ଷରୁ କମ୍ ବୟସ ବର୍ଗରେ ଆୟୋଜିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ସମଗ୍ର ରାଜ୍ୟରୁ ପ୍ରାୟ ୨୦୦ ପ୍ରତିଯୋଗୀ ଭାଗ ନେବେ । ଚାମ୍ପିୟନଶିପ୍ ଆୟୋଜନ ପାଇଁ ବଲାଙ୍ଗୀରକୁ ପ୍ରଥମ ଥର ସୁଯୋଗ ମିଳିଛି। ଏହାଦ୍ୱାରା ଅଞ୍ଚଳର ପ୍ରତିଭାବାନ ଖେଳାଳୀଙ୍କ କ୍ରୀଡା କ୍ୟାରିଅରରେ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ଆୟୋଜକ ଜିଲା ବ୍ୟାଡମିଣ୍ଟନ ସଂଘ (ଡିବିଏ) ପକ୍ଷରୁ ସୋମବାର ସ୍ଥାନୀୟ ଇନ୍‌ଡୋର ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି।

ନବନିର୍ମିତ ଅତ୍ୟାଧୁନିକ ଇନ୍‌ଡୋର ଷ୍ଟାଡିୟମର ସଦ୍‌ଉପଯୋଗ କରି ଏଠାରୁ ଜାତୀୟସ୍ତରର ଖେଳାଳି ସୃଷ୍ଟି କରିବା ଜିଲା ବ୍ୟାଡମିଣ୍ଟନ ସଂଘର ଏକମାତ୍ର ଲକ୍ଷ୍ୟ ବୋଲି ଜିଲା ସଂଘ ସମ୍ପାଦକ ତଥା ପ୍ରତିଯୋଗିତାର ସାଙ୍ଗଠନିକ ସମ୍ପାଦକ ସୁରୁଲାଲ ମଟାରୀ ସୂଚନା ଦେଇଥିଲେ। ସେ ଆହୁରି କହିଥିଲେ ଯେ, ସ୍ଥାନୀୟ ଇନଡୋର ଷ୍ଟାଡିୟମ ଠାରେ ମଙ୍ଗଳବାରଠାରୁ ୬ଦିନିଆ ବୈଷୟିକ ଅଧିକାରୀ ପ୍ରଶିକ୍ଷଣ ଶିବିର ଆରମ୍ଭ ହେବ। ଏଥିରେ ରାଜ୍ୟର ୩୮ଜଣ ଆଶାୟୀ ଅମ୍ପାୟାର ଯୋଗଦାନ କରିବେ । ପ୍ରଥମ ତିନି ଦିନ ଥିଓରି କ୍ଲାସ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ତିନିଦିନ ଧରି ରାଜ୍ୟ ଚାମ୍ପିୟନଶିପ୍‌ରେ ପ୍ରାକ୍ଟିକାଲ କ୍ଲାସ୍ କରିବେ । ବିଶ୍ୱ ବ୍ୟାଡମିଣ୍ଟନ ଫେଡେରେସନ ଅମ୍ପାୟାର ଉଦୟ ସାନେ ଓ ଶୈଳେଶ କୁଲକର୍ଣ୍ଣି ଏମାନଙ୍କୁ ତାଲିମ ଦେବେ । ତିନିଦିନ ଧରି ଏହି ଶିବିର ହେବା ପରେ ୨୧ ତାରିଖ ୧୫ ଓ ୧୭ ବର୍ଷ କମ୍ ବୟସ ବର୍ଗର ରାଜ୍ୟ ପ୍ରତିଯୋଗିତା ଆରମ୍ଭ ହେବ । ଉଭୟ ବର୍ଗରେ ଏକକ, ଯୁଗଳ ଓ ମିଶ୍ରିତ-ଯୁଗଳ ପ୍ରତିଯୋଗିତା ହେବ। ତିନି ଫର୍ମାଟରେ ୨୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ରାଜ୍ୟ ସମ୍ପାଦକ ନିଳିନ କୁମାର, ଚିଫ୍ ରେଫରି ରୀତା ଦାଶ, ମ୍ୟାଚ କଣ୍ଟ୍ରୋଲର ବିଜୟ ବାଗ, କୋର୍ଟ ଅଫିସିଆଲ ଚେୟାରମ୍ୟାନ ମନୋରଞ୍ଜନ ଦାଶ ଓ ଟିଓ କୋଅର୍ଡିନେଟର ଲକ୍ଷପତି ନନ୍ଦ ପ୍ରତିଯୋଗିତା ପରିଚାଳନା କରିବେ । ୨୩ ତାରିଖରେ କୃତି ପ୍ରତିଯୋଗୀଙ୍କୁ ସମ୍ମାନିତ କରାଯିବ । ଏଥିସହ ରାଜ୍ୟର ସମସ୍ତ ବୈଷୟିକ ଅଧିକାରୀଙ୍କୁ କିଟ୍ ପ୍ରଦାନ କରାଯିବ ବୋଲି ମଟାରୀ ସୂଚନା ଦେଇଥିଲେ। ଖବରଦାତା ସମ୍ମିଳନୀରେ ଜିଲା କାର୍ଯ୍ୟକାରୀ ସଭାପତି ପବିତ୍ର ବେହେରା, ଉପସଭାପତି ଘନଶ୍ୟାମ ମିଶ୍ର, ଜିଲା କୋଅର୍ଡିନେଟର ଆଦିତ୍ୟ କେଜରିୱାଲ, ମ୍ୟା କୋଅର୍ଡିନେଟର ସୁରେନ୍ଦ୍ର ନେପାଲ ମଞ୍ଚାସୀନ ଥିଲେ।



ଚାମ୍ପିୟନଶିପ୍ ସମ୍ପର୍କରେ ଜିଲା ବ୍ୟାଡମିଣ୍ଟନ ସଂଘ ଆୟୋଜକମାନେ ସୂଚନା ଦେଉଛନ୍ତି।

# ବାଳିକାରେ ଧନକଉଡ଼ା, ବାଳକରେ କୁଚିଣ୍ଡା ଚାମ୍ପିୟନ

**ସମ୍ବଲପୁର,୧୭।୧୦(ବ୍ୟୁରୋ)**

୧୭ ବର୍ଷରୁ କମ୍ ଫିଫା ଜିଲାସ୍ତରୀୟ ଆନ୍ତଃବ୍ଲକ ସ୍କୁଲ ଫୁଟ୍‌ବଲ ଟୁର୍ନାମେଣ୍ଟ ସୋମବାର ସମ୍ବଲପୁର ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମଠାରେ ଉଦ୍‌ଯାପିତ ହୋଇଛି। ବାଳିକା ବର୍ଗରେ ଧନକଉଡ଼ା ବ୍ଲକ ୬-୦ ଗୋଲରେ କୁଚିଣ୍ଡା ଦଳକୁ ପରାସ୍ତ କରି ଚାମ୍ପିୟନ ଟ୍ରଫି ହାସଲ କରିଛି। ସେହିପରି ବାଳକ ବର୍ଗରେ କୁଚିଣ୍ଡା ବ୍ଲକ ୩-୧ ଗୋଲରେ ବାମରା ଦଳକୁ ପରାଜିତ କରି ଚାମ୍ପିୟନ ହୋଇଛି। ବାଳିକା ବର୍ଗରେ ଧନକଉଡ଼ା ବ୍ଲକର ପୁନମ ଓରାମ ଶ୍ରେଷ୍ଠ ଖେଳାଳି, ବାମରା ବ୍ଲକର ରଶ୍ମିତା ବାଗ ଶ୍ରେଷ୍ଠ ଗୋଲ ରକ୍ଷକ ଏବଂ ବାଳକ ବର୍ଗରେ କୁଚିଣ୍ଡାର ପ୍ରଶାନ୍ତ ଛତ୍ରିଆ ଶ୍ରେଷ୍ଠ ଖେଳାଳି ଓ ସୁବ୍ରତ ପିଙ୍ଗ ଶ୍ରେଷ୍ଠ ଗୋଲ ରକ୍ଷକ ଭାବେ ପୁରସ୍କୃତ ହୋଇଥିଲେ। କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ ମୁଖ୍ୟଅତିଥି, ସମ୍ବଲପୁର ଜିଲା ଅତିରିକ୍ତ ଜିଲାପାଳ ଅଜାମ୍ବର ମହାନ୍ତି, ସ୍କୁଲ ଓ ଗଣଶିକ୍ଷା ବିଭାଗ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ବିକାଶ ଚନ୍ଦ୍ର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ସମ୍ବଲପୁର ଜିଲା ଶିକ୍ଷା ଅଧିକାରୀ ମୀନା ରାଣି ମଙ୍ଗଳ, ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ଜଗବନ୍ଧୁ ବେହେରା ବିବରଣୀ ପାଠ କରିଥିଲେ। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଡ. ମୁରଲୀଧର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ଅସୀମ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। କ୍ରୀଡ଼ା ଶିକ୍ଷକ ଲକ୍ଷ୍ମଣ ନାଥ, କିଶୋର କୁମାର ପଣ୍ଡା, ଶାନ୍ତା ରନବିଡ଼ା, ଦୀପକ କିସାନ, ଜୟନ୍ତ ପିଙ୍ଗ, ପ୍ରକାଶ କୁମାର ପଣ୍ଡା, କୈଳାସ ନାୟକ ମ୍ୟାଚ ରେଫରି ଥିଲେ।




ଅତିଥିଙ୍କ ସହ ବାଳିକା ବର୍ଗର ଚାମ୍ପିୟନ ଧନକଉଡ଼ା ଦଳ।

**ଆନ୍ତଃ ବ୍ଲକ ସ୍କୁଲ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ**

## ଘଣ୍ଟି ସାହିତ୍ୟ ଘରର ବାର୍ଷିକ ଉତ୍ସବ

**ସମ୍ବଲପୁର,୧୭।୧୦(ବ୍ୟୁରୋ)**

ଘଣ୍ଟି ସାହିତ୍ୟ ଘରର ବାର୍ଷିକ ସାହିତ୍ୟ ଉତ୍ସବ ସୋମବାର ସମ୍ବଲପୁର ଜିଲା ଚିପିଲିମାସ୍ଥିତ ମା' ଘଣ୍ଟେଶ୍ୱରୀ ପୀଠରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଉପଦେଷ୍ଟା ଡ. ଲକ୍ଷ୍ମୀ ନାରାୟଣ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଉତ୍ସବ ହୋଇଥିଲା। ସାହିତ୍ୟିକ ତଥା ଗବେଷକ ପରମେଶ୍ୱର ମୁଣ୍ଡ ମୁଖ୍ୟବକ୍ତା ଓ ସଂସ୍କୃତି ଗବେଷକ ଡ. ଶ୍ୟାମ ସୁନ୍ଦର ଧର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ କମଳଲୋଚନ ପଣ୍ଡାଙ୍କ ରଚିତ ମା' ଘଣ୍ଟେଶ୍ୱରୀଙ୍କ ଚାଳିସା, ଅଷ୍ଟକମ, ସ୍ତବ ଓ ସ୍ତୋତ୍ର ଉନ୍ମୋଚିତ ହୋଇଥିଲା। ଜିଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା କବି ଓ କବୟିତ୍ରୀମାନେ ସ୍ୱରଚିତ କବିତା ପାଠ କରିଥିଲେ।

## ବନ୍ୟା ଆଶ୍ରୟସ୍ଥଳୀରେ ତାଲିମ କାର୍ଯ୍ୟକ୍ରମ

**ସମ୍ବଲପୁର,୧୭।୧୦(ବ୍ୟୁରୋ)**

ସମ୍ବଲପୁର ଜିଲା ଜରୁରିକାଳୀନ ବିଭାଗ ପକ୍ଷରୁ ୭ଦିନିଆ ତାଲିମ କାର୍ଯ୍ୟକ୍ରମ ସୋମବାର ଚାଉଁରପୁରସ୍ଥିତ ବନ୍ୟା ଆଶ୍ରୟସ୍ଥଳୀଠାରେ ଆରମ୍ଭ ହୋଇଛି। ଜିଲା ଜରୁରିକାଳୀନ ଅଧିକାରୀ ଜୟଶ୍ରୀ ପାଢ଼ୀ ଏହାକୁ ଉଦ୍‌ଘାଟନ କରିଥିଲେ। ମହାନଗର ନିଗମ ଡେପୁଟି କମିଶନର ରୁକ୍ମଣ ମେହେର ମୁଖ୍ୟବକ୍ତା ଭାବେ ଯୋଗଦେଇ ବିପର୍ଯ୍ୟୟ ପ୍ରଶମନର ଆବଶ୍ୟକତା, ବିପର୍ଯ୍ୟୟ ସମୟରେ ଜନସାଧାରଣଙ୍କ ଯୋଗଦାନ ଉପରେ ବକ୍ତବ୍ୟ ରଖିଥିଲେ। ଜିଲା ପ୍ରକଳ୍ପ ଅଧିକାରୀ ବିଭୁପ୍ରସାଦ ମହାରଣା, ରାଜ୍ୟସ୍ତରୀୟ ତାଲିମଦାତା ଜ୍ୟୋତିରଞ୍ଜନ ମହାପାତ୍ର, କାର୍ତ୍ତିକେଶ୍ୱର କାଣ୍ଡି, ସ୍ଥାନୀୟ ତାଲିମଦାତା ଶମ୍ଭୁ ପଟେଲ, କୈଳାସ ଚନ୍ଦ୍ର ମେହେର, ଚାଉଁରପୁର ପୂର୍ବତନ ସରପଞ୍ଚ ଯୋଗେନ୍ଦ୍ର ମାଝି, ରାଜାରାମ ମହତମ, ସରୋଜ ବାଗ ସମ୍ମାନିତ ଅତିଥି ଥିଲେ। ସୁସ୍ମିତା ଦୀପ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଧନ୍ୟବାଦ ଦେଇଥିଲେ। ଟାସ୍କଫୋର୍ସର ୫୦ଜଣ ସ୍ୱେଚ୍ଛାସେବୀ ସାମିଲ ଥିଲେ।

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
smbselfie@gmail.com



@ ବଳରାମ



@ ଲିପୁନ



@ ମୋହିତ



@ ଭାଗବତ



@ ଚୁମ୍ବକି

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ସଂକ୍ଷେପରେ

### ଆରଏମ୍‌ସି କର୍ମଚାରୀଙ୍କ ଆତ୍ମହତ୍ୟା

**ରାଉରକେଲା ଅଫିସ,୧୭।୧୦:** ରାଉରକେଲା ଉଦିତନଗର ଥାନା ଅନ୍ତର୍ଗତ ବାସନ୍ତୀ କଲୋନୀ ଅଞ୍ଚଳରେ ବାସ କରୁଥିବା ଜଣେ ଆରଏମ୍‌ସି କର୍ମଚାରୀ ଆତ୍ମହତ୍ୟା କରିଛନ୍ତି। ମୃତ କର୍ମଚାରୀ ହେଲେ ମୁରଲିଧର ବେହେରା(୫୮)। ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୨୦।୨୨) ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁସାରେ, କିଛି ବର୍ଷ ତଳେ ପୁଅର ପାଠପଢ଼ା ପାଇଁ ମୁରଲିଧର ଲକ୍ଷାଧିକ ଟଙ୍କା ଷ୍ଟଡିଲୋନ୍ କରିଥିଲେ। ଅନ୍ୟପକ୍ଷେ ଆର୍ଥିକ ଅନଟନ ଲାଗି ରହିଥିବାରୁ ସେ ମାନସିକ ଭାରସାମ୍ୟ ହରାଇ ବସିଥିଲେ। ରବିବାର ରାତିରେ ଖାଇସାରି ସେ ଶୋଇବା ଘରକୁ ଯାଇଥିଲେ ଏବଂ ପଙ୍ଖାରେ ଲୁଗାବାନ୍ଧି ଆତ୍ମହତ୍ୟା କରିଥିଲେ। ପରିବାର ଲୋକେ ତାଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଟ୍ରେନ୍ ଧକ୍କାରେ ଯୁବକ ମୃତ

**ରାଉରକେଲା ଅଫିସ, ୧୭।୧୦:** ରାଉରକେଲା ବିଶ୍ରା ରେଳ ଷ୍ଟେଶନ ଫାଟକ ନିକଟରେ ଏକ ମାଲବାହୀ ଟ୍ରେନ ଧକ୍କା ଦେବାରୁ ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ମୋହନ ଲୋହାର(୫୨)। ଏ ନେଇ ବନ୍ଧମୁଣ୍ଡା ଜିଆରପି ଏକ ଅପମୃତ୍ୟୁ ମାମଲା (ନଂ.୨୩।୨୨) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଛି। ରବିବାର ବିଶ୍ରା ଥାନା ଧଖିଡିହି ଗ୍ରାମର ମୋହନ ଜରେଇକେଲାରେ ରହୁଥିବା ତାଙ୍କ ବଡପୁଅ ଘରକୁ ଯାଇଥିଲେ। ରାତିରେ ଜରେଇକେଲାରୁ ଫେରି ବିଶ୍ରା ରେଳ ଫାଟକ ନିକଟରେ ରେଳ ଲାଇନ ପାରି ହେଉଥିବାବେଳେ ହଠାତ ଏକ ମାଲବାହୀ ଟ୍ରେନ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ତାଙ୍କର ମୃତ୍ୟୁ ହୋଇଥିଲା।

### ଦୁର୍ଘଟଣାରେ ଯୁବକ ମୃତ, ଏନ୍‌ଏଚ୍ ଅବରୋଧ

**ଝାରସୁଗୁଡ଼ା ଅଫିସ୍,୧୭।୧୦:** ଝାରସୁଗୁଡ଼ା ଜିଲା କୋଲାବିରା ଥାନା ୪୯ନଂ ଜାତୀୟ ରାଜପଥ ସିରିଆପାଲି ନିକଟରେ ସୋମବାର ରାତିରେ ଏକ ଟ୍ରକ୍ ଧକ୍କାରେ ଜଣେ ସାଇକେଲ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଉକ୍ତ ଗ୍ରାମର ନିହାର ରଞ୍ଜନ ନାୟକ(୨୬)। ଦୁର୍ଘଟଣା ଖବରପାଇ ସ୍ଥାନୀୟ ଲୋକେ କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ କରିଥିଲେ। କୋଲାବିରା ପୋଲିସ୍ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଛି। ଦୁର୍ଘଟଣା ଘଟାଇଥିବା ଓଡି୩୫ଜି-୦୧୫୦ନଂ ଟ୍ରକ୍‌କୁ ପୋଲିସ୍ ଜବତ କରିଛି । ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି । ନିହାର ସାଙ୍ଗଙ୍କ ସହିତ ସାଇକେଲ୍‌ରେ ଗାଁକୁ ଯାଉଥିବାବେଳେ ଝାରସୁଗୁଡା ପଟୁ ଆସୁଥିବା ଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା । ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା।

### ପ୍ରାକ୍ତନ ବ୍ଲକ ଉପାଧ୍ୟକ୍ଷଙ୍କ ବିୟୋଗରେ ଶୋକସଭା

**ରେଙ୍ଗାଲି,୧୭।୧୦(ଡି.ଏନ.ଏ.):** ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ପୂର୍ବତନ ଉପାଧ୍ୟକ୍ଷ ତଥା କତରବଗା ପୂର୍ବତନ ସରପଞ୍ଚ ନୃପଲାଲ ବିଶ୍ୱାଲଙ୍କ(୭୪) ରବିବାର ରାତିରେ ବିୟୋଗ ଘଟିଛି। ତାଙ୍କ ବିୟୋଗରେ ରେଙ୍ଗାଲି ବରିଷ୍ଠ ନାଗରିକ ପରିଷଦ, ରେଙ୍ଗାଲି ସାମ୍ବାଦିକ ସଂଘ କର୍ମକର୍ତ୍ତା ଗଭୀର ଶୋକବ୍ୟକ୍ତ କରିଛନ୍ତି। ସୋମବାର ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଡ଼ ପୁଅ ବିଭୁତି ବିଶ୍ୱାଳ ମୁଖାଗ୍ନି ଦେଇଥିଲେ।

# ହିଣ୍ଡାଲ୍‌କୋ ପକ୍ଷରୁ ବିଦ୍ୟାଳୟରେ ଶୌଚାଳୟ ଉଦ୍‌ଘାଟିତ

**ସମ୍ବଲପୁର,୧୭।୧୦(ବ୍ୟୁରୋ)**

ହୀରାକୁଦସ୍ଥିତ ହିଣ୍ଡାଲ୍‌କୋ ପାରିପାର୍ଶ୍ୱିକ ଉନ୍ନୟନ ବିଭାଗ ପକ୍ଷରୁ ଖ୍ରୀଷ୍ଟିଆନପଡା ପ୍ରାଥମିକ ବିଦ୍ୟାଳୟ ପରିସରରେ ସୋମବାର ଶୌଚାଳୟ ଉଦ୍‌ଘାଟିତ ହୋଇଯାଇଛି। ଏଫଆରପି ମାନବସମ୍ବଳ ମୁଖ୍ୟ ଶିବ ମିଶ୍ର, ଇଆର୍ ମୁଖ୍ୟ ଦୀପକ ମହାନ୍ତି, ସିଏସ୍‌ଆର୍ ମୁଖ୍ୟ ସୁକାନ୍ତ କୁମାର ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ହିଣ୍ଡାଲ୍‌କୋ ପାରିପାର୍ଶ୍ୱିକ ବିଭାଗର ସରୋଜ କୁମାର ଆଚାର୍ଯ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସିଏସ୍‌ଆର୍ ପରିଚାଳକ ଆନନ୍ଦ କୁମାର ଚକ୍ରବର୍ତ୍ତି, ମାନବ ସମ୍ବଳ ବିଭାଗର ଦେବ କୁମାର ମଜୁମଦାର ସୂଚନା ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ ହିଣ୍ଡାଲ୍‌କୋ କ୍ଲଷ୍ଟର ହେଡ କୈଳାଶ ନାଥ ପାଣ୍ଡେଙ୍କ ନିର୍ଦ୍ଦେଶକ୍ରମେ ଏଫ୍‌ଆର୍‌ପି ମୁଖ୍ୟ ସୁମିତ ମୁଖାର୍ଜୀ ଓ ହିଣ୍ଡାଲ୍‌କୋ କମ୍ପ୍ଲେକ୍ସ ମାନବ ସମ୍ବଳ ମୁଖ୍ୟ କ୍ରୀଷ୍ଣା ପାଢ଼ୀଙ୍କ ତତ୍ତ୍ୱାବଧାନରେ ଆଧୁନିକ ଶୌଚାଳୟ ନିର୍ମାଣ କରାଯାଉଛି।

# ଯୁଗ୍ମ ଜନଅଭିଯୋଗ ଶୁଣାଣି

**ଝାରସୁଗୁଡ଼ା ଅଫିସ,୧୭।୧୦**

ଲଖନପୁର ବ୍ଲକ ସଭାଗୃହରେ ଅନୁଷ୍ଠିତ ଯୁଗ୍ମ ଜନ ଅଭିଯୋଗ ଶୁଣାଣିରେ ମୋଟ ୭୫ ଅଭିଯୋଗ ପଞ୍ଜୀକୃତ ହୋଇଛି। ଏଥିମଧ୍ୟରୁ ୧୩ଟି ସାମୂହିକ ଓ ୬୨ଟି ବ୍ୟକ୍ତିଗତ ଅଭିଯୋଗ ରହିଛି। ଚିଖିଲି ଗ୍ରାମର କୀର୍ତ୍ତନ ମଣ୍ଡପ ନିର୍ମାଣ ସକାଶେ ପାଣ୍ଠି ଯୋଗାଣ, ଜାମପାଲି ଗ୍ରାମରେ ଉଠାଜଳସେଚନ କାର୍ଯ୍ୟ, ଭଇଁରଖୋଲରେ ସରକାରୀ ଜମିରେ ରହୁଥିବା ଲୋକଙ୍କ ନାମରେ ଜମିପଟ୍ଟା, ଅଡ଼ାପଡ଼ାସ୍ଥିତ ଜବାହର ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ଓ କିରାଣୀ ନିଯୁକ୍ତି ଆଦି ସାମୂହିକ ଅଭିଯୋଗ ହୋଇଥିଲା। ସେହିପରି ଇନ୍ଦିରାଆବାସ, ଚିକିତ୍ସା ସକାଶେ ଆର୍ଥିକ ସହାୟତା, ପେନ୍‌ସନ୍, କୁ ଗ୍ରାମରେ କମ୍ୟୁନିଟି ସେଣ୍ଟର ନିର୍ମାଣ ଆଦି ବ୍ୟକ୍ତିଗତ ଅଭିଯୋଗର ଶୁଣାଣି କରାଯାଇଥିଲା। ଶିବିରରେ ଚିକିତ୍ସା ସହାୟତା ବାବଦକୁ ରେଡକ୍ରସ ପାଣ୍ଠିରୁ ୧୨ଜଣଙ୍କୁ ୩୬ ହଜାର ଟଙ୍କା ପ୍ରଦାନ କରାଯାଇଛି। ଅଭିଯୋଗ ଗୁଡ଼ିକ ଉପରେ ଯଥାଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲାପାଳ ସରୋଜ କୁମାର ସାମଲ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଏସ୍‌ପି ରାହୁଲ ଜୈନ, ବ୍ଲକ ଅଧ୍ୟକ୍ଷା ହୁତେଶ୍ୱରୀ ତିହିରିଆ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଲଙ୍କେଶ୍ୱର ଅମାତ, ଉପ ଜିଲାପାଳ ଦୟାମୟ ପାଢୀ, ଡେପୁଟି କଲେକ୍ଟର ନିବେଦିତା ପ୍ରଧାନ, ବିଡିଓ ଜୟନ୍ତ କୁମାର ସାହୁ, ଆସିଷ୍ଟାଣ୍ଟ କଲେକ୍ଟର କିଶୋର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।



ଜନ ଶୁଣାଣିରେ ଯୋଗଦେଇଥିବା ଅଧିକାରୀମାନେ।

## ଭୁଲିଆ ସମାଜର ବୈଠକ

**ସମ୍ବଲପୁର,୧୭।୧୦(ବ୍ୟୁରୋ)**

ସମ୍ବଲପୁରରେ ନିଖିଳ ଓଡ଼ିଶା ମେହେର ଭୁଲିଆ ସମାଜର କାର୍ଯ୍ୟକାରୀ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସଭାପତି ବୈଶମ୍ପାୟନ ମେହେର ସଭାପତିତ୍ୱ କରିଥିଲେ। ବୈଠକରେ ବିଭିନ୍ନ ବିଷୟରେ ଆଲୋଚନା ହୋଇଥିଲା। ସ୍ୱଭାବ କବି ଗଙ୍ଗାଧରଙ୍କ ଶ୍ରାଦ୍ଧବାର୍ଷିକୀ ୨୦୨୪ରେ ଶହେବର୍ଷ ପୂର୍ତ୍ତି ହେବ। ଏହି ପୁଣ୍ୟତିଥି ସପ୍ତାହବ୍ୟାପୀ ପାଳନ କରାଯିବାକୁ ବୈଠକରେ ସ୍ଥିର କରାଯାଇଥିଲା। ଉଦ୍‌ଘାଟନୀ ଉତ୍ସବରେ ଯୋଗଦେବା ପାଇଁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଓଡ଼ିଶାର ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ କରିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଛି। ପ୍ରତିଦିନ ଗଙ୍ଗାଧର ସାହିତ୍ୟ ଆଲୋଚନା, ସାହିତ୍ୟ ମେଳା, ସାଂସ୍କୃତିକ କାର୍ଯ୍ୟକ୍ରମ, ପୁସ୍ତକ ମେଳା, ବାଣିଜ୍ୟ ମେଳ ।, ହସ୍ତତନ୍ତ ଓ ହସ୍ତଶିଳ୍ପ ପ୍ରଦର୍ଶନୀ କରାଯିବାକୁ ସ୍ଥିର ହୋଇଥିଲା। ସଭାରେ ସଂଗଠନର କାର୍ଯ୍ୟକାରୀ ସଭାପତି ସୁରେନ୍ଦ୍ର ମୋହନ ମେହେର, ସମ୍ପାଦକ ରମାକାନ୍ତ ମେହେର, ଶିବ ପ୍ରସାଦ ମେହେର, ସୁବାସ ମେହେର, ଗୋପବନ୍ଧୁ ମେହେର, ମହେନ୍ଦ୍ର କୁମାର ମେହେର, ପ୍ରସନ୍ନ ମେହେର, ସୁଧୀର ମେହେର, ଗୁଣନିଧି ମେହେର, ପ୍ରଦୀପ ମେହେର, ରାମକୃଷ୍ଣ ମେହେର, ସୁକାନ୍ତୀ ମେହେର ପ୍ରମୁଖ ସାମିଲ ହୋଇ ମତାମତ ରଖିଥିଲେ।

# ମନ ମୋହୁଛି ହେମନ୍ତ ମହୋତ୍ସବ




ହେମନ୍ତ ମହୋତ୍ସବରେ ଓଡ଼ିଶୀ ସଙ୍ଗୀତ ପରିବେଷଣ କରାଯାଉଛି।

**ରାଉରକେଲା ଅଫିସ,୧୭।୧୦**

ପଶ୍ଚିମ ଓଡ଼ିଶାର ଅଗ୍ରଣୀ କଳା ଅନୁଷ୍ଠାନ ଶ୍ରୀ ସିଦ୍ଧି ଏକାଡେମୀ ଅଫ୍ ଆର୍ଟ ଆନୁକୂଲ୍ୟରେ ହେମନ୍ତ ମହୋତ୍ସବର ପଞ୍ଚଦଶ ସଂସ୍କରଣ ରାଉରକେଲା ସେକ୍ଟର-୧୯ ସ୍ଥିତ ସିଭିକ୍ ସେଣ୍ଟରରେ ରବିବାର ଆରମ୍ଭ ହୋଇଛି। ଏଥିରେ ଆରଏସ୍‌ପି ଅର୍ଥ ବିଭାଗ ମହାପ୍ରବନ୍ଧକ ଗିରିଜା ଶଙ୍କର ଦାସ ମୁଖ୍ୟ ଅତିଥି, ସଙ୍ଗୀତଜ୍ଞ ଶରତ ଧଳ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ଓଡିଶୀ ସଙ୍ଗୀତର ଶାସ୍ତ୍ରୀୟତା ପ୍ରସଙ୍ଗକୁ ନେଇ ଏକ ଜାତୀୟ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ପ୍ରସିଦ୍ଧ ଓଡିଶୀ ସଙ୍ଗୀତ ଗବେଷକ ଡ. ମୃତ୍ୟୁଞ୍ଜୟ ରଥ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ଆଲୋଚନାଚକ୍ରରେ ପୁରୀ ସ୍ଥିତ ଓଡିଶୀ ନୃତ୍ୟ ସଙ୍ଗୀତ ଅନୁଷ୍ଠାନ ନବ ପ୍ରତିଭାର ଅଧ୍ୟକ୍ଷ ଅଶୋକ କୁମାର ଦାସ ଜଗନ୍ନାଥ ମନ୍ଦିର ଓ ମଠାଶ୍ରମ ସମୂହର ଦୈନନ୍ଦିନ ରୀତିନୀତିରେ ଓଡିଶୀ ନୃତ୍ୟ ସଙ୍ଗୀତ କିଭଳି ଅବିଚ୍ଛେଦ୍ୟ ଅଙ୍ଗ ହୋଇ ଆସିଛି ତାର ବିଶଦ ବର୍ଣ୍ଣନା କରିଥିଲେ। ଏକାଡେମୀର ଉପାଧ୍ୟକ୍ଷ ରଶ୍ମିରଞ୍ଜନ ଦାସ ଓଡିଶୀ ସଙ୍ଗୀତକୁ ଶାସ୍ତ୍ରୀୟ ମାନ୍ୟତା ପାଇଁ ଜାରି ରହିଥିବା ପ୍ରୟାସ ସମ୍ପର୍କରେ ସୂଚନା ଦେଇଥିଲେ। ଓଡିଶୀ ସଙ୍ଗୀତ ଗୁରୁ ନିମାକାନ୍ତ ରାଉତରାୟଙ୍କ ନିର୍ଦ୍ଦେଶନାରେ ଚାଲିଥିବା ୪ଦିନିଆ ଓଡ଼ିଶୀ ସଙ୍ଗୀତ କର୍ମଶାଳାରେ ଛାତ୍ରୀଛାତ୍ରମାନେ ଏକକ ସଙ୍ଗୀତ ପରିବେଷଣ କରିଥିଲେ। ଶୁଭେନ୍ଦୁ ପଟ୍ଟନାୟକ, କୋଷାଧ୍ୟକ୍ଷ ରମେଶ ସେନାପତି, କାଳିନ୍ଦୀ ଚରଣ ସାହୁ, ପ୍ରକାଶ ନାୟକ, ଶୁଭମ ବଡାଇକ ପ୍ରମୁଖ ସହଯୋଗ କରିଥିଲେ।

## ପୁନରୁଦ୍ଧାର ହେବ ବନବିଭାଗ ଗେଷ୍ଟହାଉସ

**ସମ୍ବଲପୁର,୧୭।୧୦(ବ୍ୟୁରୋ)**

ସମ୍ବଲପୁର ବନଖଣ୍ଡ ଧମାରେଞ୍ଜ କୋଲଗାଁସ୍ଥିତ ବନ ବିଭାଗ ଗେଷ୍ଟହାଉସ ପୁନରୁଦ୍ଧାର କରାଯିବ। ସ୍ଥାନୀୟ ଅଞ୍ଚଳବାସୀ ଓ ବନବିଭାଗ ସହଯୋଗରେ କାମ ଆରମ୍ଭ କରାଯିବ। ଏହାକୁ ନେଇ ବନବିଭାଗ ପ୍ରକ୍ରିୟା ଆରମ୍ଭ କରିଛି। ସମ୍ବଲପୁର ଡିଏଫ୍‌ଓ ବିଶ୍ୱନାଥ ନିଳାମ୍ବର କୋଲଗାଁ ପରିଦର୍ଶନ କରି ସ୍ଥାନୀୟ ବନସୁରକ୍ଷା ସମିତିର ପ୍ରତିନିଧିଙ୍କ ସହ ଆଲୋଚନା କରିଛନ୍ତି। କିଛିବର୍ଷ ଆଗରୁ ଏହି ଗେଷ୍ଟହାଉସକୁ କିଛି ଲୋକ ପୋଡିଦେବା ଯୋଗୁ ଏହା ଜରାଜୀର୍ଣ୍ଣ ଅବସ୍ଥାରେ ପଡି ରହିଥିଲା। ଏବେ ବନବିଭାଗ ଓ ସ୍ଥାନୀୟ ବନସୁରକ୍ଷା ସମିତିର ମିଳିତ ଉଦ୍ୟମରେ ଏହାକୁ କାର୍ଯ୍ୟକ୍ଷମ ହେବାକୁ ଯାଉଛି। କାର୍ଯ୍ୟକ୍ରମରେ ବନସୁରକ୍ଷା ସମିତିର ସଭ୍ୟାସଭ୍ୟ, ଗ୍ରାମବାସୀ ଓ ବନ କର୍ମଚାରୀ ସାମିଲ ହୋଇଥିଲେ। ପାରିପାର୍ଶ୍ୱିକ ଅଞ୍ଚଳରେ ବନିକରଣ ସହ ସ୍ୱଚ୍ଛ ବାତାବରଣ ସୃଷ୍ଟି କରିବା ପାଇଁ ସମସ୍ତେ ଉଦ୍ୟମ କରିବେ ବୋଲି ମିଳିତ ସଙ୍କଳ୍ପ ନେଇଛନ୍ତି।

## ଜଗଦା ସାଂସ୍କୃତିକ ପରିଷଦର ବାର୍ଷିକୋତ୍ସବ

**ରାଉରକେଲା ଅଫିସ,୧୭।୧୦**

ରାଉରକେଲା ଜଗଦା ସାଂସ୍କୃତିକ ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠାନର ୧୯ତମ ବାର୍ଷିକୋତ୍ସବ ସୋମବାର ପାଳିତ ହୋଇଛି। ଏହି ଉତ୍ସବରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିଜ ପାଇଁ ନୁହଁ ଅନ୍ୟ ପାଇଁ ବଞ୍ଚୁଥିବା ମଣିଷ ହିଁ ସମ୍ପୂର୍ଣ୍ଣ ମଣିଷ ବୋଲାଇଥାଏ ବୋଲି ମତପ୍ରକାଶ କରିଥିଲେ। ଜଗଦା ଅଞ୍ଚଳରେ ଖୁବ୍ ଶୀଘ୍ର ୨୪ ଘଣ୍ଟିଆ ଜଳଯୋଗାଣ ସହ ୱାଟର ମିଟର ବ୍ୟବସ୍ଥା କରାଯିବ ବିଧାୟକ ନାୟକ ସୂଚନା ଦେଇଥିଲେ। ଅନୁଷ୍ଠାନର ଉପଦେଷ୍ଟା ସଞ୍ଜୀବ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆରଏମ୍‌ସିର ଉପଆୟୁକ୍ତ ସୁଧାଂଶୁ ଶେଖର ଭୋଇ, ପାନପୋଷ ଉପଜିଲାପାଳ ଅଭିମନ୍ୟୁ ମାଝୀ, ଯତୀନ୍ଦ୍ର ନାୟକ, ଡାକ୍ତର ୟୁ. ସି ଜେନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ସଭାପତି ପିତାମ୍ବର ଲେଙ୍କା, ପ୍ରଭାତ ମହାନ୍ତି, ମଞ୍ଚାସୀନ ଥିଲେ। ଚଳିତ ଶିକ୍ଷାବର୍ଷରେ କୃତିତ୍ୱ ହାସଲ କରିଥିବା ବିଦ୍ୟାର୍ଥୀଙ୍କୁ ପୁରସ୍କୃତ କରାଯାଇଥିଲା। ଡକ୍ଟର କେ.ସି ବାରିକ, ଡକ୍ଟର ବିମ୍ବାଧର ଶତପଥୀ, ଡକ୍ଟର ସଞ୍ଜୀବ ମହାନ୍ତି, ସଞ୍ଜୟ ତିର୍କୀ, ଇଂ. ଭାରତ ଭୂଷଣ ମହାନ୍ତି, ବିଏସ୍‌ଏନଏଲ ଅଧିକାରୀ ପିତାମ୍ବର ନାୟକ, ନୀଳମଣି ପ୍ରଧାନ, ଅମରେଶ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷୟିତ୍ରୀ ନିରୂପମା ପତି ଓ ସୁସ୍ମିତା ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଫୁଟ୍‌ବଲ ଟୁର୍ନାମେଣ୍ଟ: ଟାଙ୍ଗରପାଲି ବିଜୟୀ

**ପଡ଼ିଆବାହାଲ,୧୭।୧୦(ଡି.ଏନ.ଏ.)**

ଯୁଯୁମୁରା ବ୍ଲକ ପଡ଼ିଆବାହାଲ ନିକଟ ମୁଁଢେନପାଲି ପଞ୍ଚାୟତ ପଧାନପାଲି (ନୂଆବୁରଦା) ଗ୍ରାମଠାରେ ଦ୍ୱିଦିବସୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ସରଲାକାନୀ ଦଳକୁ ହରାଇ ଟାଙ୍ଗରପାଲି ଦଳ ବିଜୟୀ ହୋଇଛି। ପ୍ରତିଯୋଗିତାରେ ୧୬ଟି ଦଳ ଭାଗ ନେଇଥିଲେ। ରେଫରି ଭାବେ ପିଇଟି ଲିଙ୍ଗରାଜ ପଧାନ, ପରେସ ଭୋଇ, ବିଜୟ ଓରାମ, ପ୍ରକାଶ ସାହୁ ଓ ନିତ୍ୟାନନ୍ଦ ମେହେର ଖେଳ ପରିଚାଳନା କରିଥିଲେ। ଦ୍ୱିତୀୟ ଦିନ କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାୟକ, ଜମନକିରା ବ୍ଲକ ଜୋନ-୧ ଜିଲା ପରିଷଦ ସୁଜାତା ଖୁଣ୍ଟିଆ, ବ୍ଲକ ଅଧକ୍ଷ୍ୟା ଆଶ୍ରିତା ଭୋଇ, ପୂର୍ବତନ ଜିଲା ପରିଷଦ ଚେୟାରମ୍ୟାନ ଶୋଭାରାମ ପଧାନ ଅତିଥି ଭାବେ ଯୋଗଦେଇ ବିଜୟୀ ଓ ରନର୍ସଅପ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ।




ଦୁଇଦଳର ଖେଳାଳିଙ୍କ ସହ ଅତିଥିମାନେ।

**'ୱାଟର୍ ଆଜ୍ ଏ ସର୍ଭିସ୍'ର ଶୁଭାରମ୍ଭ**

**ନୂଆଦିଲ୍ଲୀ:** ୱାଟର ପ୍ୟୁରିଫିକେଶନ ବ୍ରାଣ୍ଡ ଲିଭ୍‌ପିଓର୍ ପକ୍ଷରୁ 'ୱାଟର୍ ଆଜ୍ ଏ ସର୍ଭିସ୍' ନାମକ ସେବା ଓ ସୁବିଧାର ଶୁଭାରମ୍ଭ କରାଯାଇଛି। ଏ ସମ୍ପର୍କରେ କମ୍ପାନୀର ସିଇଓ ପ୍ରୀତେଶ ତଲ୍‌ୱାର କହିଛନ୍ତି,ଲିଭ୍‌ପିଓର୍ ହେଉଛି ଆରଓ ୱାଟର୍ ପ୍ୟୁରିଫାୟର୍ ଭାରତର ଅନ୍ୟତମ ସର୍ବାଧିକ ବିଶ୍ୱସନୀୟ ବ୍ରାଣ୍ଡ। ଆମେ 'ୱାଟର୍ ଆଜ୍ ଏକ ସର୍ଭିସ୍' ଭଳି ସେବା ପ୍ରଦାନ କରି ପ୍ରତ୍ୟେକ ଭାରତୀୟଙ୍କୁ ସୁସ୍ଥ ରଖିବା ଓ ସେମାନଙ୍କ ଜୀବନରେ ଶୁଦ୍ଧତା ସୁନିଶ୍ଚିତ କରିବାକୁ ଚେଷ୍ଟା କରୁଛୁ। ଏଠାରେ ଉପଭୋକ୍ତାମାନେ ୱାଟର୍ ଜାର୍ ନ କିଣି ଓ ୱାଟର୍ ପ୍ୟୁରିଫାୟରକୁ ମେଣ୍ଟେନ୍ କରିବାରୁ ମୁକ୍ତ ହୋଇ ସୁରକ୍ଷିତ ପାନୀୟ ଜଳ ପାଇପାରିବେ। ଆମେ ଏହି ସେବାକୁ ଦେଶର ଟାୟାର ୨ ଓ ୩ ସହରଗୁଡ଼ିକୁ ବିସ୍ତାର କରିଛୁ।

# ସ୍ୱାଭାବିକ ହୋଇଛି ଗହମ,ଚାଉଳର ମୂଲ୍ୟ

ନୂଆଦିଲ୍ଲୀ,୧୭।୧୦



ସରକାର ସୋମବାର କହିଛନ୍ତି ଯେ, ଗହମ ଏବଂ ଚାଉଳର ମୂଲ୍ୟ ବୃଦ୍ଧି ସ୍ୱାଭାବିକ ହୋଇଛି। ଯଦି ଏହି ହାରରେ କୌଣସି ଅସ୍ୱାଭାବିକ ବୃଦ୍ଧି ଘଟେ ତେବେ ଶସ୍ୟକୁ ଅପଲୋଡ୍ କରିବାକୁ ବଜାରରେ ହସ୍ତକ୍ଷେପ କରିବାକୁ ପଡିବ ବୋଲି ଖାଦ୍ୟ ସଚିବ ସୁଦର୍ଶନ ପାଣ୍ଡେ ଏକ ଖବରଦାତା ସମ୍ମିଳନୀରେ ମତବ୍ୟକ୍ତ କରିଛନ୍ତି। ସେହିଭଳି ପାଣ୍ଡେ କହିଛନ୍ତି ଯେ, ସରକାରଙ୍କ ଗୋଦାମରେ ଉଭୟ ଗହମ ଏବଂ ଚାଉଳର ଅତିରିକ୍ତ ଷ୍ଟକ୍ ରହିଛି। ଯାହା ବଜାର ହସ୍ତକ୍ଷେପ ପାଇଁ ବ୍ୟବହୃତ ହେବ। ମୂଲ୍ୟ ବୃଦ୍ଧି ଅସ୍ୱାଭାବିକ ନୁହେଁ କାରଣ ଏହା ଧାରଣା ଏବଂ ଆକଳନ କରାଯାଇଥାଏ। ଗହମର ଉଦାହରଣ ଦେଇ ସେ କହିଛନ୍ତି ଯେ, ଗତ ବର୍ଷର ହୋଲସେଲ ମୂଲ୍ୟ ବୃଦ୍ଧି ହୋଇଥିବାରୁ ସରକାର ଏହାର ଓପନ୍ ମାର୍କେଟ୍ ବିକ୍ରୟ ଯୋଜନା (ଓଏମ୍ଏସ୍ଏସ୍) ଅଧୀନରେ ବହୁ ପରିମାଣରେ ଗ୍ରାହକଙ୍କୁ ବିକ୍ରି କରିଥିବାରୁ ମୂଲ୍ୟ ବୃଦ୍ଧି ସ୍ୱାଭାବିକ ହୋଇଛି। ଗତ ବର୍ଷ ଅକ୍ଟୋବର ୧୪ରେ ଗହମର ସମ୍ପୂର୍ଣ୍ଣ ମୂଲ୍ୟ କୁଇଣ୍ଟାଲ ପିଛା ୨,୩୩୧ ଟଙ୍କା ଥିଲା। ଏ ପରିକି ୨୦୨୦ର ସମାନ ଅବଧିରେ ମଧ କୁଇଣ୍ଟାଲ ପିଛା ୨,୪୭୪ ଟଙ୍କା ରହିଥିଲା ବୋଲି ପାଣ୍ଡେ କହିଛନ୍ତି। ତେଣୁ ଗହମର ଚଳିତ ବର୍ଷର ବୃଦ୍ଧିକୁ ଗତ ବର୍ଷ ତୁଳନାରେ ତୁଳନା କରିବା ଅନୁଚିତ। ଏହାକୁ ୨୦୨୦ରେ ପ୍ରଚଳିତ ମୂଲ୍ୟ ସହ ତୁଳନା କରାଯିବା ଉଚିତ ବୋଲି ପାଣ୍ଡେ ସ୍ପଷ୍ଟ କରିଛନ୍ତି। ୨୦୨୦ର ହାର ତୁଳନାରେ ଯେତେବେଳେ ହୋଲସେଲ ଗହମ ମୂଲ୍ୟରେ କୁଇଣ୍ଟାଲ ପିଛା ୨,୭୫୭ ଟଙ୍କା ଏବଂ ଖୁଚୁରା ଗହମ ମୂଲ୍ୟରେ ୧୨.୦୧% ବୃଦ୍ଧି ଘଟିଛି, ଚଳିତ ବର୍ଷ ଅକ୍ଟୋବର ୧୪ ସୁଦ୍ଧା କିଲୋଗ୍ରାମ ପିଛା ୩୧.୦୬ ଟଙ୍କା ରହିଛି। ସେହିପରି ଗହମରେ ଏହି ମୂଲ୍ୟ ବୃଦ୍ଧି ଯେ ସର୍ବନିମ୍ନ ସମର୍ଥନ ମୂଲ୍ୟ, ଇନ୍ଧନ ଏବଂ ପରିବହନ ତଥା ଅନ୍ୟାନ୍ୟ ଖର୍ଚ୍ଚ ବୃଦ୍ଧି ସହ ଏହା ଅନୁରୂପ ଅଟେ। ସେ ଆହୁରି ମଧ କହିଛନ୍ତି ଯେ, ଚିନ୍ତା କରିବାର କିଛି ନାହିଁ, ଯେହେତୁ ସରକାର ଏହାର ଗୋଦାମରେ ଉଭୟ ଗହମ ଏବଂ ଚାଉଳର ମହଜୁଦ ରଖିଛନ୍ତି। କାରଣ ପିଡିଏସ୍ ତଥା ଅନ୍ୟାନ୍ୟ କଲ୍ୟାଣକାରୀ ଯୋଜନା ଅନୁଯାୟୀ କ୍ରୟ ଆବଶ୍ୟକତାଠାରୁ ଅଧିକ ରହିଛି ଅକ୍ଟୋବର ୧ପର୍ଯ୍ୟନ୍ତ ସରକାର ୨୦୫ ଲକ୍ଷ ଟନ୍ ବଫର ଆଦର୍ଶଠାରୁ ୨୨୭ ଲକ୍ଷ ଟନ୍ ଅଧିକ ଗହମ ଭଣ୍ଡାର ଥିଲା ବୋଲି ଭାରତୀୟ ଖାଦ୍ୟ ନିଗମର ଅଧ୍ୟକ୍ଷ ଅଶୋକ କେ କେ ମୀନା ବିସ୍ତୃତ ତଥ୍ୟ ଉପସ୍ଥାପନା କରିଛନ୍ତି।

# ଶେୟାର ବଜାରରେ ଉତ୍ସାହ

ନୂଆଦିଲ୍ଲୀ,୧୭।୧୦

ଅନ୍ତର୍ଜାତୀୟ ସମସ୍ୟା ସାଙ୍ଗକୁ ଭାରତୀୟ ମୁଦ୍ରାର ଅବମୂଲ୍ୟାୟନ ଜାରି ସତ୍ତ୍ୱେ ଶେୟାର ବଜାରର କାରବାର ଭଲ ରହିଛି। ଫଳରେ ଶେୟାର ବଜାରର ନିବେଶକଙ୍କ ମଧ୍ୟରେ ଉତ୍ସାହ ଦେଖାଯାଇଛି। କାରଣ ଗତ ସପ୍ତାହର କାରବାର ଏକ ପ୍ରକାରର ଅସ୍ଥିରତା ମଧ୍ୟରେ ଶେଷ ହୋଇଥିଲା। ଏପରିକି ଚଳିତ ସପ୍ତାହର ପ୍ରଥମ ଦିନର କାରବାର ଅନୁଯାୟୀ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ) ର ସେନ୍‌ସେକ୍ସ ୪୯୧ (୪୯୧.୦୧) ପଏଣ୍ଟ ବୃଦ୍ଧି ପାଇ ୫୮,୪୧୧ (୫୮,୪୧୦.୯୮) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ)ର ନିଫ୍ଟି–୫୦ରେ ମଧ ୧୨୬ (୧୨୬.୧୦) ପଏଣ୍ଟ ବଢ଼ି ୧୭,୩୧୨ (୧୭,୩୧୧.୮୦) ଅଙ୍କରେ ବନ୍ଦ ହୋଇଥିବା ଜଣାପଡ଼ିଛି।

# ଏସ୍‌ବିଆଇ ପକ୍ଷରୁ ୨କୋଟିର ସହାୟତା

SBI State Bank Of India

ନୂଆଦିଲ୍ଲୀ,୧୭।୧୦

ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସ୍‌ବିଆଇ) ପକ୍ଷରୁ ସଶସ୍ତ୍ର ବଳ ଯୁଦ୍ଧ ଆହତ କଲ୍ୟାଣ ପାଣ୍ଠି (ଏଏଫ୍‌ବିସିଡବ୍ଲ୍ୟୁଏଫ୍)କୁ ୨ କୋଟି ଟଙ୍କାର ସହାୟତା ପ୍ରଦାନ କରାଯାଇଛି। ବିଶେଷକରି ଯୁଦ୍ଧ ବା ଲଢ଼େଇ ସମୟରେ ଆହତ ହୋଇଥିବା ସଶସ୍ତ୍ର ସେନା ଯବାନ ଓ ସେମାନଙ୍କ ଉପରେ ନିର୍ଭରଶୀଳ ଥିବା ଲୋକମାନଙ୍କ କଲ୍ୟାଣ ଓ ସହାୟତା ପାଇଁ ଏହି ପାଣ୍ଠି ପ୍ରଦାନ କରାଯାଇଛି। ଅପରପକ୍ଷରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଦ୍ୱାରା ନୂତନ ଭାବେ ଲୋକାର୍ପଣ କରାଯାଇଥିବା 'ମା ଭାରତୀ କେ ସପୁତ' ନାମକ ଏକ ୱେବସାଇଟ୍ ଜରିଆରେ ମଧ ଏସବିଆଇ ଉକ୍ତ ପାଣ୍ଠି ପ୍ରଦାନ କରିଛି। ନୂଆଦିଲ୍ଲୀ ଜାତୀୟ ଯୁଦ୍ଧ ସ୍ମାରକୀ ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏହି ୱେବସାଇଟ୍‌ର ଶୁଭାରମ୍ଭ କରାଯାଇଥିଲା। ଉଲ୍ଲେଖଯୋଗ୍ୟ ଯେ ଏଏଫ୍‌ବିସିଡବ୍ଲ୍ୟୁଏଫ୍ ହେଉଛି ଏକ ତ୍ରି–ସେବା ପାଣ୍ଠି ଯାହାକୁ ସକ୍ରିୟ ସାମରିକ କାର୍ଯ୍ୟକ୍ରମରେ ଜୀବନ ହରାଉଥିବା କିମ୍ବା ଗୁରୁତର ଭାବେ ଆହତ ହେଉଥିବା ଯବାନ– ନୌ ସେନା ଯବାନ– ବାୟୁ ସେନା ଯବାନଙ୍କ ପରିବାରକୁ ତତ୍କାଳ ଆର୍ଥିକ ସହାୟତା ପ୍ରଦାନ କରିବା ଲାଗି ବ୍ୟବହାର କରାଯାଉଛି।

# ରେଡ୍‌ମି ଏ୧+ ର ଶୁଭାରମ୍ଭ

ନୂଆଦିଲ୍ଲୀ,୧୭।୧୦

ଦେଶର ପ୍ରମୁଖ ସ୍ମାର୍ଟ ଫୋନ୍ ଉତ୍ପାଦନକାରୀ କମ୍ପାନୀ 'ସାଓମି ଇଣ୍ଡିଆ'ର ପ୍ରମୁଖ ବ୍ରାଣ୍ଡ୍ ରେଡ୍‌ମି ପକ୍ଷରୁ ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ରେଡ୍‌ମି ଏ୧+ର ଶୁଭାରମ୍ଭ ଓ ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷ କରି ମାତ୍ର ୬୯୯୯ ଟଙ୍କାରେ ଏଭଳି ଏକ ନୂତନ ଉତ୍ପାଦ (ରେଡ୍‌ମି ଏ୧+) ର ବଜାର ପ୍ରବେଶ ଉପଭୋକ୍ତାଙ୍କୁ ଆକର୍ଷିତ କରିବ ବୋଲି ଆଶା କରାଯାଉଛି। ରେଡ୍‌ମି ଏ୧+ କୁ ଏହାର ସର୍ବୋତମ ଶ୍ରେଣୀର ଫିଚରଗୁଡିକ ସହ ଚମତ୍କାର ମୂଲ୍ୟ ପ୍ରଦାନ କରିବା ପାଇଁ ପ୍ରଥମ ଥର ସ୍ମାର୍ଟଫୋନ୍ ବ୍ୟବହାର କରୁଥିବା ଗ୍ରାହକଙ୍କ ଲାଗି ଡିଜାଇନ୍ କରାଯାଇଛି। ଏକ ଲେଦର୍ ଟେକ୍ସଚର୍‌ଡ ଡିଜାଇନ୍, ଫିଙ୍ଗର ପ୍ରିଣ୍ଟ ସେନ୍ସର ଓ ଏକ ବିଶାଳ ୫୦୦୦ ଏମ୍ଏଏଚ୍ ବ୍ୟାଟେରି ସହ ପ୍ରଥମ ଥର ସ୍ମାର୍ଟଫୋନ୍ ବ୍ୟବହାରକାରୀଙ୍କ ପାଇଁ ସ୍ୱଳ୍ପ ବଜେଟରେ ଏକ ଉପଯୁକ୍ତ ପସନ୍ଦ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏହି ଡିଭାଇସ୍ କ୍ରୟ ପାଇଁ ସ୍ୱତନ୍ତ୍ର ରୂପେ ଫ୍ଲିପ୍‌କାର୍ଟ, ଏମ୍ଆଇ ଡଟ୍ କମ୍ ଓ ଅନ୍ୟ ରିଟେଲ୍ ଷ୍ଟୋର୍‌ଗୁଡିକରେ ମଧ ଉପଲବ୍ଧ ରହିଛି। ଏହାର ୮ ଏମ୍‌ପି ଡୁଆଲ କ୍ୟାମେରା ରିୟର ସେଟ୍‌ଅପ୍ ଉପଭୋକ୍ତାଙ୍କୁ ଆଲୋକ ଓ ସ୍ୱତନ୍ତ୍ର ମୁହୂର୍ତ୍ତଗୁଡିକୁ କ୍ୟାପ୍ଚର କରିବାକୁ ଅନୁମତି ଦେଉଥିବା ବେଳେ ଏହାର ୫ଏମ୍‌ପି ଫ୍ରଣ୍ଟ କ୍ୟାମେରା ପାର୍ବଣ ସେଲ୍‌ଫିଗୁଡିକ ପାଇଁ ଉପଯୁକ୍ତ ଅଟେ। ୧୦ଡବ୍ଲ୍ୟୁ ଫାଷ୍ଟ ଚାର୍ଜର୍–ଇନ୍–ବକ୍ସ ସହ ଏକ ୫୦୦୦ ଏମ୍ଏଏଚ୍ ବ୍ୟାଟେରି ସହ ଏହି ସ୍ମାର୍ଟଫୋନ୍ ଏକ ସିଙ୍ଗଲ୍ ଚାର୍ଜରେ ୨ଦିନ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ରହିଥାଏ। ଏହା ୩ଟି ରଙ୍ଗ ବିକଳ୍ପ ଲାଇଟ୍ ଗ୍ରୀନ୍, ଲାଇଟ୍ ବ୍ଲୁ ଓ ବ୍ଲାକ୍ ଏବଂ ଦୁଇଟି ଷ୍ଟୋରେଜ୍ ଭାରିଆଣ୍ଟ–୨ଜିବି/୩୨ଜିବି ଏବଂ ୩ଜିବି/୩୨ଜିବିରେ ଉପଲବ୍ଧ ହେଉଛି।

# ଅରୁନ୍ଧତୀ ଜ୍ୱେଲର୍ସ ପକ୍ଷରୁ ଧନତେରାସ ଅଫର

ଭୁବନେଶ୍ୱର,୧୭।୧୦




ଓଡ଼ିଶାର ସର୍ବବୃହତ୍ ଜୁଏଲେରି ବ୍ରାଣ୍ଡ୍ ଅରୁନ୍ଧତୀ ଜ୍ୱେଲର୍ସ ପକ୍ଷରୁ ନିକଟରେ ସର୍ବଶ୍ରେଷ୍ଠ ଧନତେରାସ ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଆଲୋକ ଓ ଅମୃତର ପର୍ବ ଦୀପାବଳି ଓ ଧନତେରାସ ଉପଲକ୍ଷେ ଏହି ଅଫର ବ୍ରାଣ୍ଡ୍ ପକ୍ଷରୁ ଅଣାଯାଇଛି। ବ୍ରାଣ୍ଡ୍‌ର ପ୍ରିୟ ଗ୍ରାହକଙ୍କ ପସନ୍ଦ ଓ ଚାହିଦାକୁ ଦୃଷ୍ଟିରେ ରଖି ଦଶ ହଜାରରୁ ଊର୍ଦ୍ଧ୍ୱ ଡିଜାଇନର ଗହଣା ସମ୍ଭାର ଚଳିତ ପାର୍ବଣ ପାଇଁ ପ୍ରସ୍ତୁତ କରାଯାଇଛି। ସର୍ବଶ୍ରେଷ୍ଠ ଧନତେରାସ ଅଫରରେ ପ୍ରତି ୧୦ ଗ୍ରାମ୍ ସୁନା ଗହଣା କିଣା ଉପରେ ଗୋଟିଏ ସ୍ୱର୍ଣ୍ଣମୁଦ୍ରା ସମ୍ପୂର୍ଣ୍ଣ ମାଗଣା ସହ ସୁନା ଗହଣାର ଗଢା ମଜୁରିରେ ୫୦% ପର୍ଯ୍ୟନ୍ତ ଛାଡ଼ ରହିଛି। ଏହି ଅଫର ଚଳିତ ବର୍ଷ ୨୧ ଅକ୍ଟୋବର ପର୍ଯ୍ୟନ୍ତ ଆଡଭାନ୍ସ ବୁକିଂ କରୁଥିବା ଗ୍ରାହକଙ୍କ ପାଇଁ ଷ୍ଟୋରର ଗହଣା ଉପରେ ଲାଗୁ ହେବ। ସେହିପରି ସର୍ବନିମ୍ନ ଫ୍ଲେକ୍ସିବଲ ସୁନା ଦର ଓ ପୁରୁଣା ଗହଣାର ଏକ୍ସଚେଞ୍ଜ ଉପରେ ୧୦୦% ଏକ୍ସଚେଞ୍ଜ ଭାଲ୍ୟୁ ମିଳିବ। ଅପରପକ୍ଷରେ ଚଳିତ ବର୍ଷର ଧନତେରାସ ଅବସରରେ ଗହଣାର ଦଶ ହଜାରରୁ ଊର୍ଦ୍ଧ୍ୱ ଡିଜାଇନ ସହ ଆମେ ଓଡ଼ିଶାର ଗର୍ବ କୋଣାର୍କ ଦ୍ୱାରା ପ୍ରେରିତ ସ୍ୱେଶାଲ ଅର୍କ ଗହଣାର ମଧ ବଜାର ପ୍ରବେଶ କରାଇଛୁ, ଯାହାର ଗଢ଼ା ମଜୁରି ମାତ୍ର ୪୯୯ଟଙ୍କା ରହିଛି। ସେହିପରି ହୀରା ଗହଣା ମୂଲ୍ୟ ଉପରେ ୩୦% ପର୍ଯ୍ୟନ୍ତ ଛାଡ଼, ଆଉ ରୁପା ଗହଣାର ଗଢା ମଜୁରି ଉପରେ ୫୦% ପର୍ଯ୍ୟନ୍ତ ଛାଡ ରହିଛି। ଏ ସମ୍ପର୍କରେ ଅରୁନ୍ଧତୀ ଜ୍ୱେଲର୍ସର ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର କହିଛନ୍ତି, ଓଡ଼ିଶାର ସର୍ବବୃହତ ବ୍ରାଣ୍ଡ୍ ଭାବେ ଅରୁନ୍ଧତୀକୁ ତିଆରି କରିଥିବା ହଜାର ହଜାର ଗ୍ରାହକବନ୍ଧୁଙ୍କୁ ହୃଦୟରୁ ଧନ୍ୟବାଦ ଜଣାଉଛୁ। ଏପରିକି ଆମର ନୂତନ କେଲକ୍ସନ୍ 'ଅର୍କ'ର ଆନନ୍ଦ ନେବା ସହ ଧନତେରାସରେ ନିଜର ମନପସନ୍ଦର ଗହଣା ଏବଂ ଆକର୍ଷଣୀୟ ଅଫରର ଭରପୂର ଲାଭ ଉଠାଇବା ପାଇଁ ସମସ୍ତ ଗ୍ରାହକଙ୍କୁ ସାଦର ନିମନ୍ତ୍ରଣ କରୁଛି ବୋଲି ସେ ମତବ୍ୟକ୍ତ କରିଛନ୍ତି।

# ଟ୍ରାଇ ପକ୍ଷରୁ ଡ୍ରାଇଭ ଟେଷ୍ଟ ରିପୋର୍ଟ ଜାରି

ନୂଆଦିଲ୍ଲୀ,୧୭।୧୦

ଭାରତୀୟ ଦୂରସଞ୍ଚାର ନିୟାମକ ପ୍ରାଧିକରଣ (ଟ୍ରାଇ) ପକ୍ଷରୁ ଦୂରସଞ୍ଚାର ସେବା ପ୍ରଦାନକାରୀଙ୍କ ସହାୟତାରେ ଦେଶର ୧୫ଟି ସହରରେ ଡ୍ରାଇଭ ଟେଷ୍ଟ କରାଯିବା ସହ ତା'ର ରିପୋର୍ଟ ମଧ ଜାରି କରାଯାଇଛି। ସୋମବାର ଟ୍ରାଇ ପକ୍ଷରୁ ଜାରି କରାଯାଇଥିବା ସୂଚନା ଅନୁଯାୟୀ ଜଲନ୍ଧର, ଅମ୍ବାଲା, ଆଇଜଲ, କୋଣ୍ଟାଇ, ଇମ୍ଫାଲ, କିଷନଗଞ୍ଜ, ପୋର୍ଟବ୍ଲେୟାର, ବିଳାସପୁର, ଗ୍ୱାଲିୟର, ମିରଟ, ଅହମ୍ମଦନଗର, ଚିକମଙ୍ଗଲୁର, ୱାରଙ୍ଗଲ, କଟକ ଏବଂ କୋଏମ୍ବାଟୁର ସହ ୨ଟି ରାଜପଥ ମିରଟ–ଆଗ୍ରା ଓ ଗ୍ୱାଲିୟର–ଗୁନା ସହ ଗୋଟିଏ ରେଳ ମାର୍ଗ–ରାୟଗଡ଼ରୁ ଡୋଙ୍ଗରଗଡ଼ ପର୍ଯ୍ୟନ୍ତ ମଧ ଡ୍ରାଇଭ ଟେଷ୍ଟ କରାଯାଇଥିଲା। ଏପରିକି ଚଳିତ ବର୍ଷ ଜୁନ୍‌ରେ ଶେଷ ହୋଇଥିବା ତ୍ରୈମାସ ସମୟରେ ଏହି ପରୀକ୍ଷଣ କରାଯାଇଥିଲା। ସେଲୁଲାର ମୋବାଇଲ ଟେଲିଫୋନ ସେବା ପ୍ରଦାନକାରୀମାନଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ଭଏସ ଏବଂ ଡାଟା ସେବା ପାଇଁ ନେଟୱର୍କର ଗୁଣବତ୍ତା ଆକଳନ ପାଇଁ ଏହି ଟେଷ୍ଟ କରାଯାଇଥିଲା। ସେହିଭଳି ଉପରୋକ୍ତ ଅଞ୍ଚଳଗୁଡିକରେ କାର୍ଯ୍ୟକ୍ଷମ ଦୂରସଞ୍ଚାର ସେବା ପ୍ରଦାନକାରୀଙ୍କ ନେଟୱର୍କକୁ ଆକଳନ ପାଇଁ ପ୍ରମୁଖ ପ୍ରଦର୍ଶନ ସୂଚକାଙ୍କ(କେପିଆଇ)କୁ ଅନୁଧ୍ୟାନ କରାଯାଇଥିଲା। ସେହିପରି ଭଏସ୍ ସେବା ପାଇଁ କେପିଆଇଗୁଡ଼ିକ ମଧ୍ୟରେ କଭରେଜ, କଲ୍ ସେଟଅପ୍ ସଫଳତା ହାର (ସିଏସ୍ଏସ୍ଆର୍), ଡ୍ରପ କଲ୍ ହାର, ବ୍ଲକ୍ କରାଯାଇଥିବା କଲ ହାର, ହ୍ୟାଣ୍ଡ ଓଭର ସଫଳତା ହାର, ଆରଏକ୍ସ ଗୁଣବତ୍ତା ଆଦି ମଧ ଅନୁଧ୍ୟାନ କରାଯାଇଥିଲା।

## ଫୁରସତ୍

# ସେନା ଟାର୍ଗେଟ୍‌ରେ ସେଲିବ୍ରିଟି


ଶେରଭିନ୍ ହାଜିପୋର

**ତେହରାନ୍:** ଇରାନ୍‌ରେ ହିଜାବ୍ ବିରୋଧୀ ଆନ୍ଦୋଳନକୁ ପୂରି ଯାଇଛି ଏକମାସ। ୨୨ ବର୍ଷୀୟା ମହସା ଆମିନିଙ୍କ ହାଜତ ମୃତ୍ୟୁ ପରେ ଦେଶବ୍ୟାପୀ ଆରମ୍ଭ ହୋଇଥିବା ବିକ୍ଷୋଭ ପରବର୍ତ୍ତୀ ସମୟରେ ଜନଆନ୍ଦୋଳନର ରୂପ ନେଇଥିଲା। ଲୋକଙ୍କୁ ପ୍ରତିବାଦରୁ ହଟାଇବା ପାଇଁ ପୋଲିସ ସେମାନଙ୍କ ଉପରକୁ ଗୁଳି ଫୁଟାଇବାକୁ ମଧ ପଛାଉ ନାହିଁ। ଏଥିରେ ଶତାଧିକ ନିରୀହଙ୍କ ମୃତ୍ୟୁ ଘଟିଛି। ଆନ୍ଦୋଳନକୁ ଅଧିକମାତ୍ରାରେ ସମର୍ଥନ ଜଣାଇଛନ୍ତି ଇରାନ୍‌ର ଆଥ୍‌ଲେଟ୍, ସେଲିବ୍ରିଟି ଓ ସିଙ୍ଗର। ସମର୍ଥନ ପାଇଁ ଇରାନ୍ ମିଲିଟାରି ଏମାନଙ୍କୁ ଟାର୍ଗେଟ କରିଥିବା ମଧ ଦେଖିବାକୁ ମିଳିଛି। ଅନେକଙ୍କ ପାସ୍‌ପୋର୍ଟ ଛଡ଼ାଇ ନିଆଯାଇଥିବାବେଳେ ୭ରୁ ଊର୍ଦ୍ଧ୍ୱ ସେଲିବ୍ରିଟିଙ୍କୁ ଦେଶ ମଧ୍ୟରେ ଅଟକ ରଖାଯାଇଛି। ଆନ୍ଦୋଳନବେଳେ ଇରାନୀ ସିଙ୍ଗର ଶେରଭିନ୍ ହାଜିପୋର ପୋଲିସ ବିରୋଧରେ ଗୀତ ଗାଇବା ନେଇ ତାଙ୍କୁ ଗିରଫ କରାଯାଇଥିଲା। କିଛିଦିନ ସେ ଜେଲରେ ରଖିବା ପରେ ଅକ୍ଟୋବର ୪ରେ ତାଙ୍କୁ ଜାମିନ୍ ମିଳିଥିଲା। ଇରାନ୍‌ର ଲୋକପ୍ରିୟ ସିଙ୍ଗର ହୋମାୟୁନ୍ ଶାଜାରିଆନ ଅଷ୍ଟ୍ରେଲିଆରେ ଏକ ଷ୍ଟେଜ୍ ଶୋ' କରିବା ସମୟରେ ଆମିନିଙ୍କ ଏକ ବିରାଟ ଫଟୋ ପ୍ରୋଜେକ୍ଟରରେ ଲଗାଇଥିଲେ। ଏହାସହ ଏକ ଟ୍ରାଡିସ୍‌ନାଲ ଗୀତ ଗାଇଥିଲେ। ସେଠାରେ ଉପସ୍ଥିତ ଦର୍ଶକ ଶାଜାରିଆନଙ୍କ ଗୀତକୁ ତାଙ୍କ ସହ ଦୋହରାଇଥିବା ଦେଖିବାକୁ ମିଳିଥିଲା। କିନ୍ତୁ ସେ ଇରାନ୍ ଫେରିବା ପରେ ଏୟାରପୋର୍ଟରେ ପୋଲିସ ତାଙ୍କ ପାସ୍‌ପୋର୍ଟ ଜବତ କରିନେଇଥିଲେ। ମ୍ୟୁଜିକ୍ ଶୋ' ପାଇଁ ତାଙ୍କ ସହ ଯାଇଥିବା ଅଭିନେତ୍ରୀଙ୍କୁ ମଧ ସମାନ ଦଣ୍ଡ ଭୋଗିବାକୁ ପଡ଼ିଥିଲା। ଏ ସମ୍ପର୍କରେ ନିଜ ଇନ୍‌ଷ୍ଟାଗ୍ରାମରେ ଶାଜାରିଆନ ଭିଡିଓ ଶେୟାର କରିଥିଲେ। ସମାନ ଭାବେ ଫୁଟବଲ ଖେଳାଳି ଅଲି ଦାଇଙ୍କ ପାସ୍‌ପୋର୍ଟ ବଳପୂର୍ବକ ଛଡ଼ାଇ ନିଆଯାଇଥିବାବେଳେ ହିଜାବ୍ ବିରୋଧୀ ଆନ୍ଦୋଳନ ପ୍ରସଙ୍ଗରେ ସୋସିଆଲ ମିଡିଆରେ କୌଣସି ପୋଷ୍ଟ ନ କରିବା ପାଇଁ ଇରାନ୍ ସରକାରଙ୍କ ପକ୍ଷରୁ ଅଭିନେତ୍ରୀ ହେଡିହ ତେହରାନିଙ୍କୁ ଚେତାବନୀ ଦେଇଥିଲା। ଖାଲି ଇରାନ୍‌ର ଲୋକପ୍ରିୟ ସେଲିବ୍ରିଟି ନୁହନ୍ତି, ବିଦେଶୀ କଳାକାର ଦୁଆଲିପା, ଆଞ୍ଜେଲିନା ଜୋଲି ଏବଂ ଶକିରା ସୋସିଆଲ ମିଡିଆରେ ଇରାନ୍‌ରେ ହିଜାବ ବିରୋଧୀ ପ୍ରଦର୍ଶନକାରୀଙ୍କ ଫଟୋ ଶେୟାର କରିଛନ୍ତି।

### ଇରାନ୍‌ରେ ହିଜାବ୍ ବିରୋଧୀ ଆନ୍ଦୋଳନକୁ ମାସେ

ଭୁଲ ଢଙ୍ଗରେ ହିଜାବ ପିନ୍ଧିବା ନେଇ ଆମିନିଙ୍କୁ ପୋଲିସ ଗିରଫ କରିଥିଲା। ହାଜତରେ ଥିବା ସମୟରେ ସେ ଚେତାଶୂନ୍ୟ ହୋଇଯାଇଥିବାବେଳେ ସେପ୍ଟେମ୍ବର ୧୬ରେ ତାଙ୍କ ମୃତ୍ୟୁ ହୋଇଥିଲା। ଆମିନିଙ୍କ ମୃତ୍ୟୁର ଗୋଟିଏ ଦିନ ପରେ ଅର୍ଥାତ୍ ସେପ୍ଟେମ୍ବର ୧୭ରୁ ଇରାନ୍‌ର ବିଭିନ୍ନ ସ୍ଥାନରେ ମହିଳାମାନଙ୍କ ଦ୍ୱାରା ହିଜାବ ବିରୋଧୀ ଆନ୍ଦୋଳନ ଆରମ୍ଭ ହୋଇଥିଲା। ଏହାର ଦୁଇଦିନ ପରେ ଏହି ଆନ୍ଦୋଳନ ଇରାନ୍‌ରେ ଜନଆନ୍ଦୋଳନର ରୂପ ନେଇଥିଲା। ଓସ୍‌ଲୋରେ ଥିବା ଏନ୍‌ଜିଓର ତଥ୍ୟ ଅନୁସାରେ ଅଦ୍ୟାବଧି ଏହି ଆନ୍ଦୋଳନରେ ୨୧୦ଜଣ ବିକ୍ଷୋଭକାରୀଙ୍କ ମୃତ୍ୟୁ ହୋଇଛି। ୧୨୦୦ରୁ ଊର୍ଦ୍ଧ୍ୱ ବିରୋଧ ପ୍ରଦର୍ଶନକାରୀ ଗିରଫ ହୋଇଥିବାବେଳେ ସେମାନଙ୍କ ମଧ୍ୟରେ ୨୦ଜଣ ଖବରଦାତା ସାମିଲ ଥିବା ଜଣାପଡ଼ିଛି।

# ଉର୍ବଶୀଙ୍କୁ କଟାକ୍ଷ



ମୁମ୍ବାଇ

ଅଭିନୟ ଛଡ଼ା ଅନେକ ସମୟରେ ସୋସିଆଲ ମିଡିଆ ପୋଷ୍ଟ ପାଇଁ ସମାଲୋଚନାର ଶିକାର ହୋଇଥାନ୍ତି ବଲିଉଡ୍ ଅଭିନେତ୍ରୀ ଉର୍ବଶୀ ରଉତେଲା । ଇରାନ୍‌ରେ ହିଜାବ୍ ବିରୋଧୀ ଆନ୍ଦୋଳନ ଚାଲିଥିବାବେଳେ ବିକ୍ଷୋଭକାରୀଙ୍କୁ ସମର୍ଥନ ଜଣାଇବା ପାଇଁ ଉର୍ବଶୀ କେଶ କାଟିଛନ୍ତି। ଏହାର ଫଟୋ ମଧ ସେ ସୋସିଆଲ ମିଡିଆରେ ଶେୟାରୁ କରିଛନ୍ତି। ତେବେ ଏହି ଫଟୋ ନେଇ ନାୟିକାଙ୍କୁ ଏବେ ଟ୍ରୋଲ୍ ହେବାକୁ ପଡ଼ିଛି। କେଶ କାଟିବାର ଫଟୋ ଶେୟାର କାରିବା ସହ ଇରାନ୍‌ରେ ଜାରିଥିବା ହିଜାବ୍ ବିରୋଧୀ ଆନ୍ଦୋଳନରେ ସାମିଲ ହେବା ଲାଗି ଦେଶର ପ୍ରତ୍ୟେକ ମହିଳାଙ୍କୁ ନିଜ ଫଟୋ କ୍ୟାପ୍ସନ ଜରିଆରେ କହିଥିଲେ। ଉର୍ବଶୀଙ୍କ କେତେଜଣ ଫ୍ୟାନ୍ ତାଙ୍କ ଏ ପ୍ରକାର କାର୍ଯ୍ୟ ପାଇଁ ପ୍ରଶଂସା କରିଥିବାବେଳେ ବହୁ ୟୁଜର୍ସ ଉର୍ବଶୀଙ୍କୁ ସମାଲୋଚନା କରିଛନ୍ତି। ବର୍ତ୍ତମାନ ଏହି କେଶ କାଟିବା ପ୍ରସଙ୍ଗକୁ ନେଇ ନାୟିକାଙ୍କୁ ସୋସିଆଲ ମିଡିଆରେ ଟ୍ରୋଲ ହେବାକୁ ପଡ଼ିଛି। ହିନ୍ଦୀ ଫିଲ୍ମ 'ଭର୍ଜିନ ଭାନୁପ୍ରିୟା'ରେ ଶେଷଥର ପାଇଁ ଉର୍ବଶୀ ବଡ଼ ପରଦାରେ ଦେଖାଯାଇଥିଲେ। ତେବେ ଆଗାମୀ ଦିନରେ ତାଙ୍କ ଅଭିନୀତ ତାମିଲ ଫିଲ୍ମ 'ଦ ଲିଜେଣ୍ଡ' ରିଲିଜ୍ ଅପେକ୍ଷାରେ ଥିବାବେଳେ ହିନ୍ଦୀ ଚଳଚ୍ଚିତ୍ର ' ଦିଲ୍ ହୈ ଗ୍ରେ' ଆଗାମୀ ଦିନରେ ମୁକ୍ତିଲାଭ କରିବ ।

# ଦୀପାବଳି ଉପଲକ୍ଷେ କର୍ମଚାରୀଙ୍କୁ କାର୍ ଓ ବାଇକ ଭେଟି




**ଚେନ୍ନାଇ:** ଚେନ୍ନାଇର ଚେନ୍ ଚଲ୍ଲାନି ଜୁଏଲେରୀର ମାଲିକ ଜୟନ୍ତୀ ଲାଲ ଚାୟାନ୍ତି ଦୀପାବଳି ଉପଲକ୍ଷେ ତାଙ୍କ କର୍ମଚାରୀମାନଙ୍କୁ କାର୍ ଓ ବାଇକ୍ ଭେଟି ଦେଇଛନ୍ତି। ଏ ନେଇ ଜୟନ୍ତୀ ପାଖାପାଖି ୧.୨ କୋଟି ଟଙ୍କା ଖର୍ଚ୍ଚ କରିଥିବା କୁହାଯାଉଛି। କର୍ମଚାରୀଙ୍କ ପାଇଁ ସେ ୮ଟି କାର୍ ଓ ୧୮ଟି ବାଇକ୍ କିଣିଛନ୍ତି। ଭଲ, ମନ୍ଦ ସମୟରେ ଏହି କର୍ମଚାରୀମାନେ ଜୟନ୍ତୀଙ୍କ ସହ କାମ କରୁଥିବାବେଳେ କାମପ୍ରତି ସେମାନଙ୍କ ଆଗ୍ରହ ବଢ଼ାଇବା ପାଇଁ ତାଙ୍କୁ ଏ ସବୁ ଜିନିଷ ଉପହାର ସ୍ୱରୂପ ଦିଆଯାଉଛି। ପରିବାର ଭଳି ସେମାନେ ଗୋଟିଏ ଜାଗାରେ କାମ କରୁଥିବା ସେ କହିଛନ୍ତି।

# ମୋ ଚକୋଲେଟ୍ ମା'ଚୋରି କରୁଛନ୍ତି, ତାଙ୍କୁ ଜେଲ୍ ପଠାଇଦିଅ



**ଭୋପାଳ:** ମଧ୍ୟପ୍ରଦେଶ ବହରମନପୁରରୁ ଏକ କୌତୁହଳ ଘଟଣା ସାମ୍ନାକୁ ଆସିଛି। ମା' ମାଡ଼ ମାରିବା କାରଣରୁ ୩ ବର୍ଷର ସଦ୍ଦାମ ଦଦତଲାଇ ଥାନା ଯାଇ ଅଭିଯୋଗ କରିଛନ୍ତି। ବାପାଙ୍କ ସହ ଥାନାକୁ ଯାଇ ସଦ୍ଦାମ କହିଥିଲେ ଯେ, ମୋ ମା' ମୋତେ ମାଡ଼ ମାରୁଛନ୍ତି ଓ ମୋର ସବୁ ଚକୋଲେଟ୍ ଚୋରି କରି ନେଉଛନ୍ତି। ତାଙ୍କୁ ଜେଲ୍‌ରେ ବନ୍ଦ କରିଦିଅ। ସଦ୍ଦାମଙ୍କ ବାପା ଘଟଣା ସମ୍ପର୍କରେ ସମ୍ପୂର୍ଣ୍ଣ ବିବରଣୀ ଦେଇ କହିଥିଲେ, ସଦ୍ଦାମଙ୍କୁ ତାଙ୍କ ମା' କଳା ଲଗାଇଦେବା ପାଇଁ କହିଥିଲେ। କିନ୍ତୁ ସଦ୍ଦାମ କଳା ନ ଲଗାଇବାକୁ ଜିଦ୍ କରିଥିଲେ। ଏ ନେଇ ମା' ତାଙ୍କୁ ଏକ ଚାପୁଡ଼ା ମାରିଥିଲେ। ଏତିକିରେ ହିଁ ସେ କାନ୍ଦିଥିଲେ। ମା'ଙ୍କ ନାଁରେ ଥାନାରେ ଅଭିଯୋଗ କରିବା ପାଇଁ ସେ ଜିଦ୍ କରିଥିଲେ, ତାଙ୍କ ବାପା ସଦ୍ଦାମଙ୍କୁ ଥାନା ନେଇ ଯାଇଥିଲେ। ଦଦତଲାଇ ଥାନା ଏସ୍ଆଇ ସଦ୍ଦାମଙ୍କ ମନ ରଖିବା ପାଇଁ ଅଭିଯୋଗ ଲେଖିଥିଲେ। ପରେ ଥାନା କର୍ତ୍ତୃପକ୍ଷ ତାଙ୍କୁ ବୁଝେଇ ଘରକୁ ପଠେଇ ଥିଲେ।

# ବ୍ରାଜିଲ, ଆମେରିକା କ୍ୱାର୍ଟର ଫାଇନାଲରେ

ଭୁବନେଶ୍ୱର, ୧୭।୧୦
(କ୍ରୀଡ଼ା ପ୍ରତିନିଧି)

ଭାରତର ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍ ପଦାର୍ପଣ ଅଲୋଡ଼ା ରେକର୍ଡ ସହ ଶେଷ ହୋଇଛି। ନିଜର ପ୍ରଥମ ବିଶ୍ୱକପରେ ଭାରତ ୩ଟି ଯାକ ମ୍ୟାଚ ହାରି ଅଭିଯାନ ଶେଷ କରିଛି। ପ୍ରଥମ ମ୍ୟାଚରେ ଆମେରିକାଠାରୁ ୦-୮, ଦ୍ୱିତୀୟ ମ୍ୟାଚରେ ମରକ୍କୋଠାରୁ ୦-୩ ଗୋଲରେ ହାରିଥିବା ଭାରତ ସୋମବାର ତୃତୀୟ ମ୍ୟାଚରେ ବ୍ରାଜିଲଠାରୁ ୦-୫ ଗୋଲରେ ହାରିଯାଇଛି। ଆଲିନେ ଓ ଲାରାଙ୍କ ଡବଲ ଗୋଲ ବଳରେ ବ୍ରାଜିଲ ବିଜୟ ମୁକୁଟ ପିନ୍ଧିବା ସହ ନକ୍‌ଆଉଟରେ ପ୍ରବେଶ କରିଛି। ଏଥିସହ ପ୍ରତିଯୋଗିତାର ଭୁବନେଶ୍ୱର ପର୍ଯ୍ୟାୟ ମଧ୍ୟ ଶେଷ ହୋଇଛି। ଗ୍ରୁପ୍ 'ଏ'ରୁ ଆମେରିକା ଓ ବ୍ରାଜିଲ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ଗୋଆର ମାର୍ଗାଓରେ ଅନୁଷ୍ଠିତ ଅନ୍ୟ ଏକ ଗ୍ରୁପ୍ 'ଏ' ମ୍ୟାଚରେ ଆମେରିକା ୪-୦ ଗୋଲରେ ମରକ୍କୋକୁ ପରାସ୍ତ କରିଛି। ଫଳରେ ଏହି ଗ୍ରୁପ୍‌ରେ ଆମେରକା ପ୍ରଥମ ଓ ବ୍ରାଜିଲ ଦ୍ୱିତୀୟ ସ୍ଥାନୀୟ ଦଳଭାବେ କ୍ୱାର୍ଟର ଫାଇନାଲରେ ପହଞ୍ଚିଛନ୍ତି। ମ୍ୟାଚରେ ଜର୍ସି ପରିବର୍ତ୍ତନ କରି ଖେଳିଥିଲା ଭାରତ। ଭାରତକୁ କମଳା ଏବଂ ବ୍ରାଜିଲକୁ ବ୍ଲୁ ଜର୍ସି ଦିଆ ଯାଇଥିଲା। ଜର୍ସିର ରଙ୍ଗ ବଦଳିଥିଲେ ହେଁ ଭାରତୀୟ ଦଳର ଭାଗ୍ୟ ପରିବର୍ତ୍ତନ ହୋଇ ନ ଥିଲା। ପୂର୍ବାନୁମାନ ଅନୁସାରେ ବ୍ରାଜିଲ ଆରମ୍ଭରୁ ଆଧିପତ୍ୟ ବିସ୍ତାର କରି ଖେଳିଥିଲା।


ଭାରତ ଓ ବ୍ରାଜିଲ୍ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ଏକ ଉତ୍କଣ୍ଠାପୂର୍ଣ୍ଣ ମୁହୂର୍ତ୍ତ।

**୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ**

**ପରାଜୟରେ ହ୍ୟାଟ୍ରିକ ସହ ଭାରତର ଅଭିଯାନ ଶେଷ**

ଏହି ଦଳର ଖେଳାଳିମାନେ ଭାରତୀୟ ଗୋଲପୋଷ୍ଟ ଉପରେ କ୍ରମାଗତ ଆକ୍ରମଣ କରିଥିଲେ। ଅନ୍ୟପକ୍ଷରେ ଭାରତୀୟ ରକ୍ଷଣଭାଗ ବଲ୍‌କୁ ରୋକିବା ଏବଂ କ୍ଲିୟର କରିବାରେ ବ୍ୟସ୍ତ ରହିଥିଲା। ୧୧ତମ ମିନିଟରେ ଆଲିନେଙ୍କଠାରୁ ପାସ୍ ପାଇଥିବା ଗାବି ବେର୍ଟୋନ ବଲ୍‌କୁ ନିଜ ନିୟନ୍ତ୍ରଣକୁ ଆଣି ଗୋଲ ଦେବା ପ୍ରକ୍ରିୟା ଆରମ୍ଭ କରିଥିଲେ। ଶଟ୍‌ର ବେଗ ତୀବ୍ର ଥିବାରୁ ବଲ୍‌ଟି ଭାରତୀୟ ଗୋଲକିପର କେଇଶାମ ମେଲୋଡ଼ିଙ୍କ ହାତରେ ବାଜିଥିଲେ ମଧ୍ୟ ନେଟକୁ ଛୁଇଁଥିଲା। ଏହାପରେ କିନ୍ତୁ ମେଲୋଡି ଏକାଧିକଥର ଚମତ୍କାର ସେଭ୍ କରି ଦର୍ଶକଙ୍କ ମନ ଜିତିଥିଲେ। ୩୪ତମ ମିନିଟରେ କାଜଲଙ୍କ ହ୍ୟାଣ୍ଡବଲ ଯୋଗୁ ଫ୍ରି-କିକ୍ ପାଇଥିଲା ବ୍ରାଜିଲ। ମାତ୍ର ଗାବ୍ରିଏଲ ବେର୍ଟୋନଙ୍କ ରାଇଟ୍ ଫୁଟ୍ ଶଟ୍ ଗୋଲପୋଷ୍ଟ ବାହାରେ ଚାଲି ଯାଇଥିଲା। ତେବେ ବ୍ରାଜିଲ ଆକ୍ରମଣ ପ୍ରକ୍ରିୟା ବଳବତ୍ତର ରଖିଥିଲା। ୪୦ତମ ମିନିଟରେ ଆନା ଫ୍ଲାଭିଆଙ୍କ ପାସ୍‌କୁ ଗୋଲରେ ପରିଣତ କରିଥିଲେ ୭ ନମ୍ବର ଜର୍ସି ପରିହିତ ଆଲିନେ। ଫଳରେ ପ୍ରଥମାର୍ଦ୍ଧ ଶେଷ ବେଳକୁ ବ୍ରାଜିଲ ୨-୦ ଗୋଲରେ ଅଗ୍ରଣୀଲାଭ କରିଥିଲା।

ପଛ ପରିବର୍ତ୍ତନ ହୋଇଥିଲେ ହେଁ ଭାରତର ପ୍ରଦର୍ଶନରେ ବିଶେଷ ଉନ୍ନତି ଆସି ନ ଥିଲା। ଦ୍ୱିତୀୟାର୍ଦ୍ଧ ଆରମ୍ଭ ହେବାର ୬ ମିନିଟ ପରେ ଅର୍ଥାତ୍ ୫୧ତମ ମିନିଟରେ ଆଲିନେ ବ୍ୟକ୍ତିଗତ ଏବଂ ବ୍ରାଜିଲ ପକ୍ଷରୁ ୩ୟ ଗୋଲଟି ସ୍କୋର କରିଥିଲେ। ରିବେକାଙ୍କଠାରୁ ପାଇଥିବା ପାସ୍‌ର ସେ ସଦୁପଯୋଗ କରିଥିଲେ। ମ୍ୟାଚର ଶେଷ ପର୍ଯ୍ୟାୟରେ ଅର୍ଥାତ୍ ୮୬ତମ ମିନିଟରେ ବ୍ରାଜିଲର ୧୭ ଜର୍ସି ପରିହିତ ଲାରା ଦଳ ପକ୍ଷରୁ ୪ର୍ଥ ଗୋଲଟି ଦେଇଥିଲେ। କେବଳ ସେତିକି ନୁହେଁ ଇଞ୍ଜୁରି ଟାଇମ୍ ୯୦+୩ ମିନିଟରେ ଲାରା ବ୍ୟକ୍ତିଗତ ଦ୍ୱିତୀୟ ଓ ବ୍ରାଜିଲ ପକ୍ଷରୁ ୫ମ ଗୋଲ ସ୍କୋର କରିଥିଲେ।

## କଳିଙ୍ଗ କର୍ଣ୍ଣର

### କଳିଙ୍ଗରେ ସଫଳ 'ଭାର୍'

୧୭ ବର୍ଷରୁ କମ୍ ଫିଫା ବିଶ୍ୱକପ୍‌ର କଳିଙ୍ଗ ଷ୍ଟାଡିୟମରେ ମୋଟ୍ ୬ଟି ମ୍ୟାଚ୍ ଅନୁଷ୍ଠିତ ହୋଇଛି। ୧୧ ଓ ୧୪ ତାରିଖରେ ୪ଟି ମ୍ୟାଚ୍ ଆୟୋଜନ ହୋଇଥିଲେ ହେଁ ମ୍ୟାଚ୍‌ରେ ଭିଡିଓ ଆସିଷ୍ଟାଣ୍ଟ ରେଫରି (ଭାର୍)ର ସହାୟତା ଆବଶ୍ୟକ ପଡ଼ି ନ ଥିଲା। ମାତ୍ର ସୋମବାର ଅନୁଷ୍ଠିତ ନାଇଜେରିଆ-ଚିଲି ମ୍ୟାଚ୍‌ର ୮୫ତମ ମିନିଟ୍‌ରେ ପ୍ରଥମଥର ପାଇଁ ଏହାର ଆବଶ୍ୟକ ପଡ଼ିଥିଲା। ନାଇଜେରିଆ ଗୋଲପୋଷ୍ଟ ନିକଟରେ ଓମାମୁଜୁ ଇଡାଫେ ହ୍ୟାଣ୍ଡବଲ କରିଥିଲେ। ଇଟାଲିଆନ ରେଫରି ମାରିଆ ଫେରେରିଙ୍କ ନଜରରୁ ଏହା ଖସିଯାଇଥିଲେ ହେଁ ଚିଲି ଖେଳାଳି ଭାର୍ (ଭିଡିଓ ଆସିଷ୍ଟାଣ୍ଟ ରେଫରି) ଦାବି କରିଥିଲେ। ରେଫରି ରେଫରାଲ ସଙ୍କେତ ଦେଇ ଭିଡିଓ ଫୁଟେଜ ଦେଖିବା ପାଇଁ ପଡ଼ିଆ ଛାଡ଼ିଥିଲେ। ୫ ମିନିଟ ପରେ ଅର୍ଥାତ୍ ୯୦ତମ ମିନିଟରେ ପଡ଼ିଆରେ ପ୍ରବେଶ କରି ସେ ଇଡାଫେଙ୍କୁ ୟେଲୋ କାର୍ଡ ଦେଖାଇବା ସହ ପେନାଲ୍ଟି ଶଟ୍ ସଙ୍କେତ ଦେଇଥିଲେ। ଅର୍ଥାତ୍ ଚିଲି ଖେଳାଳିଙ୍କ ଦାବି ସଫଳ ହୋଇଥିଲା। ୯୦+୧ ମିନିଟ୍‌ରେ ଚିଲିର ଟାଲି ରୋଭନେର କୌଣସି ତ୍ରୁଟି ନ କରି ଗୋଲସ୍କୋର କରିଥିଲେ।

**ନୃତ୍ୟରେ କମ୍ପିଲା ଷ୍ଟାଡିୟମ**

ସୋମବାର ଚିଲି-ନାଇଜେରିଆ ମ୍ୟାଚର ଶେଷ ପର୍ଯ୍ୟାୟରେ କିସ୍‌ର ଛାତ୍ରୀମାନେ ଷ୍ଟାଡିୟମରେ ପ୍ରବେଶ କରିଥିଲେ। ସ୍କୁଲପିଲାଙ୍କୁ ବିଶ୍ୱକପ୍ ଦେଖାଇବା କାର୍ଯ୍ୟକ୍ରମର ଏହା ଏକ ଅଂଶବିଶେଷ ଥିଲା। ଏହି ମ୍ୟାଚ୍ ଶେଷ ହେବାପରେ ଏବଂ ଭାରତ-ବ୍ରାଜିଲ ମ୍ୟାଚ୍ ଆରମ୍ଭ ପୂର୍ବରୁ ଫାଙ୍କା ସମୟରେ କୋଳାହାଳ ସହ ମ୍ୟୁଜିକ୍‌ର ତାଳେ ତାଳେ ନୃତ୍ୟକରି ଷ୍ଟାଡିୟମ ପ୍ରକମ୍ପିତ କରିଥିଲେ କିସ୍‌ର ଛାତ୍ରୀମାନେ। ଏହା ଅବଶିଷ୍ଟ ଦର୍ଶକ ଏବଂ ଫିଫାର କର୍ମକର୍ତ୍ତାଙ୍କୁ ମନୋରଞ୍ଜନର ବେଶ୍ ଖୋରାକ ଯୋଗାଇଥିଲା। ଅନେକେ ଏହି ନୃତ୍ୟକୁ ନିଜ ମୋବାଇଲରେ ରେକର୍ଡିଂ ମଧ୍ୟ କରିବାକୁ ଭୁଲି ନ ଥିଲେ। ପିଲାମାନେ ମ୍ୟୁଜିକ୍ ଏବଂ ଖେଳ ଉଭୟକୁ ମନଭରି ଉପଭୋଗ କରିଥିଲେ। ତା'ସହ ଭାରତୀୟ ଖେଳାଳିଙ୍କୁ ଉତ୍ସାହିତ ମଧ୍ୟ କରିଥିଲେ।


କଳିଙ୍ଗ ଷ୍ଟାଡିୟମ୍‌ରେ ୧୭ ବର୍ଷରୁ କମ୍ ମହିଳା ବିଶ୍ୱକପ୍ ଫୁଟବଲକୁ ଉପଭୋଗ କରୁଛନ୍ତି ଛାତ୍ରୀଛାତ୍ର।

# ଚିଲିକୁ ହରାଇଲା ନାଇଜେରିଆ

ଭୁବନେଶ୍ୱର, ୧୭।୧୦
(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ସୋମବାର ଅନୁଷ୍ଠିତ ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍‌ର ଏକ ଗ୍ରୁପ୍ 'ବି' ମ୍ୟାଚ୍‌ରେ ନାଇଜେରିଆ ୨-୧ ଗୋଲରେ ଚିଲିକୁ ପରାସ୍ତ କରିଛି। ଫଳରେ ଏହି ଗ୍ରୁପ୍‌ରୁ ଦ୍ୱିତୀୟ ଦଳ ଭାବେ ନାଇଜେରିଆ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଏହି ଦଳ ୩ ମ୍ୟାଚ୍‌ରୁ ୨ଟି ବିଜୟ ସହ ୬ ପଏଣ୍ଟ ପାଇ ଟେବୁଲର ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ପୂର୍ବରୁ ଜର୍ମାନୀ ନକ୍‌ଆଉଟରେ ପ୍ରବେଶ କରିଥିଲା। ଅନ୍ୟପକ୍ଷରେ ଦ୍ୱିତୀୟ ଥର ବିଶ୍ୱକପ୍ ଖେଳିବା ସୁଯୋଗ ପାଇଥିବା ଚିଲିର ଅଭିଯାନ ଗ୍ରୁପ୍ ପର୍ଯ୍ୟାୟରୁ ଶେଷ ହୋଇଯାଇଥିଲା। ନାଇଜେରିଆର ୧୭ ନମ୍ବର ଜର୍ସି ପରିହିତ ଓପେୟେମି ଆଜାକାୟେ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଗୋଆର ମାର୍ଗାଓରେ ଅନୁଷ୍ଠିତ ଅନ୍ୟ ଏକ ଗ୍ରୁପ୍ 'ବି' ମ୍ୟାଚ୍‌ରେ ଜର୍ମାନୀ ୩-୧ ଗୋଲରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଛି। ହାଟ୍ରିକ ବିଜୟ ସହ ଜର୍ମାନୀ ଗ୍ରୁପ୍ 'ବି'ର ନମ୍ବର ୱାନ୍ ଦଳ ହୋଇଛି।

ଚିଲି ଉପରେ ଆରମ୍ଭରୁ ଭାରି ପଡ଼ିଥିଲା ନାଇଜେରିଆ। ପ୍ରଥମ ମିନିଟ୍‌ରେ ହିଁ ଆକ୍ରମଣାତ୍ମକ ଆଭିମୁଖ୍ୟ ନେଇ ଚିଲି ଗୋଲପୋଷ୍ଟରେ ବଲ୍ ପହଞ୍ଚାଇଥିଲା ଏହି ଆଫ୍ରିକୀୟ ଦଳ। ଏହାର ସୁଫଳ ମଧ୍ୟ ଦଳକୁ ମିଳିଥିଲା। ୪ର୍ଥ ମିନିଟ୍‌ରେ ଓପେୟେମିଙ୍କଠାରୁ ପାଇଥିବା ପାସ୍‌କୁ ଅଧିନାୟିକା ବ୍ଲେସିଂ ଇମାନୁଏଲ ଗୋଲରେ ପରିଣତ କରିଥିଲେ। ବ୍ଲେସିଂଙ୍କ ରାଇଟ୍ ଫୁଟ୍ ଶଟ୍ ଚିଲି ଗୋଲପୋଷ୍ଟର ଲେଫ୍ଟ କର୍ନର ନିମ୍ନଭାଗ ସ୍ପର୍ଶ କରିଥିଲା। ଗୋଲକିପର ଆଲଭାରାଡୋ କାଟାଲିନା ପୂରାଦମ୍‌ରେ ଡାଇଭ୍ ମାରିଥିଲେ ହେଁ ବଲ୍ ନିକଟରେ ପହଞ୍ଚିପାରି ନ ଥିଲେ। ବିପଜ୍ଜନକ ପ୍ରଦର୍ଶନ ପାଇଁ ୧୬ତମ ମିନିଟ୍‌ରେ ଆମିନା ବେଲୋ ୟେଲୋ କାର୍ଡ ପାଇଥିଲେ। ୧୭ତମ ମିନିଟ୍‌ରେ ନାଇଜେରିଆ ଆଉ ଏକ ଗୋଲ ଦେବାର ନିକଟତର ହୋଇଥିଲା। ଓପେୟେମିଙ୍କ ଥ୍ରୋ ପାସ୍‌କୁ ନିୟନ୍ତ୍ରଣକୁ ଆଣି ଆମିନା ବେଲୋ ଚିଲି ଗୋଲପୋଷ୍ଟକୁ ଟାର୍ଗେଟ କରିଥିଲେ। ଗୋଲକିପର ଦୂରରେ ଥିବାରୁ ଗୋଲ ହେବାର ଯଥେଷ୍ଟ ସମ୍ଭାବନା ଥିଲା। ମାତ୍ର ଚିଲିର ଓଲିଭର କନ୍‌ଷ୍ଟାଞ୍ଜା ଚତୁରତାର ସହ ବଲ୍ କ୍ଲିୟର କରିଦେଇଥିଲେ। ଫଳରେ ଚିଲି ଆଉ ଏକ ଗୋଲ ବରଣରୁ ଅଳ୍ପକେ ବର୍ତ୍ତିଯାଇଥିଲା। ପ୍ରଥମାର୍ଦ୍ଧର ଶେଷଭାଗରେ ଗୋଲ ପରିଶୋଧ ପାଇଁ ଚିଲି ଜୋର୍‌ଦାର ଉଦ୍ୟମ କରିଥିଲା। ଉଭୟ ଦଳ ପକ୍ଷରୁ ଆକ୍ରମଣ ପ୍ରତିଆକ୍ରମଣ ଜାରି ରହିଥିଲେ ହେଁ ଗୋଲ ହୋଇପାରି ନ ଥିଲା। ବିପଜ୍ଜନକ ପ୍ରଦର୍ଶନ ପାଇଁ ନାଇଜେରିଆ ଅଧିନାୟିକା ୪୩ତମ ମିନିଟ୍‌ରେ ୟେଲୋ କାର୍ଡ ପାଇବା ଅନ୍ୟତମ ଚର୍ଚ୍ଚିତ ଘଟଣା ଥିଲା। ପ୍ରଥମାର୍ଦ୍ଧ ଶେଷସୁଦ୍ଧା ନାଇଜେରିଆ ୧-୦ ଗୋଲରେ ଅଗ୍ରଣୀ ରହିଥିଲା।

ଦ୍ୱିତୀୟାର୍ଦ୍ଧ ଆରମ୍ଭରୁ ମଧ୍ୟ ଖେଳ ବେଶ୍ ସଂଘର୍ଷପୂର୍ଣ୍ଣ ରହିଥିଲା। ଚିଲି ଭଲ ଖେଳିଥିଲେ ହେଁ ଫିନିଶିଂ ଅଭାବରୁ ଗୋଲ କରିପାରି ନ ଥିଲା। ୮୨ତମ ମିନିଟ୍‌ରେ ନାଇଜେରିଆ ଆଉ ଏକ ଗୋଲ କରି ଅଗ୍ରଣୀ ବ୍ୟବଧାନକୁ ୨-୦ରେ ପହଞ୍ଚାଇଥିଲା। ଆମିନା ବେଲୋଙ୍କ ପାସ୍‌କୁ ନିୟନ୍ତ୍ରଣକୁ ଆଣି ବିସୋଲା ମୋସାକୁ ଗୋଲପୋଷ୍ଟର ଅତି ନିକଟରୁ ଏହି ଗୋଲଟି ଚତୁରତାର ସହ ସ୍କୋର କରିଥିଲେ। ୮୫ତମ ମିନିଟ୍‌ରେ ନାଇଜେରିଆ ଗୋଲପୋଷ୍ଟ ନିକଟରେ ବଲ୍ ପାଇଁ ସଂଘର୍ଷ ଚାଲିଥିବାବେଳେ ନାଇଜେରିଆର ଓମାମୁଜୁ ଇଡାଫେଙ୍କ ହାତରେ ବଲ୍ ବାଜି ଯାଇଥିଲା। ଇଟାଲିଆନ ରେଫରି ମାରିଆ ଫେରେରିଙ୍କ ନଜରକୁ ଏହା ଆସି ନ ଥିଲା। ମାତ୍ର ଚିଲି ଖେଳାଳିମାନେ ଭାର୍ (ଭିଡିଓ ଆସିଷ୍ଟାଣ୍ଟ ରେଫରି)ର ସହାୟତା ନେଇଥିଲେ। ଭିଡିଓ ଫୁଟେଜ୍ ଦେଖିବା ପାଇଁ ରେଫରି ନିଜେ ପଡ଼ିଆ ଛାଡ଼ିଥିଲେ। ୫ ମିନିଟ୍ ପରେ ଅର୍ଥାତ୍ ୯୦ତମ ମିନିଟରେ ପଡ଼ିଆରେ ପ୍ରବେଶ କରି ସେ ଇଡାଫେଙ୍କୁ ୟେଲୋ କାର୍ଡ ଦେଖାଇବା ସହ ପେନାଲ୍ଟି ଶଟ୍ ସଙ୍କେତ ଦେଇଥିଲେ। ୯୦+୧ ମିନିଟ୍‌ରେ ଚିଲିର ଟାଲି ରୋଭନେର ନାଇଜେରିଆ ଗୋଲକିପର ଓମିଲାନା ଫେଥ୍‌ଙ୍କୁ ଚକ୍‌ମା ଦେଇ ଗୋଲସ୍କୋର କରିଥିଲେ। ଇଞ୍ଜୁରି ଟାଇମ୍ ୯୦+୭ ମିନିଟ୍ ଯାଏ ଖେଳ ଚାଲିଥିଲେ ହେଁ ଚିଲି ଆଉ ଗୋଲ ପରିଶୋଧ କରିପାରି ନ ଥିଲା। ଫଳରେ ନାଇଜେରିଆ ବିଜୟୀ ହୋଇ ଖୁସି ମନାଇଥିଲା।


ମ୍ୟାଚ୍ ହାରିବା ପରେ ଦୁଃଖରେ ମ୍ରିୟମାଣ ଚିଲି ଖେଳାଳି।

# ୧୨୦,୦୦୦ ଛାତ୍ରୀଛାତ୍ର ଦେଖିବେ ବିଶ୍ୱକପ୍

ଭୁବନେଶ୍ୱର, ୧୭।୧୦
(ସ୍ପୋର୍ଟ୍ସ ବ୍ୟୁରୋ)

ଭାରତରେ ଅନୁଷ୍ଠିତ ୧୭ ବର୍ଷରୁ କମ୍ ମହିଳା ବିଶ୍ୱକପକୁ ପ୍ରାୟ ୧ ଲକ୍ଷ ୨୦ ହଜାର ଛାତ୍ରୀଛାତ୍ର ଉପଭୋଗ କରିବେ। ସ୍ଥାନୀୟ ଆୟୋଜକ କମିଟି (ଏଲ୍‌ଓସି) ଏବଂ ଫିଫା ମଧ୍ୟରେ ହୋଇଥିବା ଚୁକ୍ତି ଅନୁସାରେ ସ୍କୁଲ ଛାତ୍ରୀଛାତ୍ରଙ୍କ ପାଇଁ ୩ଟି ଯାକ ଭେନ୍ୟୁରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ବିଶ୍ୱକପ ଆୟୋଜନକୁ ଏକ ସପ୍ତାହ ପୁରିଥିବା ବେଳେ ଦର୍ଶକଙ୍କ ପକ୍ଷରୁ ଏହାକୁ ଢେର ସାରା ଭଲ ପାଇବା ମିଳିଛି। ୩ଟି ଯାକ ଭେନ୍ୟୁରେ କୁନି କୁନି ଦର୍ଶକଙ୍କ ଉପସ୍ଥିତି ଖେଳାଳି ମାନଙ୍କୁ ମଧ୍ୟ ଉତ୍ସାହିତ କରୁଛି। ଏହା ସହିତ ଆଗାମୀ ଦିନରେ ହେବାକୁ ଥିବା ମ୍ୟାଚ ଗୁଡିକରେ ମଧ୍ୟ ଏମିତି ଦୃଶ୍ୟ ଦେଖିବାକୁ ମିଳିବ। ଛାତ୍ରୀ ଛାତ୍ର ମାନଙ୍କ ନାଚ ଗୀତ ଓ ସେଲିବ୍ରେସନ ମୋ ପାଇଁ ଶ୍ରେଷ୍ଠ ମୁହୂର୍ତ୍ତ ଥିଲା ବୋଲି ଫିଫାର ଟୁର୍ନାମେଣ୍ଟ ନିର୍ଦ୍ଦେଶକ ଜେମି ୟାରଜା ପ୍ରକାଶ କରିଛନ୍ତି। କୋଭିଡ କାରଣରୁ ଭାରତରେ ଟୁର୍ନାମେଣ୍ଟ ଆୟୋଜନକୁ ନେଇ ଆଶଙ୍କା ଦେଖା ଦେଇଥିଲା। ତେବେ ସଫଳତାର ସହିତ ଟୁର୍ନାମେଣ୍ଟ ଆୟୋଜନ ଦେଖି ଖୁସି ଲାଗୁଛି।

ଛାତ୍ରୀଛାତ୍ର ମାନଙ୍କୁ ସାମିଲ କରିବା ପାଇଁ କେନ୍ଦ୍ର କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରୀଙ୍କ ସହିତ ଏ ସମ୍ପର୍କରେ ଆଲୋଚନା ହୋଇଥିବା ନେଇ ୟାରଜା କହିଥିଲେ। ୩ ରାଜ୍ୟର କ୍ରୀଡାମନ୍ତ୍ରୀଙ୍କ ସହିତ ଆଲୋଚନା ପରେ ଏହାକୁ କାର୍ଯ୍ୟକାରୀ କରିବା ନେଇ ଯୋଜନା କରାଯାଇଥିଲା। ଭୁବନେଶ୍ୱର ସ୍ଥିତ କଳିଙ୍ଗ ଷ୍ଟାଡିୟମରେ ପ୍ରଥମ ଦିନ ୩ ହଜାର ଛାତ୍ରୀଛାତ୍ର ଖେଳ ଦେଖିଥିବା ବେଳେ ନବି ମୁମ୍ବାଇରେଏହି ସଂଖ୍ୟା ୫୦୦୦-୬୦୦୦ ରହିଥିଲା। ଫାଇନାଲ ବେଳକୁ ଏହ ସଂଖ୍ୟା ଆହୁରି ବୃଦ୍ଧି ପାଇବ। ସେହିପରି ସମଗ୍ର ଟୁର୍ନାମେଣ୍ଟରେ ୧ ଲକ୍ଷ ୨୦ ହଜାର ଛାତ୍ରୀଛାତ୍ର ଟୁର୍ନାମେଣ୍ଟ ଦେଖିବାର ସୁଯୋଗ ପାଇବେ ବୋଲି ଏଲ୍‌ଓସି ନିର୍ଦ୍ଦେଶକ ନନ୍ଦିନୀ ଅରୋରା କହିଛନ୍ତି।

# ଦ୍ୱିତୀୟ ଡିଭିଜନ୍ ସର୍ବଭାରତୀୟ ରଗ୍‌ବି ଚାମ୍ପିୟନଶିପ୍ ଉଦ୍‌ଘାଟିତ

ଭୁବନେଶ୍ୱର, ୧୭।୧୦
(ସ୍ପୋର୍ଟ୍ସ ବ୍ୟୁରୋ)

ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟ ଓ କିଟ୍ ବିଶ୍ୱ ବିଦ୍ୟାଳୟ ପକ୍ଷରୁ ଦ୍ୱିତୀୟ ଡିଭିଜନ୍ ସର୍ବଭାରତୀୟ ରଗବି ଚାମ୍ପିୟନଶିପ୍ ଉଦ୍‌ଘାଟିତ ହୋଇଯାଇଛି। କିଟ୍-କିସ୍ ଆଥଲେଟିକ୍ ଷ୍ଟାଡିୟମରେ ଅକ୍ଟୋବର ୧୭-୨୨ ଯାଏଁ ଏହି ଟୁର୍ନାମେଣ୍ଟଟି ଖେଳାଯିବ। ୬ ପୁରୁଷ ଓ ୫ ମହିଳା ଦଳକ ମିଶାଇ ସମୁଦାୟ ୧୧ ଦଳ ଏଥିରେ ସାମିଲ ହୋଇଛନ୍ତି। ସୋମବାରର ଉଦ୍‌ଘାଟନୀ ଉତ୍ସବରେ ରଗବି ଇଣ୍ଡିଆ ସଭାପତି ରାହୁଲ ବୋଷ୍, କିଟ୍-କିସ୍‌ର ପ୍ରତିଷ୍ଠାତା ତଥା ସାଂସଦ ଅଚ୍ୟୁତ ସାମନ୍ତ, ୱିଣ୍ଟେକ୍ସ ଏକ୍ସପୋର୍ଟସ ନିର୍ଦ୍ଦେଶକ ସଚିନ୍ ମହାଜନ, ରଗ୍‌ବି ଇଣ୍ଡିଆ ବୋର୍ଡ ସଦସ୍ୟ ଅମିତ୍ କୁମାର ଦେ ଓ କିଟ୍ ଏବଂ କିସ୍‌ର କ୍ରୀଡା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାସ ଉପସ୍ଥିତ ରହିଥିଲେ।

ପ୍ରଥମ ଦିନରେ ପୁରୁଷ ବର୍ଗରେ ଭୁବନେଶ୍ୱର ୩୭-୫ରେ ରାଜସ୍ଥାନକୁ, ପଞ୍ଜାବ ୨୭-୧୦ରେ ହରିୟାଣା ବୁଲ୍ସକୁ ପରାସ୍ତ କରିଛି। ଅନ୍ୟପକ୍ଷରେ ମହିଳା ବର୍ଗରେ ୟୁପି ୱାଇଆରସି ୨୭-୦, ରାଜସ୍ଥାନ ୧୦-୫ରେ ଚଣ୍ଡୀଗଡକୁ ହରାଇଥିଲା। ସମସ୍ତ ଖେଳାଳି ଓ ରଗବି ଇଣ୍ଡିଆ ସଭାପତି ରାହୁଲ ବୋଷ ଆୟୋଜନ ପାଇଁ କିଟ୍ ଏବଂ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ। ସେହିପରି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଥିବା ସମସ୍ତ କ୍ରୀଡାବିତଙ୍କୁ ସାମନ୍ତ ଧନ୍ୟବାଦ ଜଣାଇଛନ୍ତି।

# କାର୍ଲସେନଙ୍କୁ ହରାଇଲେ ଗୁକେଶ

ଚେନ୍ନାଇ, ୧୭।୧୦(ପି.ଟି.)


ଡି. ଗୁକେଶ

ଏମ୍‌ଚେସ୍ ରାପିଡ୍ ଅନ୍‌ଲାଇନ୍ ଚେସ୍ ଟୁର୍ନାମେଣ୍ଟର ପ୍ରାଥମିକ ପର୍ଯ୍ୟାୟ ୯ମ ରାଉଣ୍ଡରେ ବିଶ୍ୱ ଚାମ୍ପିୟନ ମାଗ୍ନସ କାର୍ଲସେନ୍‌ଙ୍କୁ ହରାଇ ଦେଇଛନ୍ତି ଭାରତର ଗ୍ରାଣ୍ଡ ମାଷ୍ଟର ଡି. ଗୁକେଶ। ଏହି ସଫଳତା ହାସଲ କରିବାରେ ସେ ସର୍ବକନିଷ୍ଠ ଖେଳାଳି ହେବାର ଗୌରବ ଅର୍ଜନ କରିଛନ୍ତି। ଚେନ୍ନାଇର ଏହି ୧୬ ବର୍ଷୀୟ ଖେଳାଳି ସୋମବାର ଧଳାଦାନରେ ଖେଳି ବିଶ୍ୱ ଚାମ୍ପିୟନଙ୍କୁ ହରାଇବା ପରେ ପଏଣ୍ଟ ଟେବୁଲରେ ପୋଲାଣ୍ଡର ଜାନ୍ କ୍ରିଜିଷ୍ଟଫ୍ ଡୁଡା (୨୫ ପଏଣ୍ଟ) ଓ ଶାଖ୍ରିୟାର ମେମ୍‌ଦ୍ୟାରୋଭ (ଆଜରବୈଜାନ)ଙ୍କ ପଛକୁ ୨୧ ପଏଣ୍ଟ ସହ ତୃତୀୟ ସ୍ଥାନରେ ରହିଛନ୍ତି। ଗୁକେଶ ୨୯ତମ ମୁଭ୍‌ରେ ବିଶ୍ୱଚାମ୍ପିୟନଙ୍କୁ ପରାଜିତ କରିଥିଲେ। ଦିନକ ପୂର୍ବରୁ ଭାରତର ୧୯ ବର୍ଷୀୟ ଅର୍ଜୁନ ଏରିଗାଇସି କାର୍ଲସେନଙ୍କ ବିପକ୍ଷରେ ତାଙ୍କର ପ୍ରଥମ ବିଜୟ ହାସଲ କରିଥିଲେ। ପୂର୍ବରୁ ସର୍ବକନିଷ୍ଠ ଖେଳାଳି ଭାବେ ବିଶ୍ୱ ଚାମ୍ପିୟନଙ୍କୁ ହରାଇବା ରେକର୍ଡ ଭାରତର ଅନ୍ୟ ଜଣେ ସ୍ୱଳ୍ପବୟସ୍କ ଖେଳାଳି ଆର. ପ୍ରଜ୍ଞାନନ୍ଦଙ୍କ ନାମରେ ରହିଥିଲା। ସେ ଗତ ଫେବୃୟାରୀରେ ଆର୍ଥିଙ୍ଗ୍ ମାଷ୍ଟର୍ସରେ ୩୯ତମ ମୁଭ୍‌ରେ ବିଶ୍ୱର ନମ୍ବର ୱାନ୍ କାର୍ଲସେନଙ୍କୁ ପରାସ୍ତ କରିଥିଲେ। ସେତେବେଳ ତାଙ୍କ ବୟସ ୧୬ ବର୍ଷ ୬ ମାସ ୧୦ ଦିନ ରହିଥିଲା। ଗୁକେଶ ୧୬ ବର୍ଷ ୪ ମାସ ୨୦ ଦିନ ବୟସରେ ଏହି ରେକର୍ଡକୁ ଭାଙ୍ଗିଦେଇଛନ୍ତି।

# ଆୟୋଜକ ଦୌଡ଼ରେ ଭାରତ, ସୌଦିଆରବ

ନୂଆଦିଲ୍ଲୀ, ୧୭।୧୦(ପି.ଟି.)

ଏସିଆନ କପ୍ ୨୦୨୭ର ଆୟୋଜନ ଅଧିକାର ପାଇବା ପାଇଁ କେବଳ ଭାରତ ଓ ସୌଦିଆରବ ମଧ୍ୟରେ ପ୍ରତିଯୋଗିତା ହେବ। ଆଗ୍ରହୀ ଥିବା ଅନ୍ୟ ୩ ଦେଶ ସେମାନଙ୍କ ବିଡ୍ ପ୍ରତ୍ୟାହାର କରିନେଇଥିବା ଏସିଆନ୍ ଫୁଟ୍‌ବଲ କନ୍‌ଫେଡେରେଶନ (ଏଏଫ୍‌ସି) ସୋମବାର ଘୋଷଣା କରିଛି। ଯଦି ଭାରତ ବିଡ୍ ଜିତେ ତେବେ ଦେଶ ପ୍ରଥମ ଥର କଣ୍ଟିନେଣ୍ଟାଲ ଇଭେଣ୍ଟ ଆୟୋଜନ କରିବ। ଅନ୍ୟପକ୍ଷରେ ସୌଦିଆରବ ୩ ଥର ଏହି କଣ୍ଟିନେଣ୍ଟାଲ ଟାଇଟଲ ହାସଲ କରିଛ, କିନ୍ତୁ ଥରେ ହେଲେ ସେ ଏହି ଟୁର୍ନାମେଣ୍ଟ ଆୟୋଜନ କରିନାହିଁ। ଉଜ୍‌ବେକିସ୍ତାନ ୨୦୨୦ ଡିସେମ୍ବର ଏବଂ ଇରାନ କିଛିଦିନ ପୂର୍ବରୁ ସେମାନଙ୍କ ବିଡ୍ ପ୍ରତ୍ୟାହାର କରିନେଇଛନ୍ତି। ଟୁର୍ନାମେଣ୍ଟ ଆୟୋଜନ ଲାଗି ଆଗ୍ରହ ପ୍ରକାଶ କରିଥିବା ତୃତୀୟ ରାଷ୍ଟ୍ର ହେଲା କାତାର। ଆସନ୍ତା ବର୍ଷ ଏଏଫ୍‌ସି ଏସିଆନ କପ୍ ଆୟୋଜନ ଅଧିକାର ପାଇବା ସ୍ପଷ୍ଟ ହେବା ପରେ ୨୦୨୭ ସଂସ୍କରଣ ବିଡ୍‌ରୁ ଓହରି ଯାଇଥିଲା। ଚାମ୍ପିୟନଶିପ୍ ଆୟୋଜନ ଅଧିକାର ହାସଲ କରିବା ଦୌଡ଼ରେ ବର୍ତ୍ତମାନ ଦୁଇ ବିଡର ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) ଓ ସୌଦି ଆରବିଆନ ଫୁଟ୍‌ବଲ ଫେଡେରେଶନ (ଏସଏଏଫ୍‌ଏଫ୍) ରହିଲେ ବୋଲି ଏଏଫ୍‌ସି ପକ୍ଷରୁ ଏକ ବିବୃତିରେ ସୂଚନା ଦିଆଯାଇଛି।

**ଏଏଫ୍‌ସି ଏସିଆନ କପ୍ ୨୦୨୭**

ମନେ ପଡ଼ନ୍ତି
ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ସୁବାସ ଚନ୍ଦ୍ର ପାଣିଗ୍ରାହୀ
୫୨୬, ଶହୀଦ ନଗର, ଭୁବନେଶ୍ୱର
ଆବିର୍ଭାବ: ୩୦।୦୯।୧୯୪୩
ତିରୋଧାନ: ୦୮।୧୦।୨୦୨୨
ଚାହୁଁ ଚାହୁଁ ଏଗାର ଦିନ ହୋଇଗଲା। ବାବା ତୁମେ ଆମ୍ଭମାନଙ୍କୁ ଶୋକ ସାଗରରେ ଭସାଇ ଦେଇ ଚାଲିଗଲ। ତୁମର ଅନୁପସ୍ଥିତିକୁ ଆମେ ପ୍ରତିଟି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମ୍ଭ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ ପରିବାରବର୍ଗ: ଧର୍ମପତ୍ନୀ, ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ।
ଧ-୧୭୯୦

ଫ୍ୟାଶନ

# ଷ୍ଟାଇଲିଶ୍ ଦେଖାଯିବାକୁ ହେଲେ



**ଆପଣ ଯେତେ ବିଜି ରହିଲେ ବି ସମୟ ସହ ତାଳଦେଇ ଷ୍ଟାଇଲିଶ୍ ଦେଖାଯିବା ନିହାତି ଜରୁରୀ। ଅନ୍ୟମାନଙ୍କ ସାମ୍ନାରେ ଷ୍ଟାଇଲିଶ୍ ଦେଖାଇବା ଦ୍ୱାରା ନିଜର ଆତ୍ମବିଶ୍ୱାସ ବଢ଼ିଥାଏ। ଏଠାରେ ଆପଣଙ୍କୁ କେତୋଟି ଟିପ୍ସ ଦେଉଛୁ ଯାହାକୁ ଆପଣାଇ ଦେଖାଯିବେ ଷ୍ଟାଇଲିଶ୍...**

**ପ୍ଲାଜୋ ପ୍ୟାଣ୍ଟ**

ଏହା ଆରାମଦାୟକ ହେବା ସହ ଆକର୍ଷଣୀୟ ହୋଇଥାଏ। ଏହାକୁ ନିଜ ଆଉଟ୍‌ଫିଟ୍‌ରେ୍ ନିହାତି ସାମିଲ କରନ୍ତୁ । ଏହା ସହିତ ଆପଣଙ୍କୁ କାଜୁଆଲ୍ ଟପ୍ କିମ୍ବା ପାରମ୍ପରିକ କୁର୍ତ୍ତି ଭଲ ମାନିଥାଏ। ଅକେଜନ୍ ଅନୁଯାୟୀ ଏହାକୁ ପିନ୍ଧନ୍ତୁ ଏବଂ ଟ୍ରେଣ୍ଡି ଦେଖାଯାନ୍ତୁ।

**ମ୍ୟାକ୍ସି ଡ୍ରେସ୍**

ଏହା ପିନ୍ଧିବାକୁ ବହୁତ କମ୍ଫଟେବୁଲ ଲାଗିଥାଏ। ଏହାକୁ ଆପଣ ସବୁ ସିଜନ୍‌ରେ ପିନ୍ଧିପାରିବେ। ସବୁ ବଡି ଟାଇପ୍‌ରେ ଏହା ମାନିଥାଏ। ଏଥିରେ ଫୁଟ୍‌ୱେରରେ ଆପଣ ସ୍ନିକରର୍ସ,ହିଲ୍ସ ଓ ଫ୍ଲାଟ ମଧ୍ୟ ପିନ୍ଧିପାରିବେ।

**ଶର୍ଟସ**

ଯଦି ଆପଣଙ୍କୁ ଶର୍ଟସ ବହୁତ ପସନ୍ଦ ତେବେ ଶର୍ଟ ଟପ୍ ,ଟେକ୍‌ଟପ୍ ଆଦି ପିନ୍ଧିବା ଦ୍ୱାରା ଏହା ଆପଣଙ୍କୁ ଷ୍ଟାଇଲିଶ୍ ଲୁକ୍ ଦେଇଥାଏ।

**ଇଣ୍ଡିଆନ୍ କୁର୍ତ୍ତି**

ଯଦି ଆପଣ ଟ୍ରାଡିସ୍‌ନାଲ ପିନ୍ଧିବାକୁ ପସନ୍ଦ କରୁଛନ୍ତି ତେବେ ଇଣ୍ଡିଆନ୍ କୁର୍ତ୍ତି ସହିତ ଜିନ୍ସ ପ୍ୟାଣ୍ଟ କିମ୍ବା ଲେଗିଙ୍ଗିସ୍ ପିନ୍ଧିପାରିବେ। ଏହାଦ୍ୱାରା ଆପଣ ଅଧିକ ଷ୍ଟାଇଲିଶ୍ ଲାଗିବେ।

**ସ୍କର୍ଟ**

ମହିଳାଙ୍କୁ ନିଜ ବଡି ଟାଇପ୍ ଅନୁଯାୟୀ କପ୍‌ବୋର୍ଡରେ ସ୍କର୍ଟ ରଖିବା ଜରୁରୀ। ଏହାକୁ ଆପଣ ଘର,ଅଫିସ୍ ଓ ଆଉଟିଂରେ ମଧ୍ୟ ପିନ୍ଧିପାରିବେ।

# ବାସନରୁ ଦାଗ ଦୂର କରିବା ପାଇଁ...

ସବୁ ମହିଳା ଚାହାନ୍ତି ତାଙ୍କ ରୋଷେଇ ଘରର ବାସନ ଚକ୍‌ଚକ୍ କରୁ। ଯଦି ବାସନ ପୋଡ଼ିଯାଏ ତାକୁ ସଫା କରିବାକୁ ବହୁ ପରିଶ୍ରମ କଲେ ସୁଦ୍ଧା ସେଥିରୁ ଦାଗ ସହଜରେ ଛାଡ଼େନି। ଏଠାରେ ଆପଣଙ୍କୁ କେତୋଟି ଟିପ୍ସ ଦେଉଛୁ ଯାହାକୁ ଆପଣାଇ ଆପଣ ବାସନକୁ ସହଜରେ ସଫା କରିପାରିବେ।

- ଆଲୁମିନିୟମ ବାସନ ଯଦି ପୋଡ଼ିଯାଇଛି ତାକୁ ସଫା କରିବାକୁ ହେଲେ ସେଥିରେ କିଛି ପାଣି ନେଇ ପିଆଜ ପକାଇ ଫୁଟାନ୍ତୁ। ଏହାପରେ ବାସନ ମଜା ସାବୁନରେ ରଗଡ଼ି ସଫା କରନ୍ତୁ। ଦେଖିବେ ଦାଗ ଛାଡ଼ିଯାଉଛି।
- ପ୍ଲାଷ୍ଟିକ୍ କଣ୍ଟେନରକୁ ସଫା କରିବାକୁ ହେଲେ ଲେମ୍ବୁ ଭଲ କାମ ଦେଇଥାଏ। ଏଥିରୁ ଦୁର୍ଗନ୍ଧ ଦୂରକରିବାକୁ ହେଲେ ଲେମ୍ବୁର ପ୍ରୟୋଗ କରନ୍ତୁ। ଲେମ୍ବୁ ଚୋପାକୁ ରଗଡ଼ି ସେ ପାତ୍ରରେ ଲାଗିଥିବା ଦାଗ ଧୀରେ ଧୀରେ ଦୂରହୋଇଯିବ।
- ବେକିଂ ସୋଡ଼ା ବାସନରେ ୧୦-୧୫ ମିନିଟ୍ ପର୍ଯ୍ୟନ୍ତ ଭିଜାଇ ରଖନ୍ତୁ। ପୁଣି ସୋଡ଼ାକୁ ଗୋଲାକାର ଆକାରରେ ରଗଡ଼ନ୍ତୁ। ଏହାଦ୍ୱାରା ଆପଣଙ୍କ ଦାଗ ସହଜରେ ଦୂର ହୋଇଯିବ।
- ବାସନରୁ ଦାଗ ଦୂରକରିବାକୁ ହେଲେ ଆପଣ ଦହି ମଧ୍ୟ ବ୍ୟବହାର କରିପାରିବେ।

ଖାଦ୍ୟରୁଚି

# ଫ୍ରୁଟ୍ସ କଷ୍ଟାର୍ଡ



**ଆବଶ୍ୟକ ସାମଗ୍ରୀ:** କ୍ଷୀର ଏକ ଲିଟର, କଷ୍ଟାର୍ଡ ପାଉଡର ୩-୪ ଚାମଚ, ଚିନି ୨୦୦ଗ୍ରାମ୍, କେଶର ଅଳ୍ପ ପରିମାଣର, ଇଲାଇଚି ପାଉଡର ୧ ଚାମଚ, କଟା ହୋଇଥିବା ମିକ୍ସ ଫ୍ରୁଟ୍‌ସ ୨ କପ୍(ସେଓ, କଦଳୀ, ଅଙ୍ଗୁର ଓ ଡାଳିମ୍ବ)।

ଡ୍ରାଏ ଫ୍ରୁଟ୍ସ ୧ କପ, ବାଦାମ, କାଜୁ, ପିସ୍ତା

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ କ୍ଷୀରକୁ ଭଲଭାବେ ଫୁଟାଇ ଏଥିରେ ଚିନି ପକାନ୍ତୁ। ଏହାକୁ ଅଳ୍ପ ଆଞ୍ଚରେ ୧୦-୧୫ମିନିଟ୍ ପର୍ଯ୍ୟନ୍ତ ଫୁଟାନ୍ତୁ। ଅନ୍ୟ ଏକ ପାତ୍ର ନିଅନ୍ତୁ ସେଥିରେ କିଛି ଥଣ୍ଡା କ୍ଷୀର ନେଇ ସେଥିରେ କଷ୍ଟାର୍ଡ ପାଉଡର ପକାଇ ଭଲଭାବେ ମିକ୍ସ କରିଦିଅନ୍ତୁ। ଏବେ ଏହାକୁ ଗରମ କ୍ଷୀରରେ ପକାଇ ଭଲଭାବେ ମିଶାଇ ଦିଅନ୍ତୁ। ପୁଣି ସେଥିରେ ଇଲାଇଚି ପାଉଡର ଏବଂ କେଶର ପକାନ୍ତୁ। ଏବେ ଏହାକୁ ଆଞ୍ଚରୁ କାଢ଼ି ଥଣ୍ଡା ହେବାକୁ ଛାଡ଼ି ଦିଅନ୍ତୁ। ଏହା ଥଣ୍ଡା ହୋଇଗଲା ପରେ ସେଥିରେ ମିକ୍ସ ଫ୍ରୁଟ୍ସ ଓ ଡ୍ରାଏ ଫ୍ରୁଟ୍ସ ପକାଇ ଭଲଭାବେ ମିଶାଇ ଏହାକୁ କିଛି ସମୟ ଫ୍ରିଜ୍‌ରେ ରଖି ଦିଅନ୍ତୁ। ଏବେ ଆପଣଙ୍କର ଫ୍ରୁଟ୍ସ କଷ୍ଟାର୍ଡ ପ୍ରସ୍ତୁତ ହୋଇଗଲା ଏହାକୁ ଆପଣ ପରଷିପାରିବେ।



# ଦୀପାବଳିରେ କିପରି ସଜାଇବେ ଘର

**ଦଶହରା ସରୁ ସରୁ ଘରେ ଦୀପାବଳିର ପ୍ରସ୍ତୁତି ଆରମ୍ଭ ହୋଇଯାଏ। ଦୀପାବଳିରେ ସମସ୍ତେ ଘରକୁ ସଜାଇଥାନ୍ତି। କିନ୍ତୁ ଏଠାରେ କେତୋଟି ସହଜ ଉପାୟ ଦେଉଛୁ ଯାହାକୁ ଆପଣ ଆପଣାଇ ଘରକୁ ସୁନ୍ଦର ଲୁକ୍ ଦେଇପାରିବେ। ଏଥିପାଇଁ ଘରେ ଖାଲିଟାରେ ଜାଗା ନେଉଥିବା ଜିନିଷକୁ କାଢ଼ିଦିଅନ୍ତୁ।**

**ଫୁଲ ଓ ଫୁଲମାଳ:** ନିଜ ଘରକୁ ସତେଜ ଫୁଲ ଓ ଫୁଲମାଳରେ ସଜାନ୍ତୁ। ଏଥିସହ ଆର୍ଟିଫିସିଆଲ୍ ଲଟକନ ମିଳୁଛି, ଏହାକୁ ମଧ୍ୟ ଘରେ ସଜାଇପାରିବେ। ଏହା ସହ ଆପଣ ନିଜ ପସନ୍ଦର ଡିଜାଇନ୍ ନେଇ ଆପଣ ଘର ସଜାଇପାରିବେ।

**ପେଣ୍ଟିଂ କିମ୍ବା ଫୁଲତୋଡ଼ା ଲାଇଟ :** ଆଜିକାଲି ଘରକୁ ସଜାଇବା ଲାଗି ପେଣ୍ଟିଂ ସବୁଠୁ ଭଲ ଉପାୟ। ଆପଣ ଚାହିଁଲେ ଘରେ ଭଲ ପେଣ୍ଟିଂ କରିପାରିବେ। ଆପଣ ଯଦି ଘରେ କାମ ଭିତରେ ବ୍ୟସ୍ତ ରହୁଛନ୍ତି ପେଣ୍ଟିଂ କାମ କରିପାରୁନାହାନ୍ତି ତେବେ ଆପଣ ବଜାରରୁ ପେଣ୍ଟିଂ କିଣି ଆଣି ଲଗାଇ ପାରିବେ। ଏହା ବ୍ୟତୀତ ଘରେ ଥିବା ଫୁଲକୁଣ୍ଡରେ ଲାଇଟ୍ କିମ୍ବା ପେଣ୍ଟିଂକରି ସଜାଇପାରିବେ।

ଲାଇଟ୍ ଡେକୋରେଶନ ଦୀପାବଳିରେ ନିହାତି ହୋଇଥାଏ। ବଜାରରେ ବିଭିନ୍ନ ପ୍ରକାର ଲାଇଟ୍ ମିଳୁଛି, ତାକୁ ଘରେ ଲଗାଇ ଘରକୁ ଆଲୋକିତ କରିପାରିବେ। ଘରର ମେନ୍ ଗେଟ୍‌ରେ ଫୁଲତୋଡ଼ା ଲଗାଇପାରିବେ। ଏହିପରି ଗେଟ୍‌ର ଉଭୟ ପାର୍ଶ୍ୱରେ ଲଗାନ୍ତୁ। ଏହାଦ୍ୱାରା ଆପଣଙ୍କ ଘର ସୁନ୍ଦର ଦେଖାଯିବ।



# ନିଜକୁ ବଦଳାନ୍ତୁ

**"ସର୍ବପ୍ରଥମେ ଏହା ବୁଝିବା ବହୁ ଜରୁରୀ ଯେ ଜୀବନ ହେଉଛି ସୁଖ-ଦୁଃଖର ସମନ୍ୱୟ। ଯେତେବେଳେ ଆମେ ସୁଖ ସହଜରେ ଗ୍ରହଣ କରୁ ସେମିତି ଦୁଃଖକୁ ଧୈର୍ଯ୍ୟର ସହ ସାମ୍ନା କରିବାକୁ ପଡ଼ିବ। ଜୀବନ ରାସ୍ତାରେ ଚାଲିବା ସମୟରେ ଝୁଣ୍ଟିବା ଏବଂ ପାଦରେ କଣ୍ଟା ଲାଗିବା ଏକ ସାଧାରଣ କଥା। ଆପଣ ଏକଥା ମନରେ ଭାବିନିଅନ୍ତୁ ଯେ ଜୀବନରେ ପ୍ରତିଟି ମୁହୂର୍ତ୍ତ ଆମ ପାଇଁ ସୁଖ ହୋଇ ନ ପାରେ।"**



ଯଦି ଆପଣଙ୍କୁ କିଏ ଖରାପ ବ୍ୟବହାର କରୁଛି ,ତେବେ ସେ ସମୟରେ ଆପଣଙ୍କୁ ବହୁ ଦୁଃଖ ଲାଗିଥାଏ। ତେବେ ଆପଣ ସେ କଥାକୁ ବାରମ୍ବାର ମନେପକାଇ ନିଜ ଦୁଃଖକୁ ଆହୁରି ଦ୍ୱିଗୁଣିତ କରିଦେଇଥାନ୍ତି। ପୁଣି ବେଳେବେଳେ ପାଇଁ ମନରେ କେତେକ ନକାରାତ୍ମକ ବିଚାରଧାରା ଆସୁଥିବ, କିନ୍ତୁ ଅମାନିଆ ମନକୁ ନିୟନ୍ତ୍ରିତ କରିବା ବହୁ ଜରୁରୀ । ଯଦି କୌଣସି ପରିସ୍ଥିତିରେ ଏମିତି କିଛି ସମସ୍ୟା ଉପୁଜୁଛି ମନକୁ ନିୟନ୍ତ୍ରଣରେ ରଖି ଆଗକୁ ବଢ଼ନ୍ତୁ।

**ଜୀବନ : ସୁଖ-ଦୁଃଖର ସମନ୍ୱୟ**

ସର୍ବପ୍ରଥମେ ଏହା ବୁଝିବା ଜରୁରୀ ଯେ ଜୀବନ ହେଉଛି ସୁଖ-ଦୁଃଖର ସମନ୍ୱୟ। ଯେମିତି ଆମେ ସୁଖକୁ ସହଜରେ ଗ୍ରହଣକରୁ ସେମିତି ଦୁଃଖକୁ ଧୈର୍ଯ୍ୟର ସହ ସାମ୍ନା କରିବାକୁ ପଡ଼ିବ। ଜୀବନ ରାସ୍ତାରେ ଚାଲିବା ସମୟରେ ଝୁଣ୍ଟିବା ଏବଂ ପାଦରେ କଣ୍ଟା ଲାଗିବା ଏକ ସାଧାରଣ କଥା। ଆପଣ ଏକଥା ମନରେ ଭାବିନିଅନ୍ତୁ ଯେ ଜୀବନରେ ପ୍ରତିଟି ମୁହୂର୍ତ୍ତ ଆମ ପାଇଁ ସୁଖ ହୋଇ ନ ପାରେ। ଅନ୍ୟମାନେ ସବୁବେଳେ ଆପଣଙ୍କୁ ପ୍ରଶଂସା କରିବେ ତାହା ଠିକ୍ ନୁହେଁ। ଆପଣଙ୍କ ସମ୍ବନ୍ଧରେ ଆଲୋଚନା ଶୁଣିବାକୁ ସବୁବେଳେ ପ୍ରସ୍ତୁତ ରୁହନ୍ତୁ। ଅନ୍ୟର ଫିଡ୍‌ବ୍ୟାକ୍‌କୁ ଗମ୍ଭୀରତାର ସହ ନିଅନ୍ତୁ ଏବଂ ତାକୁ ଆଧାରକରି ନିଜ ଭୁଲ୍‌କୁ ସୁଧାରିବାକୁ ଚେଷ୍ଟା କରନ୍ତୁ। 'ମୁଁ ସବୁଠୁ ଜ୍ଞାନୀ ଓ ବାକି ସବୁ ଅଜ୍ଞାନ '-ଏପରି ଭାବନା ମନରେ ଆସିବାକୁ ଦିଅନ୍ତୁ ନାହିଁ। ଦିନରାତି ଈର୍ଷା, ଦ୍ୱେଷ ଏବଂ ପ୍ରତିଶୋଧର ନିଆଁରେ ଜଳୁଥିବା ବ୍ୟକ୍ତି ନିଜର ପାର୍ଶ୍ୱ ବାତାବରଣକୁ ନକାରାତ୍ମକ ଭାବନରେ ପରିପୂର୍ଣ୍ଣ କରିଦେଇଥାନ୍ତି। ଏପରି ସମସ୍ୟାରୁ ରକ୍ଷା ପାଇବାକୁ ହେଲେ ଶରୀର ମନ ଓ ଆତ୍ମା ମଧ୍ୟରେ ଠିକ୍ ତାଳମେଳ ରହିବା ଆବଶ୍ୟକ। ଅନ୍ୟର ଖରାପ ଚିନ୍ତା କରିବା ଅପେକ୍ଷା ସଚ୍ଚୋଟତା ସହ ଆତ୍ମମନ୍ଥନ କରିବା ସଙ୍ଗେ ସଙ୍ଗେ ନିଜର ଭୁଲ୍ କ'ଣ ରହୁଛି ତାକୁ ସୁଧାରିବାକୁ ଚେଷ୍ଟା କରନ୍ତୁ ।

**ଅତି ଭାବୁକତା ହେବା କ୍ଷତିକାରକ**

ଚିନ୍ତାମୁକ୍ତ ଜୀବନ ଲାଗି ଭାବନାତ୍ମକ ଚିନ୍ତାଧାରାକୁ ନିଜଠୁ ଦୂରେଇ ରଖିବା ଭଲ। ଏହି କଥା ସବୁବେଳେ ମନେରଖିବା ଉଚିତ ଯେ, ସମସ୍ତଙ୍କର ଭଲ ଓ ମନ୍ଦ ଭାବନା ରହିଛି। ବେଳେ ବେଳେ ମଣିଷ ଭାବନାତ୍ମକ ଚିନ୍ତାଧାରାକୁ ନେଇ ଚିନ୍ତାଗ୍ରସ୍ତ ହୋଇଥାଏ। ଅତୀତର କଟୁ କଥାକୁ ବାରମ୍ବାର ମନେ ନ ପକାଇବା ଭଲ। ମଝିରେ ମଝିରେ ମନକୁ ସଫା କରିବା ମଧ୍ୟ ଜରୁରୀ। ଏଥିପାଇଁ ନିୟମିତ ଯୋଗ ଏବଂ ଧ୍ୟାନ କରିପାରନ୍ତି। ଯେତେବେଳେ ଆପଣ ନିଜ ଭାବନାକୁ ଅଧିକାଂଶ ସମୟ ସନ୍ତୁଳିତ ରଖିପାରିବେ ସେତେବେଳେ ସାମ୍ନା କରୁଥିବା ସମସ୍ୟାଗୁଡ଼ିକ ଆଉ ଆପଣଙ୍କୁ ବୋଝ ସଦୃଶ ଲାଗିବ ନାହିଁ। ସେଗୁଡ଼ିକ ଆପଣ ସହଜରେ ମଧ୍ୟ ସମାଧାନ କରିପାରିବେ।

**କ୍ଷମା କରନ୍ତୁ, ଭୁଲିଯାନ୍ତୁ**

ଆମର ଉନ୍ନତି ଓ ଖୁସିରେ ପ୍ରତିବନ୍ଧକ ସାଜିପାରେ ଅତୀତର ଦୁଃଖଦ ଘଟଣା, ଯାହା ବାରମ୍ବାର ନକାରାତ୍ମକ ଭାବନାକୁ ଜାଗ୍ରତ କରିଥାଏ। ଏହାଦ୍ୱାରା ଆମେ ବାରମ୍ବାର ରାଗିବା ସହ ଦୁଃଖୀ ହୋଇ ଅନ୍ୟମାନଙ୍କ ବିଷୟରେ ଖରାପ ଭାବିଥାଉ। ପ୍ରତିଶୋଧର ଭାବନାରୁ ନିଜକୁ ବାହାର କରିବାକୁ ହେଲେ ଯଦି ଆପଣଙ୍କୁ କିଏ ଖରାପ ବ୍ୟବହାର କରିଛି ତେବେ ସେ ଘଟଣାକୁ ଜଲ୍‌ଦି ଭୁଲିଯିବାକୁ ଚେଷ୍ଟା କରନ୍ତୁ। ତାକୁ କ୍ଷମା କରିବାକୁ ହେଲେ ନିଜ ହୃଦୟ ମଧ୍ୟ ସେତିକି ଉଦାର ହେବା ଦରକାର। ଯଦି ଆପଣ ସତ୍ ପଥରେ ଅଛନ୍ତି ତେବେ ଆପଣ ବିଚଳିତ ହେବା ଠିକ୍ ନୁହେଁ। ନିଜର ମାନସିକତାକୁ ସକାରାତ୍ମକ ରଖିଲେ ଆପଣ ନିଜ ଜୀବନକୁ ଭଲ ଭାବରେ ଉପଭୋଗ କରିପାରିବେ।



ଆପଣଙ୍କ ମନରେ ସ୍ଥାୟୀ ରୂପରେ ଏ ଘଟଣା ପ୍ରତିଶୋଧର ନିଆଁରେ ପରିଣତ ହୋଇଯାଏ। ପ୍ରାଚୀନକାଳରେ ସନ୍ଥ ଓ ଋଷିମାନେ କହୁଥିଲେ, ଆମକୁ ନମ୍ର ଓ କ୍ଷମାଶାଳୀ ହେବା ଆବଶ୍ୟକ। ଏଠାରେ ଆମେ ଗୌତମ ବୁଦ୍ଧଙ୍କ କଥା କହିବାକୁ ଚାହିଁବୁ । ସେ କହିଥିଲେ, ଆମେ ମାତା ଧରିତ୍ରୀ ପରି ସହନଶୀଳ ହେବା ଆବଶ୍ୟକ।

**ଛାଡ଼ନ୍ତୁନି ସଂଯମର ହାତ**

ଘର ହେଉକି ଅଫିସ୍ ପ୍ରତିଦିନ ଦିନଚର୍ଯ୍ୟା ମଧ୍ୟରେ ଛୋଟମୋଟ ବୈଚାରିକ ମତଭେଦ ଦେଖାଯିବା ସ୍ୱାଭାବିକ। ଏପରି ସ୍ଥିତିରେ ଆପଣ ନିଜର ଧୈର୍ଯ୍ୟଶକ୍ତି ହରାଇବା ଉଚିତ ନୁହେଁ। ହୋଇପାରେ ଏପରି ସ୍ଥିତିରେ ଆପଣଙ୍କୁ ଅଧିକ ରାଗ ଲାଗିପାରେ। ସାମ୍ନାରେ ଉପସ୍ଥିତ ବ୍ୟକ୍ତି



## ଏମାନେ କ'ଣ କରନ୍ତି

**ଛୋଟ କଥାକୁ ଗୁରୁତ୍ୱ ଦେଲେ ଦୁଃଖ ହିଁ ପାଇବେ**
**(ସୁନୀତା ବାରିକ,ତୁଣ୍ଡପୁର, ଆଠଗଡ଼, କଟକ)**



ପ୍ରତିଟି ମୁହୂର୍ତ୍ତ ଆମ ପାଇଁ ମୂଲ୍ୟବାନ୍। ତାକୁ ଭଲଭାବେ ଉପଭୋଗ କରିବା ଶିଖନ୍ତୁ। ଛୋଟ ଛୋଟ କଥାକୁ ଗୁରୁତ୍ୱ ଯେତେ ଦେବେ ଆପଣ ଦୁଃଖ ହିଁ ପାଇବେ। ଯଦି ଆମକୁ କିଏ କ'ଣ କହିଛି ତେବେ ସେଥିରେ ମନ ଦୁଃଖ ହେବା ସ୍ୱାଭବିକ। କିନ୍ତୁ ଏଥିରେ ଭାଙ୍ଗି ନ ପଡ଼ି ଆଗକୁ ବଢ଼ିଚାଲନ୍ତୁ।

**ପୁରୁଣା କଥାକୁ ଯେତେ ଶୀଘ୍ର ଭୁଲିଯିବା ସେତେ ଭଲ**
**(କାଜଲ ସାହୁ, ଅନନ୍ତପୁର, ବାଲିଅନ୍ତା, ଖୋର୍ଦ୍ଧା)**



ଜୀବନରେ ସୁଖ ଆଉ ଦୁଃଖ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ। ସୁଖ ଆସିଲେ ଆମେ ଯେମିତି ଜୀବନକୁ ଉପଭୋଗ କରୁ ସେମିତି ଦୁଃଖ ଆସିଲେ ତାକୁ ଧୈର୍ଯ୍ୟର ସହ ସାମ୍ନା କରିବାକୁ ପଡ଼ିଥାଏ। ଯଦି ଆମକୁ କିଏ କ'ଣ କହିଛି ତାକୁ ଧରି ବସିଲେ ଆମେ ଆଗକୁ ବଢ଼ିପାରିବା ନାହିଁ। କଥାରେ ଅଛି -କଥାକୁ ଯେତେ ମାଜିବ ସେତେ ମୋଟା। ସେମିତି ପୁରୁଣା କଥାକୁ ଯେତେ ଶୀଘ୍ର ଭୁଲିଯିବା ସେତେ ଆମ ପାଇଁ ଭଲ ହେବ।



ସୌନ୍ଦର୍ଯ୍ୟ

# ଓଠ ରହିବ ଗୋଲାପୀ

**ବହୁ କମ୍ ମହିଳା ଅଛନ୍ତି ଯେଉଁମାନଙ୍କ ଓଠ ସାଧାରଣତଃ କଳା ହୋଇଥାଏ। କେତେକ କାରଣ ପାଇଁ ଅନେକ ମହିଳାଙ୍କ ଓଠ କଳା ପଡ଼ିଯାଇଥାଏ। ଏଠାରେ ଆପଣଙ୍କୁ କେତୋଟି ଟିପ୍ସ ଦେଉଛୁ ଯାହାକୁ ଆପଣାଇବା ଦ୍ୱାରା ଆପଣଙ୍କ ଓଠ କଳାରଙ୍ଗରୁ ଧୀରେ ଧୀରେ ଗୋଲାପୀ ହେବାକୁ ଲାଗିବ । ଏହାକୁ ବ୍ୟବହାର କରିବା ଦ୍ୱାରା ଆପଣଙ୍କର କୌଣସି ସାଇଡ୍ ଇଫେକ୍ଟ ମଧ୍ୟ ହେବନାହିଁ। ଜାଣନ୍ତୁ, ଏ ସମ୍ପର୍କରେ କେତୋଟି ଘରୋଇ ଟିପ୍ସ......**

**ଲେମ୍ବୁ:** ଲେମ୍ବୁ ବ୍ୟବହାର କରିବା ଦ୍ୱାରା ଓଠରେ ଥିବା କଳାଦାଗ ଦୂରହୋଇଥାଏ। ଏଥିରେ ବ୍ଲିଚିଂ ଗୁଣ ରହିଛି ଯାହା ଦ୍ୱାରା ଓଠରେ ଥିବା କଳାଦାଗକୁ ଦୂରକରିବାରେ ସାହାଯ୍ୟ କରିଥାଏ। ଭଲ ହେବ ରାତିରେ ଶୋଇବା ପୂର୍ବରୁ ଦୁଇବୁନ୍ଦା ଲେମ୍ବୁରସ ୨ମାସ ପର୍ଯ୍ୟନ୍ତ ବ୍ୟବହାର କରିବା ଦ୍ୱାରା ଓଠର ରଙ୍ଗ ପରିବର୍ତ୍ତନ ହୋଇଥାଏ।

**ଗୋଲାପଜଳ :** ଗୋଲାପଜଳ ବ୍ୟବହାର କରିବା ଦ୍ୱାରା ଥଣ୍ଡା ଅନୁଭବ ହୁଏ, ଯାହା ମଶ୍ଚରାଇଜର ପରି କାମ କରିଥାଏ। ଗୋଲାପଜଳରେ କେଇବୁନ୍ଦା ମହୁ ମିଶାଇ ଲଗାଇବା ଦ୍ୱାରା ଓଠର କଳାଦାଗ ଦୂର ହୋଇଥାଏ।

**ଚିନି:** ଓଠରେ ଚିନି ବ୍ୟବହାର କରିବା ଦ୍ୱାରା ଏହା ସ୍କ୍ରବ୍ ପରି କାମ କରିଥାଏ। ଫଳରେ ଡେଡ୍ ସ୍କିନ୍ ଦୂର ହୋଇଥାଏ। ଅଳ୍ପ ଚିନିକୁ ନେଇ ମିକ୍ସଚରରେ ଗ୍ରାଇଣ୍ଡକରି ଦିଅନ୍ତୁ। ଏହି ମିକ୍ସ ହୋଇଥିବା ଚିନିରେ ଅଳ୍ପ ଲହୁଣି ମିଶାଇ ଓଠରେ ଲଗାଇଲେ ଓଠ ମୁଲାୟମ ହେବା ସହ ସଫା ମଧ୍ୟ ହୋଇଥାଏ।

**ଡାଳିମ୍ବ :** ଡାଳିମ୍ବରସ ଓଠରେ ଲଗାଇବା ଦ୍ୱାରା ଏହା ମଶ୍ଚରାଇଜର ପରି କାମ କରିଥାଏ। ଏହା ଓଠକୁ ସଫ୍ଟ କରିବା ସହ ଗୋଲାପୀ ରଙ୍ଗ କରିବାରେ ମଧ୍ୟ ସାହାଯ୍ୟ କରେ। ଡାଳିମ୍ବର କେତୋଟି ଦାନାକୁ ଗ୍ରାଇଣ୍ଡ କରି ସେଥିରୁ ରସ ବାହାର କରିଦିଅନ୍ତୁ। ଏବେ ସେହି ରସରେ କ୍ଷୀର ଓ ଗୋଲାପଜଳ ମିଶାଇ ହାତରେ ହାଲ୍‌କା ଭାବେ ଲଗାଇବା ଦ୍ୱାରା ଏହାର ଫାଇଦା ଆପଣଙ୍କ ଜଲ୍‌ଦି ମିଳିବ।

**ବିଟ୍:** ବିଟ୍‌ରେ ନାଚୁରାଲ ବ୍ଲିଚ୍ ଗୁଣ ରହିଛି। ଏହା ଓଠର କଳାପଣ ଦୂରକରିବାରେ ସାହାଯ୍ୟ କରିଥାଏ। ଏଥିସହ ବିଟ୍ ନାଚୁରାଲ୍ ରଙ୍ଗ ଓଠକୁ ଗୋଲାପୀ କରିବାରେ ସାହାଯ୍ୟ କରେ। ବିଟ୍‌ର ରସ କିମ୍ବା ପେଷ୍ଟ ରାତିରେ ଶୋଇବା ପୂର୍ବରୁ ଲଗାଇ ଶୋଇପଡ଼ନ୍ତୁ। ରାତି ସାରା ଏମିତି ରଖିବା ପରେ ତାକୁ ସକାଳେ ଓଠକୁ ଭଲଭାବେ ଧୋଇଦିଅନ୍ତୁ।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୪ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ମଙ୍ଗଳବାର, ଅକ୍ଟୋବର ୧୮/୨୦୨୨ Sambalpur, Tuesday, October 18/ 2022

# ସ୍କଟ୍‌ଲାଣ୍ଡର ଚମକପ୍ରଦ ବିଜୟ

**ହୋବାର୍ଟ, ୧୭।୧୦(ପି.ଟି.)**

ଚଳିତ ଆଇସିସି ଟି୨୦ କ୍ରିକେଟ ବିଶ୍ୱକପ୍‌ରେ ବର୍ଷାରେ ବାଧାପ୍ରାପ୍ତ ଏକ ଗ୍ରୁପ୍ ବି' ମ୍ୟାଚରେ ସ୍କଟ୍‌ଲାଣ୍ଡ ଦୁଇଥର ଚାମ୍ପିୟନ ୱେଷ୍ଟଇଣ୍ଡିଜ ବିପକ୍ଷରେ ୪୨ ରନ୍‌ରେ ଚମକପ୍ରଦ ବିଜୟ ହାସଲ କରିଛି। ଟସ୍‌ରେ ହାରି ପ୍ରଥମେ ବ୍ୟାଟିଂ କରିବା ଲାଗି ଆମନ୍ତ୍ରଣ ପାଇଥିବା ସ୍କଟ୍‌ଲାଣ୍ଡ ନିର୍ଦ୍ଧାରିତ ଓଭରରେ ୫ ଉଇକେଟ ବିନିମୟରେ ଚ୍ୟାଲେଞ୍ଜିଂ ୧୬୦ ରନ୍ କରିଥିଲା। ଦଳ ପକ୍ଷରୁ ଟପ୍ ସ୍କୋରର ତଥା ଓପ୍‌ନର ଜର୍ଜ ମୁନ୍‌ସି ୫୩ ବଲ୍‌ରୁ ୬୬ ରନ୍ କରି ଅପରାଜିତ ରହିଥିଲେ। ଏଥିରେ ତାଙ୍କର ୯ ଚୌକା ସାମିଲ ଥିଲା। ଜବାବରେ ୱେଷ୍ଟଇଣ୍ଡିଜ ୧୮.୩ ଓଭରରେ ୧୧୮ ରନ୍ କରି ଅଲ୍‌ଆଉଟ ହୋଇଯାଇଥିଲା। ୱେଷ୍ଟଇଣ୍ଡିଜ ଓପ୍‌ନର କାଇଲ



ଅପରାଜିତ ଅର୍ଦ୍ଧଶତକୀୟ ଇନିଂସ୍ ଅବସରରେ ଜର୍ଜ ମୁନ୍‌ସି।

ମେୟର୍ସ ୧୩ ବଲ୍‌ରୁ ୨୦ ରନ୍ (୩ ଚୌକା ଓ ୧ ଛକା)କରି ଦଳକୁ ଭଲ ଆରମ୍ଭ ଦେଇଥିଲେ। ମାତ୍ର ତୃତୀୟ ଓଭରରେ ସେ ସ୍କଟ୍‌ଲାଣ୍ଡ ବ୍ୟାଟିଂ ଷ୍ଟାର ମୁନ୍‌ସି ଡିପ୍ ମିଡ୍ ଉଇକେଟରେ ଏକ ଚମତ୍କାର କ୍ୟାଚ ନେଇ ତାଙ୍କୁ ପାଭିଲିୟନ ପଠାଇ ଦେଇଥିଲେ। ଅନ୍ୟତମ ଓପ୍‌ନର ବ୍ରାଣ୍ଡନ କିଙ୍ଗ୍ (୧୫ ବଲ୍, ୧୭ ରନ) ମଧ୍ୟ ପାୱାର ପ୍ଲେ ଭିତରେ ବିଦାୟ ନେଇଥିଲେ। ଅଧିନାୟକ ପୁରନ ଅଫ୍ ସ୍ପିନର ଲିସ୍କଙ୍କ ଶିକାର ହୋଇଥିଲେ। ୱେଷ୍ଟଇଣ୍ଡିଜ ଏକଦା ୬୯/୫ ସ୍କୋରରେ ସଙ୍କଟରେ ପଡ଼ିଥିଲା। ପରେ ଅଲ୍‌ରାଉଣ୍ଡର ଜାସନ ହୋଲ୍ଡର ଚମତ୍କାର ବ୍ୟାଟିଂ କରି ୩୩ ବଲ୍‌ରେ ୪ ଚୌକା ଓ ୧ ଛକା ସହ ୩୮ ରନ୍ କରିଥିଲେ। ମାତ୍ର ଦଳର ବିଜୟ ପାଇଁ ଏହା ଯଥେଷ୍ଟ ନ ଥିଲା। ସ୍କଟ୍‌ଲାଣ୍ଡର ବାମହାତୀ ସ୍ପିନର

**ଟି୨୦ ବିଶ୍ୱକପ୍**

ମାର୍କ ୱାଟ୍ ମ୍ୟାଚ ବିଜୟୀ ବୋଲିଂ କରିଥିଲେ। ସେ ତାଙ୍କ ୪ ଓଭର ବୋଲିଂରେ ମାତ୍ର ୧୨ ରନ୍ ଦେଇ ୩ ଉଇକେଟ ଅକ୍ତିଆର କରିଥିଲେ। ଅଫ୍‌ସ୍ପିନର ମାଇକେଲ ଲିସ୍କ ତାଙ୍କର ପୂରା କୋଟା ଓଭର ବୋଲିଂ କରି ୧୫ ରନ ଦେଇ ୨ ଟି ଉଇକେଟ ନେଇଥିଲେ। ସୁପର ୧୨ ପର୍ଯ୍ୟାୟ ପାଇଁ ଦୌଡ଼ରେ ରହିବାକୁ ହେଲେ ୱେଷ୍ଟଇଣ୍ଡିଜକୁ ବର୍ତ୍ତମାନ ବୁଧବାର ଜିମ୍ବାୱେକୁ ପରାସ୍ତ କରିବାକୁ ପଡ଼ିବ। ଅନ୍ୟପକ୍ଷରେ ରିଚି ବରିଙ୍ଗ୍‌ଟନଙ୍କ ନେତୃତ୍ୱାଧୀନ ଦଳକୁ ସୁପର ୧୨ ପର୍ଯ୍ୟାୟ ପାଇଁ ଯୋଗ୍ୟତା ହାସଲ କରିବାକୁ ହେଲେ ୟୁରୋପିଆନ ପ୍ରତିଦ୍ୱନ୍ଦ୍ୱୀ ଆୟର୍ଲାଣ୍ଡ ବିପକ୍ଷରେ ବିଜୟ ହାସଲ କରିବାକୁ ହେବ।

**ସଂକ୍ଷିପ୍ତ ସ୍କୋର**

ସ୍କଟ୍‌ଲାଣ୍ଡ: ୨୦ ଓଭରରେ ୧୬୦/୫ (ଜର୍ଜ ମୁନ୍‌ସି-୬୬*, କାଲମ ମ୍ୟାକ୍‌ଲିଅଡ୍-୨୩, ମାଇକେଲ ଜୋନ୍ସ-୨୦; ଜାସନ ହୋଲ୍ଡର -୨/୧୪, ଅଲଜାରି ଯୋଶେଫ୍-୨/୨୮)। ୱେଷ୍ଟଇଣ୍ଡିଜ: ୧୮.୩ ଓଭରରେ ୧୧୮/ଅଲ୍‌ଆଉଟ (ଜାସନ ହୋଲ୍ଡର ୩୮, କାଇଲ ମେୟର୍ସ-୨୦; ମାର୍କ ୱାଟ୍-୩/୧୨, ମାଇକେଲ ଲିସ୍କ-୨/୧୪, ବ୍ରାଡ୍ ହ୍ୱିଲ୍-୨/୩୨)।

# ଶାମି ଜିତାଇଲେ ୱାର୍ମଅପ୍ ମ୍ୟାଚ୍

**ବ୍ରିସ୍‌ବେନ୍, ୧୭।୧୦(ପି.ଟି.)**

ମହମ୍ମଦ ଶାମିଙ୍କ ଘାତକ ବୋଲିଂ ଫଳରେ ଅଷ୍ଟ୍ରେଲିଆ ବିପକ୍ଷ ୱାର୍ମଅପ୍ ମ୍ୟାଚ୍‌କୁ ୬ ରନ୍‌ରେ ଜିତିନେଇଛି ଭାରତ। ବ୍ରିସ୍‌ବେନ୍‌ରେ ଖେଳାଯାଇଥିବା ମ୍ୟାଚ୍‌ରେ ଭାରତ ପ୍ରଥମେ ବ୍ୟାଟିଂ କରି ଲୋକେଶ ରାହୁଲ(୫୭) ଓ ସୂର୍ଯ୍ୟକୁମାର ଯାଦବ(୫୦)ଙ୍କ ବ୍ୟାଟିଂରେ ୭ ଉଇକେଟରେ ୧୮୬ ରନ୍ କରିଥିଲା। ଜବାବରେ ନିର୍ଦ୍ଧାରିତ ଓଭରରେ ଅଷ୍ଟ୍ରେଲିଆ ୧୮୦ ରନ୍‌ରେ ଅଲ୍‌ଆଉଟ ହୋଇଥିଲା। ଅନ୍ତିମ ଦୁଇ ଓଭରରେ ଅଷ୍ଟ୍ରେଲିଆକୁ ମାତ୍ର ୧୬ ରନ୍ ଆବଶ୍ୟକ ଥିବା ବେଳେ ଅନ୍ତିମ ଓଭର ବୋଲିଂ କରିବାକୁ ଆସିଥିଲେ ମହମ୍ମଦ ଶାମି। ଗୋଟିଏ ପରେ ଗୋଟିଏ ୟର୍କର ମାରିବା ସହିତ ଭାରତକୁ ବିଜୟୀ କରିଥିଲେ। ପ୍ରଥମ ଦୁଇ ବଲ୍‌ରୁ ପ୍ୟାଟ କମିନ୍ସ ୪ ରନ୍ କରିଥିବା ବେଳେ ଅନ୍ତିମ ୪ ବଲ୍‌ରେ ୪ଟି ଉଇକେଟର ପତନ ଘଟିଥିଲା। ଭାରତ ପକ୍ଷରୁ ଓପ୍‌ନର ଲୋକେଶ ରାହୁଲ ୩୩ ବଲରୁ ୫୭ ରନ୍ କରିଥିଲେ। ରାହୁଲଙ୍କ ଇନିଂସରେ ୬ ଚୌକା ଓ ୩ ଛକା ସାମିଲ ଥିଲା। ରୋହିତ ଶର୍ମା(୧୫) ଓ ବିରାଟ କୋହଲି(୧୯) ଭଲ ଆରମ୍ଭ ପାଇଥିଲେ ହେଁ ଏହାକୁ ବଡ଼ ସ୍କୋରରେ ପରିବର୍ତ୍ତନ କରିପାରି ନ ଥିଲେ। ଶେଷଆଡ଼କୁ ସୂର୍ଯ୍ୟକୁମାର ଯାଦବଙ୍କ ୩୩ ବଲ୍ ୫୦ ରନ୍ ଓ ଦୀନେଶ କାର୍ତ୍ତିକଙ୍କ ୨୦ ରନ୍ ବଳରେ ଭାରତ ୧୮୬ ରନ୍ କରିଥିଲା। ସୂର୍ଯ୍ୟଙ୍କ ଇନିଂସରେ ୬ ଚୌକା ଓ ୧ ଛକା ସାମିଲ ଥିଲା। ଅଷ୍ଟ୍ରେଲିଆ ପକ୍ଷରୁ କେନ୍ ରିଚାର୍ଡସନ୍ ୪ ଉଇକେଟ ନେଇଥିଲେ। ୧୮୭ ରନ୍ ଜବାବରେ ଅଧିନାୟକ ଆରୋନ୍ ଫିଞ୍ଚ ୭୬ ରନ୍ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମିଚେଲ ମାର୍ଶ(୩୫) ଓ ଗ୍ଲେନ୍ ମ୍ୟାକ୍ସୱେଲ(୨୩) ରନ୍‌ର ଇନିଂସ ଖେଳିଥିଲେ। ଶାମି ୩ ଓ ଭୁବନେଶ୍ୱର କୁମାର ୨ ଉଇକେଟ ନେଇଥିଲେ। ଅର୍ଶଦୀପ ସିଂ, ୟୁଜ୍‌ବେନ୍ଦ୍ର ଚହଲ ଓ ହର୍ଷଲ ପଟେଲ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ୨୦ ଓଭରରେ ୧୮୬/୭ (ରାହୁଲ-୫୭, ସୂର୍ଯ୍ୟକୁମାର-୫୦, ଦୀନେଶ କାର୍ତ୍ତିକ-୨୦, କୋହଲି-୧୯, କେନ୍ ରିଚାର୍ଡସନ୍-୪/୩୦। ଅଷ୍ଟ୍ରେଲିଆ ୨୦ ଓଭରରେ ୧୮୦/୧୦( ଆରୋନ୍ ଫିଞ୍ଚ-୭୬, ମିଚେଲ ମାର୍ଶ-୩୫, ଗ୍ଲେନ୍ ମ୍ୟାକ୍ସୱେଲ-୨୩, ମହମ୍ମଦ ଶାମି-୩/୪, ଭୁବନେଶ୍ୱର କୁମାର- ୨/୨୦, ୟୁଜ୍‌ବେନ୍ଦ୍ର ଚହଲ-୧/୨୮)।

# ଜିମ୍ବାୱେ ବିଜୟୀ

**ହୋବାର୍ଟ, ୧୭।୧୦:** ଚଳିତ ଆଇସିସି ଟି୨୦ କ୍ରିକେଟ ବିଶ୍ୱକପ୍ ଗ୍ରୁପ୍ ବି'ର ଏକ ମ୍ୟାଚ୍‌ରେ ଜିମ୍ବାୱେ ୩୧ ରନ୍‌ରେ ଆୟର୍ଲାଣ୍ଡକୁ ହରାଇଛି। ସୋମବାର ଖେଳାଯାଇଥିବା ଏହି ମ୍ୟାଚରେ ଟସ୍‌ରେ ହାରି ବ୍ୟାଟିଂ ପାଇଥିବା ଜିମ୍ବାୱେ ୨୦ ଓଭରରେ ୭ ଉଇକେଟ ବିନିମୟରେ ୧୭୪ ରନ କରିଥିଲା। ଦଳ ପକ୍ଷରୁ ଶିକନ୍ଦର ରାଜା ସର୍ବାଧିକ ୮୨ ରନ୍ (୪୮ ବଲ୍, ୫ ଚୌକା ଓ ୫ ଛକା) କରିଥିଲେ। ଆୟର୍ଲାଣ୍ଡ ତରଫରୁ ଜୋସୁଆ ଲିଟଲ ୩ ଏବଂ ମାର୍କ ଆଡେର ଓ ସିମି ସିଂ ୨ଟି ଲେଖାଏଁ ଉଇକେଟ ନେଇଥିଲେ। ଜବାବରେ ଆୟର୍ଲାଣ୍ଡ ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୧୪୩ ରନ୍ କରିଥିଲା।







For all institutional/bulk, GeM requirements, please mail at Kolkata@heromotocorp.com & vipul.katare@heromotocorp.com | All hero offers on scooters and motorcycles are available at CSD canteen also.

**Authorized Dealers: Bargarh:** Aakash Hero - 9289922181; **Bhawanipatna:** Arundhati Hero - 9289922837; **Bolangir:** Arundhati Hero - 9289923033; **Jharsuguda:** Vijaylaxmi Hero - 9289922595; **Rourkela:** Dua Hero - 9289922179; **Sambalpur:** Sri Shyam Hero - 9289922484; **Sonepur:** Jai Jawan Hero - 9289922800; **Sundergarh:** Robotech Hero - 9289923063; **Authorized Service Centre: Bamra:** Choudhary Motor - 9938274720; **Barpali:** Durga Motor - 9861265979; **Belpahar:** Varsha Motors - 9437058417; **Boudh:** Bansal Auto - 9437062948; **Brajrajnagar:** Bina Motors - 9861078290; **Deogarh:** Jindal Motors - 9437056659; **Junagarh:** Shree Bimala Motors - 7008407979; **Kantabanji:** Aashirwad Motors - 9937535770; **Nuapada:** Maruti Auto - 9937928818, 7381199999; **Padampur:** Debesh Motors - 9437253970; **Rajakhariar:** Jagadamba Auto Combine - 9937302262; **Rajgangpur:** Kedia & Kedia - 9437152881; **Sundargarh:** Jamuna Motors - 9861078290; **Titlagarh:** Sneha Motors - 9437570237. WT.5083.2022ODI

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ